# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୩/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, July 3/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 218 | ମୂଲ୍ୟ₹୭/-





**ପଏଣ୍ଟ ସ୍କୋର କରିବାରେ ସୋଫିଆ ପ୍ରଥମ ମହିଳା**

ପ୍ରଥମ ମହିଳା ଭାବେ ଫର୍ମୁଲା-୩ ଗ୍ରାଁ ପ୍ରିରେ ପଏଣ୍ଟ ସ୍କୋର କରି ଇତିହାସ ସୃଷ୍ଟି କରିଛନ୍ତି ଜର୍ମାନୀର ସୋଫିଆ ଫ୍ଲୋରେସ। **୧୨**

**୦୮** **ବ୍ରେକ୍ଅପ୍ ପରେ ଏକାଠି ନଜର ଆସିଲେ ଦିଶା, ଟାଇଗର**

ଅଭିନେତ୍ରୀ ଦିଶା ପଟାନୀ ଏବଂ ଅଭିନେତା ଟାଇଗର ଶ୍ରଫଙ୍କ ବ୍ରେକ୍ଅପ୍ ପରେ ପ୍ରଥମଥର ପାଇଁ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଛନ୍ତି।




# ଏନ୍‌ସିପିରେ ବିଦ୍ରୋହ, ଅଜିତ ଉପମୁଖ୍ୟମନ୍ତ୍ରୀ

## ମହାରାଷ୍ଟ୍ରରେ ମହାନାଟକ

**ଯାହା ଆଶଙ୍କା କରାଯାଉଥିଲା, ତାହା ଘଟିଲା। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାର ଓ ତାଙ୍କ ପୁତୁରା ତଥା ବିରୋଧୀ ଦଳ ନେତା ଅଜିତ ପାୱାରଙ୍କ ମଧ୍ୟରେ ଦଳ ନିୟନ୍ତ୍ରଣ କ୍ଷମତାକୁ ନେଇ କୁହୁଳୁଥିବା ଧୂଆଁ ନିଆଁର ରୂପ ନେଇଛି। ଅଜିତ ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇ ବିଦ୍ରୋହୀ ସାଜିଛନ୍ତି। ସେ ନିଜ ଅନୁଗତ ୪୦ ବିଧାୟକଙ୍କୁ ଧରି ଶିବସେନା-ଭାଜପା ମେଣ୍ଟ ସରକାରରେ ସାମିଲ ହୋଇଛନ୍ତି। ଏଥିସହ ୪ ବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶିନ୍ଦେ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସଙ୍କ ସହ ଅଜିତ ନିଜ ନୂଆ ଦାୟିତ୍ୱ ତୁଲାଇବେ। ୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ମହାରାଷ୍ଟ୍ରରେ ଏହି ମହାନାଟକ ଜାତୀୟ ରାଜନୀତିରେ ମଧ୍ୟ ଉଷ୍ମତା ଭରିଦେଇଛି।**

**ମୁମ୍ବାଇ,୨୭- (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ଏନ୍‌ସିପି ନେତା ଅଜିତ ପାୱାର ରବିବାର ବିରୋଧୀ ଦଳ ନେତା ପଦ ଛାଡ଼ି ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ ୮ ଏନ୍‌ସିପି ବିଧାୟକ ଛଗନ ଭୁଜବଳ, ଦିଲୀପ ୱାଲସେ ପାଟିଲ, ହାସନ ମୁଶ୍‌ରିଫ, ଧନଞ୍ଜୟ ମୁଣ୍ଡେ, ଅଦିତି ଠାକ୍‌ରେ, ଧର୍ମରାଓ ଅତରାମ, ଅନିଲ ପାଟିଲ ଓ ସଞ୍ଜୟ ବାନ୍‌ସୋରେଙ୍କୁ ରାଜ୍ୟପାଳ ରମେଶ ବୈସ ରାଜଭବନରେ ମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏନ୍‌ସିପିର ମୋଟ ୫୩ ବିଧାୟକଙ୍କ ମଧ୍ୟରୁ ୪୦ ଜଣ ଅଜିତଙ୍କ ସପକ୍ଷରେ ରହିଛନ୍ତି। ତେଣୁ ତାଙ୍କ ଗୋଷ୍ଠୀ ବିରୋଧରେ ଦଳବଦଳ ନିରୋଧୀ ଆଇନ ଲାଗୁ ହେବନାହିଁ। ଦଳର ସମସ୍ତ ବିଧାୟକ ଏବଂ ଏମ୍‌ପି ତାଙ୍କ ସପକ୍ଷରେ ଥିବା ଅଜିତ ଦାବି କରିଛନ୍ତି। ଏଥିସହ ଏନ୍‌ସିପି ଏବଂ ଏହାର ନିର୍ବାଚନୀ ଚିହ୍ନ 'ଘଣ୍ଟା'କୁ ନେଇ ଆଗାମୀ ନିର୍ବାଚନ ଲଢ଼ିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅଜିତଙ୍କ ଏହି ବିଦ୍ରୋହ ଫଳରେ ତାଙ୍କ କାକା ତଥା ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ବଡ଼ ଝଟ୍‌କା ଲାଗିଛି। ଏନେଇ ୮୩ ବର୍ଷୀୟ ସିନିୟର ପାୱାର କହିଛନ୍ତି, ଅଜିତଙ୍କ ଇସ୍ତଫା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏହାକୁ ଦଳ ☞ପୃଷ୍ଠା-୨



ମୁମ୍ବାଇସ୍ଥିତ ରାଜଭବନରେ ରବିବାର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ରାଜ୍ୟପାଳ ରମେଶ ବୈସ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିଶ୍‌ଙ୍କ ସହ ନୂଆ କରି ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଏନ୍‌ସିପି ନେତା ଅଜିତ୍ ପାୱାର ।

## କେନ୍ଦ୍ର ସରକାରରେ ଏନ୍‌ସିପି ?

### ଆଜି ମନ୍ତ୍ରୀ ପରିଷଦ ବୈଠକ

**ନୂଆଦିଲ୍ଲୀ, ୨୭(ପି.ଟି.)**

ଶାସକ ଭାଜପାର ଶୀର୍ଷ ନେତାମାନଙ୍କ ମଧ୍ୟରେ ନିକଟରେ କ୍ରମାଗତ ବୈଠକ ପରେ କେନ୍ଦ୍ର କ୍ୟାବିନେଟରେ ଅଦଳବଦଳ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏନ୍‌ସିପି ନେତା ଅଜିତ ପାୱାର ରବିବାର ଦଳର ୪୦ ବିଧାୟକଙ୍କ ସହ ମହାରାଷ୍ଟ୍ରର ଭାଜପା-ଶିବସେନା ମେଣ୍ଟ ସରକାରରେ ସାମିଲ ହେବା ପରେ କେନ୍ଦ୍ର କ୍ୟାବିନେଟରେ ଏନ୍‌ସିପି ସାମିଲ ହୋଇପାରେ ବୋଲି କୁହାଯାଉଛି। ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ବରିଷ୍ଠ ନେତାମାନଙ୍କର ରୁଦ୍ଧଦ୍ୱାର ବୈଠକ ☞ପୃଷ୍ଠା-୨

# ଋଣଭାର ଅସହ୍ୟରୁ ଦମ୍ପତିଙ୍କ ଆତ୍ମହତ୍ୟା

## ଅତିଷ୍ଠ କଲା ଘରୋଇ ଫାଇନାନ୍ସ ସଂସ୍ଥାର ଜୁଲମ

- **କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାରବର୍ଗ**
- **ଘଟଣାର ତଦନ୍ତ କରାଯିବ: ବିଡିଓ**

**କଣାସ(ବିଭୂତି ଭୂଷଣ ତ୍ରିପାଠୀ)/ ଖୋର୍ଦ୍ଧା,୨୭(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ଛତୁ ଫୁଟିବା ଭଳି ଅନେକ ଘରୋଇ ଫାଇନାନ୍ସ ସଂସ୍ଥା ଖୋଲୁଛି। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରାହକଙ୍କୁ ଋଣ ଦେଇ ପରବର୍ତ୍ତୀ ସମୟରେ ସେମାନଙ୍କୁ ଶୋଷଣ କରୁଛନ୍ତି। ଏପରି କି ଗ୍ରାହକ ଋଣ ପରିଶୋଧ କରିବାରେ ବିଳମ୍ବ କଲେ ସେମାନଙ୍କୁ ନାନା ପ୍ରକାର ଧମକଚମକ ଦେଉଛନ୍ତି। ଫଳରେ ଗ୍ରାହକ ଅତିଷ୍ଠ ହୋଇ ଅନେକ ସମୟରେ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଉଛି। ଏଭଳି ଏକ ଅଭାବନୀୟ ଘଟଣା ରବିବାର ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଅଁଳାଯୋଡ଼ି ପଞ୍ଚାୟତର ଅଁଳାଯୋଡ଼ି ଗ୍ରାମରେ ଦେଖିବାକୁ ମିଳିଛି। ଋଣ ଭାର ଅସହ୍ୟ ହୋଇପଡ଼ିଥିବା ବେଳେ ଶୁଝିବା ପାଇଁ ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କ ଜୁଲମରେ ଅତିଷ୍ଠ ହୋଇ ଶେଷରେ ଏକ ବୃଦ୍ଧ ଦମ୍ପତି ବେକରେ ରଶିଲଗାଇ ଜୀବନ ହାରିଛନ୍ତି। ମୃତକ ହେଲେ ବାନାମ୍ବର ବେହେରା (୫୭) ଓ ତାଙ୍କ ସ୍ତ୍ରୀ ବନିତା (୫୨)। ସମ୍ପୃକ୍ତ ଫାଇନାନ୍ସ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୃତକଙ୍କ ପରିବାରବର୍ଗ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ବାନାମ୍ବର ଜଣେ ଦିନମଜୁରିଆ। ସେ ନିଜ ଗାଁ ଅଁଳାଯୋଡ଼ିରେ ସ୍ତ୍ରୀଙ୍କ ସହ ରହନ୍ତି। ପରିବାରର ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ତାଙ୍କର ଦୁଇ ପୁଅ ପ୍ରମୋଦ ଓ ପ୍ରଶାନ୍ତ ଭୁବନେଶ୍ୱରରେ ରହି ଚାହା ଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ନାଗରିକର କ୍ଷତି




## ସଂକ୍ଷେପରେ

### ବାଲ୍ଟିମୋରରେ ଗୁଳିକାଣ୍ଡ: ୨ ମୃତ, ୨୮ ଆହତ

**ବାଲ୍ଟିମୋର, ୨।୭:** ଆମେରିକାର ବାଲ୍ଟିମୋରରେ ଶନିବାର ମଧରାତ୍ରରେ ଏକ ପାର୍ଟି ଚାଲିଥିବାବେଳେ ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇବାରୁ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବାଲ୍ଟିମୋରର ବ୍ରୁକ୍ଲିନ୍‌ରେ ଚାଲିଥିବା ପାର୍ଟିରେ ଶତାଧିକ ଲୋକ ଉପସ୍ଥିତ ଥିବାବେଳେ ଅଜଣା ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ମୋଟ ୩୦ ଜଣ ମୃତାହତ ହୋଇଥିବା ବାଲ୍ଟିମୋର ପୋଲିସର କାର୍ଯ୍ୟକାରୀ କମିଶନର ରିଚାର୍ଡ ୱର୍ଲି ଗଣମାଧମକୁ ସୂଚନା ଦେଇଛନ୍ତି। ୯ ଜଣ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିବାବେଳେ ଅନ୍ୟମାନେ ନିକଟସ୍ଥ ହସ୍ପିଟାଲକୁ ଚାଲି ଚାଲି ଯାଇଥିଲେ। ଆକ୍ରମଣକାରୀଙ୍କୁ ଗିରଫ କରାଯାଇ ପାରିନାହିଁ।

### ବଳାତ୍କାରୀଙ୍କ ଗୁପ୍ତାଙ୍ଗ କାଟିଦେଲେ ମହିଳା

**ପାଟନା, ୨।୭:** ବିହାରର ବାଙ୍କା ଜିଲାରେ ଜଣେ ମହିଳା ବଳାତ୍କାରୀଙ୍କ ଗୁପ୍ତାଙ୍ଗ କାଟିଦେଇଛନ୍ତି। ଶୁକ୍ରବାର ରାତିରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବାବେଳେ ୨୭ ବର୍ଷୀୟ ଅଭିଯୁକ୍ତ ଜଣକ ଛାତ ଦେଇ ତାଙ୍କ ଘରେ ପଶିଥିଲେ। ମହିଳା ଜଣକ ଶୋଇଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ମହିଳା ପ୍ରତିରୋଧ କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ପାଖରେ ଥିବା ଏକ ବ୍ଲେଡ୍‌ରେ ତାଙ୍କ ଗୁପ୍ତାଙ୍ଗକୁ ଆଂଶିକ କାଟିଦେଇଥିଲେ। ପରେ ମହିଳା ଜଣକ ଚିତ୍କାର କରିବାରୁ ଗାଁ ଲୋକେ ଧାଇଁ ଆସିଥିଲେ। ସେତେବେଳକୁ ଅଭିଯୁକ୍ତ ଖସିପଳାଇଥିଲେ। ଗାଁ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ହସ୍ପିଟାଲରେ ଭର୍ତ୍ତି କରିଛି।

### ଫ୍ରାନ୍ସରେ ଦଙ୍ଗା ଜାରି: ମେୟରଙ୍କ ଘରେ କାର୍ ଧକ୍କା କରାଇଲେ ବିକ୍ଷୋଭକାରୀ

**ପ୍ୟାରିସ, ୨।୭:** ଫ୍ରାନ୍ସରେ ପୋଲିସ ଗୁଳିରେ ୧୭ ବର୍ଷୀୟ ଡ୍ରାଇଭରଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ ହିଂସାତ୍ମକ ପ୍ରତିବାଦ ଜାରି ରହିଛି। ରବିବାର ପୋଲିସ ସହ ଯୁବ ଦଙ୍ଗାକାରୀଙ୍କ ସଂଘର୍ଷ ହୋଇଥିଲା। ଦଙ୍ଗାର ପଞ୍ଚମ ରାତିରେ ବିକ୍ଷୋଭକାରୀମାନେ ଏକ ଜଳନ୍ତା କାର୍‌କୁ ମେୟରଙ୍କ ଘରେ ଧକ୍କା କରାଇଥିଲେ। ଏଥିରେ ମେୟର ଭିନ୍‌ସେଣ୍ଟ ଜିନବ୍ରୁନ୍‌ଙ୍କ ସ୍ତ୍ରୀ ଓ ପିଲା ଆହତ ହୋଇଛନ୍ତି। ଏହା ଭୀରୁତା ଏବଂ ହତ୍ୟା ଉଦ୍ୟମ ବୋଲି ମେୟର ଟୁଇଟ୍ କରିଛନ୍ତି। ତେବେ ଚତୁର୍ଥ ରାତି ତୁଳନାରେ ପଞ୍ଚମ ରାତିରେ ମୋଟାମୋଟି ହିଂସା ହ୍ରାସ ପାଇଛି। ପୋଲିସ ରବିବାର ୭୧୯ ଜଣଙ୍କୁ ଗିରଫ କରିଛି। ହିଂସା ଦମନ ପାଇଁ ବ୍ୟାପକ ସୁରକ୍ଷା ବଳ ନିୟୋଜିତ କରାଯାଇଛି।

### ଦିଲ୍ଲୀରେ ଯୁବକଙ୍କୁ ଛୁରିଭୁସି ହତ୍ୟା: ୨ ବନ୍ଧୁ ଗିରଫ



**ନୂଆଦିଲ୍ଲୀ, ୨।୭:** ଦିଲ୍ଲୀର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଛୁରିଭୁସି ହତ୍ୟା କରାଯାଇଛି। ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଆଶିଷ ନାମକ ଏହି ଯୁବକଙ୍କୁ ସାହାଯ୍ୟ କରିବାକୁ କେହି ଆଗେଇ ଆସି ନ ଥିଲେ। କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଝରେଡ଼ା ଗ୍ରାମରେ ଦୁି ବନ୍ଧୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଶିଷଙ୍କୁ ହତ୍ୟା କରିଥିବା କୁହାଯାଉଛି। ପୋଲିସ ଦୁଇ ଅଭିଯୁକ୍ତ ବିକାଶ ଏବଂ ଧନୁଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାରୁ ସେମାନେ ଆଶିଷଙ୍କୁ ହତ୍ୟା କରିଥିବା ଜେରା ବେଳେ କହିଛନ୍ତି। ମାସକ ମଧରେ ଏହା ଦିଲ୍ଲୀରେ ଚତୁର୍ଥ ଛୁରି ଆକ୍ରମଣ। ଗତ ମାସ ୨ ତାରିଖରେ ଜଣେ ୧୮ ବର୍ଷର ଯୁବକଙ୍କୁ ଦିଲ୍ଲୀର ଜନଗହଳି ରାସ୍ତାରେ ଦୁଇଜଣ ଛୁରିରେ ଆକ୍ରମଣ କରିଥିଲେ। ଏହାର କିଛିଦିନ ପୂର୍ବରୁ ଉତ୍ତରପଶ୍ଚିମ ଦିଲ୍ଲୀରେ ଜଣେ ନାବାଳିକାଙ୍କୁ ଛୁରିଭୁସି ହତ୍ୟା କରାଯାଇଥିଲା। ଗତ ମାସ ୯ ତାରିଖରେ କାସିମ ନାମକ ଯୁବକଙ୍କୁ ପୂର୍ବ ଦିଲ୍ଲୀର ନନ୍ଦ ନଗରୀ ଅଞ୍ଚଳରେ ଛୁରିରେ ଆକ୍ରମଣ କରାଯାଇଥିଲା।

# ‘ଦୁର୍ନୀତିଗ୍ରସ୍ତଙ୍କ ପାପ ଧୋଇଦେଲେ ମୋଦି’



ଏନ୍‌ସିପି ମୁଖ୍ୟ ଶରଦ ପାୱାର

**ମୁମ୍ବାଇ, ୨।୭**

ମୋ ଘର ଭାଙ୍ଗିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନ ତଳେ ଏନ୍‌ସିପି ସମ୍ପର୍କରେ ମନ୍ତବ୍ୟ ଦେଇ ଜଳସେଚନ ଦୁର୍ନୀତିର ଅବତାରଣା କରିଥିଲେ। ସେ କେତେଜଣ ଏନ୍‌ସିପି ସହଯୋଗୀଙ୍କ ଦୁର୍ନୀତି ପାପକୁ ଧୋଇଦେଇଛନ୍ତି। ସେମାନଙ୍କୁ ଏବେ ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଭାବେ ସ୍ଥାନ ମିଳିଥିବାରୁ ମୁଁ ଖୁସି। ଏହାର ଶ୍ରେୟ ପ୍ରଧାନମନ୍ତ୍ରୀଙ୍କୁ ଦେଉଛି ବୋଲି ପୁତୁରା ଅଜିତ ପାୱାରଙ୍କ ବିଦ୍ରୋହ ପରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ତାଚ୍ଛଲ୍ୟ କରିଛନ୍ତି। ପାୱାର ଆହୁରି କହିଛନ୍ତି, ଏନ୍‌ସିପିକୁ କିପରି ପୁନର୍ଜୀବନ ଦିଆଯିବ ତାହା ତାଙ୍କୁ ଜଣାଅଛି। ରବିବାର ଯାହାସବୁ ଘଟିଗଲା, ତାକୁ ନେଇ ଅନେକେ ବିସ୍ମିତ ହୋଇପାରନ୍ତି। କିନ୍ତୁ ସେ ଆଦୌ ଚିନ୍ତିତ ହୋଇନାହାନ୍ତି। କାରଣ ପୂର୍ବରୁ ମଧ ତାଙ୍କର ଏଭଳି ଅନୁଭୂତି ରହିଛି। ଯଦି କେହି ଏନ୍‌ସିପିର ମାଲିକାନା ଦାବି କରୁଛନ୍ତି, ତେବେ ସେଥିରେ କିଛି ଅସୁବିଧା ନାହିଁ। ଆମେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମର୍ଥନ ଲୋଡ଼ିବୁ। ଆସନ୍ତା କାଲି ଜନସାଧାରଣ ଆମ ସପକ୍ଷରେ ଯିବେ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରାଯିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ଫୋନ୍ କରି ସମର୍ଥନ ଜଣାଇଛନ୍ତି। ସେହିପରି ନିଜ ଘନିଷ୍ଠ ସହଯୋଗୀ ପ୍ରଫୁଲ ପଟେଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ପାୱାର ସଙ୍କେତ ଦେଇଛନ୍ତି। ଏନ୍‌ସିପି ଅଧକ୍ଷ ହିସାବରେ ମୁଁ ପ୍ରଫୁଲଙ୍କୁ କାର୍ଯ୍ୟକାରୀ ଅଧକ୍ଷ ନିଯୁକ୍ତ କରିଥିଲି। କିନ୍ତୁ ଅଜିତଙ୍କ ଶପଥ ଗ୍ରହଣ ବେଳେ ରାଜଭବନରେ ତାଙ୍କ ଉପସ୍ଥିତି ଦୁର୍ଭାଗ୍ୟଜନକ। ପ୍ରଫୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ ବୋଲି ପାୱାର କହିଛନ୍ତି।

## ଅପରେଶନ୍ କମଳ

### ଶିବସେନା ପରେ ଏନ୍‌ସିପି ଶିକାର

ଶିବସେନା ନେତା ଏକନାଥ ଶିନ୍ଦେଙ୍କ ବିଦ୍ରୋହ ପରେ ୨୦୨୨ ଜୁନ୍ ୩୦ରେ ମହାରାଷ୍ଟ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରର ପତନ ଘଟିଥିଲା। ଶିନ୍ଦେ-ଫଡ୍‌ନବିସ ସରକାରକୁ ବର୍ଷେ ପୂରି ୩ ଦିନ ବିତିବା ପରେ ବିରୋଧୀ ଦଳ ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଫଳରେ ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଭାଜନ ଆଡ଼କୁ ମୁହାଁଇଛି। ଶିବସେନା ଏବଂ ଏନ୍‌ସିପିର ଅନ୍ତର୍କଳହ ଯୋଗୁ ଏମ୍‌ଭିଏର ଏହି ଦୁଇ ବଡ଼ ଦଳରେ ବିଭାଜନ ଘଟାଇବାରେ ଭାଜପାର ‘ଅପରେଶନ କମଳ’ ସଫଳ ହୋଇଥିବା କୁହାଯାଉଛି।

### ଟୁଇଟର ବାୟୋ ବଦଳାଇଲେ ଅଜିତ

ଏନ୍‌ସିପି ନେତା ଅଜିତ ପାୱାର ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇ ଉପମୁଖ୍ୟମନ୍ତ୍ରୀ ହେବା ପରେ ନିଜ ଟୁଇଟର ଆକାଉଣ୍ଟ ବାୟୋ ବଦଳାଇଛନ୍ତି। ଏଥିରେ ସେ ନିଜକୁ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ, ବାରାମତୀ ବିଧାୟକ, ଏନ୍‌ସିପି ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ବୋଲି ଉଲ୍ଲେଖ କରିଛନ୍ତି।

> ମହାରାଷ୍ଟ୍ରରେ ପୂର୍ବରୁ ଡବଲ ଇଞ୍ଜିନ ସରକାର ଚାଲୁଥିଲା, ଏଣିକି ଟ୍ରିପଲ ଇଞ୍ଜିନ ସରକାର ଚାଲିବ। ରାଜ୍ୟ ଏବେ ଜଣେ ମୁଖ୍ୟମନ୍ତ୍ରୀ ଓ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ସହ ନୂଆ ଉତ୍ସାହ ନେଇ ଆଗକୁ ବଢ଼ିବ। ବିକାଶର ରାଜନୀତିକୁ ଜଣେ ବିକାଶର ମଣିଷ ସମର୍ଥନ ଦେଉଛନ୍ତି। ଦଳର ଜଣେ ଯୋଗ୍ୟ କର୍ମୀଙ୍କୁ ଗୌଣ ଭୂମିକା ଦିଆଗଲେ, ଏପରି ଘଟଣା ଘଟିଥାଏ।
>
> **-ଏକନାଥ ଶିନ୍ଦେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

> ଅଧିକାଂଶ ଏନ୍‌ସିପି ବିଧାୟକ ଏବଂ ପୂରା ଦଳ ସରକାରରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ଲଢ଼ିବାବେଳେ ଆମେ ଏନ୍‌ସିପିର ନାମ ଓ ଚିହ୍ନକୁ ବ୍ୟବହାର କରିବୁ। ଏହି ପଦକ୍ଷେପ ଉପରେ ଦୀର୍ଘ ଦିନ ଧରି ଆଲୋଚନା ଚାଲିଥିଲା। ମହାରାଷ୍ଟ୍ରର ବିକାଶ ପାଇଁ କାର୍ଯ୍ୟ କରିବି।
>
> **-ଅଜିତ ପାୱାର, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ**

> ୯ ଏନ୍‌ସିପି ବିଧାୟକ ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଭାବେ ଶପଥ ନେବା ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏଥିରେ ଦଳର ସମର୍ଥନ ନାହିଁ। ଏନ୍‌ସିପିର ଜାତୀୟ ନେତା ଶରଦ ପାୱାରଙ୍କ ସହ ସମସ୍ତ କର୍ମୀ, ଜିଲା ସଭାପତି, ତାଲୁକ ସଭାପତି, ଯୁବ ଓ ମହିଳା ରହିଛନ୍ତି। ଏହି ଶପଥ ଗ୍ରହଣ ଅପରେଶନ୍ ଲୋଟସ୍‌ର ଏକ ଅଂଶବିଶେଷ।
>
> **-ମହେଶ ତାପସେ, ଏନ୍‌ସିପି ମୁଖପାତ୍ର**

> ମହାରାଷ୍ଟ୍ର ସରକାରରେ ଏନ୍‌ସିପିର ଯୋଗଦାନର ତାତ୍ପର୍ଯ୍ୟ ହେଉଛି ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ଯାଉଛନ୍ତି। ରାଜ୍ୟ ଜଣେ ନୂଆ ମୁଖ୍ୟମନ୍ତ୍ରୀ ପାଇବାକୁ ଯାଉଛି। କାରଣ ସର୍କସ ବେଶି ଦିନ ଚାଲେ ନାହିଁ।
>
> **-ସଞ୍ଜୟ ରାଉତ୍, ଶିବସେନା (ୟୁବିଟି) ନେତା**

> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଦୁର୍ନୀତିର ସବୁଠୁ ବଡ଼ ପୃଷ୍ଠପୋଷକ। ମୋଦି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନର ଗ୍ୟାରେଣ୍ଟି ଦେବାର ଦୁଇଦିନ ପରେ ଅଜିତ ପାୱାରଙ୍କୁ ଶିବସେନା-ଭାଜପା ମେଣ୍ଟ ସରକାରରେ ଉପମୁଖ୍ୟମନ୍ତ୍ରୀ କରାଯିବା ଏହାର ପ୍ରମାଣ ଦେଉଛି।
>
> **-ସଞ୍ଜୟ ସିଂ, ଏଏପି ମୁଖପାତ୍ର**

### ଜିତେନ୍ଦ୍ର ଅୱାଧ ବିରୋଧୀ ଦଳ ନେତା

ଅଜିତ ପାୱାରଙ୍କ ପଟ୍ଟ ପରିବର୍ତ୍ତନ ପରେ ଏନ୍‌ସିପି ଜିତେନ୍ଦ୍ର ଅୱାଧଙ୍କୁ ମହାରାଷ୍ଟ୍ର ବିରୋଧୀ ଦଳ ନେତା ନିଯୁକ୍ତ କରିଛି। ଏନ୍‌ସିପି ରାଜ୍ୟ ସଭାପତି ଜୟନ୍ତ ପାଟିଲ ମୁମ୍ବ୍ରା-କଲୱା ବିଧାୟକ ଜିତେନ୍ଦ୍ରଙ୍କୁ ଏହି ନିଯୁକ୍ତି ଦେଇଛନ୍ତି।



## ପୁଣି ବିଳମ୍ବ ହେବ ଜନଗଣନା

### ପ୍ରଶାସନିକ ସୀମା ନିର୍ଦ୍ଧାରଣ ସମୟସୀମା ଜାନୁୟାରୀ ୧କୁ ଘୁଞ୍ଚିଲା




**କୋପ୍ପାଲ, ୨।୭**

୨୦୨୧ରେ ହେବାକୁ ଥିବା ଜନଗଣନା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୨୦୨୪-୨୫କୁ ଘୁଞ୍ଚାଯାଇଛି। ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟ ଗତ ମାସରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପଠାଇଥିବା ପତ୍ରରେ ପ୍ରଶାସନିକ ସୀମା ନିର୍ଦ୍ଧାରଣ ସମୟସୀମା ୨୦୨୪ ଜାନୁୟାରୀକୁ ଘୁଞ୍ଚାଗଲା ବୋଲି କୁହାଯାଇଛି। ସୀମା ନିର୍ଦ୍ଧାରଣର କିଛି ମାସ ପରେ ଜନଗଣନା ଆରମ୍ଭ ହୋଇଥାଏ। ଆସନ୍ତାବର୍ଷ ପ୍ରଥମ ଭାଗରେ ଲୋକ ସଭା ନିର୍ବାଚନ ଥିବାରୁ ୨୦୨୩ରେ ଜନଗଣନା ସମ୍ଭବ ନୁହେଁ। ଜନଗଣନା ପୂର୍ବରୁ ପ୍ରଥମେ ଗୃହଗଣନା କରାଯାଇଥାଏ। ପୂର୍ବରୁ ପ୍ରଶାସନିକ ସୀମା ନିର୍ଦ୍ଧାରଣ ପାଇଁ ଶେଷ ତାରିଖ ୨୦୨୩ ଜୁନ୍ ୩୦ ଧାର୍ଯ୍ୟ ହୋଇଥିଲା। ଏହା ପୂର୍ବରୁ ଶେଷ ତାରିଖ ୨୦୨୨ ଡିସେମ୍ବର ୩୧ ଥିଲା। ଜନଗଣନା ପାଇଁ ଗତବର୍ଷ ବଜେଟରେ ୩,୭୭୬ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥର ବଜେଟରେ ତାହାକୁ ୧,୫୬୪ କୋଟିକୁ ହ୍ରାସ କରାଯାଇଥିଲା।



ଉତ୍ତର ପ୍ରଦେଶର ମୋରାଦାବାଦରେ ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଛାତ୍ରୀଛାତ୍ର।

## ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା: ଜଣେ ମୃତ

**କୋଲକାତା, ୨।୭**



ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶନିବାର ବିଳମ୍ବିତ ରାତିରେ ଶାସକ ଓ ବିରୋଧୀ ଦଳ କର୍ମୀଙ୍କ ମଧରେ ସଂଘର୍ଷ ଘଟିଛି। ଏଥିରେ ତୃଣମୂଳ କଂଗ୍ରେସର ଜଣେ କର୍ମୀଙ୍କ ମୃତ୍ୟୁ ଘଟିବା ସହ ଉଭୟ ଦଳରୁ କେତେଜଣ ଆହତ ହୋଇଛନ୍ତି। ଦକ୍ଷିଣ ୨୪ ପ୍ରଗଣା ଜିଲାର ଫୁଲମାଲଞ୍ଚା ଅଞ୍ଚଳରେ ଘଟିଥିବା ହିଂସାକାଣ୍ଡରେ ୫୨ ବର୍ଷୀୟ ଟିଏମ୍‌ସି କର୍ମୀ ଜିୟାରୁଲ ମୋଲ୍ଲା ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୁଲ୍ଲା ଟିଏମ୍‌ସି ନେତା ଅମରୁଲା ଲସ୍କରଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ଶାସକ ଦଳରେ ଅନ୍ତର୍ଦ୍ୱନ୍ଦ୍ୱର ସେ ଶିକାର ହୋଇଥିବା ଇଣ୍ଡିଆନ ସେକୁଲାର ଫ୍ରଣ୍ଟ (ଆଇଏସ୍ଏଫ୍)ର ସ୍ଥାନୀୟ ନେତା ଅଭିଯୋଗ କରିଛନ୍ତି। ବିରୋଧୀ ଗୋଷ୍ଠୀ ମୁଲ୍ଲାଙ୍କୁ ବାରମ୍ବାର ଧମକ ଦେଉଥିବା ନେଇ ସେ ପୋଲିସରେ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ତାଙ୍କ ଝିଅ ମନୱାରା କହିଛନ୍ତି। କଥଲବେରିଆ ପଞ୍ଚାୟତରୁ ମନୱାରା ଟିଏମ୍‌ସି ପ୍ରାର୍ଥୀ ହୋଇଛନ୍ତି। ଦଳର ଗୋଟିଏ ଗୋଷ୍ଠୀ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମନୱାରା ଦାବି କରିଛନ୍ତି। ଏହା ବ୍ୟତୀତ ପଶ୍ଚିମ ମେଦିନିପୁର ଜିଲାର ବିଭିନ୍ନ ସ୍ଥାନରେ ରବିବାର ଟିଏମ୍‌ସି ସହ ସିପିଆଇ(ଏମ୍) ଏବଂ ଆଇଏସ୍ଏଫ୍ ସମର୍ଥକଙ୍କ ମଧରେ ସଂଘର୍ଷ ଘଟି ଅନ୍ୟୂନ ୧୦ ଜଣ ଆହତ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ଜୁନ୍ ୯ରେ ନାମାଙ୍କନପତ୍ର ଦାଖଲ ହେବାଠାରୁ ହିଂସାକାଣ୍ଡ ଲାଗିରହିଛି। ଏପର୍ଯ୍ୟନ୍ତ ନିର୍ବାଚନୀ ହିଂସାରେ ୧୦ ଜଣଙ୍କ ଜୀବନ ଗଲାଣି।

## ମସ୍‌ଜିଦ ଉଦ୍‌ଘାଟନ କଲେ ହିନ୍ଦୁ ସନ୍ଥ

**କୋପ୍ପାଲ, ୨।୭**

### ଧର୍ମୀୟ ସଦ୍‌ଭାବନା

ଧର୍ମୀୟ ସଦ୍‌ଭାବନାର ପ୍ରଦର୍ଶନ ପୂର୍ବକ କର୍ନାଟକର କୋପ୍ପାଲ ଜିଲାରେ ଜଣେ ହିନ୍ଦୁ ସନ୍ଥ ଏକ ମସ୍‌ଜିଦ ଉଦ୍‌ଘାଟନ କରିଛନ୍ତି। ଜିଲାର କୁକାନୁର ତାଲୁକ ଅନ୍ତର୍ଗତ ଭାଣପୁର ଗ୍ରାମରେ ଏହି ମସ୍‌ଜିଦ ନିର୍ମାଣ କରାଯାଇଛି। ଶୁକ୍ରବାର କୋପ୍ପାଲ ଗାଭି ମଠର ସନ୍ଥ ଅଭିନବ ଗାଭିସିଦ୍ଧେଶ୍ୱର ସ୍ୱାମୀ ଉକ୍ତ ମସ୍‌ଜିଦ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ପ୍ରତ୍ୟେକ ସଦ୍‌ଭାବନାର ସହ ବଞ୍ଚିବା ଜରୁରୀ। ପ୍ରକୃତ ଧର୍ମର ଅର୍ଥ ସଦ୍‌ଭାବନା। ଯେଉଁମାନେ ନିଜ ଧର୍ମକୁ ବଡ଼ ବୋଲି ବିବେଚନା କରନ୍ତି, ସେମାନେ ଧାର୍ମିକ ନୁହନ୍ତି। ଯିଏ କୌଣସି ଭେଦଭାବ ନ ରଖି ରୋଗୀକୁ ରକ୍ତଦାନ କରିଥାନ୍ତି, ସେ ପ୍ରକୃତ ଧାର୍ମିକ ବ୍ୟକ୍ତି ବୋଲି ସନ୍ଥ କହିଥିଲେ।

ଗାଭିସିଦ୍ଧେଶ୍ୱର ସ୍ୱାମୀ ଆହୁରି କହିଥିଲେ, ଜଣେ ସାଧାରଣ ବ୍ୟକ୍ତି ମଧ ଧାର୍ମିକ ଭଳି କାର୍ଯ୍ୟ କରିପାରିବେ। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚକୁ ଯାଉଥିବା ଲୋକେ କେବଳ ଧାର୍ମିକ ବ୍ୟକ୍ତି ନୁହନ୍ତି। ପ୍ରକୃତ ଧର୍ମ ହେଲା, କାହାକୁ ଆଘାତ ନ ଦେଇ ଓ ନ ଠକି ଜୀବନଯାପନ କରିବା। ସଦ୍‌ଭାବନାର ସହ ବଞ୍ଚିବା ହିଁ ପ୍ରକୃତ ଧର୍ମ।



# ମଣିପୁରରେ ସାନି ସଂଘର୍ଷ: ୩ ମୃତ

**ଇମ୍ଫାଲ, ୨।୭**

ମଣିପୁରର ବିଷ୍ଣୁପୁର ଜିଲାରେ ଶନିବାର ବିଳମ୍ବିତ ରାତିରେ ସାନି ହିଂସାକାଣ୍ଡ ଘଟି ୩ ଜଣ ପ୍ରାଣ ହରାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଘଟଣାସ୍ଥଳକୁ ଯାଇଛନ୍ତି। ଅଜଣା ବନ୍ଧୁକଧାରୀଙ୍କ ସହ ଗୁଳି ବିନିମୟ ବେଳେ ୨ ଜଣ ଗ୍ରାମ ସ୍ୱେଚ୍ଛାସେବୀ ନିହତ ହୋଇଛନ୍ତି। ଖୋଇଜୁମାଣ୍ଟାବି ଗ୍ରାମରେ ସ୍ୱେଚ୍ଛାସେବୀମାନେ ଏକ ଅସ୍ଥାୟୀ ବଙ୍କରକୁ ଜଗିଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଶନିବାର ମଧରାତ୍ରରୁ ବିଷ୍ଣୁପୁର ଓ ଏହାର ଆଖପାଖ ଅଞ୍ଚଳରେ ଉତ୍ତେଜନା ଜାରି ରହିଛି। ଖବର ଅନୁଯାୟୀ ବିଷ୍ଣୁପୁର ଓ ଚୁରାଚାନ୍ଦପୁର ଜିଲା ସୀମାବର୍ତ୍ତୀ ଅଞ୍ଚଳରେ ଉଗ୍ରବାଦୀମାନେ ଆକ୍ରଣ କରିଥିଲେ। ସେମାନେ ଅନେକ ଘର ଜାଳିଦେବା ସହ କେତେଜଣଙ୍କୁ



ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ସଶସ୍ତ୍ର ଉଗ୍ରପନ୍ଥୀମାନେ ସଂଘର୍ଷ ବେଳେ ଜଣକ ମୁଣ୍ଡ କାଟିଦେଇ ବିଭିନ୍ନ ସ୍ଥାନରେ ଏହାକୁ ପ୍ରଦର୍ଶନ କରିଥିଲେ।

ମଣିପୁର ଜାତିଗତ ଦଙ୍ଗା ଘଟଣାରେ ଅନ୍ତର୍ଜାତୀୟ ଶକ୍ତିର ହାତ ଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ଲାଗି ହାଇକୋର୍ଟ ଗତ ମାର୍ଚ୍ଚ ୨୭ରେ ନିର୍ଦ୍ଦେଶ ଦେବା ପରେ ରକ୍ତାକ୍ତ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏହି ହିଂସାକାଣ୍ଡ ପଛରେ ବିଦେଶୀ ଶକ୍ତିଙ୍କ ହାତ ଅଛି କି ବୋଲି ପ୍ରଶ୍ନ ହେବାରୁ ମୁଖ୍ୟମନ୍ତ୍ରୀ ଏହାକୁ ଖଣ୍ଡନ କରିନାହାନ୍ତି। ହିଂସାକାଣ୍ଡ ଯୋଜନାବଦ୍ଧ ଓ ଏହା ପଛର କାରଣ ସ୍ପଷ୍ଟ ହୋଇନାହିଁ। ମଣିପୁର ସୀମାକୁ ଲାଗି ମ୍ୟାନ୍‌ମାର ରହିଛି। ଚାଇନା ମଧ ଏହା ନିକଟରେ। ଏହି ୩୯୮ କିଲୋମିଟର ସୀମାରେ ପ୍ରହରା ଦିଆଯାଉ ନାହିଁ। କେବଳ ଫ୍ରଣ୍ଟିୟରରେ ଆମର ସୁରକ୍ଷା ବଳ ମୁତୟନ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ହିଂସା ପଛରେ ବିଦେଶୀ ହାତ: ମୁଖ୍ୟମନ୍ତ୍ରୀ



ଏନ୍. ବୀରେନ୍ ସିଂ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୩/୨୦୨୩ Bhubaneswar, Monday, July 3/2023 | ପୃଷ୍ଠା-୧

# ଆନ୍ଧ୍ର ଚାଷୀଙ୍କ ଦଖଲରେ ଚାଷ ଜମି

**ସୁବର୍ଣ୍ଣପୁର ଜିଲା**

## ଗାଁରେ ଦେଖିବାକୁ ମିଳୁଛି ଆନ୍ଧ୍ରପଡ଼ା, ଆନ୍ଧ୍ର କଲୋନୀ

**କେବଳ ଓଡ଼ିଶାର ସୀମାନ୍ତ ଅଞ୍ଚଳ ନୁହେଁ, ରାଜ୍ୟର ମଧ୍ୟବର୍ତ୍ତୀ ସ୍ଥାନ ସୁବର୍ଣ୍ଣପୁର ଜିଲାରେ ମଧ୍ୟ ଆନ୍ଧ୍ରପ୍ରଦେଶ ଲୋକଙ୍କ ରାଜ୍ ବଢିଚାଲିଛି। ନିଜର ସ୍ୱତନ୍ତ୍ର ସାହି, ବସ୍ତି କରି ସେମାନେ ପ୍ରାଧାନ୍ୟ ବିସ୍ତାର କରି ଚାଲିଛନ୍ତି। ପ୍ରଶାସନର ଅଙ୍କୁଶ ନ ଥିବାରୁ ଶାଗ ମାଛ ଦରରେ ଚାଷଜମି କିଣି ମାଲାମାଲ୍ ହେଉଥିବା ବେଳେ ଅଞ୍ଚଳର ଅଧିକାଂଶ ଗରିବ ଚାଷୀ ସେମାନଙ୍କ ପାଖରେ ମୂଲ ଲାଗିବା ଦେଖିବାକୁ ମିଳୁଛି।**

ସୋନପୁର,୨।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ହଜାର ହଜାର ଏକର ଚାଷଜମି ଏବେ ଆନ୍ଧ୍ରଚାଷୀଙ୍କ ଦଖଲରେ ରହିଛି। ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ଆନ୍ଧ୍ର ଚାଷୀମାନେ ଧାନ ଚାଷ କରୁଥିବା ବେଳେ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକରେ ଧାନ, ମାଛ ଓ କପା ଚାଷ କରୁଛନ୍ତି। ଗ୍ରାମାଞ୍ଚଳର ରାସ୍ତାପାର୍ଶ୍ୱରେ ଏବେ ଆନ୍ଧ୍ରପଡ଼ା, ଆନ୍ଧ୍ରଡେରା ଓ ଆନ୍ଧ୍ର କଲୋନୀ ଭଳି ନାଁ ଦେଖିବାକୁ ମିଳୁଛି। ନିଜର ଏକ ସ୍ୱତନ୍ତ୍ର ସାହି ବସ୍ତି କରି ସେମାନେ ସ୍ଥାନୀୟ ଅଞ୍ଚଳରେ ପ୍ରାଧାନ୍ୟ ବିସ୍ତାର କରିଚାଲିଛନ୍ତି। ଆନ୍ଧ୍ର ଚାଷୀ ଏଠାରେ ପ୍ରଭାବ ବିସ୍ତାର କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗା ଯାଉନାହିଁ।

ସୁବର୍ଣ୍ଣପୁର ଜିଲାରେ ୯୫ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଏଠାରେ ଚିରସ୍ରୋତା ମହାନଦୀ, ତେଲନଦୀ, ଅଙ୍ଗନଦୀ ସମେତ ଅନେକ ଛୋଟବଡ଼ ନଦୀନାଳ ଓ ହରିହରଯୋର ଡ୍ୟାମ୍ ଭଳି ମଧ୍ୟମ ଜଳସେଚନ ପ୍ରକଳ୍ପ ରହିଛି। ଏହାସତ୍ତ୍ୱେ ସମସ୍ତ ଚାଷଜମିକୁ ଜଳସେଚନର ସୁବିଧା ହୋଇପାରିନି। ଚାଷୀଙ୍କୁ ବର୍ଷାଜଳ ଉପରେ ନିର୍ଭର କରିବାକୁ ପଡୁଛି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଅଧିକାଂଶ ଚାଷଜମି ହୀରାକୁଦ କେନାଲ ପାଣି ଦ୍ୱାରା ଖରିଫ ଓ ରବିରେ ଚାଷ ହେଉଛି। ସେହିପରି ହରିହରଯୋର ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଜମି ଜଳସେଚିତ ହେଉଛି। ବିଭିନ୍ନ ଜଳଉତ୍ସରୁ ଖରିଫରେ ୧ଲକ୍ଷ ୨୮ହଜାର ଓ ରବି ଋତୁରେ ୮୮ହଜାର ୪୯୬ ହେକ୍ଟର ଜମିରେ ଚାଷ ହୋଇଥାଏ। ତେବେ ଅନିୟମିତ ବର୍ଷା ଯୋଗୁ ଅଣଜଳସେଚିତ ଜମିରେ ଚାଷ କରୁଥିବା ଚାଷୀ କ୍ଷତି ସହୁଛି। ସେହିପରି ଧାନର ଅଭାବୀ ବିକ୍ରି ତଥା ଉନ୍ନତ ଜ୍ଞାନକୌଶଳର ଅଭାବ ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବେ ଚାଷ କରିବାକୁ ଅମଙ୍ଗ ହେଉଛନ୍ତି। ଏହାର ସୁଯୋଗ ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ରାଜମହେନ୍ଦ୍ରୀ, ପାର୍ବତୀପୁରମ, ସୀତାକୁଲମ ଓ ଇଷ୍ଟ ଗୋଦାବରୀ ଭଳି ଦୂର ସ୍ଥାନରୁ ଲୋକେ ଆସି ଏଠାରେ ଚାଷ ଜମି ସବୁ କିଣୁଛନ୍ତି। ଗରିବ ଓଡ଼ିଆ ଚାଷୀଙ୍କ ଠାରୁ ସେମାନେ ଶାଗମାଛ ଦରରେ ଚାଷ ଜମି କିଣୁଥିବା ଅଭିଯୋଗ ହେଉଛି। ଆନ୍ଧ୍ରପ୍ରଦେଶର ଲୋକେ ଏଠାକୁ ଆସି ପ୍ରଥମେ ଗ୍ରାମବାସୀଙ୍କ ସହିତ ମିଳାମିଶା କରୁଛନ୍ତି। ପରେ ଜମି ଦଲାଲ ତଥା ମଧ୍ୟସ୍ଥିଙ୍କ ଜରିଆରେ କମ୍ ଦରରେ ଶତାଧିକ ଏକର ଚାଷଜମି କିଣୁଛନ୍ତି। ଜିଲାର ଅନେକ କ୍ଷୁଦ୍ର ତଥା ମଧ୍ୟମ ଚାଷୀ ସେମାନଙ୍କ ପୈତୃକ ଚାଷ ଜମି ଆନ୍ଧ୍ର ଚାଷୀଙ୍କୁ ବିକ୍ରି କରି ଏବେ ଭୂମିହୀନ ହୋଇ ପଡିଛନ୍ତି। ଦୁଃଖର ବିଷୟ ହେଲା ସେମାନେ ପୁଣି ଆନ୍ଧ୍ର ଚାଷୀଙ୍କ ନିକଟରେ ଦିନମଜୁରିଆ ଭାବେ କାମ କରୁଛନ୍ତି। ଏପରି କି ଅନେକ ଯୁବକ କାମଧନ୍ଦା ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। କିନ୍ତୁ ଆନ୍ଧ୍ର ଚାଷୀ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷରେ ଲାଭାନ୍ୱିତ ହେଉଛନ୍ତି। ଅନୁସନ୍ଧାନରୁ ଜଣାପଡିଛି ଯେ, ଡୁଙ୍ଗୁରିପାଲି ବ୍ଲକର ଭାଟବାହାଲି, କପାସିରା, ଡୁଙ୍ଗୁରିପାଲି, ରାମପୁର, ପଣ୍ଡକିଟାଲ, ସାଲେପାଲି, ବିନିକା ବ୍ଲକର ବାଙ୍କିଘିର୍ଡି, ସିଂଘିଯୁବା, ସାରଙ୍ଗପାଲି, ହୁଡୁମା, ବାବୁପାଲି, ଫୁଲମୁଠି, ଉର୍ଲେ, ଘଣ୍ଟାପାଲି, ବାଉଁଶୁଣୀ, ଜୁଲୁଣ୍ଡା, ଅମାମୁଣ୍ଡା ଓ ଟିକାବାଲି ଭଳି ଗ୍ରାମରେ ଆନ୍ଧ୍ରର ଲୋକମାନେ ଚାଷଜମି କିଣି ଗତ ୨୦ରୁ ୨୫ ବର୍ଷ ଧରି ଧାନ ଚାଷ କରୁଛନ୍ତି। ସେହିପରି ତରଭା ବ୍ଲକର କୁମ୍ଭାରମୁଣ୍ଡା, କର୍ଲାମୁହାଣ, ବ୍ରାହ୍ମଣୀ, ବୁରାଡ, ଚାରଭଟା, ବାଲିଖମାର, କମସରା, ସୋନପୁର ବ୍ଲକର ବସଲାଟ, ରେଙ୍ଗାଲି, ମଝିମୁଣ୍ଡା, ଖଇରଟିକିରା, ରୁଗୁଡିପାଲି, ବାଲପୁର ଓ ଟିଁପାଲି, ବୀରମହାରାଜପୁର ବ୍ଲକର ସୁବଳୟା, ଆନନ୍ଦପୁର, ସାଲଟିକିରା, ମୁର୍ଷୁଣ୍ଡି, କର୍ଡାପାଲି, ବାଗବର, ରଥପୁର, ତେଲିପାଲି, ଟିଁପାଲି, ପିତାମହୁଲ, ଜଟେସିଙ୍ଗା, କେନ୍‌ଜିରିଆପାଲି, ବହଲପଦର ଓ ଉଫୁଲା ଅଞ୍ଚଳରେ ଆନ୍ଧ୍ରଚାଷୀ ବହୁ ଚାଷ ଜମି ନିଜ ଦଖଲକୁ ନେଇଗଲେଣି। ସେହିପରି ଉଲୁଣ୍ଡା ବ୍ଲକର ପତ୍ରାପାଲି, ମୁଣ୍ଡାମହୁଲ, ବେହେରାମାଲ, ସିଣ୍ଢୋଲ, ଚଢେଇପଙ୍କ, କୁତମେଣ୍ଡା, କୋଟସମଲାଇ, ପଧାନପାଲି, ବିଶିପଡା ଓ ପଞ୍ଚମହଲା ଆଦି ଗାଁରେ ଅଳ୍ପ କିଛି ବର୍ଷ ହେବ ଆନ୍ଧ୍ର ଚାଷୀ ହଜାର ହଜାର ଏକର ଚାଷ ଜମି ଦଖଲ କରି ସାରିଲେଣି। କେତେକ ଗ୍ରାମରେ ସେମାନେ ସରକାରୀ, ଗୋଚର ତଥା ଜଙ୍ଗଲ ଜମିକୁ ମଧ୍ୟ ଜବରଦଖଲ କରିଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କୁ ହାତ କରି ସରକାରୀ ଜମି ସବୁ ସେମାନଙ୍କ ଅକ୍ତିଆରରେ ରଖିଛନ୍ତି। ଆନ୍ଧ୍ର ଚାଷୀ ଏଠାରେ ପ୍ରଭାବ ବିସ୍ତାର କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ରୋକ୍ ଲଗାଯାଉନାହିଁ। ଫଳରେ ଏହି ଜିଲାରେ ଅନେକ ଚାଷୀ ଭୂମିହୀନ ହେବା ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ଅଭିଯୋଗ କରିଛନ୍ତି, ଜିଲାର ଚାଷ ଜମି ଆନ୍ଧ୍ର ଚାଷୀଙ୍କ କବଜାକୁ ଚାଲିଯାଉଛି। ଆନ୍ଧ୍ରର ଲୋକ ଓଡିଆଙ୍କ ଚାଷ ଜମି କିଣୁଛନ୍ତି ନହେଲେ ଲିଜ୍ ନେଇ ଚାଷ କରୁଛନ୍ତି। ବୀରମହାରାଜପୁର ବ୍ଲକର କେନଜିରିଆପାଲି, ବାହାଲପଦର ଓ ଦୁର୍ଯୋନତେଲା ଅଞ୍ଚଳରେ ଆନ୍ଧ୍ର ଲୋକେ ଶତାଧିକ ଏକର ଜମିରେ କପା ଚାଷ କରୁଛନ୍ତି। ଏ ନେଇ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ କହିଛନ୍ତି, ଦୀର୍ଘ ବର୍ଷ ପୂର୍ବରୁ ଅନ୍ୟ ରାଜ୍ୟର ଲୋକେ ଏଠାରେ ଜମି କିଣି ଚାଷ କରୁଛନ୍ତି। ଏବେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଲୋକେ ବାହାର ରାଜ୍ୟର ଲୋକଙ୍କୁ ଚାଷ ଜମି ବିକ୍ରି କରୁଛନ୍ତି। କିଣାବିକାରେ ସେମିତି କିଛି କଟକଣା ନାହିଁ।





ବିନିକା ବ୍ଲକ ଅରିଗାଁ-ରାମପୁର ରାସ୍ତା ପାର୍ଶ୍ୱରେ ଥିବା ଆନ୍ଧ୍ରପଡ଼ା।




## ଜନଶତାବ୍ଦୀ ଏକ୍ସପ୍ରେସ ଉପରକୁ ପଥରମାଡ଼

ବଡ଼ବିଲ,୨।୭(ଦେବପ୍ରିୟ ରଣା)

ହାୱଡ଼ା-ବଡ଼ବିଲ ଜନଶତାବ୍ଦୀ ଟ୍ରେନ୍ ଉପରକୁ ରବିବାର ଅପରାହ୍ଣରେ ପଥରମାଡ଼ ହୋଇଛି। ପଥରମାଡ଼ରେ ଏକ ବଗିର କାଚ ଭାଙ୍ଗି ଚୂରମାର ହୋଇଯାଇଛି। ସୌଭାଗ୍ୟବଶତଃ କାଚ ଭାଙ୍ଗିଥିବା ସିଟ୍ ନିକଟରେ କୌଣସି ଯାତ୍ରୀ ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ।

ସୂଚନା ଅନୁଯାୟୀ, କୋଲକାତାରୁ ବଡ଼ବିଲ ଆସୁଥିବା ଜନଶତାବ୍ଦୀ ଏକ୍ସପ୍ରେସ ୩/୪ଦିନ ହେବ ହାୱଡ଼ାରୁ କୌଣସି କାରଣରୁ ବିଳମ୍ବରେ ଛାଡୁଛି। ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଟ୍ରେନ୍ ଝାଡ଼ଖଣ୍ଡ ରାଜ୍ୟ ବଡ଼ାଜାମଦା ଷ୍ଟେଶନରୁ ବଡ଼ବିଲ ଅଭିମୁଖେ ଛାଡ଼ିଥିଲା। ମାତ୍ର କିଛିଦୂର ଆସିବାପରେ ହଠାତ୍ ଚଳନ୍ତା ଟ୍ରେନ ଉପରକୁ କ୍ଷିପ୍ର ଗତିରେ ଏକ ପଥରମାଡ଼ ହୋଇଥିଲା। ପଥରଟି ଟ୍ରେନ୍‌ର ୧୧ ନମ୍ବର ବଗିର ୪/୫/୬ ନଂ. ସିଟ୍ ନିକଟ ଝରକା କାଚରେ ବାଜିଥିଲା। ଏଥିରେ କାଚ ଭାଙ୍ଗି ଚୂରମାର ହୋଇଯାଇଥିଲା। ଏ ନେଇ ବଡ଼ବିଲ ରେଳଷ୍ଟେଶନ ମ୍ୟାନେଜର ବିମଲ ଠାକୁରଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନାହିଁ ବୋଲି କହିଛନ୍ତି।





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳିଶି ବର୍ଷର ଯେ ଆଦ୍ୟ ଦିନ**
**ଚାଳିଶି ପ୍ରକାର ଫୁଲ ଆଘ୍ରାଣ**
**ଚାଳିଶା ଦୋଷ ଯେ ରହଇ ନାହିଁ**
**ଧନ୍ୱନ୍ତରୀ ଏହା ଅଛନ୍ତି କହି।**

ଚାଳିଶି ବର୍ଷ ହୋଇଗଲେ ବ୍ୟକ୍ତିଙ୍କୁ ଚାଳିଶା ଦୋଷ ଦେଖାଦିଏ। ଧନ୍ୱନ୍ତରୀଙ୍କ ମତରେ ଚାଳିଶି ବର୍ଷରେ ପଦାର୍ପଣ କରୁଥିବା ବ୍ୟକ୍ତି ଜଣକ ଉକ୍ତ ପ୍ରଥମ ଦିନରେ ଯଦି ଚାଳିଶି ପ୍ରକାରର ଫୁଲ ଶୁଙ୍ଘନ୍ତି ତେବେ ତାଙ୍କର ଆଉ ଚାଳିଶା ଦୋଷ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚୁଡାକୁ ସୁନ୍ଦର ଗୁଡ଼ ଦହି**
**ଦୁଧକୁ ସୁନ୍ଦର ନବାତ ଖଇ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚୁଡାକୁ ଗୁଡ଼ ଓ ଦହି ସାଙ୍ଗରେ ମିଶେଇ ଖାଇଲେ ସୁଆଦ ଲାଗେ। ଠିକ୍ ସେମିତି ଦୁଧକୁ ଖଇ କନ୍ଦ ସଙ୍ଗେ ମିଶେଇ ଖାଇଲେ ଭାରି ଭଲ ଲାଗେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ପୁରୀ: ରବିବାର ପ୍ରଥମ ନୀଳାଚଳ ଅବଢ଼ା ବାହାରିବା ପରେ ଶ୍ରୀମନ୍ଦିରରୁ ଅଣାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୨ହଜାର ଟଙ୍କିଆ ବଦଳ ପାଇଁ ଆସିଥିବା ମାଓବାଦୀ ଗିରଫ

### ୧ଲକ୍ଷ ୬୦ହଜାର ୨ ହଜାର ଟଙ୍କିଆ ଜବତ

ମାଲକାନଗିରି,୨।୭(ଦୁର୍ଯ୍ୟୋଧନ ପାତ୍ର)



ଗିରଫ ମାଓବାଦୀ

୨ହଜାର ଟଙ୍କିଆ ନୋଟ ବଦଳ ପାଇଁ ଆସିଥିବା ଫେରାର ମାଓବାଦୀ ରବିବାର ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସେ ହେଲେ ମହେଶ ମୁଙ୍ଗେଲ ।

ସୂଚନା ଅନୁଯାୟୀ, ମାଓବାଦୀମାନେ ରଖିଥିବା ୨ହଜାର ଟଙ୍କିଆ ନୋଟ୍ ବଦଳାଇବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ପୋଲିସ ପକ୍ଷରୁ ଏଥିପ୍ରତି ସତର୍କ ଦୃଷ୍ଟି ଦିଆଯାଇଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଏହି ଘଟଣା ଅଧିକ ଘଟୁଥିବାରୁ ପୋଲିସର ଅପରେଶନକୁ ଜୋରଦାର କରାଯାଇଛି। ଅପରେଶନ ବେଳେ ଛତିଶଗଡ଼ର ଆୱାପାଲି ପୋଲିସ ଦ୍ୱାରା ଫେରାର ମାଓବାଦୀ ମହେଶ ମୁଙ୍ଗେଲ ଗିରଫ ହୋଇଛନ୍ତି। ତାଙ୍କ ପାଖରୁ ୧,୬୦,୦୦୦ ଟଙ୍କାର ୨ହଜାର ଟଙ୍କିଆ ନୋଟ ଜବତ କରାଯାଇଛି। ମୋଟ ୮୦ଟି ୨୦୦୦ ଟଙ୍କିଆ ନୋଟ୍, ୨ଟି ପାସ୍‌ବୁକ୍ ଏବଂ ୩ ଟି ମେଡିସିନ୍ ସ୍ଲିପ୍ ଜବତ କରାଯାଇଛି। ପଚରାଉଚୁରା ବେଳେ ମୁଙ୍ଗେଲ କହିଛନ୍ତି, ବାସାଗୁଡା ଏଲ୍‌ଓଏସ୍ କମାଣ୍ଡର ଶଙ୍କର ଏବଂ ଆର୍‌ସିପି ସଭାପତି କୁହୁରାମ ହାଡମା ତାଙ୍କୁ ୨୫ ଲକ୍ଷ ଟଙ୍କାର ୨୦୦୦ଟଙ୍କିଆ ନୋଟ ଦେଇଥିଲେ। ବିଭିନ୍ନ ଆକାଉଣ୍ଟରେ ସେହି ଟଙ୍କା ଜମା କରିବା ସହ ଔଷଧ କିଣିବାକୁ କହିଥିଲେ। ସେଥିମଧ୍ୟରୁ ସେ କୌଶଳକ୍ରମେ ସମ୍ପର୍କୀୟ ଓ ଲୋକଙ୍କୁ ପ୍ରାୟ ୨୩ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା କରିଛନ୍ତି। ବାକି ଟଙ୍କା ବଦଳ କରିବାକୁ ଆସିଥିଲେ। ତେବେ ଟଙ୍କା ବଦଳ କରାଯାଉଥିବା ସମସ୍ତଙ୍କ ଆକାଉଣ୍ଟକୁ ନଜରରେ ରଖାଯାଇ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ମଧ୍ୟ ଏ ଦିଗରେ ସତର୍କ ରହିବାକୁ ପୋଲିସ ପକ୍ଷରୁ ଚିଠି ଲେଖାଯାଇଥିବା ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ମହେଶ ମଧ୍ୟ ପୂର୍ବରୁ ପୋଲିସ ଦ୍ୱାରା ଗିରଫ ହୋଇଥିବା ବେଳେ କୌଶଳ କ୍ରମେ ଖସି ଫେରାର ହୋଇଯାଇଥିଲେ।

# ମାଉସୀ ମା' ମନ୍ଦିରର ଉନ୍ନତି କରାଯିବ: ସଂସ୍କୃତି ମନ୍ତ୍ରୀ

### ମାଉସୀମା ମନ୍ଦିର ସହ ଶଙ୍କରାନନ୍ଦ ଓ ଶଙ୍କରାଚାର୍ଯ୍ୟ ମଠ ବୁଲିଲେ

ପୁରୀ, ୨।୭(ଅଜିତ୍ ମହାନ୍ତି)

ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ରବିବାର ପୁରୀ ଗସ୍ତରେ ଯାଇ ବଳଗଣ୍ଡି ଛକସ୍ଥିତ ମାଉସୀ ମା' ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ପାତ୍ର ମା'ଙ୍କ ଦର୍ଶନ କରି ଆଶିଷ ନେଇଥିଲେ। ମାଉସୀ ମା' ମନ୍ଦିରର ଉନ୍ନତୀକରଣ କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଏହି ଅବସରରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ପାତ୍ର କହିଛନ୍ତି, ଖୁବଶୀଘ୍ର ମହାପ୍ରଭୁଙ୍କ ମାଉସୀ ମା' ମନ୍ଦିରର ଚିତ୍ର ବଦଳିବ। ବହୁ ପୁରାତନ ଏହି ମନ୍ଦିରର ଛାତରୁ ବିଭିନ୍ନ ସମୟରେ ପାଣି ଗଳୁଥିବା ବେଳେ ଏହାର ମରାମତି କରାଯିବ। ଆସନ୍ତା ୧୪ ତାରିଖରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଏକ ବୈଠକ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି। ଏହି ବୈଠକରେ ପୁରୀ ମାଉସୀ ମା' ମନ୍ଦିରର ରକ୍ଷଣାବେକ୍ଷଣା ଓ ମରାମତି କାର୍ଯ୍ୟ ନେଇ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ପର୍ଯ୍ୟଟନ ବିଭାଗର ଏକ ବୈଷୟିକ ଟିମ୍ ମାଉସୀ ମା' ମନ୍ଦିର ଆସି ସ୍ଥିତି ଅନୁଧ୍ୟାନ କରିବା ପରେ ଏହି ମନ୍ଦିରର ମରାମତି କାର୍ଯ୍ୟ କିଭଳି ହୋଇପାରିବ ସେନେଇ ଏକ ଡିପିଆର୍ ପ୍ରସ୍ତୁତ କରାଯିବ ବୋଲି ପାତ୍ର କହିଛନ୍ତି। ମାଉସୀ ମା' ମନ୍ଦିରର ବିଶେଷ ମାହାତ୍ମ୍ୟ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବାହୁଡ଼ା ଯାତ୍ରା କରିବା ସମୟରେ ଶ୍ରଦ୍ଧାରେ ମାଉସୀ ମା'ଙ୍କ ହାତରୁ ପୋଡ଼ପିଠା ଖାଇ ଶ୍ରୀମନ୍ଦିରକୁ ଫେରିଥାନ୍ତି। ଏହି ପୋଡ଼ପିଠା ପ୍ରସାଦ ରୂପେ ପାଇ ନିଜକୁ ଧନ୍ୟ ମନେ କରିଥିବା ମନ୍ତ୍ରୀ ପାତ୍ର କହିଛନ୍ତି। ସେହିପରି ମହାପ୍ରଭୁଙ୍କ ଆଶୀର୍ବାଦରୁ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଲୀଳା ଅତି ବିଚିତ୍ର। ବିଶ୍ୱକୁ ଏକ ବିରାଟ ପରିବାର ଭାବେ ଗଢ଼ିଛନ୍ତି ମହାପ୍ରଭୁ। ତାଙ୍କ ଲୀଳାଖେଳାରେ ସାମିଲ୍ ହେବା ଭାଗ୍ୟରେ ଥିଲେ ମିଳେ ବୋଲି ମନ୍ତ୍ରୀ ପାତ୍ର ପ୍ରକାଶ କରିଛନ୍ତି। ସେହିପରି ମନ୍ତ୍ରୀ ଏହି ଗସ୍ତ ଅବସରରେ ଶଙ୍କରାନନ୍ଦ ମଠ ଓ ଶଙ୍କରାଚାର୍ଯ୍ୟ ମଠ ବୁଲି ଦେଖିଥିଲେ।



ମନ୍ତ୍ରୀ ଅଶ୍ୱିନୀ ପାତ୍ର ଶଙ୍କରାନନ୍ଦ ମଠ ପରିସର ବୁଲି ଦେଖୁଛନ୍ତି।

# ଅଫିସରେ ଜନ୍ମଦିନ ପାଳିଲେ ବିଡିଓ | ଗୁହାରି କରିବାକୁ ଆସି ଲୋକେ ହନ୍ତସନ୍ତ

ନବରଙ୍ଗପୁର,୨।୭(ସଦାଶିବ ପ୍ରହରାଜ)

ଡ୍ୟୁଟି ସମୟରେ ଅଫିସରେ ସମସ୍ତ କର୍ମଚାରୀଙ୍କୁ ନେଇ ଶନିବାର ଜନ୍ମଦିନ ପାଳିଥିଲେ ପାପଡାହାଣ୍ଡି ବିଡିଓ ଦିବାକର ବାଗ। ଫଳରେ ବିଭିନ୍ନ ସମସ୍ୟା ନେଇ ତାଙ୍କୁ ଦେଖା କରିବାକୁ ଆସିଥିବା ଲୋକେ ହଇରାଣ ହୋଇ ଫେରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ପାପଡାହାଣ୍ଡି ବିଡ଼ିଓ ବାଗଙ୍କର ଗତ ଶନିବାର ଜନ୍ମଦିନ ଥିଲା। ଏହି ଅବସରରେ ବିଡ଼ିଓ ବାଗ ଓ ସମସ୍ତ କର୍ମଚାରୀ ଡ୍ୟୁଟି ସମୟରେ ପୂର୍ବାହ୍ନ ପ୍ରାୟ ୧୧ଟା ୩୫ ମିନିଟରୁ ମଧ୍ୟାହ୍ନ ୧୨ଟା ୪୫ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ୧ ଘଣ୍ଟା କାଳ କାର୍ଯ୍ୟାଳୟ କନଫରେନ୍ସ ହଲରେ କେକ୍ କାଟି ଜଳଖିଆ ଖାଇ ସେଲିବ୍ରେସନ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ନିଜର ସରକାରୀ କାମ ଛାଡି, ଏଥିରେ ବ୍ୟସ୍ତ ଥିଲେ । ଏହି ସମୟରେ ଦୂରଦୂରାନ୍ତରୁ ସମସ୍ୟା ନେଇ ଆସିଥିବା ଅନେକ ଲୋକ ବ୍ଲକରେ ବିଡ଼ିଓ ଓ କର୍ମଚାରୀଙ୍କୁ ଅପେକ୍ଷା କରି ବସିଥିଲେ । ସରକାରୀ କାର୍ଯ୍ୟ ସମୟରେ ୧ ଘଣ୍ଟା ଧରି ବାର୍ଥଡେ ସେଲିବ୍ରେସନ କରିବା ଏବଂ ସରକାରୀ କାର୍ଯ୍ୟରେ ଅବହେଳା କରୁଥିବା ନେଇ ବିଡିଓଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରି ସିଟରୁ ଉଠି ଚାଲି ଯାଇଥିଲେ । ଅନ୍ୟପକ୍ଷରେ ବିଡ଼ିଓଙ୍କୁ ଅପେକ୍ଷା କରି ନିରାଶ ହୋଇଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥ ଚନ୍ଦ୍ର ଯୋଗୁ ପୂର୍ବ ଯୋଜନା ଅନୁଯାୟୀ କର୍ମରେ ସଫଳତା ପାଇବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ, ସଂସ୍କୃତି, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ। ବହୁତ ଦିନରୁ ଲାଗିରହିଥିବା କଚେରି ମାମଲା ଚିନ୍ତାର କାରଣ ହୋଇପାରେ।

**ବୃଷ** ଆଜି ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ରହି ନ ପାରେ। ଦୁଃସ୍ଥ ପରିବେଶରେ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ଜୀବନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଏବଂ ଯାହା ଆଶା କରୁଛନ୍ତି ତାହା ପାଇବେ। ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଆଜି ଅନୁକୂଳ ଫଳ ପାଇବେ। ମାଲି ମକଦ୍ଦମା, ଆଲୋଚନା, ଗବେଷଣା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ରୋଗର ଦାଉ, ରଣବୋଝ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କର୍କଟ** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା ସାଙ୍ଗକୁ ବନ୍ଧୁମିଳନ ଯୋଗୁ ମନ ଖୁସି ରହିବ। ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ଣଟି କଟାଇବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ** ପାରିବାରିକ ସମସ୍ୟାକୁ ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା ସହ ସଦାବେଳେ ହାତଖାଲି ରହିବ। ଅପୂରଣୀୟ ଆଶା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି। ଅଫିସ୍ କାମରେ ଅବହେଳା ନେଇ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ସୂଚନା ରହିଛି।

**କନ୍ୟା** ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି ପାଇବେ। ଅର୍ଥ ସମ୍ପର୍କ ଓ ଜମିବାଡ଼ିକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ। ପ୍ରତିଯୋଗିତା, ବ୍ୟବସାୟ ବାଣିଜ୍ୟ, ମକଦ୍ଦମା ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ପିଲାଙ୍କୁ ନେଇ ଚିନ୍ତିତ ରହିବେ।

**ତୁଳା** ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁ ମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା** ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କେତେକ କ୍ଷେତ୍ରରେ କହିବେ ସିନା ସହିବେ ନାହିଁ, ଫଳରେ ମତାନ୍ତରର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ଆପଣଙ୍କ ସୁଚିନ୍ତିତ ଯୋଜନା, ଶୁଦ୍ଧ ଭାବନା, ସଂଯତ ସୁମଧୁର କଥା ସମସ୍ୟାର ସମାଧାନ, ଅର୍ଥଲାଭ, ସମ୍ମାନ, କାର୍ଯ୍ୟସିଦ୍ଧି କରାଇବ। ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ। ଲେଖାପଢ଼ା ତଥା ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ଦେଖାଦେବ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟରେ ତିକ୍ତତା ଦେଖାଦେବ। ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ।

**କୁମ୍ଭ** ବିଭିନ୍ନ ପ୍ରକାର ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମନ ଚାହିଁବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଅସ୍ଥିର ରହିବ।

**ମୀନ** ଆଜି ଦିନଟିରେ ଅର୍ଥଲାଭ,ସ୍ୱାଦିଷ୍ଟ ଭୋଜନ ଏବଂ ବନ୍ଧୁଙ୍କ ଆଦରସୁହାଗ, ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଆଷାଢ଼ ମାସର ଗୁରୁପୂର୍ଣ୍ଣିମା ସୋମବାର,ଜୁଲାଇ ୩ ତାରିଖ, ରାଶି ନକ୍ଷତ୍ର-ଦିବା, ଘ.୧୧।୫୩ ଗତେ,ପୂର୍ବାଷାଢା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୬ ଗତେ, ଘ.୧୦।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୪ ମି. ଗତେ, ଘ.୦୮।୩୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଏନ୍‌ସିପିରେ ବିଦ୍ରୋହ, ...

ସମର୍ଥନ କରୁନାହିଁ। ଚାଣକ୍ୟ ଭାବେ ପରିଚିତ ତଥା ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସ୍ଥପତି ଶରଦ ପାୱାର ଗତ ମେ' ୨ରେ ମୁମ୍ବାଇରେ ନିଜ ମରାଠୀ ଆତ୍ମଜୀବନୀ 'ଲୋକ୍ ମାଝେ ସଙ୍ଗତି'ର ନୂଆ ସଂସ୍କରଣ ଉନ୍ମୋଚନ ଅବସରରେ ଦଳର ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଥିଲେ। ପାୱାରଙ୍କ ଘୋଷଣା ସମସ୍ତଙ୍କୁ ବିସ୍ମିତ କରିଥିଲା। ତାଙ୍କ ଉତ୍ତରାଧିକାରୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିଲା। ଦଳୀୟ ନେତା ଓ କର୍ମୀଙ୍କ ଅସନ୍ତୋଷ ପରେ ପାୱାର ନିଜ ନିଷ୍ପତ୍ତି ବଦଳାଇ ଅଧ୍ୟକ୍ଷ ପଦ ବଜାୟ ରଖିଥିଲେ। କିନ୍ତୁ ଜୁନ୍ ୧୦ରେ ନୂଆଦିଲ୍ଲୀରେ ଏନ୍‌ସିପିର ୨୪ତମ ପ୍ରତିଷ୍ଠା ଦିବସ ପାଳନ ବେଳେ ନିଜ ଝିଅ ସୁପ୍ରିୟା ସୁଲେ ଓ ଘନିଷ୍ଠ ସହଯୋଗୀ ପ୍ରଫୁଲ ପଟେଲଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଥିଲେ। ଏହାଦ୍ୱାରା ପାୱାର ପରୋକ୍ଷରେ ସୁପ୍ରିୟାଙ୍କୁ ଉତ୍ତରାଧିକାରୀ ବାଛିବା ସହ ବିଦ୍ରୋହୀ ଭୂମିକା ନେବା ପାଇଁ ସଙ୍କେତ ଦେଉଥିବା ପୁତୁରା ଅଜିତ ପାୱାରଙ୍କୁ ଅଣଦେଖା କରିଥିଲେ। ଏହି ନିଷ୍ପତ୍ତିରେ କ୍ଷୁବ୍ଧ ଅଜିତଙ୍କ ମନରେ ଅସନ୍ତୋଷର ଧୂଆଁ ଉଠୁଥିଲେ ବି ସେ ତାକୁ ଚାପି ରଖିଥିଲେ, ଉପଯୁକ୍ତ ସମୟ ଓ ସୁଯୋଗ ଅପେକ୍ଷାରେ। ଗତ ୨୧ରେ ଅଜିତ କହିଥିଲେ, ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିବା ପାଇଁ ତାଙ୍କର ଆଗ୍ରହ ନାହିଁ। କିନ୍ତୁ ଦଳୀୟ ବିଧାୟକଙ୍କ ଦାବି ଯୋଗୁ ସେ ଏହି ଭୂମିକାକୁ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରକୁ ବର୍ଷେ ପୂରିଲା। ରବିବାର ଶିବସେନା, ଭାଜପା ଏବଂ ଏନ୍‌ସିପିର ବରିଷ୍ଠ ନେତାମାନଙ୍କୁ ହଠାତ୍ ରାଜଭବନରେ ଦେଖିବାକୁ ମିଳିଲା। ସେଠାରେ ଉପସ୍ଥିତ ଥିବା ବିଧାନସଭା ବାଚସ୍ପତି ରାହୁଲ ନରୱେକର ସୂଚନା ଦେଲେ, ଅଜିତ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରାଯାଇଛି। ଏହାର କିଛି ସମୟ ପରେ ଅଜିତ ଓ ତାଙ୍କ ଅନୁଗତ ୮ ବିଧାୟକ ଶିନ୍ଦେ କ୍ୟାବିନେଟର ନୂଆ ସଦସ୍ୟ ଭାବେ ଶପଥ ନେଲେ। ରାଜଭବନରେ ଶପଥ ଗ୍ରହଣ ଚାଲିଥିବାବେଳେ ପାୱାର ପୁଣେରେ ଥିଲେ। ଉପମୁଖ୍ୟମନ୍ତ୍ରୀ ଭାବେ ଆଉ ଏକ ଇନିଂସ୍ ଆରମ୍ଭ କରିବା ପରେ ଅଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ଦେଶର ବିକାଶ ପାଇଁ ଶିନ୍ଦେ ସରକାରରେ ସାମିଲ ହେବାକୁ ଏନ୍‌ସିପିରେ ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ କରିଛନ୍ତି। ୬୩ ବର୍ଷୀୟ ବିଚକ୍ଷଣ ନେତା ଅଜିତ ଆହୁରି କହିଛନ୍ତି, ଏନ୍‌ସିପିରେ ବିଭାଜନ ହୋଇନାହିଁ। ଭବିଷ୍ୟତରେ ଆମେ ସବୁ ନିର୍ବାଚନ ଏନ୍‌ସିପିର ନାମ ଓ ଚିହ୍ନକୁ ନେଇ ଲଢ଼ିବୁ। ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି ସରକାରରେ ଯୋଗଦେବା ନିଷ୍ପତ୍ତି ସପକ୍ଷରେ ରହିଛନ୍ତି। ଭାଜପା ସହ କ୍ଷମତାରେ ରହିବା ଉପରେ ସେ କହିଛନ୍ତି, ଯଦି ଆମେ ଶିବସେନା ସହ ମିଶି ସରକାର ଗଢ଼ିପାରିଲୁ ଭାଜପା ସହିତ ମିଶି କ୍ଷମତାରେ ରହିବାରେ ଅସୁବିଧା ନାହିଁ। ପ୍ରଶାସନରେ ଦୀର୍ଘ ଅଭିଜ୍ଞତାକୁ ସେ ଉପଯୋଗ କରିବେ। ଦିନେ ଦୁଇଦିନ ଭିତରେ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ କରାଯିବ। ସଙ୍ଗେ ସଙ୍ଗେ ବିକାଶମୂଳକ କାର୍ଯ୍ୟରେ ସମସ୍ତେ ଲାଗିପଡ଼ିବେ।

### କେନ୍ଦ୍ର ସରକାରରେ...

ପରେ କେନ୍ଦ୍ର କ୍ୟାବିନେଟରେ ଅଦଳବଦଳ ନେଇ ହେଉଥିବା ଚର୍ଚ୍ଚା ଅଧିକ ବଳିଷ୍ଠ ହୋଇଛି। ବରିଷ୍ଠ ଏନ୍‌ସିପି ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫୁଲ୍ଲ ପଟେଲ ଦଳ ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଛାଡ଼ି ଅଜିତ ପାୱାରଙ୍କ ସହ ହାତ ମିଳାଇଥିବାରୁ ସେ କେନ୍ଦ୍ର ସରକାରରେ ନୂଆ ମନ୍ତ୍ରୀ ହେବା ସମ୍ଭାବନା ଅଧିକ ରହିଛି। କ୍ୟାବିନେଟରେ ସହଯୋଗୀ ଦଳଗୁଡ଼ିକୁ ପ୍ରତିନିଧିତ୍ୱ ମିଳିବ ବୋଲି ଭାଜପା ସୂତ୍ରରୁ ସୂଚନା ଦିଆଯାଇଥିଲା। ଜୁଲାଇ ୨୦ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଯଥେଷ୍ଟ ସମ୍ଭାବନା ରହିଛି।

### ଋଣଭାର ଅସହ୍ୟରୁ ...

କିଛିମାସ ତଳେ ଅଳାଁଯୋଡ଼ିରେ ଏକାଧିକ ଫାଇନାନ୍ସ କମ୍ପାନୀର କର୍ମଚାରୀ ଘରକୁ ଘର ବୁଲି ଲୋକଙ୍କୁ ଋଣ ନେବା ପାଇଁ ପ୍ରବର୍ତ୍ତାଉଥିଲେ। ବାନାମ୍ବର



ବାନାମ୍ବର ବେହେରା ଓ ବନିତା ବେହେରା

୩ଟି ଘରୋଇ ଫାଇନାନ୍ସ କମ୍ପାନୀଠାରୁ ଋଣ ଆଣିଥିଲେ। ମାସିକିଆ କିସ୍ତି ଅନୁଯାୟୀ ଋଣ ଟଙ୍କା ଶୁଝିବା ପାଇଁ ଚୁକ୍ତି କରିଥିଲେ। ତେବେ ଆର୍ଥିକ ସମସ୍ୟା କାରଣରୁ ଋଣ ଟଙ୍କା ଶୁଝିବାରେ ବିଳମ୍ବ ଘଟିଥିଲା। ଇତିମଧ୍ୟରେ ସମ୍ପୃକ୍ତ କମ୍ପାନୀର କର୍ମଚାରୀମାନେ ବାରମ୍ବାର ତାଙ୍କ ଘରକୁ ଆସି ତାଙ୍କୁ ଟଙ୍କା ମାଗୁଥିଲେ। ଦିନରାତି ତାଙ୍କୁ ମୋବାଇଲରେ କଲ୍ କରିବା ସହ ବିଭିନ୍ନ ପ୍ରକାର ଚାପ ପକାଉଥିଲେ। ଏପରିକି ଧମକଚମକ ଦେଉଥିଲେ। ଏପଟେ ପରିବାର ବୋଝ, ସେପଟେ କମ୍ପାନୀ କର୍ମଚାରୀଙ୍କ ଜୁଲମ ଯୋଗୁ ବାନାମ୍ବର ଓ ତାଙ୍କ ସ୍ତ୍ରୀ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ଶନିବାର ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଆସି ତାଙ୍କୁ ଋଣ ଟଙ୍କା ଶୁଝିବା ପାଇଁ ବାଧ୍ୟ କରିଥିଲେ। ଟଙ୍କା ପରିଶୋଧ ନ କଲେ ତାଙ୍କ ଘର ଆଗରୁ ଉଠିବେ ନାହିଁ ବୋଲି କହିଥିଲେ। ଏହି ଦମ୍ପତି ଯେତେ ନେହୁରା ହେଲେ ବି ସେମାନେ କିଛି ଶୁଣି ନ ଥିଲେ, ବରଂ ତାଙ୍କ ଘର ଆଗରେ ରାତି ପର୍ଯ୍ୟନ୍ତ ବସିରହିଥିଲେ। ପରେ ସେମାନେ ବିଭିନ୍ନ ଧମକଚମକ ଦେଇ ଚାଲିଯାଇଥିଲେ। ଏଥିରେ ବାନାମ୍ବର ଓ ବନିତା ବିବ୍ରତ ହୋଇପଡ଼ିଥିମଲେ। ଶେଷରେ କିଛି ଉପାୟ ନ ପାଇ ଘର ଭିତରେ ବେକରେ ରଶି ଲଗାଇ ପଙ୍ଖାରେ ଝୁଲିପଡ଼ିଥିଲେ। ସକାଳେ ପରିବାର ଲୋକେ ସେମାନଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଗ୍ରାମବାସୀ ଏବଂ ଭୁବନେଶ୍ୱରରେ ରହୁଥିବା ତାଙ୍କ ଦୁଇପୁଅଙ୍କୁ ଖବର ଦେଇଥିଲେ। ଦୁଇପୁଅ ପହଞ୍ଚିବା ପରେ ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଏହି ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ଖୋର୍ଦ୍ଧା ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କଣାସ ଥାନାକୁ ଖବର ଦେଇଥିଲା। ଏନେଇ ଖୋର୍ଦ୍ଧା ଟାଉନ୍ ଥାନା ପୋଲିସ ଦୁଇଟି ପୃଥକ ଅପମୃତ୍ୟୁ ମାମଲା (ନଂ. ୫୨/୨୩ ଓ ୫୩/୨୩) ରୁଜୁ କରିଛି। ବାନାମ୍ବରଙ୍କ ପୁଅ ପ୍ରମୋଦ କହିଛନ୍ତି, ବାପା ଫାଇନାନ୍ସ କମ୍ପାନୀ ଠାରୁ ଋଣ ନେଇଥିଲେ। ତେବେ କମ୍ପାନୀ କର୍ମଚାରୀମାନେ ଆସି ତାଙ୍କୁ ଟଙ୍କା ଶୁଝିବା ପାଇଁ ବାରମ୍ବାର ହଇରାଣ କରୁଥିଲେ। ସେମାନେ ଶନିବାର ରାତିରେ ଆସି ଟଙ୍କା ପାଇଁ ଘରେ ବସିରହିବା ସହ ନାନା ପ୍ରକାର ଧମକଚମକ ଦେଇଥିଲେ। କମ୍ପାନୀ କର୍ମଚାରୀଙ୍କ ଜୁଲମରେ ଅତିଷ୍ଠ ହୋଇ ଶେଷରେ ମା' ଓ ବାପା ଆତ୍ମହତ୍ୟା କଲେ। ତେଣୁ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ସେହିପରି ଅଁଳାଯୋଡ଼ି ଗ୍ରାମର ସାମାଜିକ କର୍ମୀ ସରୋଜ ମଣ୍ଡଳ ଏବଂ ଅନିଲ ସାମନ୍ତରାୟ କହିଛନ୍ତି, କେବଳ ଏହି ଦମ୍ପତି ନୁହନ୍ତି, ଏଭଳି ଏକାଧିକ ଲୋକେ ଫାଇନାନ୍ସ କମ୍ପାନୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ। ଫାଇନାନ୍ସ କମ୍ପାନୀଗୁଡ଼ିକ ବିନା କାଗଜପତ୍ରରେ ମୋଟା ଅଙ୍କର ଋଣ ଦେବାକୁ ପ୍ରଲୋଭନ ଦେଖାଇ ଋଣ ଦେଉଛନ୍ତି। ପରବର୍ତ୍ତୀ ସମୟରେ ହଇରାଣ କରୁଛନ୍ତି। ସମୟ ମାଗିଲେ ବି କିଛି ଶୁଣୁନାହାନ୍ତି। ଘରୋଇ ଫାଇନାନ୍ସ କମ୍ପାନୀଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କର ଲଗାମ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏଥିପ୍ରତି ସରକାର ଦୃଢ ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ଉକ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଣାସ ବିଡିଓ ପବିତ୍ର ବେହେରା କହିଛନ୍ତି।

# ଦୁଇ ଟ୍ରକ୍ ମଧ୍ୟରେ ଚାପି ହୋଇଗଲେ ଦମ୍ପତି

**ଅନୁଗୋଳ, ୨।୭(ଅମିତ ସାମଲ)**

ରବିବାର ବନ୍ଦ ଥିଲା କମ୍ପାନୀ। ସାପ୍ତାହିକ ଛୁଟିରେ ହଷ୍ଟେଲରେ ରହୁଥିବା ପୁଅକୁ ଦେଖା କରିବାକୁ ମନସ୍ଥ କରି ସ୍ତ୍ରୀଙ୍କ ସହ ବାଇକ୍‌ରେ ବାହାରିଥିଲେ। ହେଲେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଆଗରୁ ଶେଷ ହୋଇଗଲା ଯାତ୍ରା। ପଛପଟୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେବା ପରେ ସମ୍ମୁଖରେ ଯାଉଥିବା ଅନ୍ୟ ଏକ ଟ୍ରକ୍ ମଝିରେ ଚାପି ହୋଇଗଲେ ଦମ୍ପତି। ଘଟଣାସ୍ଥଳରେ ଉଡ଼ିଗଲା ସେମାନଙ୍କ ପ୍ରାଣବାୟୁ। ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର କରଡ଼ଗାଡ଼ିଆ ପେଟ୍ରୋଲ ପମ୍ପ ନିକଟରେ ଅପରାହ୍ନରେ ଘଟିଛି ଏଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା। ମୃତକ ହେଲେ ବନ୍ତଳା ଥାନା ଗୁରଙ୍ଗ ଦେହୁରୀସାହିର ଅକ୍ଷୟ ବେହେରା (୪୨) ଓ ତାଙ୍କ ସ୍ତ୍ରୀ ମମତା (୩୭)। ଅନ୍ୟପଟେ ଦୁର୍ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ଜାତୀୟ ରାଜପଥ ଅବରୋଧ କରି ରଖିବା ଫଳରେ ଶତାଧିକ ଯାନବାହନ ଅଟକି ରହିଛି। ଖବର ଲେଖାଯିବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିବାବେଳେ ସମାଧାନର ବାଟ ବାହାରି ପାରି ନ ଥିଲା।

ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳର ଏକ କାରଖାନାରେ ଅକ୍ଷୟ ହାଇଡ୍ରା ଡ୍ରାଇଭର ଭାବେ କାମ କରୁଥିଲେ। ରବିବାର ଛୁଟି ଥିବାରୁ ଅନୁଗୋଳ ସୁସୁଡ଼ା ଅଞ୍ଚଳର ଏକ ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପଢୁଥିବା ପୁଅ ନୀଳାମ୍ବରକୁ ଦେଖା କରିବାକୁ ଯୋଜନା କରିଥିଲେ। ପୁଅକୁ ଭେଟିସାରିବା ପରେ ଅସୁସ୍ଥ ଥିବା ଶ୍ୱଶୁରଙ୍କୁ ଦେଖିବାକୁ ଯାଇଥାଆନ୍ତେ। ଏଥିଲାଗି ସ୍ତ୍ରୀ ମମତାଙ୍କୁ ଏକ ବାଇକ୍‌ରେ ଧରି ଅକ୍ଷୟ ବାହାରିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆଠାରେ ଆଗପଛ ହୋଇ ଯାଉଥିବା ଦୁଇ ଟ୍ରକ୍ ମଧ୍ୟରେ ସେମାନେ ଫସି ଯାଇଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଟ୍ରକ୍ (ନଂ. ଓଡି ୩୫ ଡି ୬୩୩୯) ପଛପଟୁ ଧକ୍କା ଦେଇଥିଲା। ଫଳରେ ସେମାନେ ଦୁଇ ଟ୍ରକ୍ ମଧ୍ୟରେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ସଦର ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।



ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

## ତୀବ୍ର ଉତ୍ତେଜନା, ଏନ୍‌ଏଚ୍ ଅବରୋଧ

ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ସମ୍ପର୍କୀୟ ଏବଂ ସ୍ଥାନୀୟ ବାସିନ୍ଦା କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ମାନି ନ ଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକ ଆସି କ୍ଷତିପୂରଣ ବାବଦ ଅର୍ଥରାଶି ପ୍ରଦାନ କରିବା ସହ ଅଭିଯୁକ୍ତ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସେମାନେ ଅଡ଼ି ବସିଛନ୍ତି। ଫଳରେ ରାତି ୧୦ଟା ସୁଦ୍ଧା ସମାଧାନର ବାଟ ବାହାରି ପାରି ନ ଥିଲା।

ଏ ନେଇ ଥାନାଧିକାରୀ ଧୀରେନ ବେହେରା କୁହନ୍ତି, ଦମ୍ପତି ତାଙ୍କ ପୁଅକୁ ଦେଖା କରିବାକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଛି। ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରାଯାଇଛି। ଡ୍ରାଇଭର ଫେରାର ଅଛନ୍ତି। ପ୍ରଶାସନ ସହାୟତାରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଜାରିରହିଛି।

## ସିଡିପିଓଙ୍କ ନିଲମ୍ବନ ଦାବି କଲା ଓଡ଼ିଶା ଅମଲା ସଂଘ

**ନବରଙ୍ଗପୁର, ୨।୭(ସଦାସିବ ପ୍ରହରାଜ):** ଡାବୁଗାଁ ସିଡିପିଓଙ୍କ କାର୍ଯ୍ୟାଳୟରେ ଜଣେ ବରିଷ୍ଠ କିରାଣି ସନ୍ତୋଷୀ ମିଶ୍ରଙ୍କୁ ସିଡିପିଓ ଗୀତାଞ୍ଜଳି ମହାରଣା କରିଥିବା ଦୁର୍ବ୍ୟବହାର ଘଟଣାକୁ ନବରଙ୍ଗପୁର ଜିଲା ଓଡ଼ିଶା ଅମଲା ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଜଣେ ଅଧିକାରୀଙ୍କ ଦୁର୍ବ୍ୟବହାର ଯୋଗୁ ଓଡ଼ିଶାର ସମଗ୍ର ଅମଲା ସମାଜ ଅସୁରକ୍ଷିତ ମନେକରୁଛି। ରାଜ୍ୟ ସଂଘ ଏହି ଘଟଣାକୁ ଗୁରୁତର ମନେକରି ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଉଚିତ ନ୍ୟାୟ ପାଇଁ ଦାବି କରାଯାଇଛି। ସଂପୃକ୍ତ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବିତ କରି ଗିରଫ କରିବାକୁ ଜିଲା ଓଡ଼ିଶା ଅମଲା ସଂଘ ସଭାପତି ବୁଲୁ ହୋତା ଦାବି କରିଛନ୍ତି।

# ଘୂର୍ଣ୍ଣିଝଡ଼ରେ ଉଡ଼ିଗଲା ୧୫ରୁ ଊର୍ଦ୍ଧ୍ୱ ଘରର ଚାଳ

**କେନ୍ଦ୍ରାପଡ଼ା, ୨।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ତହସିଲ ଅଞ୍ଚଳରେ ରବିବାର ଅପରାହ୍ନରେ ଘୂର୍ଣ୍ଣିଝଡ଼ ହୋଇଛି। ଏହି ଝଡ଼ ତହସିଲ ଅନ୍ତର୍ଗତ ପଙ୍କି ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଘରର ଚାଳ ଛପର ଉଡ଼ାଇ ନେଇଛି। ଏଥିସହ ବଡ଼ ଓ ଛୋଟ ଗଛ ଉପୁଡ଼ି ପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବନମାଳୀ ସାହୁ କହିଛନ୍ତି, ଏହି ଝଡ଼ ଏକ ହାତୀଶୁଣ୍ଢ ଆକାରରେ ଗୋପାଳପୁର ଅଞ୍ଚଳରୁ ଆସିଥିଲା। ଏହାପୂର୍ବରୁ ପ୍ରବଳ ପବନ ବହିଥିଲା। ଝଡ଼ର ଆକାର ପ୍ରାୟ ୨୦୦ ମିଟର ଥିଲା। ପ୍ରବାହିତ ଅଞ୍ଚଳରେ ଗ୍ରାମର ଘରର ଚାଳ ଛପର ଉଡ଼ାଇ ନେଇଥିବା ବେଳେ ୩ଟି ଘରକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଛି। ତେବେ ସୌଭାଗ୍ୟବଶତଃ କୌଣସି ଜୀବନହାନି ହୋଇନାହିଁ। ଝଡ଼ ପ୍ରଭାବିତ ଏହି ଗ୍ରାମର ଅବସ୍ଥା ତଦନ୍ତ ସହ ସରକାରୀ ସହଯୋଗ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ରାଜସ୍ୱ ଅଧିକାରୀ ଏହି ଗ୍ରାମରେ ପହଞ୍ଚି ନ ଥିବା ସାହୁ ସୂଚନା ଦେଇଛନ୍ତି।





# ପୋଖରୀରୁ ଧରାହେଲା ୮ ଫୁଟର ମଗର

**ଅନୁଗୋଳ, ୨।୭(ଅମିତ ସାମଲ)**

ଅନୁଗୋଳ ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ବନାଞ୍ଚଳର ପୋଖରୀରୁ ରବିବାର ବନ ବିଭାଗ ମଗର ପ୍ରଜାତିର ଏକ ୮ଫୁଟିଆ କୁମ୍ଭୀର ଉଦ୍ଧାର କରିଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏହାକୁ ମହାନଦୀର ସାତକୋଶିଆ ଗଣ୍ଡରେ ଛାଡ଼ି ଦିଆଯାଇଛି।

ଗତବର୍ଷ ମହାନଦୀରେ ଆସିଥିବା ବନ୍ୟାପାଣିରେ କୁମ୍ଭୀରଟି ଉପର ମୁଣ୍ଡକୁ ଉଠି ଆସି ଉକ୍ତ ପୋଖରୀରେ ପଶିଯାଇଥିଲା। ବନ ବିଭାଗ ଏହାକୁ ଧରିବାକୁ ଉଦ୍ୟମ କରି ବିଫଳ ହୋଇଥିଲା। କୁମ୍ଭୀରକୁ ଧରିବା ଦାବି ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ପରେ ରବିବାର ଅପରେଶନ୍ ଆରମ୍ଭ ହୋଇଥିଲା। ଦୀର୍ଘ ସମୟର କସରତ ପରେ ଜାଲ ପକାଇ କୁମ୍ଭୀରକୁ ବନ କର୍ମଚାରୀ କାବୁ କରିଥିଲେ।









ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# ନାଗରିକର କ୍ଷତି

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ତଥା ଏବେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ହୋଇଥିବା ଅଜିତ୍ ପାୱାର ପ୍ରମାଣ କରିଦେଇଛନ୍ତି ଯେ, ରାଜନୀତିରେ କେହି କାହାର ସ୍ଥାୟୀ ବନ୍ଧୁ କିମ୍ବା ଶତ୍ରୁ ନୁହନ୍ତି। ଆଜି ଯାହାଙ୍କ ବିରୋଧରେ ଜଣେ ଗର୍ଜୁଥିବେ ଆସନ୍ତାକାଲି ତାଙ୍କୁ କୋଳେଇ ନେବାରେ ଦ୍ୱିଧାବୋଧ କରୁନାହାନ୍ତି। ଏମାନଙ୍କୁ ସୁବିଧାବାଦୀ ବୋଲି ସାଧାରଣରେ ଲୋକେ କହିଥାଆନ୍ତି। ତାହାର ମୁଖ୍ୟ କାରଣ ହୋଇପାରେ ଯେ, ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କର ଜନସାଧାରଣଙ୍କ ହିତ ପାଇଁ କୌଣସି ଆଭିମୁଖ୍ୟ ରହୁନାହିଁ। ଏଥିସହିତ ଦେଶ ଓ ରାଜ୍ୟର ବିକାଶ ସକାଶେ କୌଣସି ଅର୍ଥନୈତିକ କାର୍ଯ୍ୟକ୍ରମରେ କେହି ସ୍ୱଚ୍ଛତା ରକ୍ଷା କରୁନାହାନ୍ତି। ସବୁବେଳେ କ୍ଷମତାର ଲୋଭ ମୁଖ୍ୟ ପରିଚାଳକ ହୋଇଯାଉଛି।

ଅଜିତ ପାୱାର ଭାରତୀୟ ରାଜନୀତିରେ ଏଭଳି ଜଣେ ବ୍ୟକ୍ତିତ୍ୱ ଭାବେ ଉଭା ହୋଇଛନ୍ତି ଯେ, ଯାହାଙ୍କର ନିଜତ୍ୱ ଥିବା ଭଳି ମନେ ହେଉନାହିଁ। କାରଣ କ୍ଷମତାର ସାମାନ୍ୟତମ ସୁଯୋଗ ମିଳିବା ମାତ୍ରେ ସେ ସେହି ଶିବିରକୁ ଡେଇଁବା ପାଇଁ ପ୍ରସ୍ତୁତ ହୋଇଥାଆନ୍ତି। ଅଳ୍ପ କିଛି ବର୍ଷର ରାଜନୈତିକ କ୍ୟାରିୟର ଦେଖିଲେ ସେ ସବୁଠାରୁ ସୁବିଧାବାଦୀ ରାଜନେତା ଭାବେ ଚର୍ଚ୍ଚାରେ ରହିଛନ୍ତି। ୨୩ ନଭେମ୍ବର ୨୦୧୯ରେ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସଙ୍କୁ ମୁଖ୍ୟମନ୍ତ୍ରୀ ଓ ଅଜିତ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ତତ୍କାଳୀନ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଯେଉଁଭଳି ଭାବେ ଭୋର ସମୟରେ ଶପଥପାଠ କରାଇଥିଲେ ତାହା ଅନେକଙ୍କ ମନେଥିବ। ସେତେବେଳେ ଅଜିତ ତାଙ୍କ ଏନ୍‌ସିପିରୁ ଅଧିକାଂଶ ବିଧାୟକଙ୍କୁ ନେଇ ଦେବେନ୍ଦ୍ର ଫଡ଼ନବିସଙ୍କ ନେତୃତ୍ୱାଧୀନ ସରକାର ଗଢ଼ିବାରେ ସହାୟକ ହେବେ ବୋଲି ଘୋଷଣା କରିଥିଲେ। ଅଳ୍ପ କିଛି ସମୟ ମଧ୍ୟରେ କେନ୍ଦ୍ର ସରକାର ତାଙ୍କର ଏହି ଭାଜପା ସପକ୍ଷବାଦୀ ପଦକ୍ଷେପ ଦେଖି ଅଜିତଙ୍କ ବିରୋଧରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତି ମାମଲା ପ୍ରତ୍ୟାହାର କରି ଦେଇଥିଲେ। ମାମଲା ଉଠିଗଲା ପରେ ଅଜିତ ପୁନର୍ବାର ଭାଜପା ମେଣ୍ଟ ଛାଡ଼ି ମୂଳ ଏନ୍‌ସିପି ସହିତ ମିଶିଗଲେ। ତାଙ୍କ ଦାଦା ଶରଦ ପାୱାର ଏହି ଖେଳ ସଫଳତାର ସହିତ କରାଇପାରିଲେ ବୋଲି ସମସ୍ତେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଯେତେବେଳେ ସରକାର ଗଢ଼ିବା ପାଇଁ ଏନ୍‌ସିପିର ସହାୟତା ଲୋଡ଼ିଲା ସେତେବେଳେ ଅଜିତ୍ ପୁଣି ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଯେତେବେଳେ ଶିବସେନା ଦୁଇ ଭାଗ ହେଲା ଓ ଏକନାଥ ଶିନ୍ଦେ ନିଜ ବିଧାୟକଙ୍କୁ ନେଇ ଭାଜପା ସହିତ ମିଶି ମୁଖ୍ୟମନ୍ତ୍ରୀ ହେଲେ, ସେତେବେଳେ ଅଜିତ ବିରୋଧୀ ଦଳ ନେତା ହୋଇଥିଲେ। ମାତ୍ର ୪ ବର୍ଷ ଭିତରେ ଅଜିତ୍‌ଙ୍କ ଏଣ୍ଡୁଅ ଭଳି ରୂପ ପରିବର୍ତ୍ତନ ଭାରତୀୟ ରାଜନୀତିରେ ବ୍ରାଣ୍ଡ ଆମ୍ବାସାଡର ହୋଇଗଲାଣି। ଶୁଣିବାକୁ ମିଳୁଛି ଯେ, ମହାରାଷ୍ଟ୍ର ବିଧାନସଭାରେ ଥିବା ୫୩ ଜଣ ଏନ୍‌ସିପି ବିଧାୟକଙ୍କ ମଧ୍ୟରୁ ୩୦ ଜଣ ଶିନ୍ଦେ ସରକାରଙ୍କୁ ସମର୍ଥନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣ ମଧ୍ୟ ମନ୍ତ୍ରୀ ପଦ ପାଇଯାଇଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାରୁ ରାଜନୈତିକ ଦଳଗୁଡ଼ିକ ଅଧିକ ଆସନ ଲାଭ କରିବା ସକାଶେ ରଣନୀତି ପ୍ରସ୍ତୁତ କରିଚାଲିଛନ୍ତି। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟଭ୍ରଷ୍ଟ କରି ଯେନତେନ ପ୍ରକାରେଣ କେବଳ କ୍ଷମତା ଅକ୍ତିଆର କରିବା ହୋଇଯାଇଛି ଭାରତୀୟ ରାଜନୀତିର ନିୟମ। ଭାଜପା ମହାରାଷ୍ଟ୍ରକୁ ତାହାର ପ୍ରୟୋଗଶାଳା କରିଦେଇଛି। ଏହା ଯେଉଁଭଳି ଭାବେ ଶିବସେନାକୁ ଭାଙ୍ଗି ଏକନାଥଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ କରିଥିଲା, ଏନ୍‌ସିପିରେ ଫାଟ ସୃଷ୍ଟି ହେବାର ଗନ୍ଧ ପାଇବା ପରେ ଏବେ ସମାନ ଢଙ୍ଗରେ ତାହାକୁ ଭାଙ୍ଗିଦେଇଛି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ଶରଦ ପାୱାର ଦଳର ମୁଖ୍ୟ ପଦବୀରୁ ଓହରି ଯାଇଥିଲେ। ସେତେବେଳେ ସମସ୍ତେ ଅନାଇ ରହିଥିଲେ ପୁତୁରା ଅଜିତ ପାୱାର କିମ୍ବା ତାଙ୍କ ଝିଅ ସୁପ୍ରିୟା ସୁଲେ କାହାକୁ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଭଳି ଚର୍ଚ୍ଚା ଚାଲିଥିଲା ବେଳେ ଦଳୀୟ ନେତା ଓ କର୍ମୀମାନେ ବାଧ କରିବାରୁ ଶରଦ ପାୱାର ଏନ୍‌ସିପିର ମୁଖ୍ୟ ଭାବେ ପୁନଶ୍ଚ ଅବସ୍ଥାପିତ ହୋଇଥିଲେ। କିନ୍ତୁ ସେତିକି ବେଳୁ ଜଣାପଡ଼ିଯାଇଥିଲା ଯେ ପାର୍ଟି ଭିତରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ। ଅଜିତ ପାୱାର ମଧ୍ୟ ଏନ୍‌ସିପିର ରାଜ୍ୟ ଶାଖା ସଭାପତି ହେବା ପାଇଁ ଇଚ୍ଛୁକ ବୋଲି ଖୋଲାଖୋଲି ପ୍ରକାଶ କରିଥିଲେ। ଅନ୍ୟପଟେ ଶରଦ ପାୱାର ତାଙ୍କ ଝିଅଙ୍କ ରାଜନୈତିକ ଉତ୍ଥାନ ଚିନ୍ତା କରୁଥିବା ନେଇ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଥିଲା। ଭାଜପା ସମ୍ଭବତଃ ଏହି ଗୋଳିଆପାଣିରୁ ମାଛ ମାରିପାରିଛି।

ଗୋଟେ ସମୟ ଥିଲା ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଜିତିବା ଲାଗି ବିପକ୍ଷଙ୍କ ବିରୋଧରେ ରଣକୌଶଳ ପ୍ରସ୍ତୁତ କରୁଥିଲେ। ହେଲେ ଏବର ନୂଆ ରଣକୌଶଳ ହେଲା ବିରୋଧୀଙ୍କୁ ବଶୀଭୂତ କରି ନିଜ ଆଡ଼କୁ ଟାଣିଆଣିପାରିଲେ ନିର୍ବାଚନ ପଡ଼ିଆରେ ଖଣ୍ଡିଆଖାବରା ହେବାର ଆବଶ୍ୟକତା ପଡ଼ିବ ନାହିଁ। ଦୁର୍ବଳ ବିରୋଧୀ ମଧ୍ୟ ଲଢ଼ିବାକୁ ନ ଚାହିଁ ଶାସକଙ୍କ ପାଖରୁ ପୁଳାଏ ପକାଇ ଦେବାକୁ ଅଧିକ ପସନ୍ଦ କଲାଭଳି ମନେହେଉଛି। ଭାଜପାର ନୂଆ ପ୍ରକାର ରଣକୌଶଳ କାଳକ୍ରମେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇଯାଉଛି। ଅର୍ଥାତ୍ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧୀଙ୍କ ସ୍ୱର କ୍ଷୀଣ ହୋଇଗଲେ ଶାସକ ବର୍ଗ ମନଇଚ୍ଛା କାର୍ଯ୍ୟ କରିବାକୁ ସୁଯୋଗ ପାଇବେ। ଏଥିରେ ସର୍ବାଧିକ କ୍ଷତି ନାଗରିକଙ୍କ ହେବ।

ଅଜିତ୍ ପାୱାରଙ୍କ କାହାଣୀ ଇଙ୍ଗିତ କରିଦେଉଛି ଯେ, ଆଗାମୀ ଦିନରେ ଜାତୀୟ ରାଜନୀତି କେଉଁ ମୋଡ଼ ନେବ। ୨୦୨୪ ପୂର୍ବରୁ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଦୁର୍ନୀତିଗ୍ରସ୍ତ ନେତାଙ୍କୁ କୋଳେଇ ନେବାପାଇଁ ଚେଷ୍ଟା କରିବା ମହାରାଷ୍ଟ୍ରର ଏହି ଘଟଣାରୁ ବୁଝାପଡୁଛି। ତାମିଲନାଡୁର ମନ୍ତ୍ରୀ ସେନ୍ଥିଲଙ୍କୁ ସଚିବାଳୟରୁ ଗିରଫ କରାଗଲା ଏବଂ ପରବର୍ତ୍ତୀ ସମୟରେ ରାଜ୍ୟପାଳ ତାଙ୍କୁ ବହିଷ୍କାର କରିବାକୁ ଅସଫଳ ଚେଷ୍ଟା କଲେ। ଦିଲ୍ଲୀରେ ଶାସନ କରୁଥିବା ଆପ୍‌ର ନେତା ତଥା ଉପମୁଖ୍ୟମନ୍ତ୍ରୀ ଥିବାବେଳେ ମନୀଷ ସିସୋଡିଆ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ଗିରଫ କରାଯାଇ ଜେଲ୍‌ରେ ରଖାଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ବିରୋଧରେ ଦୁର୍ନୀତି ମାମଲା ସ୍ଥଗିତ ରଖାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଝିଅ କେ.କବିତାଙ୍କ ବିରୋଧରେ ମଦ ଦୁର୍ନୀତି ଅଭିଯୋଗ ଅଣାଯିବା ଭଳି ଅନେକ ଉଦାହରଣ ରହିଛି, ଯେଉଁଗୁଡ଼ିକୁ ବ୍ୟବହାର କରି ଫାଇଦା ଉଠାଇବ କେନ୍ଦ୍ରରେ ଶାସନ କରୁଥିବା ଭାଜପା। ଯିଏ ଯେତେ ଯାହା କହୁ ଭାଜପା ହୋଇଗଲାଣି ସବୁ ଦୁର୍ନୀତିଗ୍ରସ୍ତଙ୍କ ଆଶ୍ରୟସ୍ଥଳ।

# ସହରାଞ୍ଚଳରେ ଜଳବାୟୁ ସମସ୍ୟା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱ ଜନସଂଖ୍ୟା ଅନିୟନ୍ତ୍ରିତ ଭାବେ ବୃଦ୍ଧିପାଇ ଏବେ ୮୦୦ କୋଟି ଅତିକ୍ରମ କରିଛି। ଏହି କ୍ରମରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ସହରାଞ୍ଚଳମାନଙ୍କର ସଂଖ୍ୟା ଓ ଆୟତନ କ୍ରମେ ବୃଦ୍ଧିପ୍ରାପ୍ତ ହୋଇଚାଲିଛି। ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ସାର୍ବଜନୀନ ପରିବହନ, ଭିତ୍ତିଭୂମି, ଅର୍ଥନୈତିକ ପ୍ରଗତି, ଜୀବନଶୈଳୀ, ମନୋରଞ୍ଜନ, ସାଂସ୍କୃତିକ ବିବିଧତା, ଜୀବନଧାରଣର ମାନ ଇତ୍ୟାଦି ବିବିଧ କ୍ଷେତ୍ରରେ ଘଟୁଥିବା କ୍ରମୋନ୍ନତି ଲୋକଙ୍କୁ ଗ୍ରାମାଞ୍ଚଳରୁ ନଗରାଞ୍ଚଳକୁ ସ୍ଥାନାନ୍ତରଣ ନିମନ୍ତେ ଆକର୍ଷିତ କରୁଛି। ଏପରି ପୃଷ୍ଠଭୂମିରେ, ୨୦୨୧ରେ ସମଗ୍ର ବିଶ୍ୱଜନସଂଖ୍ୟାର ୫୬.୫% ସହରାଞ୍ଚଳରେ ଜୀବନଯାପନ କରୁଥିଲାବେଳେ ୨୦୫୦ରେ ଏହା ୬୮%ରେ ଉପନୀତ ହେବାର ସମ୍ଭାବନା ରହିଛି ବୋଲି ଜାତିସଂଘ ସୂତ୍ରରୁ ପ୍ରକାଶ। ଅଧିକାଂଶ ଉନ୍ନୟନମୂଳକ, ବ୍ୟବସାୟିକ ଏବଂ ଶିଳ୍ପାୟନ ପ୍ରକଳ୍ପ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବାରୁ ବିଶ୍ୱସ୍ତରରେ ସହରୀକରଣ ପ୍ରକ୍ରିୟା ଅଧିକ ବ୍ୟାପକ ହେବାରେ ଲାଗିଛି। କିନ୍ତୁ ଏସବୁ ତଥାକଥିତ ପ୍ରଗତି ମଧ୍ୟରେ ଅନେକ ଆହ୍ୱାନ ସୃଷ୍ଟିକାରୀ ପରିବେଶଜନିତ ସମସ୍ୟାର ଅଭ୍ୟୁଦୟ ଘଟୁଛି, ଯାହା ଏବେ ସହରମାନଙ୍କର ବାସୋପଯୋଗିତାକୁ କ୍ଷୁଣ୍ଣ କରୁଛି ଏବଂ ଅଧିବାସୀମାନଙ୍କୁ ବିକର୍ଷିତ କରି ଉତ୍ତମ ଗୁଣାତ୍ମକ ମାନଯୁକ୍ତ ପରିବେଶର ଅନ୍ୱେଷଣ କରିବାକୁ ବାଧ କରୁଛି। ବିବିଧପ୍ରସଙ୍ଗ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଜନସଂଖ୍ୟାର ବ୍ୟାପକ ବୃଦ୍ଧି, ବାସଗୃହର ଅଭାବ, ବିଭିନ୍ନ ପ୍ରଦୂଷଣରେ ବୃଦ୍ଧି, ଅତ୍ୟଧିକ ଟ୍ରାଫିକ ଭିଡ଼, ବିଦ୍ୟୁତଶକ୍ତି ଓ ପାନୀୟଜଳ ଯୋଗାଣ ସମସ୍ୟା, କଂକ୍ରିଟ ଭିତ୍ତିଭୂମିରେ ବୃଦ୍ଧି, ବର୍ଜ୍ୟବସ୍ତୁ ନିଷ୍କାସନ ସମସ୍ୟା, ପ୍ରାକୃତିକ ବୃକ୍ଷରାଜି ଓ ସବୁଜିମାରେ ହ୍ରାସ, ଜୈବବିବିଧତାର ଅବକ୍ଷୟ, ଅନିୟନ୍ତ୍ରିତ ବସ୍ତିମାନଙ୍କର ସୃଷ୍ଟି, ପରିମଳ ସମସ୍ୟା, ପରିବେଶ ଗୁଣବତ୍ତାର ଅବନତି ଏବଂ ସର୍ବୋପରି ତାପମାତ୍ରାର ବୃଦ୍ଧି ଓ ଜଳବାୟୁର ପରିବର୍ତ୍ତନ। କ୍ରମଶଃ ଗମ୍ଭୀର ରୂପ ଧାରଣ କରୁଥିବା ଏସବୁ ସମସ୍ୟା ସହରାଞ୍ଚଳ ଜନସାଧାରଣଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି।

ସହରାଞ୍ଚଳ ପରିବେଶ କ୍ରମେ ଅବକ୍ଷୟମୁଖୀ ହୋଇଚାଲିଥିଲାବେଳେ ବିଶେଷ ଧ୍ୟାନ ଆକର୍ଷଣକାରୀ ପ୍ରସଙ୍ଗ ପାଲଟିଛି ତାପମାତ୍ରାର ଅହେତୁକ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନଜନିତ ବିଭିନ୍ନ ବିପର୍ଯ୍ୟୟର ବିନାଶକାରୀ ପ୍ରଭାବ। ଜଳବାୟୁ ପରିବର୍ତ୍ତନ ଏକ ବୈଶ୍ୱିକ ପ୍ରକ୍ରିୟା ହୋଇଥିଲେ ସୁଦ୍ଧା ସହରମାନଙ୍କରେ ଏହାର ପ୍ରଭାବ ଅଧିକ ଅନୁଭୂତ ହେଉଛି। ଅନ୍ୟପକ୍ଷରେ, ଜଳବାୟୁ ପରିବର୍ତ୍ତନର କାରକ ରୂପେ ବିଶ୍ୱର ସହରମାନେ ହିଁ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଏକ ଆକଳନ ଅନୁଯାୟୀ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନ କ୍ଷେତ୍ରକୁ ସହରାଞ୍ଚଳର ଅବଦାନ ହେଉଛି ୭୫%, ଯେଉଁଥିରେ ମୁଖ୍ୟତଃ ପରିବହନ କ୍ଷେତ୍ର, ଶିଳ୍ପ–କଳକାରଖାନା ଏବଂ ବୃହତ୍ ଅଟ୍ଟାଳିକାଗୁଡ଼ିକ ସର୍ବାଧିକ ଯୋଗଦାନ ରଖନ୍ତି। ଅଧିକତର ବିକାଶ କାର୍ଯ୍ୟକ୍ରମରେ ବୃକ୍ଷଛେଦନର ବୃଦ୍ଧି ଏବଂ ସବୁଜିମା ହ୍ରାସ ପାଉଛି, କଳକାରଖାନା ଓ ବ୍ୟବସାୟିକ ସଂସ୍ଥା ଦ୍ୱାରା ଅଙ୍ଗାରକାମ୍ଳ ପରି ସବୁଜ ଗୃହ ବାଷ୍ପମାନଙ୍କର ନିର୍ଗମନରେ ବୃଦ୍ଧି ଘଟୁଛି, ଯାହା ବିଶ୍ୱତାପନର ତୀବ୍ରତାରେ ସହାୟକ ହେଉଛି ଏବଂ ବିପର୍ଯ୍ୟୟ ସୃଷ୍ଟିକାରୀ ଗ୍ରୀଷ୍ମପ୍ରବାହ ପରି ଚରମ ପାଣିପାଗ ଘଟଣାକୁ ତୀବ୍ରତର କରୁଛି। ସହରାଞ୍ଚଳ ତାପମାତ୍ରା ଚତୁଃପାର୍ଶ୍ୱସ୍ଥ ଗ୍ରାମାଞ୍ଚଳ ଅପେକ୍ଷା ୩–୪ ଡିଗ୍ରୀ ସେଲସିୟସ ଅଧିକ ଅନୁଭୂତ ହେଉଛି, ଯାହାକୁ 'ଉତ୍ତାପଦ୍ୱୀପ ପ୍ରଭାବ'ର ଆଖ୍ୟା ପ୍ରଦାନ କରାଯାଇଛି। ଜଳବାୟୁ ସଙ୍କଟର ପ୍ରଭାବ ସହରର ଜନସମାଜ, ଅଟ୍ଟାଳିକା, ଅନ୍ୟ ଭିତ୍ତିଭୂମି ଏବଂ ଜୀବଜନ୍ତୁ ସମସ୍ତଙ୍କ ଉପରେ ପ୍ରତିଫଳିତ ହେଉଛି। ଅଧିକାଂଶ ସହରରେ ଝଡ଼ବାତ୍ୟା, ବର୍ଷା ଆସିଲେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟିହେଉଛି। ବୃକ୍ଷ ଓ ସବୁଜ ଆସ୍ତରଣର ଅଭାବରୁ ଏଠାରେ ସ୍ୱଳ୍ପ ପରିମାଣର ବର୍ଷାଜଳ ମୃତ୍ତିକା ମଧ୍ୟକୁ ଅବଶୋଷିତ ହେଉଛି ଏବଂ ଭୂତଳ ଜଳର ପୁନର୍ଭରଣ ହ୍ରାସପାଉଛି। ଅନ୍ୟପକ୍ଷରେ, ବୃକ୍ଷରାଜିର ଅଭାବରୁ ଅନେକ ବନ୍ୟ ଜୀବଜନ୍ତୁଙ୍କର ବାସସ୍ଥଳୀ ବିଲୋପ ଏବଂ ଜୈବବିବିଧତା ବିପଦାପନ୍ନ ହେଉଛି। ତାପମାତ୍ରା ବୃଦ୍ଧି ଏସବୁ ବିନାଶକାରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି।



ବିଶ୍ୱତାପନ ପ୍ରକ୍ରିୟାରେ ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଛି, ବୃଷ୍ଟିପାତ ବିଭ୍ରାଟ, ବନ୍ୟା, ବାତ୍ୟା ଏବଂ ମରୁଡ଼ି ପରି ଅତ୍ୟଧିକ ପାଣିପାଗଜନିତ ଘଟଣାର ସଂଖ୍ୟା ଓ ତୀବ୍ରତା ବୃଦ୍ଧିପାଉଛି ଏବଂ ଗ୍ରୀଷ୍ମମଣ୍ଡଳୀୟ ରୋଗସବୁ ଅଧିକ ପ୍ରସାରିତ ହେଉଛି। ଜଳବାୟୁ ବିଭ୍ରାଟ ସହରର ମୌଳିକ ସେବା, ଭିତ୍ତିଭୂମି, ବାସଗୃହ ଏବଂ ମାନବ ସ୍ୱାସ୍ଥ୍ୟ ଓ ଜୀବିକା ଉପରେ ଗମ୍ଭୀର ପ୍ରଭାବ ବିସ୍ତାର କରୁଛି। ଅତ୍ୟଧିକ ଭୂତଳ ଜଳର ଉତ୍ତୋଳନ, ତୈଳ ଓ ଗ୍ୟାସ ଖନନ ଅବା ସୁଉଚ୍ଚ ଅଟ୍ଟାଳିକା ଓ ଅନ୍ୟାନ୍ୟ ଦ୍ରୁତ ନିର୍ମାଣରୁ ସୃଷ୍ଟ ଚାପ ଦ୍ୱାରା ନ୍ୟୁୟର୍କ ପରି କେତେକ ସହର ନିମ୍ନଗାମୀ ହେଉଥିବାରୁ ତଥା ସମୁଦ୍ର ପତ୍ତନ ବୃଦ୍ଧିର ପ୍ରଭାବରୁ ଉପକୂଳସ୍ଥ ସହର ମଧ୍ୟକୁ କ୍ରମଶଃ ସମୁଦ୍ରଜଳ ପ୍ରବେଶ କରୁଛି, ଯାହା ବାତ୍ୟା ସମୟରେ ଅଧିକ ବିପଜ୍ଜନକ ହେଉଛି। ଏହି ଦୃଷ୍ଟିରୁ ବିଶ୍ୱର ସବୁଠାରୁ ଅଧିକ ସମ୍ବେଦନଶୀଳ ସହର ଭାବେ ବିବେଚିତ ହେଉଛି ବ୍ୟାଙ୍କକ। ଦ୍ରୁତଗତିରେ ନିମ୍ନଗାମୀ ହେଉଥିବା ବିଶ୍ୱର ୧୦ଟି ଉପକୂଳ ସହର ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଚାଇନାର ତିଆନଜିନ ଓ ସାଂଘାଇ, ଇଣ୍ଡୋନେସିଆର ସେମାରଙ୍ଗ ଓ ଜାକର୍ତ୍ତା, ଭିଏତ୍‌ନାମର ହୋଚିମିନ ଓ ହାନୋଇ, ବାଂଲାଦେଶର ଚିଟାଗଙ୍ଗ, ଜାପାନର କୋବେ, ଭାରତର କେରଳ ଉପକୂଳସ୍ଥ ମୁନ୍ରୋଥରୁଥୁ ଦ୍ୱୀପ ଏବଂ ଆମେରିକାର ହ୍ୟୁଷ୍ଟନ। ଇଣ୍ଡୋନେସିଆ ଏହାର ରାଜଧାନୀ ଜାକର୍ତ୍ତାକୁ ପରିବର୍ତ୍ତିତ କରି ୨,୦୦୦ କିମି ଦୂରରେ ବୋର୍ନିଓ ଦ୍ୱୀପରେ ନୂତନ ରାଜଧାନୀ ନିର୍ମାଣ କରୁଛି। ଭାରତର ମୁମ୍ବାଇ, ଚେନ୍ନାଇ, କୋଚି, ବିଶାଖାପାଟଣା ଏବଂ କୋଲକାତା ଆଦି ସହରଗୁଡ଼ିକ ଚଳିତ ଶତାବ୍ଦୀ ଶେଷସୁଦ୍ଧା ଜଳମଗ୍ନ ହୋଇଯିବେ ବୋଲି ଆଇପିସିସି ରିପୋର୍ଟ ଚେତାବନୀ ପ୍ରଦାନ କରିଛି। ଏସିଆ ମହାଦେଶର ମାନିଲା, ଜାକର୍ତ୍ତା, ତେହେରାନ, ତାସ୍‌କେଣ୍ଟ ଏବଂ ଜୟପୁର ପରି ଅନେକ ସହରର ତାପମାତ୍ରା ୨୦୫୦ ମସିହା ବେଳକୁ ୬ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇ ଉତ୍ତପ୍ତ ଓ ଶୁଷ୍କ ଜଳବାୟୁ ବିଶିଷ୍ଟ ସହରରେ ପରିଣତ ହେବେ।

ଜଳବାୟୁ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସ୍ଥାନୀୟ, ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ହେଉଥିବା ଯୋଜନାରେ ସହରମାନଙ୍କୁ ସମାଧାନର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବିଚାର କରାଯିବା ପ୍ରୟୋଜନ। ଏହାକୁ ଦୃଷ୍ଟିରେ ରଖି ଆଇପିସିସି ଏହାର ରିପୋର୍ଟରେ ଦର୍ଶାଇଛି ଯେ ଯାନବାହନର ଇନ୍ଧନ ଦକ୍ଷତା ଓ କୋଠାମାନଙ୍କର ଶକ୍ତି ଦକ୍ଷତାରେ ବୃଦ୍ଧି ଘଟାଇବା, ଟ୍ରାଫିକ୍ ଭିଡ ଏଡ଼ାଇବା ନିମନ୍ତେ ରାସ୍ତାର ରୂପରେଖ ବଦଳାଇବା, ସବୁଜ ଛାତ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଏବଂ ଅଧିକ ସଂଖ୍ୟାର ପାର୍କ ଓ ବୃକ୍ଷକୁ ଅନ୍ତର୍ଭୁକ୍ତ କରିବା ଅପରିହାର୍ଯ୍ୟ, ଯାହା ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଏବଂ ସହରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ। ସମ୍ପ୍ରତି ବିକଶିତ ରାଷ୍ଟ୍ରମାନଙ୍କର କେତେକ ସହର ସଂଶୋଧନ ପଥରେ ଅଗ୍ରସର ହୋଇ ଅକ୍ଷୟଶକ୍ତି ଉତ୍ସର ବ୍ୟବହାର, ସ୍ୱଚ୍ଛ ଉତ୍ପାଦନ କୌଶଳର ଅବଲମ୍ବନ ଏବଂ ଶିଳ୍ପ ନିର୍ଗମନକୁ ସୀମିତ କରିବା ପାଇଁ ନିୟମାବଳୀ କାର୍ଯ୍ୟକାରୀ କରୁଛନ୍ତି।

ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁଏନ୍‌ଇପି)ଏ ଦିଗରେ ଅଧିକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଷ୍ଟ୍ରୀୟ ଏବଂ ସ୍ଥାନୀୟ ସରକାରଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ପ୍ରଦାନ କରୁଛି। ସ୍ଥାନୀୟ ପ୍ରଶାସନ ଦ୍ୱାରା ସ୍ୱଚ୍ଛ, ସବୁଜ, ବିକଳ୍ପ ଶକ୍ତିର ଉତ୍ସକୁ ପ୍ରାଧାନ୍ୟ, କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନର ବ୍ୟବହାରରେ ସଙ୍କୁଚନ, ପ୍ରଦୂଷଣର ନିୟନ୍ତ୍ରଣ, ସମ୍ବଳର ମିତବ୍ୟୟତା ଓ ବର୍ଜ୍ୟ ପଦାର୍ଥର ହ୍ରାସ, ସହରାଞ୍ଚଳ ସବୁଜିମାର ପ୍ରସାରଣ ଏବଂ ଜଳ ଉତ୍ସମାନଙ୍କର ପୁନରୁଦ୍ଧାର ଉପରେ ପ୍ରାଥମିକତା ପ୍ରଦାନ ହିଁ ସହରାଞ୍ଚଳ ବିକାଶ କାର୍ଯ୍ୟସୂଚୀର ଶୀର୍ଷରେ ରହିବା ବିଧେୟ। ଏସବୁ କାର୍ଯ୍ୟରେ ରୂପାନ୍ତରିତ ହେଲେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରିତ କରିବା ସହ ସହରମାନଙ୍କର ଗୁଣାତ୍ମକମାନ ତଥା ବାସୋପଯୋଗିତା ବୃଦ୍ଧିପ୍ରାପ୍ତ ହେବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର, ମୋ: ୯୪୩୭୦୭୬୧୦୦**

# ଜଣେ ଖରାପ ଲେଖକର ଗପ



ଡ. ନରେନ୍ଦ୍ର ସେଠୀ

ସମାଜର ବଡ଼ବଡ଼ିଆଙ୍କ ଆଖିରେ ସେ ଥିଲେ ଜଣେ ଅଶ୍ଳୀଳ ଓ ଅଭଦ୍ର ଲେଖକ। ଯୋଉ ଶବ୍ଦକୁ ଆମେ ଉଚ୍ଚାରଣ କରିବାକୁ ସଂକୋଚ କରିଥାଉ, ସେ ତାକୁ ସହଜରେ ତାଙ୍କ ଗପରେ ଲେଖି ପାରୁଥିଲେ। ନିଜ ସମୟଠାରୁ ଅନେକ ଆଗରେ ଥିବା ସେଇ ମଣିଷ ହେଲେ ୧୯୧୨ ରେ ପଞ୍ଜାବର ଲୁଧିଆନାରେ ଜନ୍ମିତ ମହାନ୍ ଲେଖକ ସଆଦତ ହସନ ମଣ୍ଟୋ। ଉଭୟ ଭାରତ ଓ ପାକିସ୍ତାନର ବୋଧେ ସେ ସବୁଠାରୁ ଅଧିକ ପଢ଼ା ଯାଇଥିବା ଚର୍ଚ୍ଚିତ ସାହିତ୍ୟିକ। ତାଙ୍କ ନିଜ ଭାଷାରେ ମଣ୍ଟୋ କହନ୍ତି, 'ଯଦି ତୁମେ ମୋ କାହାଣୀକୁ ପଢ଼ି ପାରିବନି, ତା'ହାଲେ ଏ ସମାଜ ଅସହ୍ୟ। ସମାଜ ଦେହରୁ ଲୁଗା କାଢ଼ିବାକୁ ମୁଁ କିଏ? ଯୋଉ ସମାଜ ଆଗରୁ ଉଲଗ୍ନ ମୁଁ ତାକୁ ଘୋଡ଼ାଇ ରଖିବାକୁ ଚେଷ୍ଟା ବି କରିବିନି, ତାହା ପୋଷାକ ପ୍ରସ୍ତୁତ କରୁଥିବା ଲୋକର କାମ।' ମଣ୍ଟୋଙ୍କ କାହାଣୀଗୁଡ଼ିକ ପଢ଼ିଲା ପରେ ଲାଗେ ଯେ ଲେଖକ ଗତାନୁଗତିକ ଭାବରେ ଭଦ୍ର ମିଛ କହିବା ବଦଳରେ କଟୁ ସତ୍ୟ ପରଷି ନିର୍ଭୟ ସଚ୍ଚୋଟତାର ଖୋଲା ଦର୍ପଣ ମଧ୍ୟ ହୋଇପାରେ। ମଣ୍ଟୋଙ୍କ କଠୋର ସ୍ୱର ସମାଜର ବିଷାକ୍ତ କପଟତାକୁ ଆଙ୍ଗୁଠି ଦେଖାଇବାକୁ ପଛେଇ ନ ଥିଲା। ସଆଦତ ହସନ ମଣ୍ଟୋ ଅଳ୍ପ କିଛି ଲେଖକଙ୍କ ମଧ୍ୟରୁ ଜଣେ; ଯିଏ ବିଭାଜନର ଅପମାନ, ଗ୍ଳାନି ଓ ପୀଡ଼ା ବିଷୟରେ ଶାଣିତ ସ୍ୱର ଉତ୍ତୋଳନ କରିଥିଲେ ଓ ଉଭୟ ପାକିସ୍ତାନ ଏବଂ ଭାରତର ପାଠକମାନଙ୍କୁ ଆକର୍ଷିତ କରିଥିଲେ। ମଣ୍ଟୋ ବାରମ୍ବାର ଅନୁଭବ କରେଇ ପାରୁଥିଲେ ଯେ, ହୁଏତ ସମୟ ବଦଳିଛି ଏବଂ ଦୁଇଟି ଅଲଗା ଦେଶ ତିଆରି ହେଇଛି; ହେଲେ ଅନେକ ଜିନିଷ ସେହିପରି ପୂର୍ବବତ୍ ରହିଛି। 'ଖୋଲଦୋ' ଗପରେ ଝିଅକୁ ମୃତ ମନେ କରି ଜଣେ ହତଭାଗ୍ୟ ପିତା ତାକୁ ଶରଣାର୍ଥୀ ଶିବିରରେ ପାଇଲା ପରେ ଜାଣି ନଥିଲା ଭାଗ୍ୟ ତା' ପାଇଁ କ'ଣ ସାଇତି ରଖିଛି! ଏହି ଗପର ଭୟଙ୍କର ସତ୍ୟକୁ କିଏ ଭୁଲିପାରିବ, ଯୋଉଠି ବିଭାଜନ ପରବର୍ତ୍ତୀ ଦଙ୍ଗାର ଶିକାର ହୋଇ ଅନେକ ଥର ବଳାତ୍କାରର ଶିକାର ହୋଇଥିବା ଧର୍ଷିତା ଝିଅଟି ସବୁ ଭୁଲିଯାଇ କେବଳ ଗୋଟିଏ ଶବ୍ଦ ମନେରଖିଥାଏ 'ଖୋଲ', ଯାହା ଶୁଣିଲେ ସେ ନିଜ ଦେହରୁ ବସ୍ତ୍ର କାଢ଼ିଦିଏ।

'ଥଣ୍ଡା ଗୋସ୍ତ' ଗପର ମୁଖ୍ୟ ଚରିତ୍ର କୁଲବନ୍ତ ଅଗଣିତ ଲୋକଙ୍କୁ ମାରିବା ପରେ ଘରକୁ ଫେରି ସ୍ତ୍ରୀ ଆଗରେ ଜଣେ ସୁନ୍ଦରୀ ମହିଳାର ଶବ ସହିତ ସମ୍ଭୋଗ କରିଥିବା ପ୍ରକାଶ କରିବା ପରେ, ସନ୍ଦେହରେ ସ୍ତ୍ରୀ ତାକୁ କିପରି ହତ୍ୟା କରେ ତାହା ପାଠକକୁ ସ୍ତବ୍ଧ କରେ। 'ଟୋବାଟେକ ସିଂହ' ଗପରେ ବିଭାଜନର ଯନ୍ତ୍ରଣା ସହି ନପାରି ମାନସିକ ଭାରସାମ୍ୟ ହରେଇଥିବା ବିସେନ ସିଂହ ଜୀବନ ତମାମ ତା'ର ହଜିଲା ସହରକୁ ଖୋଜି ଚାଲିଛି। ସେହିପରି ମଣ୍ଟୋଙ୍କୁ ମାତ୍ର ସାତ ବର୍ଷ ହୋଇଥିଲା ବେଳେ ଜାଲିଓ୍ୱାନା ବାଗ ହତ୍ୟାକାଣ୍ଡକୁ ସେ ଦେଖିଥିଲେ ଓ ସେଠି ଏକ ନିଜ ବୟସର ଆଉ ଜଣେ ପିଲାକୁ ଗୁଳି ଯନ୍ତ୍ରଣାରେ ଛଟପଟ ହୋଇଥିବାର ଘଟଣାକୁ ସେ 'ତମାସା' ଗପରେ ଲେଖିଥିଲେ। ମୁଁ କାହିଁକି ଗପ ଲେଖେ କ୍ରମରେ ନିଜେ ମଣ୍ଟୋ କହନ୍ତି, 'ଚରିତ୍ର ଯେତେ ଖରାପ ହେଲେ ମଧ୍ୟ ଜଣେ ପୁରୁଷ ସର୍ବଦା ଭଦ୍ର ପୁରୁଷ ହେଇଥାଏ, କିନ୍ତୁ ଜଣେ ନାରୀ ତାକୁ ପୁରୁଷ ଦ୍ୱାରା ଦିଆଯାଇଥିବା ଅଭିନୟରେ ଯଦି



ଥରୁଟିଏ ଜୀବନରେ ଭୁଲ କରିବସେ, ତା'ହାଲେ ସେ ବେଶ୍ୟା ଓ ନଷ୍ଟ ଚରିତ୍ରା ହେଇଯାଏ।' କାମ ଇଚ୍ଛା, ମଦ୍ୟପ, ବେଶ୍ୟା ଭଳି ଥିମ୍ ଉପରେ ମଣ୍ଟୋଙ୍କ ଖୁଲମ୍‌ଖୋଲା ଅଭିବ୍ୟକ୍ତି ତାଙ୍କୁ ଜଣେ ଅଶ୍ଳୀଳ ଲେଖକର ଆଖ୍ୟା ଦେଇଥିଲା ଓ ସେଥିପାଇଁ ତାଙ୍କ ଉପରେ ଛ' ଥର କେସ୍ ମଧ୍ୟ ହେଇଥିଲା।

ମଣ୍ଟୋ ଏପରି ଜଣେ ବ୍ୟକ୍ତିତ୍ୱ, ଯିଏ ଅନ୍ତରରେ ଭାରତୀୟ ଏବଂ ଆତ୍ମାରେ ଜଣେ ସତ୍ୟବାଦୀ ଲେଖକ ଥିଲେ। ପଞ୍ଜାବର ଏକ ମୁସ୍‌ଲିମ ପରିବାରରେ ଜନ୍ମିତ ମଣ୍ଟୋ ବମ୍ବେରେ ଏକ ଚଳଚ୍ଚିତ୍ର ପତ୍ରିକାରେ କାମ କରୁଥିଲେ। ସେ ପରାଧୀନ ଭାରତରେ ବେଶ୍ୟାମାନଙ୍କର ବିବଶତା, ଭଦ୍ରମୁଖା ପିନ୍ଧିଥିବା ପୁରୁଷମାନଙ୍କର କାମାନ୍ଧତା, ବିଭାଜନ ସମୟରେ ଘଟିତ ହୋଇଥିବା ନାରୀମାନଙ୍କ ଉପରେ ଅତ୍ୟାଚାର, ହତ୍ୟା ଓ ଲୁଣ୍ଠନକୁ ଖୋଲାଖୋଲି ପ୍ରତିପାଦନ କରୁଥିଲେ। ମଣ୍ଟୋଙ୍କ ଲେଖନୀ ମିଛ କହି ଜାଣି ନଥିଲା ଓ ସତ କହିବାକୁ ସଙ୍କୋଚ କରୁ ନଥିଲା। ବମ୍ବେ ସହରରେ ରହିବା ବେଳେ ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ହୋଇ ସେ ଅନେକ ଲେଖା ଲେଖିଥିଲେ, ଯାହା ତାଙ୍କ ଯିବାର ପଞ୍ଚଷଠି ବର୍ଷ ପରେ ମଧ୍ୟ ସେହି କୃତିସବୁ ଦସ୍ତାବିଜ୍ ସଦୃଶ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ସେ ସମୟର ଜଣେ ଚର୍ଚ୍ଚିତ ଓ ସର୍ବଶ୍ରେଷ୍ଠ ଗାଳ୍ପିକ ମଣ୍ଟୋଙ୍କ ଜୀବନ ୧୯୪୭ ରେ ଭାରତ ଦୁର୍ଭାଗ୍ୟଜନକ ବିଭାଜନ ପରେ ଏକ ଭିନ୍ନ ମୋଡ଼ ନେଇଥିଲା। ମଣ୍ଟୋଙ୍କ ପ୍ରିୟ ବନ୍ଧୁ ଶ୍ୟାମର ପରିବାର ଲୋକଙ୍କୁ ଦଙ୍ଗାରେ ମୁସଲମାନ ଲୋକମାନେ ମାରିଦେବା ଫଳରେ ସେ ଲେଖିଥିଲେ, "ମାଂସ କାଟି ନେଲା ପରେ ହାଡ଼ସବୁ କୁଆଡ଼େ ଗଲା? ତୁମେ କିପରି ଚିହ୍ନିବ ତାହା ହିନ୍ଦୁର ହାଡ଼ ଥିଲା କି ମୁସଲମାନର, ତୁମେ ତାକୁ ଦାହ କଲ ନା ସମାଧି ଦେଲ?" ତାଙ୍କ ବନ୍ଧୁ ଶ୍ୟାମ ଏହା ପଢ଼ି ରାଗିଯାଇ କହିଲେ, ଏହା ତୁମ ଗପର ଚରିତ୍ର ନୁହେଁ... ଏହା ମୋ ପରିବାର କଥା... ମୁସଲମାନମାନଙ୍କ ଉତ୍ତରରେ ମଣ୍ଟୋ କହିଲେ, ଯଦି ମୁସଲମାନମାନଙ୍କୁ ଏତେ ଘୃଣାକର, ତାହାଲେ ତୁମେ ମୋତେ ମଧ୍ୟ ସେତେବେଳେ ମାରିଦେଇଥାନ୍ତ? ପ୍ରିୟ ବନ୍ଧୁ ଶ୍ୟାମ କହିଲେ, 'ନିଶ୍ଚୟ'। ଏହା ମଣ୍ଟୋଙ୍କୁ ଏତେ ବିଚଳିତ କଲା ଯେ, ବିଭାଜନ ବେଳେ ମଣ୍ଟୋ ପାକିସ୍ତାନ ଚାଲିଗଲେ। ପାକିସ୍ତାନ ଗଲା ପରେ ମଣ୍ଟୋଙ୍କ ସାହିତ୍ୟ ଜୀବନ ଅନ୍ଧକାର ହୋଇଗଲା। ରକ୍ଷଣଶୀଳ ପାକିସ୍ତାନରେ ତାଙ୍କୁ ଜଣେ ଅଭଦ୍ର ଓ ଅଶ୍ଳୀଳ ଲେଖକ ଭାବରେ ଅନେକଥର କୋର୍ଟ କଚେରିର ଦ୍ୱାରସ୍ଥ ହେବାକୁ ପଡ଼ିଲା। ଶେଷରେ ଭାଙ୍ଗିପଡ଼ି ମଣ୍ଟୋ ନିଶାଗ୍ରସ୍ତ ହେଲେ। ଖୁବ୍ କମ୍ ମାତ୍ର ୪୩ ବର୍ଷ ବୟସରେ ପ୍ରାଣ ତ୍ୟାଗ କଲେ। ଏକ ସଚ୍ଚୋଟ ନିର୍ଭୀକ ଓ ସତ୍ୟବାଦୀ ଲେଖକର କଲମ ବିଶ୍ରାମ ନେଲା ସତ, କିନ୍ତୁ ତାଙ୍କର ବାଇଶ ଖଣ୍ଡ ଗଳ୍ପ ସଂକଳନ, ଅନେକ ନାଟକ ଓ ଅନୁବାଦ୍ୟ ସାହିତ୍ୟ ସମଗ୍ର ବିଶ୍ୱ ସାହିତ୍ୟକୁ ଖୋରାକ ଦେଇଛି, ଯାହା ଫଳରେ ସର୍ବାଧିକ ପଠିତ ସାହିତ୍ୟିକଙ୍କ ମଧ୍ୟରେ ଏହି ହତଭାଗା ମଣ୍ଟୋ ଅଛନ୍ତି। ସମାଜର କଟୁ ସତ୍ୟକୁ ପ୍ରକାଶ କରିବା ଯୋଗୁ ମଣ୍ଟୋଙ୍କୁ ଯୋଉମାନେ ଅଶ୍ଳୀଳ ଆଖ୍ୟା ଦେଲେ, ସେମାନେ ପରଦା ପଛରେ ଭଦ୍ରମୁଖା ଆଢୁଆଳରେ ସେହି କାର୍ଯ୍ୟରେ ଲିପ୍ତ ଥିଲେ। ମଣ୍ଟୋଙ୍କୁ ହରେଇ ଚାଳିଶ ଦଶକର ସାହିତ୍ୟ ମ୍ଳାନ ହେଲା, କିନ୍ତୁ ସେ ଅମ୍ଳାନ ହୋଇଗଲେ ଅଗଣିତ ପାଠକମାନଙ୍କ ହୃଦୟରେ। ମଣ୍ଟୋଙ୍କୁ ଅଶ୍ଳୀଳ ବଦଳରେ ଜଣେ ନିର୍ଭୀକ, ସତ୍ୟବାଦୀ ଓ ମହାନ୍ ଲେଖକ ଭାବରେ ଆସନ୍ତା ପିଢ଼ି ମନେରଖିଥିବ ଏଥିର ସନ୍ଦେହ ନାହିଁ।

**ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ସହରର ଡମ୍ପୟାର୍ଡ କଥା ଶୁଣିଲେ ଲୋକେ ନାକ ଟେକନ୍ତି। ସେହି ପୂତିଗନ୍ଧମୟ ସ୍ଥାନ ବାଟ ଦେଇ ଯିବାକୁ ଘୃଣା କରନ୍ତି। କିନ୍ତୁ ମାଙ୍ଗାଲୋର ବାସିନ୍ଦା ଜିଥ୍ ମିଲାନ ରୋକେ ଡମ୍ପୟାର୍ଡକୁ ସବୁଜ ଜଙ୍ଗଲ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡମ୍ପୟାର୍ଡରେ କେବଳ ବିଭିନ୍ନ କିସମର ଫଳଗଛ ଲଗାଇଛନ୍ତି, ଯାହାଫଳରେ ସେଥିରୁ କିଛି ଉତ୍ପାଦନ ହୋଇପାରୁଛି। ଜିଥ୍‌ଙ୍କ ବୟସ ୪୬। ସେ ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଯେଉଁଠି ରହୁଥିଲେ ସେଠାରେ ଗଛର ଅଭାବ ଥିଲା। ଏଣୁ ସେ ପ୍ରଥମେ ଆଖପାଖ ଅଞ୍ଚଳରେ ଗଛ ଲଗାଇବା ଆରମ୍ଭ କରିଥିଲେ। ପରେ ଚାକିରି ଛାଡ଼ି ସେ ମାଙ୍ଗାଲୋର ଗ୍ରୀନ୍ ବ୍ରିଗ୍ରେଡ୍ ପ୍ରୋଜେକ୍ଟ ମାଧ୍ୟମରେ ଗଛ ଲଗାଇ ଏବେ ଟେକ୍‌ମ୍ୟାନ୍‌ରୁ ଜଣେ ପରିବେଶବିତ୍ ହୋଇଗଲେଣି। ଜିଥ୍ ୬ ବର୍ଷ ହେଲା ଡମ୍ପୟାର୍ଡ ତଥା ଅନ୍ୟ ଅବ୍ୟବହୃତ ଜମିରେ ଗଛ ଲଗାଉଛନ୍ତି। ସେ ପ୍ରତିବର୍ଷ ମାଙ୍ଗାଲୋରରେ ୧୨,୦୦୦ ଗଛ ଲଗାଉଛନ୍ତି। ୪୨ ଏକର ବିଶିଷ୍ଟ ଏକ ଡମ୍ପୟାର୍ଡରେ ଗଛ ଲଗାଇବା ତାଙ୍କର ଏକ ଉଲ୍ଲେଖନୀୟ କାର୍ଯ୍ୟ। ଏହା ବ୍ୟତୀତ ସେ ସ୍କୁଲ ଓ କଲେଜରେ ମଧ୍ୟ ଗଛ ଲଗାଉଛନ୍ତି। ଏହାଦ୍ୱାରା ତାଙ୍କ ପ୍ରୋଜେକ୍ଟରେ ଏବେ ଅନେକ ହଜାର ଛାତ୍ରୀଛାତ୍ର ସାମିଲ ହୋଇ ବୃକ୍ଷରୋପଣ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩ ଜୁଲାଇ ୧୯୯୮**

- ପାରାଦୀପ ବନ୍ଦର ନିକଟବର୍ତ୍ତୀ ଅଭୟଚନ୍ଦ୍ରପୁର ନିକଟରେ ୮ ହଜାର ୨୬୦ କୋଟି ଟଙ୍କା ବ୍ୟୟରେ ଏକ ତୈଳ ବିଶୋଧନାଗାର ପ୍ରକଳ୍ପ ସ୍ଥାପନ ପାଇଁ ଭାରତୀୟ ତୈଳ ନିଗମର ପ୍ରସ୍ତାବକୁ କେନ୍ଦ୍ରର ଅନୁମୋଦନ।
- ଉତ୍ତର ପାକିସ୍ତାନର ପାର୍ବତ୍ୟାଞ୍ଚଳର ଏକ ପୋଲ ଉପରେ ଗୋଟିଏ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୮ ଯାତ୍ରୀ ମୃତ।

## ଚିରନ୍ତନୀ

ଜୀବନପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ–ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା!
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 9 | | | 2 | | 8 |
| | 5 | | | | | | | 9 |
| | 9 | | 3 | 7 | | | 6 | |
| | | | 5 | 8 | | | | |
| 8 | | | 6 | | | | | 7 |
| 4 | | | | 1 | 7 | | | |
| | 4 | | | | 3 | | | 5 |
| | 3 | 6 | | 2 | | | | |
| | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 7 | 5 | 9 | 3 | 1 | 8 |
| 7 | 9 | 8 | 1 | 4 | 3 | 6 | 2 | 5 |
| 1 | 3 | 5 | 2 | 8 | 6 | 7 | 4 | 9 |
| 4 | 7 | 3 | 6 | 2 | 5 | 8 | 9 | 1 |
| 5 | 1 | 9 | 4 | 3 | 8 | 2 | 6 | 7 |
| 8 | 2 | 6 | 9 | 7 | 1 | 5 | 3 | 4 |
| 9 | 5 | 4 | 3 | 6 | 7 | 1 | 8 | 2 |
| 3 | 8 | 1 | 5 | 9 | 2 | 4 | 7 | 6 |
| 2 | 6 | 7 | 8 | 1 | 4 | 9 | 5 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଖଣିଜ ସମ୍ପଦ ଲୁଣ୍ଠନ ବନ୍ଦ ହେଉ

ମହାଶୟ,

ଓଡ଼ିଶାରେ ପ୍ରାୟ ୪୩ ପ୍ରକାରର ମୂଲ୍ୟବାନ ଖଣିଜ ସମ୍ପଦ ରହିଛି। କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲାର ବକ୍ସାଇଟ, କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାର ଲୁହାପଥର, ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ଜିଲାର କୋଇଲା, ଯାଜପୁର ଜିଲାର ସୁକିନ୍ଦା ଉପତ୍ୟକାରେ ଥିବା ପର୍ଯ୍ୟାପ୍ତ ପରିମାଣର କ୍ରୋମାଇଟ, କଳାହାଣ୍ଡି ଓ ନୂଆପଡା ଜିଲାରେ ଉପଲବ୍ଧ ରତ୍ନପଥର ଓ ବଲାଙ୍ଗୀର ଜିଲାରେ ଥିବା ହୀରା, ମୁକ୍ତା ଓ ରୁବି ଷ୍ଟୋନ ହେଉଛି ଏହାର ଉଦାହରଣ। ଉଦବେଗର ବିଷୟ ଆମ ରାଜ୍ୟର ଏସବୁ ମୂଲ୍ୟବାନ ଖଣିଜ ସମ୍ପଦକୁ ଖଣି ଲିଜ୍‌ଧାରୀମାନେ ଲୁଟିଆସୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏଥିପ୍ରତି ଦୂରଦୃଷ୍ଟି ନାହିଁ। କେନ୍ଦ୍ର ସରକାର ଦେଶର ସମସ୍ତ ଖଣିଜ ସମ୍ପଦକୁ ନିଜ ସଂସ୍ଥା ଦ୍ୱାରା ଖନନ ଓ ଉତ୍ତୋଳନ କରାଇ ସେସବୁକୁ ବଜାର ଦରରେ ବିଦେଶକୁ ରପ୍ତାନି କରିବାର ଆଇନ ପ୍ରଣୟନ କରି ସମ୍ପୃକ୍ତ ରାଜ୍ୟକୁ ମଧ୍ୟ ଉପଯୁକ୍ତ ପରିମାଣର ରୟାଲଟି ପ୍ରଦାନ କରାଯିବାର ବିଧିବଦ୍ଧ ବ୍ୟବସ୍ଥା କରାଯିବା ଉଚିତ।

–ରାଇଚରଣ ବିଶ୍ୱାଳ,ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୁଳୁଗୁଳି ଜାରି, ଆଜିଠୁ ବର୍ଷା ବଢ଼ିବ

**ଭୁବନେଶ୍ୱର,୨।୭(ଅନୁରାଧା ମହାରଣା)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ଦେଶକୁ ଅଗ୍ରସର ହୋଇଛି। ତେବେ ଓଡ଼ିଶାରେ ମୌସୁମୀ ପ୍ରବାହ ଦୁର୍ବଳ ରହୁଥିବାରୁ ଦିନରେ ଆର୍ଦ୍ରତା ଯଥେଷ୍ଟ ଅଧିକ ରହୁଛି। ତେଣୁ ରାଜ୍ୟର ବିଭିନ୍ନ ଜିଲାରେ ଟାଇଁଟାଇଁ ଖରା ସହ ଗୁଳୁଗୁଳି ଅନୁଭୂତ ହେଉଛି। ରବିବାର ୩୯ ଡିଗ୍ରୀ ତାପମାତ୍ରା ସହ ପାରଳାଖେମୁଣ୍ଡି ସବୁଠାରୁ ଉତ୍ତପ୍ତ ସହର ପାଲଟିଥିବାବେଳେ ବୌଦ୍ଧ ଓ ଛତ୍ରପୁର ୩୮ ଡିଗ୍ରୀ, ମାଲକାନଗିରି ୩୭.୫ ଡିଗ୍ରୀ, ସୋନପୁର ୩୭.୨ ଡିଗ୍ରୀ, ଅନୁଗୋଳ ୩୭.୧ ଡିଗ୍ରୀ ଏବଂ ବଲାଙ୍ଗୀରରେ ୩୭ ଡିଗ୍ରୀ ରହିଥିଲା। ସେହିଭଳି ଆଉ ୧୦ ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀରୁ ୩୭ ଡିଗ୍ରୀ ରହିଥିବାବେଳେ କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ରାଜନଗରଠାରେ ସର୍ବାଧିକ ୭୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ସୋମବାରଠାରୁ ବର୍ଷା ପରିମାଣ ବଢ଼ିବ। ତେବେ ୫ ତାରିଖ ସୁଦ୍ଧା ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସୂଚନାନୁସାରେ, ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସହ ଜଡ଼ିତ ନିମ୍ନ ଚାପରେଖା ବିକାନେର, ଦୌସା, ଗ୍ୱାଲିୟର, ସିଦ୍ଧି, ଅମ୍ବିକାପୁର ଓ ବାଲେଶ୍ୱର ଦେଇ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ରହୁଛି। ସାଧାରଣ ଅବସ୍ଥାନଠାରୁ ଦକ୍ଷିଣରେ ରହୁଛି ଓ ବାଲେଶ୍ୱର ଦେଇ ଗତି କରୁଛି। ତେଣୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସୋମବାର ପାଇଁ ୧୮ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନୟାଗଡ଼ ଓ ଅନୁଗୋଳ ଜିଲାକୁ ସତର୍କ କରାଯାଇଛି। ତେବେ ୪ ତାରିଖ ବେଳକୁ ବର୍ଷା ବିସ୍ତୃତ ଭାବେ ବର୍ଷିବ। ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ବୌଦ୍ଧ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ। ସେହିପରି ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ କନ୍ଧମାଳ, ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ୪ ହାତୀଦାନ୍ତ ଜବତ, ୫ ଗିରଫ



ଜବତ ହାତୀଦାନ୍ତ।

**ବାରିପଦା,୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ଜାମକେଶ୍ୱର ଗ୍ରାମରେ ହାତୀଦାନ୍ତ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନ ବିଭାଗ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪ ହାତୀଦାନ୍ତ, ୨ ବାଇକ୍ ଓ ୩ ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚାକଡ଼ି ପଞ୍ଚାୟତ ଉଷକି ଗ୍ରାମର ଦାସିଆ ସିଂ(୩୫), ନନ୍ଦ ସିଂ(୩୦), ନରସିଂହ ସିଂ(୩୩), ଛାମୁଣ୍ଡିଆ ଗ୍ରାମର ମନମୋହନ ହେମ୍ବ୍ରମ(୩୦), ଗୋଦାମସାହି ଗ୍ରାମର ମନ୍ତ୍ରୀ ସିଂ(୫୫)। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଶିମିଳିପାଳ ପାଦଦେଶରେ ଥିବା ଜାମକେଶ୍ୱର ଗ୍ରାମରେ ହାତୀଦାନ୍ତ ବିକ୍ରି ପାଇଁ ଡିଲ୍ ହେଉଥିବା ନେଇ ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ଗୌଡ଼ାଙ୍କ ନେତୃତ୍ୱରେ ଶିମିଳିପାଳ ଦକ୍ଷିଣ, ଉତ୍ତର ଓ ରାଇରଙ୍ଗପୁର ଡିଭିଜନର ଏସିଏଫ୍, ରେଞ୍ଜର ଓ ବନ କର୍ମଚାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ରବିବାର ଭୋର ସମୟରେ ଏହି ଟିମ୍ ଜାମକେଶ୍ୱର ଗ୍ରାମରେ ଚଢ଼ାଉ କରି ହାତୀ ଦାନ୍ତ ଜବତ କରିବା ସହ ଡିଲରେ ଜଡ଼ିତ ବ୍ୟବସାୟୀମାନଙ୍କୁ ଗିରଫ କରିଥିଲା। ୨ ଶିକାରୀଙ୍କଠାରୁ ହାତୀଦାନ୍ତ କିଣିଥିବା ନେଇ ଅଭିଯୁକ୍ତମାନେ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଏହାର ତଦନ୍ତ କରି ଶିକାରୀମାନଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ କହିଛି। ଜବତ ଦାନ୍ତ ଗୁଡ଼ିକର ଓଜନ ୬ କି.ଗ୍ରା ୮୬ଗ୍ରାମ ହୋଇଥିବା ବେଳେ ଓ୍ୟୁଏଚ୍‌ଆଇକୁ ପଠାଯାଇ ପରୀକ୍ଷା ନିରୀକ୍ଷା ପରେ ହାତୀମାନଙ୍କର ବୟସ ଜଣାପଡ଼ିବ। ଏ ସଂକ୍ରାନ୍ତରେ ୱାଇଲ୍ଡ ଲାଇଫ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ଗୌଡ଼ା ସୂଚନା ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଲୋଟସ



@ ମାନଭଞ୍ଜନ



@ ରାଜୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆସନ୍ତା ୬ରେ ଗୁଆହାଟୀରେ ବସିବ ଓଡ଼ିଶା ଭାଜପାର ବୈଠକ

**ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)**

ଦେଶର ସବୁ ରାଜ୍ୟକୁ ନେଇ ଭାଜପା ଗୁଆହାଟୀଠାରେ ଆସନ୍ତା ୬ ତାରିଖରୁ ୩ ଦିନିଆ ବୈଠକ ଡାକିଛି। ଆସନ୍ତା ୬, ୭ ଏବଂ ୮ ତାରିଖରେ ହେବାକୁ ଥିବା ଏହି ବୈଠକରେ ଦେଶକୁ ୩ଟି ଜୋନ୍‌ରେ ଭାଗ କରି ପ୍ରତ୍ୟେକ ଦିନ କିଛି କିଛି ରାଜ୍ୟ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଲୋଚନା କରିବେ। ଏଥିରେ ମୁଖ୍ୟତଃ ସେମାନେ ଗୋଟିଏ ରାଜ୍ୟ ସହ ପ୍ରାୟ ୨ ଘଣ୍ଟା ଲେଖା ଆଲୋଚନା କରି ଦଳର ଭବିଷ୍ୟତ ରଣନୀତି ସମ୍ପର୍କରେ ଏକ ପ୍ରକାର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ତେବେ ଆସନ୍ତା ୬ ତାରିଖରେ ପୂର୍ବାଞ୍ଚଳ ରାଜ୍ୟଗୁଡିକର ବୈଠକ ରହିଛି। ସେହିକ୍ରମରେ ଓଡ଼ିଶା ଏହି ବୈଠକରେ ଯୋଗଦେବ। ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଡି ପୁରନ୍ଦେଶ୍ୱରୀ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଏବଂ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଡକାଯାଇଥିବା ସୂଚନା ମିଳିଛି। ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ଲାଗି ଦଳ କେତେ ପ୍ରସ୍ତୁତ ଏବଂ କିପରି ସଙ୍ଗଠନକୁ ସଜଡ଼ାଯିବ ସେନେଇ ଆଲୋଚନା ହେବ। ଓଡ଼ିଶାର ଯେଉଁଦିନ ବୈଠକ ବସିବ ସେଦିନ ଅନ୍ୟ ୧୧ଟି ରାଜ୍ୟ ସହ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ମୁଖ୍ୟତଃ ଓଡ଼ିଶା କିପରି ସରକାର କରିବ ସେନେଇ ଆଲୋଚନା ହେବ ବୋଲି ଭାଜପା ରାଜ୍ୟ ସଭାପତି ମତ ରଖିଥିବା ବେଳେ ଗୁଆହାଟୀ ବୈଠକର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ବିଜେଡି ଏବଂ କଂଗ୍ରେସ ମତ ରଖିଛନ୍ତି।

ମନମୋହନ କହିଛନ୍ତି, ଓଡ଼ିଶାର ଏକ ବହୁମତ ସରକାର ହେବ। କେନ୍ଦ୍ରରେ ମଧ୍ୟ ଏଥର ୩ୟ ଥର ପାଇଁ ଭାଜପା ସରକାର କରିବ। ଅନ୍ୟପକ୍ଷରେ ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ, ୨୦୧୯ରେ ଭାଜପା ଯେଉଁ ମିଶନ ୧୨୦ ପ୍ଲସ୍ କଥା କହୁଥିଲା ତା'ର ଫଳାଫଳ କ'ଣ ହେଲା ସେକଥା ସମସ୍ତେ ଦେଖିଲେ। ସେମାନେ ସବୁବେଳେ ବାହୁସ୍ଫୋଟ ମାରନ୍ତି ଏବଂ ଓଡ଼ିଶା ଲୋକ ସେମାନଙ୍କୁ ଠିକଣା ସମୟରେ ଜବାବ ଦିଅନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଜେଡି-ଭାଜପା ଭିତରେ ୨୪ ବର୍ଷ ହେଲା ସାଲିସ୍ ରାଜନୀତି ଚାଲିଛି। ଏବେ ତୃଣମୂଳସ୍ତରରେ ଲଢ଼େଇ କରିବାକୁ ବସିଛନ୍ତି। ଏହାର କାରଣ ହେଉଛି ବିଜେଡିକୁ ଯେଉଁ ପୋଷ୍ଟ ନ ଯିବ, ସେଇଟା ଭାଜପାକୁ କିପରି ଯିବ ସେନେଇ ଯୋଜନା କରୁଛନ୍ତି। ସେମାନଙ୍କ ଲଢ଼େଇର ଏହା ହେଉଛି ସବୁଠାରୁ ବଡ଼ କଥା ବୋଲି ତାରା କହିଛନ୍ତି।

# କେନ୍ଦୁଝର-ଖୋର୍ଦ୍ଧା ମେମୁ ଇଞ୍ଜିନରେ ତ୍ରୁଟି



ଷ୍ଟେଶନରେ ଅଟକି ରହିଥିବା ଟ୍ରେନ୍।

**ଢେଙ୍କିକୋଟ୍,୨।୭(ନୀଳମଣି ମଣ୍ଡଳ)**

## ୩ ଘଣ୍ଟା ଯାତ୍ରୀ ହନ୍ତସନ୍ତ

କେନ୍ଦୁଝର-ଖୋର୍ଦ୍ଧା ମେମୁ ସ୍ପେସିଆଲ ଟ୍ରେନ୍ ଇଞ୍ଜିନରେ ତ୍ରୁଟି ଯୋଗୁ ବସନ୍ତପୁର ସୀତାବିଞ୍ଜି ଷ୍ଟେଶନ ମଝିରେ ଅଟକି ରହିଥିଲା। ଫଳରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତ୍ରୀ ଗରମ ଗୁଳୁଗୁଳିରେ ହନ୍ତସନ୍ତ ହୋଇଥିଲେ। ପରେ ଅନ୍ୟ ଏକ ଇଞ୍ଜିନ ଲଗାଯାଇ ଟ୍ରେନ୍ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଇଥିଲା।

ସୀତାବିଞ୍ଜି ଷ୍ଟେଶନ ମାଷ୍ଟର ଜ୍ଞାନ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ସକାଳ ୬ ଟା ସମୟରେ କେନ୍ଦୁଝର-ଖୋର୍ଦ୍ଧା ମେମୁ ସ୍ପେସିଆଲ (ନଂ. ୦୮୪୫୫) କେନ୍ଦୁଝରରୁ ଛାଡ଼ିଥିଲା। ମାତ୍ର ୨୫ ମିନିଟ୍ ଚାଲିବା ପରେ ବସନ୍ତପୁର ସୀତାବିଞ୍ଜି ଷ୍ଟେଶନ ମଝିରେ ଇଞ୍ଜିନରୁ ଶବ୍ଦ ବାହାରିଥିଲା। ଲୋକ ପାଇଲଟ ଶବ୍ଦ ଶୁଣି ଟ୍ରେନ୍ ଅଟକାଇ ଦେଇଥିଲେ। ସେଠାରେ କିଛିସମୟ ରହିବା ପରେ ଅନ୍ୟ ଏକ ଇଞ୍ଜିନ ଦ୍ୱାରା ସୀତାବିଞ୍ଜି ଷ୍ଟେଶନକୁ ନିଆଯାଇଥିଲା। ଜଙ୍ଗଲ ମଝିରେ ଯାତ୍ରୀମାନେ ଗରମ ଗୁଳୁଗୁଳିରେ ଟ୍ରେନ୍ ଭିତରେ ଛଟପଟ ହୋଇଥିଲେ। ଇଞ୍ଜିନିୟରମାନେ ଆସି ମରାମତି କରିବାରେ ବିଫଳ ହୋଇଥିଲେ। ଫଳରେ ଅନ୍ୟ ଏକ ଇଞ୍ଜିନ ଦ୍ୱାରା ଟ୍ରେନ୍ ୧୦ ଟା ୫ ମିନିଟ୍‌ରେ ଖୋର୍ଦ୍ଧା ଅଭିମୁଖେ ବାହାରିଥିଲା। ସେତେବେଳକୁ ଟ୍ରେନ୍ ୩ ଘଣ୍ଟା ୫ ମିନିଟ ବିଳମ୍ବ ହୋଇସାରିଥିଲା। ଷ୍ଟେଶନ ମାଷ୍ଟର କହିଛନ୍ତି, ଇଞ୍ଜିନ ଠିକ ଥିଲା କିନ୍ତୁ ମାତ୍ର ରାସ୍ତାରେ ତ୍ରୁଟି ପରିଲକ୍ଷିତ ହୋଇଥିଲା।

# କାର୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ବାହାନଗା,୨।୭(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ସଲ୍ଟରୋଡ୍‌ସ୍ଥିତ ନିମଗୋହିରୀ ରାସ୍ତାରେ ରବିବାର କାର୍ ଧକ୍କାରେ ୨ ବାଇକ୍ ଅରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଅପିତିରା ଗ୍ରାମର ପରେଶ ଆଚାର୍ଯ୍ୟ ଓ ପଣ୍ଡାହରିପୁର ଗ୍ରାମର ନରହରି ସାହୁ। ପୂର୍ବାହ୍ନରେ ଗୋପାଳପୁରରୁ ବାଲେଶ୍ୱର ଆଡ଼କୁ ବାଇକ୍‌ରେ ପରେଶ ଓ ନରହରି ଯାଉଥିବା ବେଳେ ନିମଗୋହିରୀଠାରେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନରହରିଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପରେଶଙ୍କୁ ମୃତ ଘୋଷଣା କରିଥିଲେ। ଗୋପାଳପୁର ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ୭୧.୫ହଜାର ଟଙ୍କାର ଜାଲ୍‌ନୋଟ ଜବତ

- ଜଣେ ଗିରଫ, ୩ଫେରାର
- ସାମଗ୍ରୀ କିଣି ଦେଉଥିଲେ ଜାଲ ନୋଟ୍
- ୩୦ହଜାର ଅସଲି ନୋଟ ବଦଳରେ ୧ ଲକ୍ଷର ଜାଲନୋଟ ଆଣିଥିଲେ





ଗିରଫ ଅଭିଯୁକ୍ତ ଓ ଜବତ ଜାଲ୍ ଟଙ୍କା, ମୋବାଇଲ୍।

**ଦେବଗଡ଼, ୨।୭ (ଶଶାଙ୍କ ଶେଖର ଝାଙ୍କର)**

ଜାଲ୍‌ନୋଟ ଦେଇ ବିଭିନ୍ନ ସାମଗ୍ରୀ କ୍ରୟ କରୁଥିବା ବିହାର ଅଞ୍ଚଳର ଜଣେ ବ୍ୟକ୍ତିକୁ ଦେବଗଡ଼ ଆଦର୍ଶ ଥାନା ପୋଲିସ ରବିବାର ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ବିହାର ଅଞ୍ଚଳର ବିନୋଦ ସିଂ। ତାଙ୍କ ନିକଟରୁ ୭୧ହଜାର ୫ଶହ ଟଙ୍କାର ଜାଲ୍ ନୋଟ ଜବତ ହୋଇଛି। ଏଥିରେ ୧୩୫ଟି ୫ଶହ ଟଙ୍କିଆ ଓ ୨୦ଟି ୨୦୦ ଟଙ୍କିଆ ନୋଟ ନୋଟ ରହିଛି। ଏଥିସହ ଉକ୍ତ ବ୍ୟକ୍ତି ବ୍ୟବହାର କରୁଥିବା ଏକ ବୋଲେରୋ, ୬ଟି ମୋବାଇଲ ଫୋନ ଓ ୧୪ଟି ଏଟିଏମ୍ କାର୍ଡ ଜବତ କରିଛି ପୋଲିସ।

ପୋଲିସ ସୂଚନା ଅନୁସାରେ ବିନୋଦ ଗତ ଏକ ମାସ ହେଲା ଦେବଗଡ଼ ସହର ଖପରସାହିରେ ଏକ ଭଡା ଘରେ ରହି ଜାଲ ନୋଟ ବଳରେ ଦୋକାନମାନଙ୍କରୁ ଜିନିଷପତ୍ର କିଣୁଥିବା କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଏହାର ତଦନ୍ତ ପାଇଁ ଥାନାର ସବ ଇନ୍ସପେକ୍ଟର ରୁଦ୍ର ନାରାୟଣ ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ସବଇନ୍ସପେକ୍ଟର ପ୍ରଧାନ ସଦଳବଳ ଦେବଗଡ଼ରେ ପଡିଥିବା ଏକ୍ସପୋ ମେଳାରେ ପହଞ୍ଚିଥିଲେ। ମେଳାର ମାଲିକ ମୁକେଶ ଚନ୍ଦ୍ର, ମ୍ୟାନେଜର କରନ ସିଂ ଓ କର୍ମଚାରୀଙ୍କୁ ସେ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପଚରାଉଚରା ସମୟରେ ଗତ ଜୁନ ୩୦ ତାରିଖରେ ମେଳାରେ ହୋଇଥିବା ବିକ୍ରୀ ଟଙ୍କାକୁ ସ୍ଥାନୀୟ ବ୍ୟାଙ୍କରେ ଜମା କରିବା ସମୟରେ ସେଥିରୁ ଏକ ଜାଲ ୨୦୦ଟଙ୍କିଆ ନୋଟ ବାହାରି ଥିଲା। ଫଳରେ ମେଳା କର୍ତ୍ତୃପକ୍ଷ ଏହି ଜାଲ ନୋଟକୁ ଫେରାଇ ଆଣି ଗ୍ରାହକମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଏହି କ୍ରମରେ ଶନିବାର ସନ୍ଧ୍ୟା ୫ଟାରେ ଜଣେ ଗ୍ରାହକ ଉକ୍ତ ଏକ୍ସପୋ ମେଳାକୁ ଆସି ଜିନିଷ କିଣିବା ସହ ଏକ ୫ଶହ ଟଙ୍କିଆ ନୋଟ ଦେଇଥିଲେ। ସନ୍ଦେହ ହେବାରୁ ମେଳା ମ୍ୟାନେଜର ଏହାକୁ ଯାଞ୍ଚ କରିବାରୁ ଏହାର କାଗଜ ପ୍ରିଣ୍ଟ ନମ୍ବର, ସିକ୍ୟୁରିଟି ଥ୍ରେଡ ଓ ମହାତ୍ମା ଗାନ୍ଧୀଙ୍କ ଜଳଛବି ସ୍ପଷ୍ଟ ନ ଥିବା ଜଣାପଡିଥିଲା। ଫଳରେ ମେଳା କର୍ତ୍ତୃପକ୍ଷ ତାଙ୍କୁ ଅଟକ ରଖି ଯାଞ୍ଚ କରିବା ସହ ଭିଡିଓ ଚିତ୍ର ଉତ୍ତୋଳନ କରିଥିଲେ। ଏହି ସମୟରେ ଉକ୍ତ ବ୍ୟକ୍ତିଙ୍କ ପଛ ପକେଟରେ ପୁଳାଏ ଜାଲ ୨୦୦ଟଙ୍କିଆ ଏବଂ ୫୦୦ ଟଙ୍କିଆ ନୋଟ ଥିବା ଜଣାପଡିଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ସୁଯୋଗ ଉଣ୍ଡି ସେମାନଙ୍କ କବଜାରୁ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟକ୍ତିଙ୍କ ନାମ ବିନୋଦ ସିଂ ଓ ସେ ଖପରସାହିରେ ଏକ ଭଡାଘରେ ରହୁଥିବା ମେଳା ମାଲିକ ଓ ମ୍ୟାନେଜରଙ୍କଠାରୁ ସୂଚନା ମିଳିବା ପରେ ପୋଲିସ ତାଙ୍କ ଭଡା ଘର ଉପରେ ଚଢାଉ କରିଥିଲା। ସେଠାରେ ଥିବା ଏକ ପ୍ୟାଣ୍ଟ ପକେଟରୁ ୨୦ଟି ୨୦୦ ଟଙ୍କିଆ ନୋଟ ଓ ୧୩୫ଟି ୫୦୦ ଟଙ୍କିଆ ନୋଟ ମିଳିଥିଲା। ପୋଲିସ ଏହାକୁ ଜବତ କରିବାସହ ବିନୋଦଙ୍କୁ ପଚରା ଉଚରା କରିଥିଲା। ଏହା ଜାଲ ନୋଟ ବୋଲି ବିନୋଦ ସ୍ୱୀକାର କରିଥିଲେ।

ସେ ଝାରସୁଗୁଡା ଜିଲା ବ୍ରଜରାଜନଗର ଗାନ୍ଧୀ ଛକରେ ମାସେ ପୂର୍ବରୁ ରହୁଥିଲେ। ପ୍ରାୟ ଏକମାସ ହେଲା ସ୍ତ୍ରୀଙ୍କ ସହିତ ଦେବଗଡ଼ ଖପର ସାହିରେ ରହୁଥିବା ପୋଲିସ ଆଗରେ କହିଥିଲେ। ଏହା ସହିତ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସାଲଡେଗା ଗ୍ରାମର ପୁନେଇ ଓରାମ ତାଙ୍କୁ ୩୦ହଜାର ଟଙ୍କାର ଅସଲି ନୋଟ ବଦଳ(ଅନୁପାତ)ରେ ଏକ ଲକ୍ଷ ଟଙ୍କାର ଜାଲ ନୋଟ ଦେଇଥିବା ପୋଲିସକୁ ସୂଚନା ଦେଇଥିଲେ। ସେହିପରି ବରଗଡ ଜିଲା ପଦ୍ମପୁରର ମଧୁ ବାରିକ ଓ ଛତିଶଗଡ଼ ରାଜ୍ୟ ରାୟଗଡ ଟାଉନ ନନ୍ଦିଲିର ଆଞ୍ଜେ ମହାକୁଳ ମେଶିନରେ ଟଙ୍କା ଛାପି ଦେଉଥିବା ପ୍ରକାଶ କରିଥିଲେ। ଫଳରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଅଭିଯୁକ୍ତ ବିନୋଦ ସିଂ, ମଧୁ ବାରିକ, ଆଞ୍ଜେ ମହାକୁଳ ଓ ପୁନେଇ ଓରାମଙ୍କ ବିରୋଧରେ ଦଫା ୧୨୦ ବି/, ୪୨୦, ୪୬୮, ୪୭୧, ୪୮୯-ଏ/୪୮୯-ବି/୪୮୯-ସି/୪୮୯-ଡି ଆଇପିସିରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣା ଦେବଗଡ ଜିଲାରେ ମୁଖ୍ୟ ଚର୍ଚ୍ଚାର ବିଷୟ ସାଜିଛି। ଅନ୍ୟମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଚଳାଇଛି।

# ରଥରୁ କଢ଼ାଗଲା ସାରଥି, ପାର୍ଶ୍ୱ ଦେବଦେବୀ

**ପୁରୀ, ୨।୭(ଅଜିତ୍ ମହାନ୍ତି):** ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଡ଼ଠାକୁର ପ୍ରଭୁ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କ ସହ ନବଦିନାତ୍ମକ ଯାତ୍ରା ସାରି ଶନିବାର ନୀଳକନ୍ଦର ଶ୍ରୀମନ୍ଦିରକୁ ବିଜେ କରିଛନ୍ତି। ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଏବେ ମହାପ୍ରଭୁ ଭାଇ ଭଉଣୀଙ୍କୁ ସାଥିରେ ଧରି ଶ୍ରୀମନ୍ଦିର ରତ୍ନସିଂହାସନରେ ବିଜେ କରିଛନ୍ତି। ଶ୍ରୀମନ୍ଦିରକୁ ଦାରୁବିଗ୍ରହମାନେ ବିଜେ କରିବା ପରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଛି ଶୂନ୍ୟ ଥିବା ତିନିରଥ। ସୋମବାର ଭୋଇ ସେବକମାନେ ରଥଗୁଡ଼ିକରୁ ସାରଥିମାନଙ୍କୁ ଖୋଲି ବାହାର କରିଦେଇଛନ୍ତି। ତିନିରଥରେ ଥିବା ତିନି ସାରଥିଙ୍କ ସମେତ ସମସ୍ତ ଘୋଡ଼ା, ସଖୀ, ପାର୍ଶ୍ୱଦେବଦେବୀ, ହଂସପଟା, କନ୍ୟାପଟା, ଶିଖର ଡମ୍ବରୁ, ଠେକରାବାଡ଼ ଏବଂ ଚାରମାଳ ପ୍ରଭୃତିକୁ ଖୋଲିଦିଆଯାଇଛି। ରଥରୁ ବାହାର କରାଯାଇଥିବା ସମସ୍ତ ପାର୍ଶ୍ୱ ଦେବଦେବୀ, ହଂସପଟା, ଠେକରାବାଡ଼ ସମେତ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ରଖାଯାଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 14-SBP-TRD-OT-2023-24 ତା.27.06.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳର ବଡ଼ମାଳ ଷ୍ଟେସନ ଦ୍ୱାରା ସେବିତ (Served) OFBL ସାଇଡିଙ୍ଗ୍ ଏକ୍ସଚେଞ୍ଜ ୟାର୍ଡର ଲାଇନ୍ ନଂ. 2 ଏବଂ 3ର ବିଦ୍ୟୁତିକରଣ।

**ଆନୁମାନିକ ମୂଲ୍ୟ :** ₹ 1,32,82,296.37, EMD : ₹2,16,400/-, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.07.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-309/O/23-24

**TENDER NOTICE**

**The Chairman, Krusuka Unayana Sangathan Producer Company Limited (KUSPCL)** invites tender from bidder for supply of construction /hardware material i.e. RCC Pole, G.I. Wire, PET Plastic Wire as per the specification given in Tender paper. Interested suppliers may download tender form from district web portal **Balangir.nic.in**.

| Tender Call Notice, Date | Availability of Tender document | | Last Date and time of receipt of tender document | Date & time of opening the Tender document |
|---|---|---|---|---|
| Letter No.- FPO/ SPPIF/004/2023-24 | From: 01.07.2023 | To: 21.07.2023 | 21.07.2023 05:00 PM | 27.07.2023 11:00 AM |

The tender amount is Rs.14,12,992.50/- filled in tender forms should be submitted on or before 21st July 2023 by 5.00 PM and the same will be opened at 11.00 AM on 27th July 2023 at Head Office of KUSPCL. An E.M.D of Rs.14,130/- has to be furnished in the way of Demand Draft favoring Krusuka Unayana Sangathan Producer Company Limited (KUSPCL), At-Sindhekela, Balangir along with the sealed tender. Tender form without EMD will out rightly be rejected. The tender cost has been priced at Rs.3,000/- which is to be deposited at the time of submission of tender. KUSPCL reserves the right to accept or reject any tender without assigning any reason thereof.

**Date: 01.07.2023**
**Mob.: 9337152070, 9937041189**

**Sd./- Chairman**
**Krusuka Unayana Sangathan Producer Company Limited (KUSPCL)**
**At-Sindhekela, PO-Sindhekela, PS-Sindhekela**
**Dist.- Balangir, Pin Code-767035**

**TENDER NOTICE**

**The Chairman, Krusuka Unayana Sangathan Producer Company Limited (KUSPCL)** invites tender from bidder for supply of construction /hardware material i.e. AC Sheet, Cement, Chain linked Wire Mess, Welded Mesh, J Hooks and Washer, MS Pipe, Binding Wire, Nails, Bituminous Washer Pkt. Waterproof Cement etc. as per the specification at given in Tender Paper, Interested suppliers may download tender form from district web portal **Balangir.nic.in**.

| Tender Call Notice, Date | Availability of Tender document | | Last Date and time of receipt of tender document | Date & time of opening the Tender document |
|---|---|---|---|---|
| Letter No.- FPO/ SPPIF/008/2023-24 | From: 01.07.2023 | To: 21.07.2023 | 21.07.2023 at 05:00 PM | 27.07.2023 12:30 PM |

The tender amount is **Rs.49,96,200/-** filled in tender forms should be submitted on or before 21st July' 2023 by 5.00 PM and the same will be opened at 12.30 PM on 27th July 2023 at Head Office of KUSPCL. An E.M.D of Rs.50,000./- (Rupees Fifty Thousand) has to be furnished in the way of Demand Draft favoring **Krusuka Unayana Sangathan Producer Company Limited (KUSPCL), At-Sindhekela, Balangir** along with the sealed tender. Tender form without EMD will out rightly be rejected. The tender cost has been priced at Rs.3,000 /- which is to be deposited at the time of submission of tender. KUSPCL reserves the right to accept or reject any tender without assigning any reason thereof.

**Date: 01.07.2023**
**Mob.: 9337152070, 9937041189**

**Sd./- Chairman**
**Krusuka Unayana Sangathan Producer Company Limited (KUSPCL)**
**At-Sindhekela, PO-Sindhekela, PS-Sindhekela**
**Dist.- Balangir, Pin Code-767035**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁଲାଇ, ୨୦୨୩



**ବିହନ କିସମ ଚୟନ, ଶସ୍ୟ ବିବିଧତା କ୍ଷେତ୍ର ପ୍ରଶିକ୍ଷଣ ଶିବିର**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଓଏଭି ସମ୍ମୁଖରେ ମିଲେଟ ମିଶନ ଆନୁକୂଲ୍ୟରେ କିସମ ଚୟନ ଓ ଶସ୍ୟ ବିବିଧତା ଉପରେ କ୍ଷେତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୈବିକ ପଦ୍ଧତିରେ ଦେଶୀ ବିହନ କିସମ ଲଗାଇ ଚାଷୀ କିଭଳି ଲାଭବାନ ହୋଇପାରିବ ଆଲୋଚନା ହୋଇଥିଲା। ୱାସନର ମଞ୍ଜି ପ୍ରକଳ୍ପ ନିର୍ଦ୍ଦେଶକ ନରସିଂହ ଜଗତ ତାଲିମ ଦେଇଥିଲେ। ସହ କୃଷି ଅଧିକାରୀ ରାଜେଶ୍ୱରୀ ଭୋଇ, ବିଡିଓ ଡ଼ା ସ୍ୱପ୍ନେଶ୍ୱର ନାଏକ, ସହ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ଏଫଇଏସଏମଟି ଅଭୟ ତ୍ରିପାଠୀ, ମିଶନ ଶକ୍ତି ସଂଯୋଜକ ଲକ୍ଷ୍ମୀ ନାରାୟଣ ବିଶି, ତାପସ ବେହେରା ଯୋଗଦେଇଥିଲେ।

## ସଂକ୍ଷେପରେ

### ବଡ଼ବାହାଲ ଆର୍‌ଆଇ ଅଫିସ ପାଇଁ ଶିଳାନ୍ୟାସ

**ଦେଓଗାଁ,୨।୭(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ପଞ୍ଚାୟତ ବଡବାହାଲଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ରବିବାର ବିଧାୟକ ନରସିଂହ ମିଶ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ବୁଦ୍ଧେଶ୍ୱର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଆରଡି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ମଳ ଚନ୍ଦ୍ର ଜେନା, ଜେଇ ମୁକୁନ୍ଦ କିଶାନ, ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ସମିତି ସୀତାଂଶୁ ମିଶ୍ର ଯୋଗଦେଇଥିଲେ। ନୂତନ କୋଠା ପାଇଁ ୪୮ ଲକ୍ଷ ୮୧ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ଏହି ଅବସରରେ ବିଧାୟକ ମିଶ୍ର ବଡବାହାଲ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ବଡବାହାଲ ହାଇସ୍କୁଲ ଯାଇ ବିଦ୍ୟାଳୟ ସମସ୍ୟା ଶୁଣିଥିଲେ। ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ବିଧାୟକ ପ୍ରତିନିଧି ଅସିତ ମିଶ୍ର, ସରୁଲାଲ ମଟାରୀ ଉପସ୍ଥିତ ଥିଲେ।

### ଜାତିଆଣ ଆକ୍ଷେପକାରୀଙ୍କୁ ଗିରଫ କର

**ବଲାଙ୍ଗୀର, ୨।୭ (ବୀରେନ୍ଦ୍ର କୁମାର ଝାଙ୍କର):** ସାମାଜିକ ଗଣମାଧମରେ ଦଳିତ ସମାଜକୁ ନେଇ ଜାତିଆଣ ଆକ୍ଷେପ, ଅଶାଳୀନ ମନ୍ତବ୍ୟ ଦେଇଥିବା ପ୍ରଦୀପ କୁମାର ପରୁଆଙ୍କୁ ଗିରଫ ଦାବି କରିଛି ଜିଲା ଦଳିତ ସଙ୍ଗଠନ। ସଙ୍ଗଠନ ପକ୍ଷରୁ ଆଦର୍ଶ ଟାଉନ୍ ଥାନାରେ ଏତଲା ଦିଆଯାଇଛି। ଜିଲା ଦଳିତ ସମାଜ ଯୁବ ଶାଖା ଓ ପଶ୍ଚିମ ଓଡିଶା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ଥାନା ଘେରାଉ କରାଯାଇ ପୃଥକ ଏତଲା ଦିଆଯାଇଛି। ଏତଲାରେ ଯୁବକ ଜଣକ ବିଭିନ୍ନ ସମୟରେ କେତେକ ଦଳିତଙ୍କୁ ଫୋନ କରି ଧମକ ଦେଇଥିବା ଦର୍ଶାଯାଇଛି। ତାଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏତଲାରେ ପ୍ରମାଣିକ ତଥ୍ୟ ଭାବେ ଅଡିଓ ରେକର୍ଡିଂ ଓ ଫେସବୁକ ପୋଷ୍ଟର ନକଲ ପୋଲିସକୁ ପ୍ରଦାନ କରାଯାଇଛି।

### ମହିଳା ଆଇନଜୀବୀଙ୍କ ପରଲୋକ



**ବଲାଙ୍ଗୀର, ୨।୭ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସହର ପ୍ୟାଲେସ ଲାଇନ ନିବାସୀ ମହିଳା ଆଇନଜୀବୀ ସ୍ୱାଗତିକା ମିଶ୍ର(୪୨)ଙ୍କ ଶନିବାର ମୁମ୍ବାଇଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ କର୍କଟ ରୋଗରେ ପୀଡିତ ଥିଲେ। ତାଙ୍କ ସ୍ୱାମୀ ସଞ୍ଜୀବ ହୋତା ମଧ ଜଣେ ଆଇନଜୀବୀ । ସ୍ୱାଗତିକାଙ୍କ ପିଲାଦିନରୁ ସଙ୍ଗୀତ ଓ କଳା ପ୍ରତି ଗଭୀର ରୁଚି ଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ସିଭିଲ କୋର୍ଟ ପରିସରସ୍ଥ ବାର୍ ହଲ୍‌ରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଅମରେଶ ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋକସଭାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ଶୋକସଭାରେ ଜିଲା ଓକିଲ ସଂଘର ବହୁ ସଭ୍ୟାସଭ୍ୟ ସ୍ୱର୍ଗତା ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

# ‘ଯୁଦ୍ଧକାଳୀନ ଭିତ୍ତିରେ ନାଳନର୍ଦ୍ଦମା ସଫା କର’

**ବଲାଙ୍ଗୀର, ୨।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀରର ନାଗରିକ କମିଟି ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

**ବଲାଙ୍ଗୀର ନାଗରିକ କମିଟି ସାଧାରଣ ପରିଷଦ ବୈଠକ**
- ଡାକ୍ତର ପଦବୀ ପୂରଣ ଉପରେ ଜୋର ଦେଲେ
- କାର୍ଡିଓଲୋଜିଷ୍ଟ ନିଯୁକ୍ତି ଉପରେ ଗୁରୁତ୍ୱାରୋପ

ବଲାଙ୍ଗୀର ଟାଉନ୍ ଉଚ୍ଚ ବାଳିକା ବିଦ୍ୟାଳୟରେ ବଲାଙ୍ଗୀର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ସଭାପତି ଇଂ.ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବିଭିନ୍ନ ପ୍ରସ୍ତାବ ଆଗତ କରି ସଭା ପରିଚାଳନା କରିଥିଲେ। ନାଗରିକ କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ହୋଇଥିବା ଆଲୋଚନା ବିଷୟରେ ତର୍ଜମା କରିଥିଲେ। ଆଗକୁ ବିଭିନ୍ନ କାର୍ଯ୍ୟ ତଦାରଖ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ମ୍ୟୁନିସିପାଲିଟିର ପ୍ରତ୍ୟେକ ୱାର୍ଡରୁ କମିଟି ପ୍ରତିନିଧିଙ୍କ ନାମ ପୌରସଂସ୍ଥାକୁ ଦେବାକୁ ନିଷ୍ପତ୍ତି ହୋଇଥିଲା। ବର୍ଷା ଦିନରେ ଜଳ ନିଷ୍କାସନ ସମସ୍ୟା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନାଳନର୍ଦ୍ଦମା ସଫା ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ସହରର ବିଭିନ୍ନ ଜଳାଶୟର ପୁନରୁଦ୍ଧାର, ପୃଥ୍ୱୀରାଜ ଗୋଶାଳା, ବାଏପାସ୍ ରାସ୍ତାର ଅଗ୍ରଗତି ଓ ସହରର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଡାକ୍ତରଖାନାରେ ଖାଲି ପଡିଥିବା ପଦବୀ ବିଶେଷ କରି କାର୍ଡିଓଲୋଜିଷ୍ଟ ବିଭାଗରେ କର୍ମଚାରୀ ଅଭାବକୁ ନେଇ କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ବନ ମହୋତ୍ସବ ଉପଲକ୍ଷେ କରାଯାଉଥିବା ବୃକ୍ଷରୋପଣ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ସହ ସମ୍ପର୍କ ରକ୍ଷା କରିବା ପାଇଁ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଗଠନ କରାଯାଇଥିବା ସୂଚନା ଦେଇଥିଲେ। ଉକ୍ତ କମିଟିର ଆବାହକ ଉପସଭାପତି ନିତ୍ୟାନନ୍ଦ ମିଶ୍ର ଓ ସଭ୍ୟଭାବେ ପର୍ଶୁରାମ ନାୟକ, ସରୋଜ ଚୋପଦାର, ଅଶୋକ ସାହୁ ଓ ପ୍ରଶାନ୍ତ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଗୋପଭୂଷଣ ନାଥ, କିଶୋର ମୋହନ ମିଶ୍ର, ଜୟରାମ ମିଶ୍ର, ଗୋପବନ୍ଧୁ ପୁରୋହିତ, ଅଶୋକ ମିଶ୍ର, ନରେଶ ଦାଶ, ମାଲିଆ ଗଡୁଆ ଅଂଶଗ୍ରହଣ କରିଥିଲେ। ଶେଷରେ ନାଗରିକ କମିଟି ସହସମ୍ପାଦକ ଚକ୍ରପାଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳୁନି ପାଇପ୍ ପାଣି, ବିଡିଓଙ୍କୁ ଫେରାଦ



ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ପଡାବାସୀ।

**ମୁରିବାହାଲ, ୨।୭(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ମହକୁମା ନିକଟ ମହାରପଡାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପଡାକୁ ପାଇପ ଜଳଯୋଗାଣ ବ୍ୟବସ୍ଥା ଥିଲେ ହେଁ ଏହା କିଛିଦିନ ହେଲା ବ୍ୟାହତ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କଲା ପରେ ମଧ ସ୍ଥିତିରେ ପରିବର୍ତ୍ତନ ହେଉନାହିଁ। ଏଥିପାଇଁ ଶନିବାର ଉକ୍ତ ପଡାର ମହିଳାମାନେ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ପଡାରେ ୫ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରନ୍ତି। ହେଲେ କେବଳ ଗୋଟିଏ ନଳକୂପ ଉପରେ ସେମାନେ ଭରସା କରିଥାନ୍ତି। ହେଲେ ଏତେ ଲୋକଙ୍କୁ ନଳକୂପର ପାଣି ଅଭାବ ଦେଖାଦେଇଥାଏ। ପଡାକୁ ଗ୍ରାମ ପରିମଳ ବିଭାଗ ତରଫରୁ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା ରହିଛି। ହେଲେ ଆଜକୁ ୭ରୁ ୮ ଦିନ ହେବ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ପରେ ଏନେଇ ସେମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ଲିଖିତ ଅଭିଯୋଗ କରି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରିଥିଲେ। ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଗ୍ରାମ ପରିମଳ ଓ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ସେଟଙ୍କୁ ଫୋନ ଯୋଗେ ଜଣାଇ ନିର୍ଦ୍ଦେଶ ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ଶୁକ୍ରୁ ସାୟତ, କୁମର ମଲିଆ, ତାପସ୍ୱିନୀ ବାଗ କସ୍ତୁରୀ ନାଗ, ରତି ସିନ୍ଧିରିଆ, ପ୍ରଭାସିନି ସେଟଙ୍କ ସହ ଅନେକ ମହିଳା ଉପସ୍ଥିତ ଥିଲେ।

# ପିପି ଏକାଡେମୀ-ମହାଲକ୍ଷ୍ମୀନଗର ରାସ୍ତା ପାଇଁ ଶିଳାନ୍ୟାସ

**ବଲାଙ୍ଗୀର, ୨।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**



ବିଧାୟକ ନରସିଂହ ମିଶ୍ର ପିପି ଏକାଡେମୀ ଛକ-ମହାଲକ୍ଷ୍ମୀନଗର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

- କାମ ଯଥା ସମୟରେ କର: ନରସିଂହ
- ୧ କୋଟି ୪ ଲକ୍ଷ ଟଙ୍କାରେ ନିର୍ମିତ ହେବ ରାସ୍ତା

ବଲାଙ୍ଗୀରର ପିପି ଏକାଡେମୀ ଛକଠାରୁ ମହାଲକ୍ଷ୍ମୀ ନଗର ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ବିଧାୟକ ନରସିଂହ ମିଶ୍ର ରବିବାର ପୂର୍ବାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାୟ ୫୦୦ ମିଟର ଲମ୍ବ ଏହି ରାସ୍ତା ନିର୍ମାଣ ପାଇଁ ପଡାବାସୀ ଦୀର୍ଘ ଦିନରୁ ଦାବି କରିଆସୁଥିଲେ। ଲୋକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ରାସ୍ତା ପୂର୍ତ୍ତ ବିଭାଗକୁ ଯେପରି ହସ୍ତାନ୍ତରିତ ହୋଇପାରିବ ସେ ଉପରେ ବିଧାୟକ ମିଶ୍ର ପଦକ୍ଷେପ ଗ୍ରହଣ କରିଥିଲେ। ୧ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ସହିତ ଉଭୟ ପଟେ ଡ୍ରେନ ମଧ ନିର୍ମାଣ ହେବ। ରାସ୍ତାର ଗୁଣବତ୍ତା ସହ ଡ୍ରେନ ପାଣି ଯେପରି ଉପରମୁଣ୍ଡରୁ ତଳ ପର୍ଯ୍ୟନ୍ତ ଠିକ୍ ଭାବେ ଯାଇପାରିବ ସେ ଉପରେ ଧ୍ୟାନ ଦେବାକୁ ନିର୍ମାଣକାରୀ ସଂସ୍ଥାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। କାମ ଯେପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ସମ୍ପୂର୍ଣ୍ଣ ହେବ ସେଦିଗରେ ବିଭାଗୀୟ ଯନ୍ତ୍ରୀ, ନିର୍ମାଣକାରୀ ସଂସ୍ଥା ଓ ସ୍ଥାନୀୟ ବାସିନ୍ଦା ସମନ୍ୱୟ ରକ୍ଷା କରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ଆଗାମୀ ଦିନରେ ସହର ମଧରେ ବାକି ରହି ଯାଇଥିବା କିଛି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସ୍ଥାନୀୟ ପୂର୍ତ୍ତବିଭାଗ ଏସ୍‌ଡିଓ ବିଜନ କୁମାର ଜେନା ଓ ଅନ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ଉପସଭାପତି ସନ୍ତକ ବହିଦାର, ମନୀଷ ମିଶ୍ର, ଅଜୟ ତ୍ରିପାଠୀ, ସାନନ୍ଦ ମିଶ୍ର, ମନୋଜ ପଟ୍ଟନାୟକ, ଜୁଲୁ ପଟ୍ଟନାୟକ, ଜୁଲୁ ମିଶ୍ର, ସନୋଜ ପଟ୍ଟନାୟକ, ଲୋପନ ମିଶ୍ର, ଅଙ୍କିତ ସାହୁ, ନୀତିଶ ପ୍ରଧାନ, ଅସିତ ମିଶ୍ର, ମଧୁ ନାଗ, ଆକବର ଖାନ, ରାଜେଶ ହୋତା, ମାନସ ମହାନ୍ତି, ଅମୀୟ ମିଶ୍ର, ସୌମ୍ୟଦୀପ ସରାଫ, ତୁଷାର କୁମ୍ଭାର, ସଞ୍ଜୟ ମିଶ୍ର, ସମୀର କୁମ୍ଭାର ଉପସ୍ଥିତ ଥିଲେ।

### ବାର୍ହା ଶିକାର ପାଇଁ ବିଛାଯାଇଥିବା ତାର ଲାଗି ୫ ମଇଁଷି ମୃତ

**ଲାଠୋର, ୨।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ଅଧିନ ଲାଠୋର ଏବଂ ଖର୍ଲି ଗ୍ରାମ ସୀମାରେ ଥିବା ଚାନ୍ଦଲି ଡୁଙ୍ଗୁରି ନିକଟରେ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ୫ଟି ମଇଁଷିଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ମଇଁଷି ମାଲିକ ଖର୍ଲି ଗ୍ରାମର ନାନୁ ଭଇଁଷାଲ ଭାଙ୍ଗି ପଡିଛନ୍ତି। ମଇଁଷି ରଖି କ୍ଷୀର ବିକ୍ରୟ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଶନିବାର ରାତିରେ ମଇଁଷିମାନେ ଗୁହାଳରୁ ବାହାରି ଚାନ୍ଦଲି ଡୁଙ୍ଗୁରି ଦେଇ ଲାଠୋର ପଟକୁ ଆସୁଥିବା ବେଳେ କେହି ଶିକାରି ବାର୍ହା ଶିକାର ପାଇଁ ହାଇ ଭୋଲଟେଜ ବିଦ୍ୟୁତ୍ ତାର ବିଛାଇଥିଲେ। ମଇଁଷିମାନେ ସେହି ତାରରେ ଲାଗି ମୃତ୍ୟୁମୁଖରେ ପଡ଼ିଛନ୍ତି। ମଇଁଷିର ହାରାହାରି ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ନାନୁ କହିଛନ୍ତି। ଏବେ ମଇଁଷି ସବୁ ମରିଯିବା ପରେ ସେ କିପରି ପରିବାର ଚଳାଇବେ ଚିନ୍ତାରେ ପଡି ଯାଇଛନ୍ତି। ଏନେଇ ଲାଠୋର ଫରେଷ୍ଟର ସାଗରିକା ସେଠଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି।

# ବନ୍ଧାହେଲେ ନକଲି ଡାକ୍ତର



ଜବତ ଔଷଧ ସହ ଗିରଫ ନକଲି ଡାକ୍ତର ସୁବୋଜିତ ମଜୁମଦାର।

**ଲାଠୋର,୨।୭(ଭୁବନେଶ୍ୱର ବାରିକ)**

**ବିପୁଳ ପରିମାଣରେ ଔଷଧ ଜବତ**

ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଷ ଖିଲାରିଙ୍କ ନିର୍ଦ୍ଦେଶକ୍ରମେ ଲାଠୋର ଥାନା ଅଧିନ ବେନ୍ଦେର ଗ୍ରାମରୁ ଲାଠୋର ପୋଲିସ ଜଣେ ନକଲି ଡାକ୍ତରଙ୍କୁ ଗିରଫ କରିଛି। ତାଙ୍କ କ୍ଲିନିକରୁ ବିପୁଳ ପରିମାଣରେ ଔଷଧ ଜବତ କରାଯାଇଛି। ଗିରଫ ନକଲି ଡ଼ାକ୍ତର ହେଲେ ପଶ୍ଚିମବଙ୍ଗ ରାଜ୍ୟ ଗେବୋରଦନଗା ଅଞ୍ଚଳର ସୁବୋଜିତ ମଜୁମଦାର। ତାଙ୍କ ପାଖରେ କୌଣସି ପ୍ରକାର ଡ଼ାକ୍ତରୀ ଡ଼ିଗ୍ରୀ କିମ୍ବା ଲାଇସେନ୍ସ ନ ଥାଇ ସେ ଗତ ୮ ବର୍ଷ ହେଲା ଲାଠୋର ଥାନା ବେନ୍ଦେର ଗ୍ରାମର ତୁଳାରାମ ମାଝିଙ୍କ ଘର ଭଡ଼ା ନେଇ ଏକ କ୍ଲିନିକ ଖୋଲିଥିଲେ। ଲୋକଙ୍କ ଅଭିଯୋଗ ଏବଂ ଏସ୍‌ପି ନିର୍ଦ୍ଦେଶ ଅନୁସାରେ ଲାଠୋର ଥାନା ଆଇଆଇସି ଏକ ଟିମ୍ ଗଠନ କରି ଶନିବାର ସନ୍ଧ୍ୟାରେ ବେନ୍ଦେରସ୍ଥିତ ସୁବୋଜିତଙ୍କ ବେଆଇନ କ୍ଲିନିକ ଉପରେ ଚଡାଉ କରିଥିଲେ। ମାଜିଷ୍ଟ୍ରେଟଭାବେ ପାଟଣାଗଡ଼ ଅତିରିକ୍ତ ତହସିଲଦାର ଧିରଜ କୁମାର ପାତ୍ର ଉପସ୍ଥିତ ଥିଲେ। ତାଙ୍କ ଉପସ୍ଥିତିରେ ପୋଲିସ ବିପୁଳ ପରିମାଣରେ ବିଭିନ୍ନ ପ୍ରକାର ଔଷଧ, ଇଞ୍ଜେକସନ ଏବଂ ଭିଟାମିନ ସିରପ ଇତ୍ୟାଦି ଜବତ କରିବା ସହ କ୍ଲିନିକକୁ ସିଲ୍ କରିଥିଲେ। ପରେ ଥାନାକୁ ଆଣି ଅଧିକ ତଦନ୍ତ କଲାପରେ ସୁବୋଜିତଙ୍କ ବିରୋଧରେ ଲାଠୋର ଥାନାରେ ଦଫା ୪୧୯,୪୨୦ରେ ଏକ ମାମଲା(୮୦/୨୩) ରୁଜୁ କରି ରବିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି।

# ଓଭରହେଡ୍ ପାଣିଟାଙ୍କି ଉଦ୍‌ଘାଟିତ

**ସଇଁତଳା, ୨।୭**
**(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ରେଡ଼କ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ରବିବାର ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ୩ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ ପାଣି ଟାଙ୍କିର ଶୁଭ ଉଦ୍‌ଘାଟନ କରିଛନ୍ତି। ୪ଲକ୍ଷ ଟଙ୍କା ବ୍ୟୟରେ ଏହି ଟାଙ୍କି ନିର୍ମାଣ ହୋଇଛି। ଉଦ୍‌ଘାଟନ ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଏବଂ ଆଦିବାସୀ କଲ୍ୟାଣ ସଂଘର ଧିନା ଭୋଇ, ଚନ୍ଦ୍ର ଗହୀର, ଭୁବନେଶ୍ୱର ସାହୁ, ବିପିନ ଭୋଇ, ହୃଷୀକେଶ ଭୋଇ, ଜିଲା ସଂଗଠକ ଥବୀର ପୂଝାରୀ, ସମ୍ପାଦକ ହେମେନ୍ଦ୍ର ହାଂସଦା, ନଗର ସଭାପତି ନିତ୍ୟାନନ୍ଦ ମାଝି, ଉପଦେଷ୍ଟା ଦେବସିଂ ମାଝିଙ୍କ ସମେତ ଶତାଧିକ ବିଜେଡ଼ି ସମର୍ଥକ ଉପସ୍ଥିତ ଥିଲେ। ଏହି ସମୟରେ ତାଙ୍କ ସଇଁତଳା ବ୍ଲକ ପ୍ରତିନିଧି ଅନୁପସ୍ଥିତ ଥିବାରୁ ରାଜ୍ୟ ସଭା ସଦସ୍ୟ ବିଶି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବ୍ଲକ ଅଞ୍ଚଳର ଅଧିକାଂଶ ନଳକୂପରୁ ଫ୍ଲୋରାଇଡ଼ଯୁକ୍ତ ପାଣି ବାହାରୁଥିବାରୁ ତୁରନ୍ତ ନଦୀରୁ ପାଇପ ଜଳ ଯୋଗାଣ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ବିଶିଙ୍କୁ ଅନୁରୋଧ କରିଥିଲେ। ଏ ଦିଗରେ ଯଥା ସମ୍ଭବ ପଦକ୍ଷେପ ନେବି ବୋଲି ବିଶି କହିଥିଲେ।

# ପୋଖରୀ ରାସ୍ତା କାମ ପାଇଁ ଲେଆଉଟ

**ଲୋଇସିଂହା,୨।୭(ସୁଶାନ୍ତ ବାରିକ)**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଛେଲବାହାଲ ଗ୍ରାମର ପୋଖରୀ ହିଡ ରାସ୍ତା ଅଧାପନ୍ତରିଆ ହୋଇ ପଡି ରହିଛି। ଉକ୍ତ ରାସ୍ତାରେ ଗ୍ରାମବାସୀ ଯାତାୟାତରେ ନାହିଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗତ ମେ ୨୯ତାରିଖରେ ଧରିତ୍ରୀରେ ରାସ୍ତା ଅସମ୍ପୂର୍ଣ୍ଣ, ଲୋକେ ହଇରାଣ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ଜିଲା ପରିଷଦ ପାଣ୍ଠିରୁ ୩ଲକ୍ଷ ଅନୁଦାନ ପ୍ରଦାନ କରାଯାଇଛି। ରବିବାର ପୋଖରୀ ହିଡରେ କଙ୍କ୍ରିଟକରଣ ପାଇଁ ଲେଆଉଟ ଦିଆଯାଇଛି। କିଛି ବର୍ଷ ପୂର୍ବରୁ କେଉଁଟପାଲିରୁଭାୟା ଛେଲବାହାଲ ଦେଇ ଅଗଲାପାଲିକୁ ପ୍ରଧାନମନ୍ତ୍ରୀ ସଡକ କାମ ଆରମ୍ଭ ହୋଇଥିଲା। ଛେଲବାହାଲ ଗ୍ରାମର ପୋଖରୀ ହିଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିବାବେଳେ ପୋଖରୀ ମୁଣ୍ଡରେ ଏକ ଉଚ୍ଚ ପୋଲ କାମ ହୋଇଛି। ହେଲେ ସେବେବେଳେ କୌଣସି କାରଣକୁ ନେଇ ଛେଲବାହାଲ ପୋଖରୀ ହିଡ କଂକ୍ରିଟ ରାସ୍ତା ଅସମ୍ପୂର୍ଣ୍ଣ ହୋଇରହିଛି।

# ପଦକ ବିଜେତା ସୁନୈନାଙ୍କୁ ସମ୍ବର୍ଦ୍ଧିତ କଲେ ନରସିଂହ

**ବଲାଙ୍ଗୀର, ୨।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

**ଓଡ଼ିଶା ରାଜ୍ୟ ଆନ୍ତଃ କ୍ଲବ୍ ଭାରୋତ୍ତୋଳନ ପ୍ରତିଯୋଗିତା**
- ବଲାଙ୍ଗୀରର ଝିଅ ସୁନୈନା ଜିତିଥିଲେ ରୌପ୍ୟ ପଦକ
- ଜିଲାର ପ୍ରଥମ ଝିଅ ଭାବେ ଅର୍ଜିଲେ ସୁନାମ

ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ରାଜ୍ୟ ଭାରୋତ୍ତଳନ ସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଓଡିଶା ରାଜ୍ୟ ଆନ୍ତଃ କ୍ଲବ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ବଲାଙ୍ଗୀରର ଝିଅ ସୁନୈନା ବେହେରା ରୌପ୍ୟ ପଦକ ଜିତି ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ପଦକ ବିଜୟିନୀ ସୁନୈନା ରବିବାର ବଲାଙ୍ଗୀର ପହଞ୍ଚିବା ପରେ ତାଙ୍କୁ ବିଧାୟକ ନରସିଂହ ମିଶ୍ର ନିଜ ବାସଭବନ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରି ତାଙ୍କ କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଅବସରରେ ସୁନୈନାଙ୍କ କୋଚ୍ ବିନାୟକ ରଞ୍ଜନ ପାଣ୍ଡେ, ଟିମ୍ ମ୍ୟାନେଜର ଭେଟେରାନ୍ ଖେଳାଳି ସୁଦାମ ବେହେରା, ସୁନୈନାଙ୍କ ପିତା ଅନନ୍ତ ବେହେରା ଓ ମାତା ମୀରା ବେହେରା ଉପସ୍ଥିତ ଥିଲେ। ବିଧାୟକ ମିଶ୍ର ସୁନୈନାଙ୍କ ଉଜ୍ଜ୍ୱଳ କ୍ରୀଡା ଭବିଷ୍ୟତ କାମନା କରିଥିଲେ। ନିରନ୍ତର ପ୍ରୟାସ ଜାରି ରଖିବା ସହ ଜିଲା, ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଓଡିଶା ରାଜ୍ୟ ଆନ୍ତଃ କ୍ଲବ୍ ଭାରୋତ୍ତାଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବଲାଙ୍ଗୀରରୁ ସୁନୈନାଙ୍କ ସମେତ ୪ ଜଣ ପ୍ରତିଯୋଗୀ ଭୁବନେଶ୍ୱର ଯାଇଥିଲେ। ସେମାନଙ୍କ ମଧ୍ୟରୁ ସୁନୈନା ତାଙ୍କ ପ୍ରଥମ ପଦାର୍ପଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରୌପ୍ୟ ପଦକ ଜିତିଛନ୍ତି। ସୁନୈନାଙ୍କ କୃତିତ୍ୱ ଜିଲାର ଅନ୍ୟ କ୍ରୀଡାବିତ୍‌ଙ୍କୁ ପ୍ରେରଣା ଯୋଗାଇବ ବୋଲି କ୍ରୀଡାବିତ୍ ମହଲରେ ଆଶା ପ୍ରକାଶ କରାଯାଇଛି।



ବିଧାୟକ ନରସିଂହ ମିଶ୍ର ସଫଳ କ୍ରୀଡାବିତ୍ ସୁନୈନାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଚର୍ଚ୍ଚାରେ ବିଜେଡି ନେତା, କର୍ମୀଙ୍କ ଅନୁପସ୍ଥିତି

**ବଲାଙ୍ଗୀର,୨।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

**ବଲାଙ୍ଗୀର ବାଇପାସ୍ ରାସ୍ତା ଶିଳାନ୍ୟାସ ପ୍ରସଙ୍ଗ**
- ପୂର୍ତ୍ତମନ୍ତ୍ରୀଙ୍କ ଉପସ୍ଥିତି ସତ୍ତ୍ୱେ ସଭାକୁ ଆସିଲେନି
- ଭାଜପାରେ ବାରି ହେଉଥିଲା ଫାଟ
- କଂଗ୍ରେସ କରିଥିଲା ଶକ୍ତି ପ୍ରଦର୍ଶନ

ବହୁପ୍ରତୀକ୍ଷିତ ବଲାଙ୍ଗୀର ଜାତୀୟ ରାଜପଥ ବାଇପାସ୍‌ର ଶିଳାନ୍ୟାସ କାର୍ଯ୍ୟକ୍ରମ ଶୁକ୍ରବାର ସମ୍ପନ୍ନ ହୋଇଥିଲା। ଏହି ଶିଳାନ୍ୟାସ ସଭାର କିଛି ଦୃଶ୍ୟ ଜିଲାର ରାଜନୈତିକ ଦୃଷ୍ଟିକୋଣରୁ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଅନେକ କଳ୍ପନାଜଳ୍ପନା ଓ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ନିର୍ମାଣାଧୀନ ସ୍ମାର୍ଟ ପାର୍କ ନିକଟରେ ୪୩୦କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ବାଇପାସ୍ ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ ପରିବହନ ତଥା ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରି ଭିଡିଓ ବାର୍ତ୍ତା ଜରିଆରେ ବଲାଙ୍ଗୀରବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସଭାରେ ଭାଜପା ଏମ୍‌ପି ସିଂଦେଓ ଏହି ବାଇପାସ୍ ରାସ୍ତା ପାଇଁ ସେ କିଭଳି ପରିଶ୍ରମ କରିଥିଲେ ସେ କଥା କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ବିଭାଗ ମନ୍ତ୍ରୀ ଗଡକରିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ବାଇପାସ୍ ରାସ୍ତା ପାଇଁ ବିଧାୟକ ନରସିଂହ ମିଶ୍ର କିଭଳି ପଦକ୍ଷେପ ନେଇଥିଲେ ଓ ଚିଠି ଲେଖିଥିଲେ ସେ କଥା କହିଥିଲେ। ପୂର୍ତ୍ତମନ୍ତ୍ରୀ ମଲ୍ଲିକ ଏବଂ ରାଜ୍ୟ ସଭା ସଦସ୍ୟ ବିଶି ବାଇପାସ୍ ରାସ୍ତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇ ଶ୍ରେୟ ନେବାକୁ ଚେଷ୍ଟା କରିଥିଲେ। ହେଲେ ସେମାନଙ୍କ କଥାରେ ତାଳି ମାରିବାକୁ ଶିଳାନ୍ୟାସ ସଭାରେ କେହି ବିଜେଡି କର୍ମୀ କି ନେତା ଉପସ୍ଥିତ ନ ଥିଲେ। ହେଲେ ଏମ୍‌ପି ସିଂଦେଓ, ବିଧାୟକ ମିଶ୍ର ଓ ବିଧାୟକ ମହାଲିଙ୍ଗ ବିଜେଡିର ନହୋଇ ସୁଦ୍ଧା ମୁଖ୍ୟମନ୍ତ୍ରୀ ଓ ପୂର୍ତ୍ତମନ୍ତ୍ରୀଙ୍କୁ ବାଇପାସ୍ ରାସ୍ତା ପାଇଁ ଧନ୍ୟବାଦ ଜଣାଇଥିଲେ। ମିଳିଥିବା ସୂଚନା ମୁତାବକ ସ୍ଥାନୀୟ ପୌରାଧକ୍ଷା, କେତେଜଣ କାଉନସିଲର ଓ ବିଜେଡି ନେତା ମନ୍ତ୍ରୀ ମଲ୍ଲିକଙ୍କୁ ଶିଳାନ୍ୟାସ ପୂର୍ବରୁ ସ୍ଥାନୀୟ ସର୍କିଟ ହାଉସଠାରେ କୁଆଡେ ଭେଟିଥିଲେ। ତେବେ ସେମାନେ ଶିଳାନ୍ୟାସ ସ୍ଥଳକୁ ଆସି ନ ଥିଲେ। ଏ ନେଇ ମନ୍ତ୍ରୀ ମଲ୍ଲିକ କୁଆଡେ ରାଜ୍ୟ ସଭା ସଦସ୍ୟ ବିଶିଙ୍କୁ ସର୍କିଟ ହାଉସକୁ ଆସିଥିବା ବିଜେଡି କର୍ମୀମାନେ କୁଆଡେ ଗଲେ ବୋଲି ପଚାରିଥିଲେ। ସେମାନେ ତ ଆସିବା କଥା, ନିମନ୍ତ୍ରଣ ମିଳିଥିଲା କି ନାହିଁ ଜାଣିନି କହି ତାଙ୍କର କିଛି ଲୋକ ସଭାରେ ଅଛନ୍ତି ବୋଲି କହିଥିଲେ। ଶିଳାନ୍ୟାସ ସଭାରେ କଂଗ୍ରେସ କର୍ମୀ ଉପସ୍ଥିତ ରହି ନାରାବାଜି କରି ପୂରା ଶ୍ରେୟ ନେବାର ଚେଷ୍ଟା କରିଥିବା ଦେଖାଯାଇଥିଲା। ସଭାରେ ସ୍ଥାନୀୟ କେତେକ ଜଣାଶୁଣା ଭାଜପା ନେତାଙ୍କ ଅନୁପସ୍ଥିତ ମଧ ଚର୍ଚ୍ଚାର ବିଷୟ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ କେଉଁ ଘଟଣାକୁ ନେଇ ଏବଂ କାହା ନିର୍ଦ୍ଦେଶରେ ଉଭୟ ଭାଜପା, ବିଜେଡି କର୍ମୀ ଓ ନେତା ଶିଳାନ୍ୟାସ ସଭାକୁ ଆସିଲେ ନାହିଁ ଚର୍ଚ୍ଚାର ବିଷୟ ହୋଇଛି। ଭାଜପା ଭିତରେ ବି ସବୁକିଛି ଠିକ୍ ନାହିଁ ଏହା ପଦାରେ ପଡିଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଜଗଦଲପୁରରେ ପ୍ରତିଭା ସମ୍ମାନ ସମାରୋହ

ପଦ୍ମପୁର,୨।୭(ପ୍ରଦୀପ୍ତ ଦାଶ): ଜଗଦଲପୁର ପ୍ରତିଭା ସମ୍ମାନ ସମିତି ଆନୁକୂଲ୍ୟରେ ସ୍ଥାନୀୟ ରେସିଡେନ୍ସିଆଲ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ପ୍ରତିଭା ସମ୍ମାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ରାଜକିଶୋର ପଟେଲ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜୟକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଡୁଙ୍ଗୁରିପାଲି ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ପ୍ରଧାନ, ସରେଇକେଲା ସରପଞ୍ଚ ଉପେନ୍ଦ୍ର ପଟେଲ, ସାଧୁଚରଣ ବରିହା, ତୁରମନ ଅଗ୍ରୱାଲ, ହରିଶ୍ଚନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜଗଦଲପୁର ଅଞ୍ଚଳ ପ୍ରତିଭା ସମ୍ମାନ ସମିତିର ସଂଯୋଜକ ଅଧାପକ ଦିବ୍ୟକିଶୋର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀ ବ୍ଲକ ଟପ୍ପର ଅମଠି ଉଚ୍ଚବିଦ୍ୟାଳୟର ଛାତ୍ର ନିରୋଜ ଜଗତ ଓ ଯୁକ୍ତ ୨ ଜଗଦଲପୁର ରେସିଡେନ୍ସିଆଲ୍ କଲେଜର ଛାତ୍ରୀ ଶୀତଲ ରାଉତିଆଙ୍କ ସମେତ ସମସ୍ତ ଉଚ୍ଚ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। କୃଷ୍ଣଚନ୍ଦ୍ର ପଟେଲ, ମନୋଜ ସାହୁ, ତାପସି ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସାଧୁଚରଣ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦେଶୀ ମଦ ଜବତ, ୧ଗିରଫ

ବରଗଡ଼,୨।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ରବିବାର ବିପୁଳ ବିଦେଶୀ ମଦ ଜବତ କରିଛି । ଏଥିରେ ସମ୍ପୃକ୍ତ ଶୋଭିତ ମିତ୍ତଲ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ତାଙ୍କ ପାଖରୁ ୪୦ଲିଟର ବିଦେଶୀ ମଦ ଜବତ ହୋଇଥିବାବେଳେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୧୨୪/୨୩) ରୁଜୁ ହୋଇଛି ।

### ହାଇୱା ଧକ୍କାରେ ଶିଶୁ ମୃତ୍ୟୁ, ମା'ବାପା ଗୁରୁତର

ବେହେରା,୨।୭ (ଭୁପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ମିର୍ଜାପୁର୍ ବିଜୁ ଏକ୍ସପ୍ରେସ ନିକଟରେ ରବିବାର ସନ୍ଧ୍ୟାରେ ହାଇୱା ଧକ୍କାରେ ୭ମାସ ଶିଶୁର ମୃତ୍ୟୁ ହୋଇଥିବା ବେଳେ ମା'ବାପା ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ମତେ ସୋନପୁର ଜିଲା ବିନିକା ଅଞ୍ଚଳର ସୋହେବ ଶବର (୨୮), ସ୍ତ୍ରୀ ଓ ମା'ବାପାଙ୍କ ସହ ବେହେରାଠାରେ ରହୁଛନ୍ତି। ରବିବାର ସନ୍ଧ୍ୟାରେ ସୋହେବ ସ୍ତ୍ରୀଙ୍କ ସହ ଶିଶୁଙ୍କୁ ନେଇ ବାଇକ୍‌ରେ ଜୁନାଗଡ଼ରୁ ବେହେରା ଅଭିମୁଖେ ଆସୁଥିଲେ। ଏହି ସମୟରେ ମିର୍ଜାପୁର ନିକଟରେ ପଛପଟୁ ଆସୁଥିବା ଏକ ହାଇୱା (ଓଡି୦୮କେ- ୩୪୩୭) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତିନିଜଣ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହିଁ ଡାକ୍ତର ଶିଶୁଙ୍କ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ୨ ଗୁରୁତରଙ୍କୁ ଧର୍ମଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୋକସରା ଓ ଅମପାଣୀ ପୋଲିସ ଘଟଣାସ୍ଥଳ ପହଞ୍ଚି ତଦନ୍ତ କରୁଥିବା ବେଳେ ସ୍ଥାନୀୟ ଲୋକ ଓ ମୃତକଙ୍କ ପରିବାର ଲୋକ କ୍ଷତି ପୂରଣ ଦାବି କରୁଥିବା ଜଣାପଡିଛି।

# ଚାଷୀଙ୍କ ପରିବା, ଲାଭ ଖାଉଛନ୍ତି ବ୍ୟବସାୟୀ

ବରଗଡ଼ ଅଫିସ୍,୨।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଏକ କୃଷିଭିତ୍ତିକ ଜିଲା। ଜିଲାରେ ଧାନ ଭଳି ଲଙ୍କାଠାରୁ ଆରମ୍ଭ କରି କୋବି, ବାଇଗଣ, ଟମାଟୋ, ପୋଟଳ, ଜହ୍ନି, କଖାରୁ, ଭେଣ୍ଡି, କଲରା, କାକୁଡ଼ି ଆଦି ପରିବା ଚାଷ ହୋଇଥାଏ। ଜିଲାର ଅମ୍ବାଭୋନା ବ୍ଲକ ଅଞ୍ଚଳରେ ଚାଷୀମାନେ ଅଦା ଚାଷ ମଧ୍ୟ କରିଥାନ୍ତି। କିନ୍ତୁ ଚାଷୀ ବହୁଳ ଏହି ଜିଲାରେ ଶୀତଳ ଭଣ୍ଡାର ନାହିଁ । ଫଳରେ ଅମଳ ପରିବା ସୁରକ୍ଷିତ ରଖିବା ଚାଷୀଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼େ। ଅମଳ ପରିବାକୁ କିଆରୀରୁ କିଏ ସିଧାସଳଖ ବଜାରକୁ ନେଇଥାନ୍ତି, ଆଉ କେଉଁ ଚାଷୀଙ୍କ ପରିବା କିଆରୀକୁ ଜିଲା ବାହାରୁ ବ୍ୟବସାୟୀ ପହଞ୍ଚିଥାନ୍ତି। ସଂରକ୍ଷଣ ବ୍ୟବସ୍ଥା ନ ଥିବା ଯୋଗୁ ଚାଷୀମାନେ ଅମଳ ପରିବାକୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି। ଏପରିକି ବିଭିନ୍ନ ସମୟରେ ପରିବା ଦର ଏତେ ତଳକୁ ଖସିଯାଇଥାଏ ଯେ, ଚାଷୀ କେତେବେଳେ ପରିବାର କିଆରୀରେ ଟ୍ରାକ୍ଟର ମଡ଼ାଇ ଦିଏ ତ ଆଉ କେତେବେଳେ ଅମଳ ପରିବାକୁ ବଜାରରେ ଢ଼ାଳି ଦେଇ ଘରକୁ ଫେରିଥାଏ। କିନ୍ତୁ ଏଭଳି ଦିନ ଆସିଥାଏ, ଚାଷୀ ଯେଉଁ ପରିବାକୁ ଶସ୍ତାରେ ବିକି ଦେଇଥାନ୍ତି, କିଛିଦିନ ପରେ ସେହି ପରିବା ଦର ଆକାଶ ଛୁଆଁ ହୋଇପଡ଼େ ଏବଂ ଚାଷୀଙ୍କ ଲାଭ ସମ୍ପୃକ୍ତ ବ୍ୟବସାୟୀଙ୍କ ହାତକୁ ଚାଲି ଯାଇଥାଏ। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ସ୍ଥିତି ଉପୁଜିଛି । ପ୍ରାୟ ସବୁ ପରିବା ଦର ଏତେ ମହଙ୍ଗା ହୋଇଛି ଯେ ଗରିବ, ମଧ୍ୟବିତ୍ତ ଲୋକେ ସେଥିରେ ହାତ ମାରିବା ମୁସ୍କିଲ ହୋଇପଡ଼ିଛି । ଟମାଟୋ କିଲୋ ଶହେ ତଳକୁ ଖସିବାର ନାଁ ନେଉ ନ ଥିବାବେଳେ ଅଦା କିଲୋ ପ୍ରତି ୩ଶହ ଟପି ସାରିଲାଣି। ସେହିପରି ଫୁଲକୋବି ୮୦, ବାଇଗଣ ୪୦ରୁ ୬୦, ଜହ୍ନି ୬୦, କଲରା ୬୦ରୁ ୮୦, ପୋଟଳ ୬୦ରୁ ୮୦, ଭେଣ୍ଡି ୬୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ପରିବା ଦର ସେଭଳି କମ୍ ନୁହେଁ । ଏଭଳି ସ୍ଥଳେ ଯେଉଁ ଚାଷୀ ଶସ୍ତାରେ ପରିବା ବିକିଥିଲେ, ଆଜି ସେହି ଚାଷୀଙ୍କ କିଆରୀରେ ଆଉ ସେହି ପରିବା ନ ଥିବା ଯୋଗୁ ଚାଷୀଙ୍କୁ ମଧ୍ୟ ମହଙ୍ଗାରେ ପରିବା କିଣିବାକୁ ପଡୁଛି। ପରିବା ସଂରକ୍ଷଣ ପାଇଁ ଯଦି ଜିଲାର ବିଭିନ୍ନ ସ୍ଥାନରେ ଶୀତଳ ଭଣ୍ଡାର ଥାଆନ୍ତା, ଆଜି ପରିବା ଦର ଏଭଳି ଆକାଶଛୁଆଁ ହୋଇ ନ ଥାନ୍ତା ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

### ଶୀତଳ ଭଣ୍ଡାର ନ ଥିବାରୁ ଦର ଆକାଶଛୁଆଁ



ବରଗଡ଼ ବଜାରରେ ପରିବା ।

### ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ କ୍ଷତି ସହୁଛୁ



ପୋଟଳ, ଝୁଲେର ପରିବା ଚାଷ କରିଛି। ବର୍ତ୍ତମାନ ଅମଳ ହେଉଛି। କଲରା ଚାଷ ମଧ୍ୟ କରିଛି। ତାହା ଅମଳ ହେବାକୁ ଆଉ କିଛିଦିନ ଲାଗିବ। ଅମଳ ପରିବା ସବୁକୁ ବେପାରୀ ପାଖରେ ବିକ୍ରି କରୁଛୁ। ପୋଟଳ କିଲୋ ପ୍ରତି ୪୦ଟଙ୍କା ଏବଂ ଝୁଲେର କିଲୋ ପ୍ରତି ୯୦ଟଙ୍କାରେ ବେପାରୀମାନେ ଆମଠାରୁ କିଣୁଛନ୍ତି। କିନ୍ତୁ ଆମଠାରୁ କିଣିବା ପରେ ପୋଟଳ କିଲୋ ପ୍ରତି ୬୦ ଏବଂ ଝୁଲେର କିଲୋ ପ୍ରତି ୧୨୦ଟଙ୍କାରେ ସେମାନେ ବିକୁଛନ୍ତି। ଶୀତଳ ଭଣ୍ଡାରଟିଏ ନ ଥିବା ଯୋଗୁ ଆମ ଲାଭ ବେପାରୀ ଉଠାଉଛନ୍ତି ।

–ମହାଦେବ ମହାପାତ୍ର, ଚାଷୀ, କଲାପାଣି

### କଳାବଜାର ନିୟନ୍ତ୍ରଣରେ ପ୍ରଶାସନ ଫେଲ୍



ଚାଷୀମାନେ ଯେତେବେଳେ ପରିବା ଉତ୍ପାଦନ କରୁଛନ୍ତି, ସେତେବେଳେ ପରିବା ଦର ୧ଟଙ୍କା, ୨ଟଙ୍କା ରହୁଛି। ଏଭଳି ସ୍ଥିତିରେ ବରଗଡ଼ କେନ୍ଦପାଲିର ଜଣେ ଚାଷୀ ଖଏନୁ ବଗର୍ତ୍ତି ଆତ୍ମହତ୍ୟା କରିଥିବାର ନଜର ରହିଛି। ସେତେବେଳେ ବିଧାନସଭା ଗୃହ କମିଟି ମୃତକଙ୍କ ଘରକୁ ଆସିଥିଲେ ଏବଂ ଜିଲାରେ ଶୀତଳ ଭଣ୍ଡାର ନିର୍ମାଣ ସପକ୍ଷରେ ମତ ରଖିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଜିଲାରେ ସରକାରୀ ଶୀତଳ ଭଣ୍ଡାର ନାହିଁ। ତାହା ନ ଥିବା ଯୋଗୁ ପରିବା ବିକ୍ରିରେ ମଧ୍ୟ କଳାବଜାର ଚାଲିଛି ଏବଂ ଏହା ନିୟନ୍ତ୍ରଣ କରିବାରେ ପ୍ରଶାସନ ଫେଲ୍ ମାରିଛି।

–ହର ବଣିଆଁ, ଚାଷୀ, ସରକଣ୍ଡା

### ଶୀତଳ ଭଣ୍ଡାର ପାଇଁ ରହିଛି ରିହାତି



ଜିଲାରେ ସରକାରୀ ଶୀତଳ ଭଣ୍ଡାର ନାହିଁ। କୁରୁଆଁରେ ଜଣେ ଚାଷୀଙ୍କ ଘରୋଇ ଶୀତଳ ଭଣ୍ଡାର ରହିଛି। ତେବେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାରୀ ଯୋଜନା ରହିଛି। ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକ ଚାହିଁଲେ ଶୀତଳ ଭଣ୍ଡାର ଗୁଡ଼ିକ ବଜାରରେ କରିପାରିବେ। ସେହିପରି ଚାଷୀମାନେ ମଧ୍ୟ ଚାହିଁଲେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳ ଭଣ୍ଡାର ନିର୍ମାଣ କରିପାରିବେ। ଏଥିପାଇଁ ସରକାର ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରିଛନ୍ତି । କିନ୍ତୁ ଶୀତଳ ଭଣ୍ଡାର ପାଇଁ ଚଳିତବର୍ଷ କେହି ଆବେଦନ କରିନାହାନ୍ତି ।

–ଅଶୋକ କୁମାର ଅମାତ, ମୁଖ୍ୟ ଜିଲା କୃଷି ଅଧିକାରୀ

## କୋଦାଳରେ ହାଣି ସ୍ତ୍ରୀକୁ ହତ୍ୟା, ସ୍ୱାମୀ ଗିରଫ

ଝାରବନ୍ଧ,୨।୭(ଦେବେନ୍ଦ୍ର ସାହୁ): ବରଗଡ଼ ଜିଲା ଝାରବନ୍ଧ ଥାନା ଭଣ୍ଡାରପୁରୀ ପଞ୍ଚାୟତ ଅନ୍ତର୍ଗତ ଜାମପାଲି ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଶିବ ପ୍ରସାଦ ସାହୁ(୭୦) ତାଙ୍କ ସ୍ତ୍ରୀ ଶ୍ରୀୟା(୬୫)ଙ୍କୁ କୋଦାଳରେ ହାଣି ହତ୍ୟା କରିଛନ୍ତି। ରବିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏହି ଘଟଣାରେ ମୃତା ମହିଳାଙ୍କ ଅଭିଯୁକ୍ତ ସ୍ୱାମୀ ଶିବ ପ୍ରସାଦଙ୍କୁ ଗିରଫ କରାଯାଇଛି। ଏହା ସହିତ ତାଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳକୁ ପୋଲିସ ଜବତ କରିଛି। ଏ ନେଇ ଝାରବନ୍ଧ ଥାନାରେ ଏକ ହତ୍ୟା ମାମଲା (ନଂ.୯୭/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଶିବ ପ୍ରସାଦ ଏବଂ ଶ୍ରୀୟାଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରିବାରର ଅନ୍ୟ ସଦସ୍ୟମାନେ ବୁଝାଶୁଝା କରିବା ପରେ ଶ୍ରୀୟା ଶୋଇବା ଘରକୁ ଯାଇ ଶୋଇ ପଡ଼ିଥିଲେ। ମାତ୍ର ବିଳମ୍ବିତ ରାତିରେ ଶିବ ପ୍ରସାଦ ତାଙ୍କୁ ମାଡ଼ପିଟ୍ କରିବା ସହ ଏକ କୋଦାଳରେ ହାଣି ହତ୍ୟା କରିଥିଲେ। ମାଡ଼ପିଟ୍ ଶବ୍ଦ ଶୁଣି ମୃତା ମହିଳାଙ୍କ ପୁଅ ଟଙ୍କଧର ଶ୍ରୀୟା ଶୋଇବା ଘରକୁ ବିଳମ୍ବିତ ରାତି ପ୍ରାୟ ଦେଢ଼ଟାରେ ଯାଇଥିଲେ। ସେତେବେଳେ ଶିବ ପ୍ରସାଦଙ୍କ ଆକ୍ରମଣରେ ଶ୍ରୀୟାଙ୍କ ମୃତ୍ୟୁ ହୋଇସାରିଥିଲା ବୋଲି ଟଙ୍କଧର କହିଛନ୍ତି। ରବିବାର ସକାଳେ ଟଙ୍କଧରଙ୍କଠାରୁ ସୂଚନା ପାଇ ଝାରବନ୍ଧ ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

## ନକଲି ସାର କାରବାର, ୩ ଗିରଫ



ଗିରଫ ଅଭିଯୁକ୍ତମାନେ।

ବରପାଲି,୨।୭(ଚିତ୍ତରଞ୍ଜନ ସାହୁ)

ବରପାଲି ନିକଟସ୍ଥ ତୁଲଣ୍ଡି ଗ୍ରାମରେ ଏକ ନକଲି ସାର କାରବାର ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତୁଲଣ୍ଡି ଗ୍ରାମର ଗୁପ୍ତେଶ୍ୱର ଓରଫ ଲିପନ ବାରିକ (୨୭), ସମରେନ୍ଦ୍ର ବରିହା (୨୮) ଓ ବରଗଡ଼ ସଦର ଥାନା ଅନ୍ତର୍ଗତ ବୁଦେଲପାଲି ଗ୍ରାମର କ୍ଷୀରସାଗର ସାହୁ (୪୦)। ସେମାନଙ୍କଠାରୁ ନଗଦ ୮୦ ହଜାର ଟଙ୍କା, ୪ ମୋବାଇଲ, ଏକ କାର (ନଂ.ଓଡି୧୭ଜେଡ/୧୫୧୩) ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୨୨୪।୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଗତ ଜୁନ୍ ୨୬ ତାରିଖରେ କୃଷି ବିଭାଗ ପକ୍ଷରୁ ତୁଲଣ୍ଡି ଗ୍ରାମର ମୋହନ ବାରିକଙ୍କ ଗୋଦାମ ଘରେ ଚଢ଼ାଉ କରି ୯୦ ବସ୍ତା ପଟାସ ସାର ଜବତ କରିବା ସହ ନମୁନା ପରୀକ୍ଷା ପାଇଁ ସମ୍ବଲପୁର ପଠାଯାଇଥିଲା। ପରେ ତହସିଲଦାର ପୋଲିସ ସହ ପହଞ୍ଚି ପୁଣି ୨୦୦ ବସ୍ତା ନକଲି ସାର ଜବତ କରି ବରପାଲି ଏଫ୍‌ସିଆଇରେ ଜମା ରଖିଥିଲେ। ରବିବାର ଉକ୍ତ ସାରର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଛି। ତେବେ ପ୍ରଥମେ ପଠାଯାଇଥିବା ନମୁନାର ରିପୋର୍ଟ ଶନିବାର ଆସିବା ପରେ ଜବତ ସାର ନକଲି ବୋଲି ଜଣାପଡିଥିଲା। ଏହି ରିପୋର୍ଟକୁ ଆଧାର କରି ଫର୍ଟିଲାଇଜର ଇନ୍ସପେକ୍ଟର ଈତୁସ୍ମିତା ଦେବତା ବରପାଲି ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲାପାଳଙ୍କୁ ଅବଗତ କରିଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ମୋହନ ପରିବାର ସହ ଫେରାର ଥିଲେ। ପୋଲିସ ମୋବାଇଲ ଟ୍ରାକିଂ କରି ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତ ଦୀର୍ଘ ୪ ବର୍ଷ ହେଲା ଏପରି ନକଲି ସାର ତିଆରି କରି ବରପାଲି, ବରଗଡ଼ ଓ ଛତିଶଗଡ ରାଜ୍ୟକୁ ଚାଲାଣ କରୁଥିଲେ। ସେହିପରି ଅଭିଯୁକ୍ତ ପୂର୍ବରୁ ନକଲି ବିହନ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି।

## ଲୁହା ବୋଝେଇ ଟ୍ରକ୍ ଓଲଟିଲା



ଓଲଟିଥିବା ଲୁହା ବୋଝେଇ ଟ୍ରକ ।

ଗାଇସିଲେଟ୍,୨।୭ (ବେଦପ୍ରକାଶ କଲେତ୍): ବରଗଡ଼ ଜିଲା ଗାଇସିଲେଟ୍ ଥାନା ତାଲପାଲି ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଲୁହା ବୋଝେଇ ଟ୍ରକ୍ (ନଂ.ଓଡ଼ି୦୨ଏଭି ୮୯୯୯) ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଉଭୟ ଟ୍ରକ୍ ଡ୍ରାଇଭର ଏବଂ ହେଲପର ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କିଭଳି ସ୍ଥିତିରେ ସେହି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେଲା, ତାହା ଜଣାପଡ଼ିନାହିଁ। ବଲାଙ୍ଗୀର ପଟୁ ରାୟପୁର ଅଭିମୁଖେ ଉକ୍ତ ଟ୍ରକଟି ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ସୂଚନା ମିଳିଛି ।

## ୧୫ ବାଇକ ଜବତ, ୭ ଗିରଫ

ପଦ୍ମପୁର,୨।୭(ପ୍ରଦୀପ୍ତ ଦାଶ)

ବରଗଡ, ବଲାଙ୍ଗୀର ଓ ଛତିଶଗଡର ବିଭିନ୍ନ ଗ୍ରାମରୁ ବାଇକ ଚୋରି କରୁଥିବା ଏକ ରାକେଟ୍‌ର ୭ଜଣଙ୍କୁ ବରଗଡ଼ ଜିଲା ବୁଡେନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୀନକେତନ ପ୍ରଧାନ, ଅଖିଳ ନାଗ, ଚୁନୁଲାଲ ଅଗ୍ରୱାଲ, ବିଜୁ ଭୁଏ, ଦିଲୀପ ବାଗ, ଦୀପକ ବାଗ, ଶୁଭେନ୍ଦୁ ମେହେର। ସେମାନଙ୍କଠାରୁ ୧୫ଟି ଚୋରି ବାଇକ ଉଦ୍ଧାର କରାଯାଇଛି।



ଜବତ ହୋଇଥିବା ବାଇକ।

## ଭାଜପାର ମଣ୍ଡଳ ସମାବେଶ

ବରଗଡ଼ ଅଫିସ୍,୨।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଉଦେପାଲି ଗ୍ରାମରେ ରବିବାର ଭାଜପାର ମଣ୍ଡଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଦଳର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ ଯୋଗଦେଇ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷ ଶାସନରେ ଗରିବ କଲ୍ୟାଣକାରୀ ଯୋଜନା ତଥା ଅନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ହୋଇଥିବା ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପଟେ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଲୋକେ ନିଜର ହକ୍ ପାଇ ପାରୁନାହାନ୍ତି ବୋଲି ସେ କହିବା ସହିତ ଲୋକଙ୍କ ପାଖକୁ ପହଞ୍ଚି ସଚେତନତା ସୃଷ୍ଟି ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ନେତା ସୌରୀଚରଣ ବାରିକ, ସୁଶାନ୍ତ ମିଶ୍ର, ଅମରେଶ ପ୍ରଧାନ, ତିଲୋତ୍ତମା ଭୁଏ, ପ୍ରତାପ ପ୍ରଧାନ, ସାମନ୍ତ ମାଝି, ସରୋଜ ଖମାରୀ, ଅମିୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଉଦ୍‌ବୋଧନ ଦେଉଛନ୍ତି ।

## ଘନାମାଳ, ପଲସାପାଲି ହାଇସ୍କୁଲରେ ବନ ମହୋତ୍ସବ

ପଦ୍ମପୁର,୨।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଘନାମାଳ ଆଞ୍ଚଳିକ ହାଇସ୍କୁଲରେ ବରଗଡ଼ ଜିଲା ପରିବେଶ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ରବିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ପ୍ରଧାନ ଶିକ୍ଷକ ଜୀବର୍ଦ୍ଧନ ବେହେରା ସଭାପତିତ୍ୱ କରିଥିଲେ। ଜିଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟ ଅତିଥି, ଫରେଷ୍ଟର କୈଳାଶ ଚନ୍ଦ୍ର ମାଝୀ, ସମିତି ସଭ୍ୟ ଅମିଲାଲ ଭୁଏ, ସାମାଜିକ କର୍ମୀ ପ୍ରକୃତିବନ୍ଧୁ ଅନନ୍ତ ମେହେର, ଚୂଡାମଣି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବଜଗତର ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସଂରକ୍ଷଣର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଁଳା ଚାରା ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ, ଅତିଥି ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଘନାମାଳ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ସେହିପରି ପଲସାପାଲି ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବନ ମହୋତ୍ସବ ପାଳନ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ଶାନ୍ତନୁ ପ୍ରଧାନ ସଭାପତିତ୍ୱ କରିଥିଲେ। ରାଜବୋଡାସମ୍ବର ବିଡିଓ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି ଓ ପ୍ରକୃତିବନ୍ଧୁ ମୀନକେତନ ସାହୁ, ଅନନ୍ତ ମେହେର, ଚୂଡାମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ଅନିରୁଦ୍ଧ ରଣା, ମଦନ ଭୁଏ, ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ରାହାସ ବିହାରୀ ସାହୁ, ଦିଲୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଓବିସି ଆନ୍ଦୋଳନ ତୀବ୍ର ହେବ



ବୈଠକରେ ଉପସ୍ଥିତ କର୍ମକର୍ତ୍ତାବୃନ୍ଦ ।

ବରଗଡ଼ ଅଫିସ୍,୨।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଓଡ଼ିଶା ଓବିସି ସୁରକ୍ଷା ମଞ୍ଚର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମଲୋଚନ ସାହୁଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ଓବିସି ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଷଡ଼ାନନ ଭୋଇ ସଭାପତି, ବୈଷ୍ଣବ ଚରଣ ତ୍ୟାଗୀ ସମ୍ପାଦକ, ସାକେତ ଶ୍ରୀଭୂଷଣ ସାହୁ ମୁଖପାତ୍ର, ପଦ୍ମଲୋଚନ ସାହୁ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ବୈଠକରେ ବରଗଡ଼ ଜିଲାର ପ୍ରତି ବ୍ଲକରେ କମିଟି ଗଠନ ପାଇଁ ସଚେତନ କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ଦିନରେ ଓଡ଼ିଶା ସରକାର ଯଦି ଓବିସି ଛାତ୍ରୀଛାତ୍ରଙ୍କ ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ହକ୍ ନ ଦେବେ, ତେବେ ବିରାଟ ଆନ୍ଦୋଳନ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଶ୍ରୀମନ୍ତ ବାରିକ, ବସନ୍ତ ବାରିକ, ଦଶରଥ ପଧାନ, ଜୟପ୍ରକାଶ ପ୍ରଧାନ, ସୁନିଲ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ବରଗଡ଼,୨।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଶୁକ୍ରବାର ଏଚିଭର୍ସ ହେଲ୍‌ପିଂ ଫାଉଣ୍ଡେଶନର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଫାଉଣ୍ଡେଶନ ସଭାପତି ଦିବାକର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ନିର୍ମଳ ଦେହେରୀ, ଦିବ୍ୟକାନ୍ତି ଭୋଇ, ପାଣ୍ଡବ କର୍ଣ୍ଣ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ଭୋଇ, କିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିମାନେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି ।

ବରଗଡ଼ ପଞ୍ଚାୟତ କଲେଜର ଯୁକ୍ତ ୨ ଟପ୍ପର ଆୟୁଷ ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଡିଗ୍ରୀ ପରୀକ୍ଷାରେ ବିଭିନ୍ନ ବିଭାଗର ଟପ୍ପର ତାଲିକାରେ ରହିଥିବା ଭଟଲି ଦଧିବାମନ କଲେଜର ୫ ଛାତ୍ରୀ ସୁରଭି ସାହୁ, ଲକ୍ଷ୍ମୀ ସାହୁ, ଏଲିନା ପ୍ରଧାନ, ଅଙ୍କିତା ପ୍ରଧାନ, ପଦ୍ମିନୀ ପ୍ରଧାନ ଏବଂ ଯୁକ୍ତ ୨ରେ ରାଜ୍ୟରେ ଟପ୍ପର ହୋଇଥିବା କମଗାଁ କଲେଜର ସ୍ୱାସ୍ତିକ ଖମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ କୃତିତ୍ୱ ହାସଲ କରିଥିବା ଶ୍ରୀୟାଂଶ ସମ୍ଭବ ପ୍ରଧାନ, ଯୁକ୍ତ ୨ ବିଜ୍ଞାନରେ କୃତିତ୍ୱ ଅର୍ଜନ କରିଥିବା ସମ୍ବଲପୁର ନିଉଟନ କଲେଜର ଛାତ୍ର ତଥା ଗାଇସିଲେଟର ଚନ୍ଦନ ମାଝି, ବରଗଡ଼ ମହିଳା କଲେଜର ଯୁକ୍ତ ୨ ଟପ୍ପର ସତୀ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ସେହିପରି ଅବସରପ୍ରାପ୍ତ ସେନା କର୍ମଚାରୀ ବନବାସ ପ୍ରଧାନ, ହୃଦାନନ୍ଦ ଯୋଶୀ, ଆଶିଷ ପ୍ରଧାନ, କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମାଜକ୍ଷେତ୍ରରେ କାମ କରୁଥିବା ସମଲେଇପଦରେ ପାର୍ବତୀ ଗିରି ବୃଦ୍ଧାଶ୍ରମର ଜଳନ୍ଧର ପଟେଲ, ସମାଜସେବୀ ଶିବାନନ୍ଦ ମଟାରୀ, ଚକରକେନ୍ଦର ମାତୃଛାୟା, ବରଗଡ଼ ମାରୱାଡ଼ି ମହିଳା ସମିତି, ଓଡ଼ିଶା ଅଭିଭାବକ ମହାସଂଘ, ମା ସମଲେଶ୍ୱରୀ ଯୁବା ଗ୍ରୁପ୍, ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର, ଜନକଲ୍ୟାଣ ସେବା ଟ୍ରଷ୍ଟ, ପାୱାର ଅଫ୍ ଦିବ୍ୟାଙ୍ଗ, ବରଗଡ଼ ଫିଜିକାଲ ଏକାଡ଼େମୀ, କଲ୍ୟାଣୀ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମ୍ପାଦକ ଭଗବାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଫାଉଣ୍ଡେଶନର ସଭ୍ୟ ଲିପିକା ସେଟ୍, ଗଜେନ୍ଦ୍ର ମେହେର, ଅଭିଳାଷ ସାହୁ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

ରାଜଗାଙ୍ଗପୁର
- ଗୁରୁ ପୂର୍ଣ୍ଣିମା ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ-ଲମଲୋଇ ସାଇ ମନ୍ଦିର, ସମୟ-ଭୋର ୪.୩୦

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**କୁତ୍ରା,୨।୭(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ତୁନମୁରା ଭଙ୍ଗାପଡ଼ାରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଏରିକ୍ କୁଲୁ(୩୬)। ପରିବାର ଲୋକେ ଜାଣିବା ପରେ ତାଙ୍କୁ ପ୍ରଥମେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହ ଥାନାରେ ଏକ ମାମଲା ରୁଜୁ କରିଛି।

### ଏମ୍‌ସିଏଲ୍ ବନ୍ଦ, ବିସ୍ଥାପିତଙ୍କ ଧାରଣା

**ହେମଗିର,୨।୭(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ଏମ୍‌ସିଏଲ୍‌କୁ ତୁମୁଲିଆ, ଗର୍ଜନବାହାଲ, ଗୋପାଲପୁର, ସିଆରମାଲ ଆଦି ୧୪ ଖଣ୍ଡ ବିସ୍ଥାପିତ ଗାଁର ଶତାଧିକ ଲୋକେ ବିଭିନ୍ନ ଦାବି ନେଇ ବନ୍ଦ କରିଦେଇଛନ୍ତି। ଏମ୍‌ସିଏଲ୍ ଅଫିସ ସମେତ ବସୁନ୍ଧରା, କୁଲଡା, ଗର୍ଜନବାହାଲ, ସିଆରମାଲ ଖଣି ଓ ସରଡେଗା ରେଲୱେ ସାଇଡିଂ ବନ୍ଦ ରହିଛି। ଫଳରେ କୋଇଲା ଉତ୍ତୋଳନ, ବୋଝେଇ ଓ ପରିବହନ ଠପ୍ ହୋଇଯାଇଛି। ଦାବି ପୂରଣ ନ ହେବା ଯାଏ ଖଣି ବନ୍ଦ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ରବିବାର ଏଡିଏମ୍ ଅଭିମନ୍ୟୁ ବେହେରା ଓ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନ ଓ ବିସ୍ଥାପିତଙ୍କ ସହିତ ତ୍ରିସ୍ତରୀୟ ଆଲୋଚନା ହୋଇଥିଲା। ହେଲେ ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି।

### ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରତିଯୋଗିତା

**ସୁନ୍ଦରଗଡ଼,୨।୭(ଜୟନାରାୟଣ ମେଣ୍ଟୁଲି):** ଜୁଲାଇ ୨୫ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷେତ୍ର ଦିବସ ଅବସରରେ ଜିଲା ସଂସ୍କୃତି ଭବନଠାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଜିଲା ସ୍ତରୀୟ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାଧାରଣ ଜ୍ଞାନ ଆଦି ପ୍ରତଯୋଗିତା ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତଯୋଗିତାରେ ବିଚାରକଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗାଳ୍ପିକ ଗିରିଦଣ୍ଡ ସେନା, ବିବିଧ ବିଶ୍ୱ, ଅଧ୍ୟାପିକା ସୁସ୍ମିତା ଭୋଇ, ବିଶିଷ୍ଟ ଲେଖକ ଉଦିତ ପ୍ରସାଦ, ଝାରସୁଗୁଡା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.ଚିରବ୍ରତ ଦତ୍ତ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସପ୍ରାପ୍ତ ଶିକ୍ଷୟିତ୍ରୀ ଲଳିତା ଖଣ୍ଡା, ସଞ୍ଜୀବ ରାୟ, ଗୋପକୃଷ୍ଣ ନାୟକ, ନିରୁପମା ମହାପାତ୍ର ଯୋଗଦେଇଥିଲେ। ଜିଲା ସ୍ତରୀୟ ପ୍ରତଯୋଗିତାରେ ପ୍ରଥମ କୃତୀ ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଓ ବିଚାରକମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

■ ବିପଦରେ ଲୋକଙ୍କ ଜୀବନ

■ ନୀରବଦ୍ରଷ୍ଟା ବିଦ୍ୟୁତ୍ ବିତରଣ କମ୍ପାନୀ

**ଲାଠିକଟା,୨।୭(ରାମେଶ୍ୱର ଖାଡ଼ଙ୍ଗା)**


ମୁକୁଳା ଅବସ୍ଥାରେ ରହିଥିବା ଟ୍ରାନ୍ସଫର୍ମର।

ସାରନଗରୀ ମୁଖ୍ୟ ରାସ୍ତା କଡ଼ରେ ମୁକୁଳା ପଡ଼ିଛି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶତାଧିକ ଲୋକ ଯା'ଆସ କରନ୍ତି। ତେବେ କେତେବେଳେ ଅଘଟଣ ଘଟିବ ତାହା କହିହେବ ନାହିଁ। ଏହି ଟ୍ରାନ୍ସଫର୍ମରରୁ ସବୁ ବସ୍ତି ଓ ଦୋକାନମାନଙ୍କୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଏବେ ଏହା ବିପଦ ସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ତାର ଗୁଡ଼ିକ ଏଣେତେଣେ ଛନ୍ଦି ହୋଇ ପଡ଼ିଥିବାବେଳେ କିଛି ତାର ମାଟିରେ ଗୁଡ଼େଇ ହୋଇ ପଡ଼ିଛି। ସବୁଠାରୁ ବଡ଼ କଥା ହେଉଛି ଏହି ଟ୍ରାନ୍ସଫର୍ମର ପଛକୁ ଦୋକାନ ଗୁଡ଼ିକ ରହିଛି। ପ୍ରତ୍ୟେକ ଦିନ ଏଠାରେ ଗ୍ରାହକଙ୍କ ଭିଡ଼ ଜମିଥାଏ। ରାସ୍ତା କଡ଼ରେ ଟ୍ରାନ୍ସଫର୍ମର ଥିଲେ ମଧ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ କୌଣସି ଫଳକ ଲଗାଯାଇ ନାହିଁ। ଏହି ରାସ୍ତାଦେଇ କମ୍ପାନୀର ଅନେକ କର୍ମଚାରୀ ଯା'ଆସ କରନ୍ତି। ହେଲେ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏହା ଚାରିପଟେ ଯଥାଶୀଘ୍ର ବାଉଣ୍ଡରି ବା ତାର ଘେରାଉ କରାଯାଉ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଦିନ ଥାଉ ଥାଉ ଯଦି ଏହା ନ କରା ଯାଏ ତେବେ ବଡ଼ ଅଘଟଣ ଘଟିପାରେ। ଆଉ ଏଥିପାଇଁ କମ୍ପାନୀ ଦାୟୀ ରହିବ ବୋଲି ଲୋକେ କହିଛନ୍ତି। ଏ ସମ୍ପର୍କରେ ଆମେ କିଛି କର୍ମଚାରୀଙ୍କୁ ପଚାରିବାରୁ, ଉଚ୍ଚ ଅଧିକାରୀ ଏ ବାବଦରେ ଅବଗତ ଅଛନ୍ତି ବୋଲି କହିଛନ୍ତି। ଖୁବଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ସେମାନେ କହିଛନ୍ତି।

# ୧୬ ଛାତ୍ରୀଛାତ୍ର ସମ୍ମାନିତ



ମୁଖ୍ୟ ଅତିଥି ଜଣେ ଛାତ୍ରୀଙ୍କୁ ସମ୍ମାନିତ କରୁଛନ୍ତି।

**ରାଜଗାଙ୍ଗପୁର,୨।୭ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ଓମ୍‌ସେଟ ସଂସ୍ଥା ଦ୍ୱାରା ପରିଚାଳିତ ମାଣ୍ଡିଆକୁଦରସ୍ଥିତ ଗାୟତ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ୧୬ ଛାତ୍ରୀଛାତ୍ରଙ୍କୁ ଓମ୍‌ସେଟ ଦ୍ୱାରା ଓମ୍‌ସିଷ୍ଟ ମହାବିଦ୍ୟାଳୟରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥିଭାବେ ଓମ୍‌ସେଟର ଅଧକ୍ଷା ସନ୍ଧ୍ୟାରାଣୀ ପତି, ଡାଇରେକ୍ଟର ଶରତ ବେହେରା, ଟ୍ରଷ୍ଟ ଉପଦେଷ୍ଟା ଅଶ୍ୱିନୀ ଦାସ, ଓମ୍‌ସିଷ୍ଟ ଅଧକ୍ଷ ସନ୍ତୋଷ ଶତପଥୀ, ଗାୟତ୍ରୀ ମହାବିଦ୍ୟାଳୟର ଅଧକ୍ଷ କ୍ଷୀରୋଦ ଆଚାର୍ଯ୍ୟ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ବିଶ୍ୱ ବିଦ୍ୟାଳୟ ସ୍ତରରେ ଗାୟତ୍ରୀ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନରେ ପାୟଲ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ୩ୟ ବୋଲାନନ୍ଦ ରୋହିଦାସ, ୪ର୍ଥ ଦୀପକ ମହାକୁର, ୫ମ ସୁବାସିସ ଆଚାର୍ଯ୍ୟ, ୭ମ ରାହୁଲ କୁଜୁର ଅଧିକାର କରିଥିଲେ। ସେହିଭଳି ବାୟୋଲୋଜିରେ ଦିବ୍ୟାଂସୁ ଦାସ ୨ୟ ସ୍ଥାନ, ଗଣିତରେ ପଲ୍ଲବୀ ଗୁପ୍ତା ତୃତୀୟ ସ୍ଥାନ, ଜୁଲୋଜିରେ ଜ୍ୟୋତି ଜୟସ୍ୱାଲ ୫ମସ୍ଥାନ ଅଧିକାର କରିଥିଲେ।

# ଖଣ୍ଡାୟତ ଭୂୟାଁଙ୍କୁ ଆଦିବାସୀ ଶ୍ରେଣୀରେ ସାମିଲ କରିବାକୁ ଦାବି

**ସୁନ୍ଦରଗଡ଼,୨।୭(ଜୟନାରାୟଣ ମେଣ୍ଟୁଲି)**


ବୈଠକରେ ଉପସ୍ଥିତ ଭୂୟାଁ ସମାଜର କର୍ମକର୍ତ୍ତା ଓ ସଦସ୍ୟ।

ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ କେନ୍ଦ୍ର କମିଟି ଏବଂ ଜିଲା କମିଟିର ମିଳିତ ସାଧାରଣ ସଭା ସୁବଳୟାସ୍ଥିତ ମାଦ୍ରୀକାଲୋ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର କମିଟି ସଭାପତି ମେଘନାଦ ନାଏକ ଓ ଜିଲା କମିଟି ସଭାପତି ଉଦିତ ଅମାତଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଖଣ୍ଡାୟତ ଭୂୟାଁଙ୍କୁ ଅତିଶୀଘ୍ର ଆଦିବାସୀ ଶ୍ରେଣୀରେ ସାମିଲ କରା ନ ଗଲେ ଜିଲା ସାରା ତୀବ୍ର ଜନ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଖଣ୍ଡାୟତ ଭୂୟାଁମାନେ ଆଦିମ କାଳରୁ ଆଦିବାସୀ ଶ୍ରେଣୀର ହୋଇଥିଲେ ସୁଦ୍ଧା ସେମାନଙ୍କୁ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ତେଣୁ ଅତିଶୀଘ୍ର ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କଠାରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମାଜର ଉନ୍ନତି ମୂଳକ ଓ ସାମାଜିକ ସମସ୍ୟା ଉପରେ ସମୀକ୍ଷା କରାଯାଇ ଥିଲା। ଭୂୟାଁ ସମାଜକୁ ସରକାରଙ୍କ ଉପେକ୍ଷା ଆଉ ସହ୍ୟ କରାଯିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ କେନ୍ଦ୍ର କମିଟି ସାଧାରଣ ସମ୍ପାଦକ ଧ୍ରୁବ କାଲୋ ବିବରଣୀ ପାଠ କରି ଥିଲେ। କମିଟି ସମ୍ପାଦକ ରାମ ଚନ୍ଦ୍ର ଅମାତ ଓ ଜିଲା କମିଟି ସାଧାରଣ ସମ୍ପାଦକ ଗଣେଶ୍ୱର ନାଏକ ସଭା ପରିଚାଳନା କରିଥିବାବେଳେ ମହିଳା ସଙ୍ଗଠନର ସଭା ନେତ୍ରୀ ଇନ୍ଦୁମତି ନାୟକ, ନାଗ୍ରା ସଭାପତି ରଘୁନାଥ ବେହେରା, ଝାଡ଼ଖଣ୍ଡର ଜଗନ୍ନାଥ ନାଏକ, ସମ୍ବଲପୁର ଜିଲା କମିଟିର ଭାସ୍କର ନାଏକ, ଏଚଟିଏଲ୍ ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂ, ସାନ୍ ଦୁଆର ଭୂୟାଁ ସମାଜ ତଥା ସମାଜର ଉପଦେଷ୍ଟା ବିଦ୍ୟାଧର ଅମାତ, ବରିଷ୍ଠ ଉପ ସଭାପତି ରବି ରତ୍ନ ପଟେଲ, କେନ୍ଦ୍ର କମିଟି ଉପ ସଭାପତି ଦେବେନ୍ଦ୍ର ଅମାତ, ଜିଲା ଆଇନ ଉପଦେଷ୍ଟା ପ୍ରଦୀପ ବେହେରା, ଜିଲା ଉପ ସଭାପତି ନିରଞ୍ଜନ ମାଝି, ଡ.ଦିଗାମ୍ବର ନାୟକ, ଲେଫ୍ରିପଡ଼ା ସଭାପତି ରବି ରତ୍ନ ମାଝି, ଟାଙ୍ଗରପାଲି ସମ୍ପାଦକ ଶ୍ରୀକାନ୍ତ ମାଝି, ଲବଙ୍ଗ ମାଝି, ମହିଳା ନେତ୍ରୀ ମିନତି ଅମାତ, ଯଶୋଦା ଅମାତ, ପଦ୍ମଲୋଚନ ନାଏକ, କହ୍ନେଇ ଅମାତ, କେଦାର ସିଂ, ପୂର୍ଣ୍ଣ ଚନ୍ଦ୍ର ଗୁରୁ, ଧନେଶ୍ୱର କାଲୋଙ୍କ ସହ ଗ୍ରାମ୍ୟ, ବ୍ଲକ, ପଞ୍ଚାୟତ, କମିଟିର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଜିଲା ଉପ ସଭାପତି ନିରଞ୍ଜନ ମାଝି ଧନ୍ୟବାଦ ଦେଇଥିଲେ।

# ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

**ବଡ଼ଗାଁ,୨।୭( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯକ୍ରମରେ ବିଡିଓ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଏପିଓ ତପନ କୁମାର ପୁଝାରୀ, ବଡ଼ଗାଁ ଫରେଷ୍ଟ ରେଞ୍ଜର ଉମାଶଙ୍କର ନାୟକ, ଫରେଷ୍ଟର ତୃପ୍ତା ନାଏକ, ବନ କର୍ମଚାରୀ ଜୟ ନାରାୟଣ ପ୍ରଧାନ, ତୁଡାଲଗା ସରପଞ୍ଚ ସୁଦୀପ ବାଡା, ୱାର୍ଡ ମେମ୍ବର ରୀମା ଖଡ଼ିଆ, ରୁଦ୍ର ବେହେରା ଯୋଗଦେଇଥିଲେ। ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ଏହାପରେ କଲଣ୍ଟିଆମୁରାରୁ ମକୁନ୍ଦପୁର ଯିବା ରାସ୍ତା ପାର୍ଶ୍ୱ ଜଙ୍ଗଲ ଜମିରେ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରାଯାଇଥିଲା। ରେଞ୍ଜର ନାୟକ ଓ ସରପଞ୍ଚ ବାଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ମହିଳା ଓ ଯୁବକ ସହଯୋଗ କରିଥଲେ।

# ଜନସମ୍ପର୍କ ଅଭିଯାନ


ବିଧାୟକ ଲୋକଙ୍କୁ ବାର୍ତ୍ତା କାଗଜ ଦେଉଛନ୍ତି।

**ସବ୍‌ଡ଼େଗା,୨।୭(ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ସବ୍‌ଡ଼େଗା ବ୍ଲକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ସୁଶାସନର ୯ବର୍ଷ ସଫଳତାକୁ ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବାକୁ ତଳସରା ବିଧାୟକ ଭବାନୀ ଭୋଇ ଗାଁ ଗାଁ ବୁଲି ଲୋକଙ୍କୁ ଏକ ବାର୍ତ୍ତା କାଗଜ ଦେଇ ଜନ ସମ୍ପର୍କ ଅଭିଯାନ ଚଳାଇଛନ୍ତି। ଶନିବାର ବିଧାୟକ ସବ୍‌ଡ଼େଗାର ଘରେ ଘରେ ଲୋକଙ୍କ ପାଖରେ ପହଞ୍ଚିଥିଲେ। ବିଗତ ୯ ବର୍ଷର ଶାସନରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ପୂର୍ଣ୍ଣ ନେତୃତ୍ୱ, କର୍ତ୍ତବ୍ୟ ନିଷ୍ଠା, ଦେଶର ବିକାଶକୁ ନୂଆଁ ପରିଭାଷା ଦେଇଛନ୍ତି। ଦେଶରେ ସେବା, ସୁଶାସନ, ଗରିବ କଲ୍ୟାଣର ଏକ ଧାରା ପ୍ରବାହିତ ହୋଇଛି। ବିଦେଶରେ ଭାରତର ଗୌରବ ବଢ଼ିଛି ଓ ତାଙ୍କର ଅନେକ ସଫଳ ଯୋଜନା ବିଷୟରେ ଅବଗତ କରିଥିଲେ। ଭାରତ ସରକାରଙ୍କ ନୀତି, ବିକାଶ ମୂଳକ ଯୋଜନା, ଭିତ୍ତିଭୂମି ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସହିତ ଓଡ଼ିଆ ଲୋକଙ୍କୁ ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ପ୍ରାଧାନ୍ୟ ଦେଉଛନ୍ତି ବୋଲି ବିଧାୟକ ଭୋଇ ଲୋକଙ୍କୁ କହିଥିଲେ।

# ଜିଲାସ୍ତରୀୟ ୭୪ତମ ବନ ମହୋତ୍ସବ

**ସୁନ୍ଦରଗଡ଼,୨।୭(ଜୟନାରାୟଣ ମେଣ୍ଟୁଲି)**


ଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଉଛି।

ସୁନ୍ଦରଗଡ଼ ବନଖଣ୍ଡ ଆନୁକୂଲ୍ୟରେ ୭୪ତମ ଜିଲାସ୍ତରୀୟ ବନ ମହୋତ୍ସବ କିରେଇଠାରେ ଥିବା ନଗରବନ ପରିସରରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ବିଧାୟିକା କୁସୁମ ଟେଟେ, ପୌରାଧକ୍ଷା ତନୟା ମିଶ୍ର, ରାଉରକେଲା ଆଞ୍ଚଳିକ ବନସଂରକ୍ଷକ ଡ. ଅରୁଣ କୁମାର ମିଶ୍ର ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ମାନସିଂ ସୋରେନ୍, କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଆଚାର୍ଯ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ. ଆଶୁତୋଷ ନାଏକ, ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ ଉପସ୍ଥିତ ଥିଲେ। ବୃକ୍ଷରୋପଣ, ପରିବେଶ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ଏବଂ ବନାଗ୍ନି ପ୍ରତିରୋଧ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଛାତ୍ରୀଛାତ୍ର, ବନସୁରକ୍ଷା ସଦସ୍ୟ ଏବଂ ବିଭାଗୀୟ କର୍ମକର୍ତ୍ତାଙ୍କୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ସହ ବନାଗ୍ନି ପ୍ରତିରୋଧ ସମ୍ପର୍କରେ ଶପଥପାଠ କରାଇଥିଲେ। ସୁନ୍ଦରଗଡ଼ ଉଜଳପୁର ବନାଞ୍ଚଳ ଅନ୍ତର୍ଗତ କଟ୍ରା -ଗୁଡାବାହାଲ ବନସୁରକ୍ଷା ସମିତି, ବଣାଇଁ ବନଖଣ୍ଡ ଦେଓପୋଷ ବନସୁରକ୍ଷା ସମିତି ଏବଂ ରାଉରକେଲା ନୂଆଟୋଲି ବନସୁରକ୍ଷା ସମିତିକୁ ୨୦୨୨-୨୩ ବର୍ଷ ପାଇଁ ବନଖଣ୍ଡସ୍ତରୀୟ ବିଜୁପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର ସହିତ ୨୦ ହଜାର ଟଙ୍କାର ଡ୍ରାଫ୍ଟ ପ୍ରଦାନ କରାଯାଇଥିଲା। ପ୍ରକୃତିବନ୍ଧୁ ସମ୍ମାନରେ ସୁନ୍ଦରଗଡ଼ ସଦର ବ୍ଲକରୁ ଡ. ରିତେଶ ରଞ୍ଜନ, ଟାଙ୍ଗରପାଲି ବ୍ଲକ ଦେବେନ୍ଦ୍ର ମହାଲିଙ୍ଗ, ସବ୍‌ଡ଼େଗା ବ୍ଲକ ସନ୍ତୋଷ କୁମାର, ବାଲିଶଙ୍କରା ବ୍ଲକ ମାନସୀ ରଥ, ରାଜଗାଙ୍ଗପୁର ବ୍ଲକ ନିଶିକାନ୍ତ ମିଶ୍ର ଏବଂ ବଣାଇଁ ବ୍ଲକରୁ ପ୍ରଶାନ୍ତ କିଶୋର ଚଇଲିଙ୍କୁ ମାନପତ୍ର ସହିତ ୧୦ ହଜାର ଟଙ୍କାର ଡ୍ରାଫ୍ଟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବୃକ୍ଷରୋପଣ, ଜଙ୍ଗଲ ଏବଂ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଶ୍ରେଷ୍ଠ ବନପାଳଭାବେ ହେମଗିର ବନାଞ୍ଚଳ ରୋହିଣୀ ସେକ୍ସନର ବନପାଳ ମନୋଜ ନାଏକ ଏବଂ ଲେଫ୍ରିପଡା ବନାଞ୍ଚଳ ଗୁଣ୍ଡିଆଡିହି ସେକ୍ସନର ବନପାଳ ସବ୍ୟସାଚୀ କାଲୋ, ଗୋପାଳପୁର ବନାଞ୍ଚଳର ଜାମକାନି ବିଟ୍‌ର ବନରକ୍ଷୀ ସମୀର କୁମାର ଚୌଧୁରୀ ଏବଂ ସୁନ୍ଦରଗଡ଼ ବନାଞ୍ଚଳର ବିଟର ବନରକ୍ଷୀ ବାସୁଦେବ ସାହୁଙ୍କୁ ଶ୍ରେଷ୍ଠ ବନରକ୍ଷୀଭାବେ ମାନପତ୍ର ସହିତ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟପରେ ଉପସ୍ଥିତ ଅତିଥିବୃନ୍ଦ, ଛାତ୍ରୀଛାତ୍ର,ବିଭାଗୀୟ କର୍ମକର୍ତ୍ତାମାନେ ନଗରବନ ପରିସରରେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିଥିଲେ। ସହକାରୀ ବନସଂରକ୍ଷକ ମୋହନ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିସ୍ଥାପିତଙ୍କ ସହ କଂଗ୍ରେସର ଆଲୋଚନା

**ହେମଗିର,୨।୭(ଚୈତନ୍ୟ ପଟେଲ )**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର କଂଗ୍ରେସ ଦଳ ପକ୍ଷରୁ କୋଇଲା ଖଣି ଦ୍ୱାରା ବିସ୍ଥାପିତ ହେଇଥିବା ଝାରପଲମ, ଗିରିସିମା, ମେଣ୍ଡ୍ରା ଓ ଜାମକାନୀର ଜନ ସାଧାରଣଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଟିତ ପଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ନିର୍ମଳ ନାଏକ, ଅନିତା ବିଶ୍ୱାଳ ଉପସ୍ଥିତ ଥିଲେ। ବିସ୍ଥାପିତ ଲୋକଙ୍କ ସମସ୍ୟାର ସମାଧାନ କେବଳ କଂଗ୍ରେସ ଦଳ କରିପାରିବ ବୋଲି ବିଜୟ କୁମାର ପଟ୍ଟନାୟକ କହିଥିଲେ। ପ୍ରଶାସନ ସମସ୍ତ ନିୟମକୁ ଉଲ୍ଲଂଘନ କରି କୋଇଲା ଖଣିକୁ ସହଯୋଗ କରୁଥିବା ବିଧାୟକ ରାଜନ ଏକ୍କା କହିଥିଲେ। ଏହି ଅବସରରେ ବିସ୍ଥାପିତ ଲୋକେ ନିଜର ଦାବି ଓ ସମସ୍ୟା ଉପରେ ମୁଖ୍ୟ ଅତିଥିଙ୍କୁ ଜଣାଇଥିଲେ। ଏହି ଅବସରରେ କଂଗ୍ରେସର ଦଳର ଭୁଲକି ସେଟ, ଅଶୋକ ପଣ୍ଡା, ବାଙ୍କିବିହାରୀ ପଧାନ, ଦେବାଶିଷ ଦାସ ଉପସ୍ଥିତ ଥିଲେ।

# ବିଜେଡି ସଭାପତିଙ୍କ ଜନ୍ମଦିନରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ

**ସୁନ୍ଦରଗଡ଼,୨।୭(ଜୟନାରାୟଣ ମେଣ୍ଟୁଲି)**


ଶିବିରରେ ଜଣେ ରକ୍ତଦାନ କରୁଛନ୍ତି।

ବିଜେଡି ସଭାପତି ଡ. ବ୍ୟୋମକେଶ ରାୟଙ୍କ ଜନ୍ମଦିନ ଅବସରରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାର କେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ସୁନ୍ଦରଗଡ଼ର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିନୟ ଟପ୍ପୋ ଏବଂ ଟାଉନ ଥାନା ଇନ୍ସପେକ୍ଟର ସୁଶାନ୍ତ ପରିଡ଼ା ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୪୨ ୟୁନଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ଏସ୍‌ଡିସି ଅଧକ୍ଷା ସନ୍ତୋଷ ଅମାତ, ଜିଲା ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ବାଲିଶଙ୍କରା ବ୍ଲକ ଅଧକ୍ଷା କୁଞ୍ଜଲତା ଭିଡ୍ରିଆ, ଗୌରାଙ୍ଗ ଧଳା, ସୁମନ୍ତ ସାହୁ, ଅଜୟ ପାଣିଗ୍ରାହୀ, ହେମନ୍ତ ମେହେର, ମହେଶ ନାଗ, ବିସ୍ମୟ ପଟ୍ଟନାୟକ, ମୁକେଶ ପୁରୋହିତ, ଆଶିଷ ତ୍ରିପାଠୀ, ଶିବାଜୀ ନାଏକ, ସୁବ୍ରତ ନାଏକ, ଚିନ୍ତାମଣି ଆର୍ଗଲ, ସୁଦାମ ଭୋଇ, ତାପସ ପଣ୍ଡା, ଶ୍ରଦ୍ଧାକର ସୁନ୍ୟାନୀ, ତ୍ରିଲୋଚନ କାକ, ସୀତାକାନ୍ତ ପଟେଲ, ରୋଷନ ସାହୁ, ସରୋଜ ସାହୁ, ନରଦୀପ ସିଂହ ବାଦଲ, ଉମେଷ ଶର୍ମା, ପଙ୍କଜ ଶ୍ରେଷ୍ଠ, ଉତ୍କଳ ମହାପାତ୍ର, ଅନନ୍ତ ବାର୍ଲା ଏବଂ ଅନ୍ୟମାନେ ଯୋଗଦେଇଥିଲେ। ଦଳ ସଭାପତି ବ୍ୟୋମକେଶ ରାୟ ୪୨ ବର୍ଷ ବୟସରେ ପଦାର୍ପଣ କରିଥିବାରୁ ଏହି ରକ୍ତଦାନ ଶିବିରରେ ମୋଟ ୪୨ ଜଣ ରକ୍ତଦାତା ରକ୍ତଦାନ କରିଥିଲେ ।

# ଖୁଚୁରା ଗ୍ରହଣ କରୁନାହାନ୍ତି ଦୋକାନୀ

■ ଅସୁବିଧା ଭୋଗୁଛନ୍ତି ଲୋକେ

■ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**କୁତ୍ରା,୨।୭(ଦେବାଶିଷ ସାହୁ)**



କୁତ୍ରା ଅଞ୍ଚଳରେ ଟଙ୍କିକିଆ, ୨ଟଙ୍କିଆ କଏନ ବର୍ତ୍ତମାନ ସ୍ଥିତିରେ କେହି ନେବାକୁ ରାଜି ହେଉନାହାଁନ୍ତି। ଫଳରେ ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ପାନ ଦୋକାନ, ଚା' ଦୋକାନ, ପରିବା ଦୋକାନ ଏବଂ ବଡ଼ବଡ଼ ବ୍ୟବସାୟୀ ମଧ୍ୟ ଖୁଚୁରା ଟଙ୍କା ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳୁଛି। ଏପରିକି ବ୍ୟାଙ୍କ ଏବଂ ଅର୍ଥ ଲଗାଣକାରୀ ସଂସ୍ଥା ଗୁଡ଼ିକ ମଧ୍ୟ ଖୁଚୁରା ନେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ସେମାନଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଟଙ୍କିକିଆ, ୨ ଟଙ୍କିଆ ମୁଦ୍ରା ଉପରେ କୌଣସି ନିଷେଧାଦେଶ ଜାରି କରି ନଥିବା ବେଳେ ଦୋକାନୀ ଏବଂ ବ୍ୟାଙ୍କ କ'ଣ ପାଇଁ ଖୁଚୁରା ପଇସା ଗ୍ରହଣ କରୁନାହାଁନ୍ତି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲା ପ୍ରଶାସନ ଦୃଷ୍ଟି ଦେଲେ ସମାଧାନ ହୋଇପାରନ୍ତା ବୋଲି ଗରିବ ଶ୍ରେଣୀର ଲୋକେ କହିଛନ୍ତି।

### ମତାମତ



ବର୍ତ୍ତମାନ ସମୟ ଏମିତି ହୋଇଛି ଯେ ସାଧାରଣ ଲୋକ ମଧ୍ୟ ଖୁଚୁରା ଗ୍ରହଣ କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ବ୍ୟାଙ୍କ ମଧ୍ୟ ବିଭିନ୍ନ ଆଳ ଦେଖାଇ ଏହାକୁ ଗ୍ରହଣ କରୁ ନ ଥିବାରୁ ଦୋକାନୀମାନେ ଏହା ଗ୍ରହଣ କରୁ ନ ଥିବା କହିଛନ୍ତି।

**-ମିଶ୍ର ଗନ୍ଧା(ବ୍ୟବସାୟୀ)**



ଗୋଟେ ଗୋଟେ ଦୋକାନୀ ଖୁଚୁରା ଗ୍ରହଣ କରୁଛନ୍ତି। ଫଳରେ ଆମକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଘରେ ଖୁଚୁରା ପଇସା ଗଦା ହୋଇଛି। କିନ୍ତୁ କୌଣସି କାର୍ଯ୍ୟରେ ଆସୁନାହିଁ। ଏଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

**-ଟଙ୍କଧର ବରିହା(ସଧାରଣ ଲୋକ)**

## ଅଧ୍ୟାପକ ଓ କର୍ମଚାରୀ ସଂଘର ଦାବିପତ୍ର

**କୁଚିଣ୍ଡା,(ବିରଞ୍ଚି ଦର୍କା):** ଓଡ଼ିଶା ବେସରକାରୀ ଅନୁଦାନ ଓ ଅଣଅନୁଦାନ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ସଂଘ ପକ୍ଷରୁ କୁଚିଣ୍ଡା ଗସ୍ତରେ ଆସିଥିବା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଏବଂ ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ନିଜର ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ୬ ଜାନୁଆରୀ ୨୦୦୮ରୁ ୩୦ ନଭେମ୍ବର ୨୦୧୩ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ,ଅଧ୍ୟାପିକା ଏବଂ କର୍ମଚାରୀମାନଙ୍କୁ ଜିଆଇଏ ଅନ୍ତର୍ଭୁକ୍ତ କରିବାକୁ ପାଇଁ ଏଥିରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦମୟନ୍ତୀ ଷଣ୍ଢ, ତପନ କୁମାର ସାହୁ, ଡଲି ପଟେଲ, ରୁଦ୍ରଦତ୍ତ ପଟେଲ, ଶିବଶଙ୍କର ମଲ୍ଲିକ, ଦିବ୍ୟଶଙ୍କର ପୃଷ୍ଟି, ଦିଲ୍ଲୀପ ବେହେରା, ଶିଶିର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ



**ଦେବଗଡ଼, ୨।୭(ଶଶାଙ୍କ ଶେଖର ଝାଙ୍କର):** ୨୦୨୫ ମସିହାରେ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀରେ ସାରାଭାରତ ବର୍ଷରେ ୧୦୦ ଲକ୍ଷ ବୃକ୍ଷ ରୋପଣରେ ସାମିଲ ହେବା ସହିତ ପୃଥିବୀ ମା'ର ଶୋଭା ବଢ଼ାଇବା ପାଇଁ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶା ମଧ ଏଥିପାଇଁ ରାଜ୍ୟସ୍ତରରେ ଏକ ପଦକ୍ଷେପ ନେଇଛନ୍ତି। ଜୁଲାଇ ୨ ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ଶ୍ରୀସତ୍ୟସାଇ ପ୍ରେମତରୁ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଦେବଗଡ଼ ଜିଲାରେ ମଧ ବିଭିନ୍ନ ସମିତି ଓ ଭଜନ ମଣ୍ଡଳୀରେ ବୃକ୍ଷରୋପଣ ହୋଇଛି। ଏବର୍ଷ ଦେବଗଡ଼ ଜିଲାରେ ଜୁଲାଇ, ଅଗଷ୍ଟ ମାସ ଭିତରେ ୪୦୦୦ ଗଛ ଲଗାଇବା ପାଇଁ ପଦକ୍ଷେପ ନିଆଯାଇଛି ଓ ତିନି ବର୍ଷ ପର୍ଯ୍ୟନ୍ତ ସଙ୍ଗଠନ ପକ୍ଷରୁ ଏହାର ଦାୟିତ୍ୱ ନିଆଯିବ। ରବିବାର ଦେବଗଡ଼ ସମିତି ପକ୍ଷରୁ ମଠସାହି ସ୍ଥିତ ମା' କନକ ଦୁର୍ଗା ମନ୍ଦିରରେ ବୃକ୍ଷରୋପଣର ଶୁଭାରମ୍ଭ ହୋଇଛି। ଆଗାମୀ ଦିନରେ ଜିଲାର ବିଭିନ୍ନ ଗ୍ରାମରେ ବୃକ୍ଷ ରୋପଣ କରାଯିବ। ସାଇ ଭକ୍ତଙ୍କ ସହିତ ବିଭିନ୍ନ ସଙ୍ଗଠନ, ଜନସାଧାରଣ, ବାଲ ବିକାଶ ଛାତ୍ରୀଛାତ୍ର, ଗ୍ରାମବାସୀ, ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଜଙ୍ଗଲ ବିଭାଗ ଆଗ୍ରହର ସହିତ ସହଯୋଗ କରୁଛନ୍ତି। ଆଜିର ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଦେବଗଡ଼ ସମିତି ପ୍ରେମତରୁ ଇନଚାର୍ଜ ଦିବ୍ୟଶଙ୍କର ବେହେରା, ଆବାହକ ତପନ କୁମାର ନାୟକ, ଜିଲା ବେଦ ସଂଯୋଜକ ଗାୟତ୍ରୀ ଦ୍ୱିବେଦୀ, ଜିଲା ଆଇଟି ସଂଯୋଜକ ରାକେଶ ନାୟକ, ପ୍ରମିଳା ବେହେରା, ସରୋଜିନୀ ପାଣି, ପଦ୍ମାସେନୀ ଦାସ, ମିନାକ୍ଷୀ ନାୟକ, ରଞ୍ଜିନି ନାୟକ, ଜୟନ୍ତୀ ବେହେରା, ଝୁନାରାଣୀ ନାୟକ, ସ୍ମିତାରାଣୀ ପାତ୍ର, ମନୋରମା ସାହୁ , ଅରୁଣ ବେହେରା, ବିଦେଶୀ ସାହୁ, ରଘୁ ମଣୀ ନାୟକ, ତରଣୀକାନ୍ତ ଦାସ, ପିଣ୍ଟୁ ଭୋଜ, ସୁରେଶ ବେହେରା ଓ ବାଲ ବିକାଶ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ନାକଟିଦେଉଳ, ୨।୭(ବୈକୁଣ୍ଠ ନାଥ ସାହୁ):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ କ୍ଲଷ୍ଟରର କୁଟାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କୁ ରବିବାର କ୍ଲଷ୍ଟର ସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସଞ୍ଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରମଣୀ ବେହେରା ମୁଖ୍ୟ ଅତିଥି, ଏନ୍‌ପିଏସ୍ ବ୍ଲକ ଶିକ୍ଷକ ସଂଘର ସଭାପତି ଗୁରୁଚରଣ ବିଶ୍ୱାଳ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଶ୍ୱିନୀ କୁମାର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାହେବୀ କ୍ଲଷ୍ଟରର ସିଆରସିସି ଅଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସଙ୍ଗଠନ ଅଛି, ନବୀନଙ୍କୁ ଦେଖି ଏକତ୍ରିତ ହୁଅ

- ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଆହ୍ୱାନ
- ନେତାଙ୍କ ପ୍ରତିଯୋଗିତା ମୂଳକ ସ୍ୱାଗତ
- ଜେଲଛକରେ ଦୁଇଗୋଷ୍ଠୀ ମଧ୍ୟରେ ଠେଲାପେଲା

**ସମ୍ବଲପୁର,୨।୭( ଶୁଭାଶିଷ ପାଢ଼ୀ)**



ସମ୍ବଲପୁର ଯୁଯୁମୁରା ଜାମଟାଲରେ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସ୍ୱାଗତ କରାଯାଉଛି।

୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ରବିବାର ସମ୍ବଲପୁର ଜିଲାକୁ ଦିନିକିଆ ଗସ୍ତରେ ଆସିଥିଲେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)। ଏକ ହୋଟେଲରେ କର୍ମୀ ସମ୍ମିଳନୀରେ ବିଜୟମନ୍ତ୍ର ଦେଇଥିଲେ। ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଭଲ ପାଇବା ରହିଛି। ଭୋଟର ଅଛନ୍ତି ଦଳ ସଙ୍ଗଠିତ ମଧ୍ୟ ଅଛି। ହେଲେ ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହିଛି। ଆମର ନେତା ନବୀନ ପଟ୍ଟନାୟକ। ଆଉ କେହି ନେତା ନାହାନ୍ତି। ତେଣୁ ନବୀନଙ୍କୁ ଦେଖି ନେତୃତ୍ୱରେ ଏକତ୍ରିତ ହେବାକୁ ପଡ଼ିବ। ପଞ୍ଚାୟତ ନିର୍ବାଚନରେ ନେତା ଏକାଠି ହେବା ଫଳରେ ଦଳ ୧୬ ଜିଲା ପରିଷଦ ବିଜୟୀ ହୋଇଥିଲା। ତେଣୁ ଆଗକୁ ସମସ୍ତ ସହଭାଗିତା, ସହଯୋଗରେ ଦଳକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ କର ବୋଲି କହିଥିଲେ। ବୈଠକ ପୂର୍ବରୁ ବିଭିନ୍ନ ସ୍ଥାନରେ ନେତାମାନେ ପ୍ରତିଯୋଗିତା ମୂଳକ ଭାବେ ସ୍ୱାଗତ କରିଥିଲେ। ଜିଲା ବିଜେଡି ପଞ୍ଚାୟତ ନିର୍ବାଚନ ପରେ ଅଧିକ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଥିଲା। ରେଢ଼ାଖୋଲଠାରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ନେତାମାନେ ବିଧାୟକ ପ୍ରଣବଙ୍କ ପାଖରେ ନିଜ ସଙ୍ଗଠନ ପତିଆରା ଦେଖାଇବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ। କେତେକ ନେତା ସଫଳ ହୋଇଥିବାବେଳେ କେତେକ ନେତାଙ୍କ ଦୁର୍ବଳ ସଙ୍ଗଠନକୁ ନେଇ କଡ଼ା ତାଗିଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଥମେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ବିଧାୟକ ରୋହିତ ପୂଜାରୀ ଓ ଯୁବ ନେତା ବରୁଣ ଦେହୁରୀ ପୃଥକ ପୃଥକ ଭାବେ ସ୍ୱାଗତ କରିଥିଲେ। ରେଢ଼ାଖୋଲରେ ବାଇକ୍ ରାଲି ସହ ଭୀମଭୋଇ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରାଯାଇଥିଲା। ପରେ ଚାରମାଲରେ ଓ ଯୁଯୁମୁରା ଥାନା ଛକରେ ସ୍ୱାଗତ କାର୍ଯ୍ୟକ୍ରମ ହୋଇଥିଲା। ହେଲେ ବରୁଣ ଦେହୁରୀ ଜାମଟାଲ ଛକରେ ପୃଥକ ସ୍ୱାଗତ କରିଥିଲେ । ଭଟଲି ବିଧାୟକ ସୁଶାନ୍ତ ସିଂ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ଜିଲା ପରିଷଦ ସଭାପତି କୁମୁଦିନି ନାଏକ, ଉପସଭାପତି ମାଧବ ମିର୍ଦ୍ଧାଙ୍କ ସହ ହଜାର ସଂଖ୍ୟାରେ କର୍ମୀମାନେ ଉପସ୍ଥିତ ରହି ବାଇକ୍ ରାଲିରେ ବାହାରିଥିଲେ। ପରେ ରେଙ୍ଗାଲି ବିଧାନସଭା ମାନେଶ୍ୱର ଛକରେ ସ୍ୱାଗତ କାର୍ଯ୍ୟକ୍ରମ ହୋଇଥିଲା। ମାନେଶ୍ୱର ଛକରେ ବିଶାଳ ଦାସ ଓ ପୂର୍ବତନ ବିଧାୟକ ରମେଶ ପଟୁଆ ଓ ବିଧାୟକ ରୋହିତ ପୂଜାରୀଙ୍କ ସମର୍ଥକମାନେ ପୃଥକ ପୃଥକ ଭାବେ ସ୍ୱାଗତ କରିଥିଲେ। ସେମାନେ ମଧ୍ୟ ବାଇକ୍ ରାଲି କରି ପାଛୋଟି ଆଣିଥିଲେ। ପରେ ଜେଲ ଛକରେ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହ ଓ ପୂର୍ବତନ ଜିଲା ସଭାପତି ପ୍ରମୋଦ ରଥଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜେଲଛକରେ ଯୁବନେତା ସଞ୍ଜିତ ମହାନ୍ତିଙ୍କ ସମର୍ଥକମାନେ ମଧ୍ୟ ଉପସ୍ଥିତ ରହି ପ୍ଲାକାର୍ଡ ଧରି ସ୍ୱାଗତ କରିଥିଲେ। ଉକ୍ତ ସ୍ଥାନରେ ଦୁଇ ଗୋଷ୍ଠୀ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ସମଲେଇଙ୍କ ଦର୍ଶନ କରିବା ସମୟରେ ମନ୍ଦିର ଟ୍ରଷ୍ଟ ସଭାପତି ତଥା କାଳିଆ ଯୋଜନା ରାଜ୍ୟ ଉପଦେଷ୍ଟା ସଞ୍ଜୟ ବାବୁ ଉପସ୍ଥିତ ରହିଥିଲେ। ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ନିଜ ସମର୍ଥକମାନଙ୍କ ସହ ବାଇକ୍ ରାଲି କରି ଉପସ୍ଥିତ ରହି ସ୍ୱାଗତ କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ନାଏକ କୁଚିଣ୍ଡାରେ ସ୍ୱାଗତ କାର୍ଯ୍ୟକ୍ରମ କରିଥିଲେ। ହେଲେ ସେଠାରେ ମଧ୍ୟ ବିଧାୟକ ନାଏକଙ୍କୁ ସମର୍ଥନ କରୁ ନ ଥିବା ଗୋଷ୍ଠୀ ସମ୍ବଲପୁରରେ ବବିଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ। ବିଧାୟକ ବବିଙ୍କ ଗସ୍ତ ଦଳକୁ ସକ୍ରିୟ କରି ଦେଇଛି ହେଲେ କରିଥିବା ଆହ୍ୱାନ ନେତାମାନେ କେତେ କାର୍ଯ୍ୟକାରୀ କରୁଛନ୍ତି ତାହା ସମୟ କହିବ।

# କୁଚିଣ୍ଡା କଲେଜରେ ପ୍ରତିଷ୍ଠା ଦିବସ, ବୃକ୍ଷରୋପଣ



କୁଚିଣ୍ଡା କଲେଜରେ ପ୍ରତିଷ୍ଠା ଦିବସ ଅବସରରେ ବୃକ୍ଷରୋପଣ।

**କୁଚିଣ୍ଡା,୨।୭(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା କଲେଜରେ ରବିବାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୯୬୪ ଜୁଲାଇ ୨ ତାରିଖରେ ଏହି କଲେଜ ସ୍ଥାପିତ ହୋଇଥିଲା। କଲେଜ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ସୁଚିତ୍ରା ମିଶ୍ର ଓ ପରିଚାଳନା କମିଟିର ଅଧକ୍ଷ ହୃଦାନନ୍ଦ ଶର୍ମା ଦ୍ୱୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗତ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କଳା ବିଭାଗର ଛାତ୍ର ଯଶୋବନ୍ତ ନାଏକ, ବିଜ୍ଞାନ ବିଭାଗର ଛାତ୍ର ହିମାଂଶୁ ଶେଖର ପଟେଲ ଓ ବାଣିଜ୍ୟ ବିଭାଗର ଛାତ୍ରୀ ସୌଦାମିନୀ କିଷାନଙ୍କୁ ପୁଷ୍ପଗୁଚ୍ଛ, ସାର୍ଟିଫିକେଟ ଓ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏନ୍‌ସିସି ଅଫିସର ଟିକେଶ୍ୱର ଘୁଘର, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବେଲମତି କୁମୁରା, ଖୁସିଦହାରା ବେଗମ, ଯୁବ ରେଡକ୍ରସ ଅଧିକାରୀ ବିରେନ ଓରାମ ଓ ଝରଣା ସୁନାଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଶ୍ରମଦାନକରି କଲେଜ ପରିସରକୁ ପରିଷ୍କାର କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ କଲେଜ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅଧ୍ୟାପିକା ମଞ୍ଜୁଶ୍ରୀ ଦାସ, ଦେଓଲା ମାଝି, ସୁଭଦ୍ରା ଦାସ, ଅଧ୍ୟାପକ ରୋଶନ କୁଲୁ, ଦେବଦତ୍ତ ଭୋଇ, ସୁମନ୍ତ ପଟେଲ, ପ୍ରାଧ୍ୟାପକ ଅମିୟ ପାତ୍ରଙ୍କ ସହ କଲେଜର କର୍ମଚାରୀ ଯୋଗ ଦେଇଥିଲେ।

# ହୀରାକୁଦରେ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି



ରବିବାର ସମ୍ବଲପୁର ହୀରାକୁଦରେ ଆୟୋଜିତ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ।

**ସମ୍ବଲପୁର,୨।୭(ବି.ଶଙ୍କର)**

ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ ଦିନ ଭାବେ ପାଳନ ହୋଇଥାଏ । ଚଳିତବର୍ଷ ଅଗଷ୍ଟ ୧ ତାରିଖରେ ସମ୍ବଲପୁରୀ ଦିନ-୨୦୨୩କୁ ହୀରାକୁଦ ସହରରେ ଧୂମଧାମରେ ପାଳନ କରିବାକୁ ସ୍ଥିର କରାଯାଇଛି। ଏନେଇ ରବିବାର ହୀରାକୁଦ ମହୋତ୍ସବ କମିଟିର ସଭାପତି ରତ୍ନାକର ରାଉତଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ପାଇଁ ବରିଷ୍ଠ ନାଗରିକ ଭବନଠାରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ହୀରାକୁଦ ମହୋତ୍ସବ କମିଟିର ଉପଦେଷ୍ଟା ଉଷତ ରାମ ସାହୁ, ଅଜୟ ମହାନ୍ତି, ରମାକାନ୍ତ ପୂଝାରି, ଅଶୋକ ପଣ୍ଡା, ଶଙ୍କର ମିଶ୍ର, ଯୋଗେଶ୍ୱର ପ୍ରଧାନ ପ୍ରମୁଖ କିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ, ସେ ନେଇ ମତାମତ କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ଖଟାଇ, ସାଧାରଣ ସମ୍ପାଦକ ଶାନ୍ତନୁ ବଡପଣ୍ଡା, ସଙ୍ଗଠନ ସମ୍ପାଦକ ପ୍ରଦୀପ ପଣ୍ଡା, କୋଷାଧକ୍ଷ ଅନୁପ ମହନ୍ତ, ସାଂସ୍କୃତିକ ସମ୍ପାଦକ ରଞ୍ଜନ ହୋତା, ଶ୍ରୀମନ୍ତ ବେହେରା, ମଞ୍ଚ ସମ୍ପାଦକ ସୁକାନ୍ତ ମହାରଣା, ଅମର ଗୋଡ, ସନ୍ତୋଷ ହନ୍ତି, ମଣ୍ଟୁ ପୃଷ୍ଟି ଏବଂ ଅନ୍ୟ ସଦସ୍ୟମାନେ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ପାଇଁ ଆଲୋଚନା କରିଥିଲେ। ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶ ଭୋଇ ଉପସ୍ଥିତ ରହି ବିଗତ ୧୦ ବର୍ଷ ଧରି ଆୟୋଜିତ ହେଉଥିବା ସମ୍ବଲପୁରୀ ଦିନ ବିଷୟରେ ସୂଚନା ଦେବା ସହ ହୀରାକୁଦ ମହୋତ୍ସବ କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବଲପୁରୀ ଦିନ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍‌ହା ଶିକାର ପାଇଁ ବିଛାଯାଇଥିବା ତାର ଲାଗି ୫ ମଇଁଷି ମୃତ

**ଲାଠୋର, ୨।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ଅଧିନ ଲାଠୋର ଏବଂ ଖର୍ଲି ଗ୍ରାମ ସୀମାରେ ଥିବା ଚାନ୍ଦଲି ଡୁଙ୍ଗୁରି ନିକଟରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ୫ଟି ମଇଁଷିଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ମଇଁଷି ମାଲିକ ଖର୍ଲି ଗ୍ରାମର ନାନୁ ଭଇଁଷାଲ ଭାଙ୍ଗି ପଡିଛନ୍ତି। ମଇଁଷି ରଖି କ୍ଷୀର ବିକ୍ରୟ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଶନିବାର ରାତିରେ ମଇଁଷିମାନେ ଗୁହାଳରୁ ବାହାରି ଚାନ୍ଦଲି ଡୁଙ୍ଗୁରି ଦେଇ ଲାଠୋର ପଟକୁ ଆସୁଥିବା ବେଳେ କେହି ଶିକାରି ବାର୍‌ହା ଶିକାର ପାଇଁ ହାଇ ଭୋଲଟେଜ ବିଦ୍ୟୁତ୍ ତାର ବିଛାଇଥିଲେ। ମଇଁଷିମାନେ ସେହି ତାରରେ ଲାଗି ମୃତ୍ୟୁମୁଖରେ ପଡ଼ିଛନ୍ତି। ମଇଁଷିର ହାରାହାରି ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ନାନୁ କହିଛନ୍ତି। ଏବେ ମଇଁଷି ସବୁ ମରିଯିବା ପରେ ସେ କିପରି ପରିବାର ଚଳାଇବେ ଚିନ୍ତାରେ ପଡି ଯାଇଛନ୍ତି। ଏନେଇ ଲାଠୋର ଫରେଷ୍ଟର ସାଗରିକା ସେଠଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି।

# ବ୍ଲକ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ବକ୍ସମା ସରପଞ୍ଚ



ହିମାଂଶୁ ଶେଖର ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୁଚିଣ୍ଡା,୨।୭(ବିରଞ୍ଚି ଦର୍କା)**

ଗତ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ କୁଚିଣ୍ଡା ବ୍ଲକ ଟପ୍ପର ହୋଇଥିବା ବକ୍ସମା ପଞ୍ଚାୟତ ଟାଇଁସର ଗ୍ରାମର ଛାତ୍ର ହିମାଂଶୁ ଶେଖର ପଟେଲଙ୍କୁ ରବିବାର ସରପଞ୍ଚ ସରସ୍ୱତୀ ଠାକୁର ତାଙ୍କ ବାସଭବନକୁ ଯାଇ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଗତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କୁଚିଣ୍ଡା ମହାବିଦ୍ୟାଳୟର ଛାତ୍ର ହିମାଂଶୁ ଶେଖର ପଟେଲ ମୋଟ ୬୦୦ରୁ ୪୭୪ ନମ୍ବର (୭୯%) ରଖି କୁଚିଣ୍ଡା ବ୍ଲକ ଟପ୍ପର ହୋଇଥିଲେ। ଟାଇଁସର ଗ୍ରାମର ଜୟକୁମାର ପଟେଲ ଏବଂ ସଂଯୁକ୍ତା ପଟେଲଙ୍କ ଏକମାତ୍ର ପୁଅ ହିମାଂଶୁ ପିଲା ଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା ଚିତ୍ରାଙ୍କନ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨୦ରୁ ଊର୍ଦ୍ଧ୍ୱ ମାନପତ୍ର ଓ ଟ୍ରଫି ହାସଲ କରିଛନ୍ତି। ସେହିପରି ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଟପ୍ପର ମଧ୍ୟ ହୋଇଥିଲେ। ଏବେ ସେ ସମ୍ବଲପୁରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ନିଟ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ହିମାଂଶୁ ରବିବାର ଘରକୁ ଆସିଥିବା ଖବର ପାଇ ବକ୍ସମା ସରପଞ୍ଚ ଠାକୁର ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥି ସହ ଖବରଦାତା ସଞ୍ଜୟ ମିଶ୍ର ଏବଂ ବକ୍ସମା ପଞ୍ଚାୟତର ବିଜେଡି ସଭାପତି ବିକାଶ ପୃଷ୍ଟି, ବକ୍ସମା ଜିପିଏଲଏଫ ପକ୍ଷରୁ ଏମ୍‌ବିକେ ହୁମାସିନୀ ଠାକୁର ମଧ୍ୟ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଛାତ୍ର ପଟେଲଙ୍କୁ ସମ୍ମାନିତ କରିଥିଲେ।

# ନୂତନ ଜିଲା କଂଗ୍ରେସ ସଭାପତିଙ୍କୁ ବିପୁଳ ସମ୍ବର୍ଦ୍ଧନା

**ଦେବଗଡ଼, ୨।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ନୂତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା କଂଗ୍ରେସ ଉପସଭାପତି ସୁବାସ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ବିରେନ ସେନାପତି ଓ ଅଖିଳ ଭାରତୀୟ କଂଗ୍ରେସ ଓବିସି ସେଲ୍ ଯୁଗ୍ମ ସଂଯୋଜକ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଦେବଗଡ଼ ଜିଲା କଂଗ୍ରେସର ବହୁ ପଦାଧିକାରୀ ଯୋଗଦେଇ ନୂତନ ଜିଲା କଂଗ୍ରେସ ସଭାପତି ହେମ୍ରମଙ୍କୁ ପୁଷ୍ପଗୁଚ୍ଛ ଏବଂ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ଏସସି ସେଲ ସଭାପତି ତଥା ପୂର୍ବତନ କାଉନସିଲର ମଞ୍ଜୁଳ କୁମାର ନାୟକ, ରିଆମାଳ ବ୍ଲକର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ବାରକୋଟ ବ୍ଲକର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ସାହୁ , ତିଲେଇବଣି ବ୍ଲକର ପୂର୍ବତନ ବ୍ଲକ ସଭାପତି ଟେନିସ ଗୁଡ଼ିଆ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟା ମିନତୀ ନାଏକ,ବରିଷ୍ଠ କଂଗ୍ରେସ ନେତା ଗାନ୍ଧୀଚରଣ ସାହୁ, ପ୍ରବୀର ଶତପଥି, ସୁରେନ୍ଦ୍ର କୁମାର ସାହୁ, ବିଲକାନ ହେନେଜ ଓ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବହୁ କଂଗ୍ରେସ, ମହିଳା କଂଗ୍ରେସ ଓ ଯୁବ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସଭା ପୂର୍ବରୁ ସ୍ଥାନୀୟ ଗଣେଶ ଛକରୁ ହେମ୍ରମଙ୍କୁ ଢୋଲ ଓ ମାଦଳର ତାଳେ ତାଳେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ହେମ୍ରମ ଦେବଗଡ଼ ଜିଲା ସୀମାନ୍ତବର୍ତ୍ତୀ ଗ୍ରାମ ଶେଣ୍ଢା ଗ୍ରାମରେ ପହଞ୍ଚି ଦେବଗଡ ଆସିବା ସମୟରେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।




ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# କଠିନ ପରିଶ୍ରମ ହେଉଛି ସଫଳତାର ଚାବିକାଠି

**ସମ୍ବଲପୁର,୨।୭(ବି.ଶଙ୍କର)**




ଅଧିକ ମାର୍କ ରଖିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିକାଶ ଶ୍ରେଷ୍ଠ ସମ୍ମାନ-୨୦୨୩

ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ସମ୍ବଲପୁର ଜିଲା ଶାସନ ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରେଷ୍ଠ ସମ୍ମାନ-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଉଭୟ ବିଜ୍ଞାନ ଓ ବାଣିଜ୍ୟରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ସହିତ ନିଟ ଓ ଜେଇଇ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଏହା ପରେ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିକାଶ ଫାଷ୍ଟ ଷ୍ଟେପର ଅଧକ୍ଷା ଭି. ଶୈଳଜା ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ଏକାଡେମୀ ଅଧିକାରୀ ପୁଷ୍ମିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ବାବୁ କୃତୀ ଛାତ୍ରୀଛାତ୍ରଙ୍କ ବିବରଣୀ ପାଠ କରିବା ସହ ପରିଶ୍ରମ ହେଉଛି ସଫଳତାର ଚାବିକାଠି ବୋଲି ମନ୍ତବ୍ୟ ଦେଇଥିଲେ। ବିକାଶ ଗ୍ରୁପର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଚେଷ୍ଟା ଆତ୍ମବିଶ୍ୱାସ ଓ ଅଧବସାୟ ଦ୍ୱାରା ସଫଳତା ମିଳିଥାଏ ବୋଲି ନିଜର ମତ ରଖିଥିଲେ। ବିକାଶ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ସର୍ବଭାରତୀୟ ସ୍ତରରେ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟର ଛାତ୍ର ସମୀର କୁମାର ମେହେରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ଆଗାମୀ ଭବିଷ୍ୟତରେ ସେମାନେ କିପରି ସଫଳତା ପାଇବେ, ସେ ବିଷୟରେ ନିଜର ମତ ରଖିଥିଲେ। ଏକାଡେମିକ ନିର୍ଦ୍ଦେଶକ ଜି. ରାମକୃଷ୍ଣ ମେଧାବୀଙ୍କୁ ବିକାଶ ଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରି ସ୍ମୃତିଫଳକ ଓ ନିମନ୍ତ୍ରିତ ଅଭିଭାବକମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଶିକ୍ଷୟିତ୍ରୀ ସୋନିଆ ମୁଣ୍ଡା, କାଜଲ ସା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଶୁଭଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ।

## ବନମହୋତ୍ସବ ସପ୍ତାହ ପାଳିତ

ଖଡ଼ିଆଳ,(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ବନ ବିଭାଗ ରେଞ୍ଜ ଅନ୍ତର୍ଗତ ପଲେନବସା ବନସୁରକ୍ଷା ସମିତି ପକ୍ଷରୁ ରବିବାର ୭୪ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବନ ସୁରକ୍ଷା ସମିତି ସଭାପତି ରାମସିଂ ମାଝିଙ୍କ ଅଧକ୍ଷତାରେ ଆୟୋଜିତ ବନମହୋତ୍ସବ କାର୍ଯ୍ୟକ୍ରମରେ ଫରେଷ୍ଟର ଲିଙ୍ଗରାଜ ହଂସ, ଫରେଷ୍ଟ ଗାର୍ଡ ଗଗନ ହଂସ, ଶିବ ରାମ ପଟେଲ, ଜୟନ୍ତୀ ମାଝି, ଦୁତି ଭୋଇ, ୱାଟରସେଡ ସମ୍ପାଦକ ଅମୁଲ୍ୟ ହାତୀ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ ଓ ପ୍ରକୃତି ସୁରକ୍ଷା ଉପକାରିତା ଉପରେ ଗାଁ ଲୋକଙ୍କୁ ସଚେତନ କରିଥିଲେ। ପରେ ଗ୍ରାମବାସୀଙ୍କ ସହ ମିଶି ପେଣ୍ଡୁଗୁଣୀ ଜଙ୍ଗଲ ପରିସରରେ ବୃକ୍ଷ ରୋପଣ କରିଥିଲେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ଶିଶୁ ମୃତ୍ୟୁ, ମା'ବାପା ଗୁରୁତର

ବେହେରା,୨।୭ (ଭୁପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ମିର୍ଜାପୁର୍ ବିଜୁ ଏକ୍ସପ୍ରେସ ନିକଟରେ ରବିବାର ସନ୍ଧ୍ୟାରେ ହାଇୱା ଧକ୍କାରେ ୭ମାସ ଶିଶୁର ମୃତ୍ୟୁ ହୋଇଥିବା ବେଳେ ମା'ବାପା ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ମତେ ସୋନପୁର ଜିଲା ବିନିକା ଅଞ୍ଚଳର ସୋହେବ ଶବର (୨୮), ସ୍ତ୍ରୀ ଓ ମା'ବାପାଙ୍କ ସହ ବେହେରାଠାରେ ରହୁଛନ୍ତି। ରବିବାର ସନ୍ଧ୍ୟାରେ ସୋହେବ ସ୍ତ୍ରୀଙ୍କ ସହ ଶିଶୁଙ୍କୁ ନେଇ ବାଇକ୍‌ରେ ଜୁନାଗଡ଼ରୁ ବେହେରା ଅଭିମୁଖେ ଆସୁଥିଲେ। ଏହି ସମୟରେ ମିର୍ଜାପୁର ନିକଟରେ ପଛପଟୁ ଆସୁଥିବା ଏକ ହାଇୱା (ଓଡି୦୮କେ- ୩୪୩୭) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତିନିଜଣ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହିଁ ଡାକ୍ତର ଶିଶୁଙ୍କ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ୨ ଗୁରୁତରଙ୍କୁ ଧର୍ମଗଡ଼ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୋକସରା ଓ ଅମପାଣୀ ପୋଲିସ ଘଟଣାସ୍ଥଳ ପହଞ୍ଚି ତଦନ୍ତ କରୁଥିବା ବେଳେ ସ୍ଥାନୀୟ ଲୋକ ଓ ମୃତକଙ୍କ ପରିବାର ଲୋକ କ୍ଷତି ପୂରଣ ଦବି କରୁଥିବା ଜଣାପଡିଛି।

### ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



ନୂଆପଡ଼ା,୨।୭(ମକାରୁ ବେମାଲ): ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଓଡିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁଙ୍କ ତ୍ୱତାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୫ଟି ବ୍ଲକର ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବର୍ଗରେ ମୋଟ ୪୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ବକ୍ତୃତା, ପ୍ରବନ୍ଧ, କବିତା ଆବୃତି, ସାଧାରଣ ଜ୍ଞାନ ତଥା ଅନୁବାଦ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ଜୁଲାଇ ୯ରେ କନିଷ୍ଠ ବର୍ଗ ଓ ଜୁଲାଇ ୧୭ରେ ବରିଷ୍ଠ ବର୍ଗ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟରେ ଭାଗ ନେବେ। ଜିଲା ବିଜ୍ଞାନ ନିରିକ୍ଷକ ଗିରିଧାରୀ ସା ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରିବା ସହ ସମାଜ ଗଠନରେ ସାହିତ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ପ୍ରଧାନ, ରାଧେଶ୍ୟାମ ସାହା, ଫାଲଗୁନୀ ସାହୁ, ଯୋଗେନ୍ଦ୍ର ବେହେରା, ବିଜୟ କୁମାର ସାହୁ, ବଳରାମ ସାହୁ, ଫକୀର ମହାରଣା, ଦିନେଶ ଚନ୍ଦ୍ର ବେହେରା, ଅନିତା ମୁଣ୍ଡ, ଚନ୍ଦ୍ର କୁମାର ସାହୁ, କିଶୋର କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ।

# କାଠ ପୋଲ ତିଆରି କଲେ ୨ ପଡ଼ାବାସୀ

ଭବାନୀପାଟଣା,୨।୭ (ଉତ୍ତମ କୁମାର ଦାଶ)



କାଠ ପୋଲରେ ପଡ଼ାବାସୀ ଯାତାୟାତ କରୁଛନ୍ତି।

■ଶୁଣିଲେନି ନେତା, ଅଧିକାରୀ

■ଛାତ୍ରୀଛାତ୍ର, ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି

କଥାରେ ଅଛି ଏକତାର ବଳ ଆଗରେ ସବୁ କିଛି କାମ ସମ୍ଭବ ହୋଇପାରେ। ଏହା କଥାରେ ନୁହେଁ ବଂର କାମରେ କରି ଦେଖାଇଛନ୍ତି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଲସୀପାଲି ପଞ୍ଚାୟତ ରଣପୁର ଗ୍ରାମର ୨ ପଡାବାସୀ। ଦୀର୍ଘ ବର୍ଷ ହେଲା ଏଠାରେ ଥିବା ମୁଖ୍ୟ କେନାଲରେ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ନେତା ଓ ଇନ୍ଦ୍ରାବତୀ ବିଭାଗୀୟ ଅଧିକାରୀଙ୍କୁ ରଣପୁର ଗ୍ରାମର ଯୋଜନାପଡା ଓ ଝାଙ୍କରପଡାବାସୀ ଗୁହାରୀ କରିଥିଲେ। ହେଲେ ସେମାନଙ୍କ ଏହି ସମସ୍ୟା ପ୍ରତି କେହି କର୍ଣ୍ଣପାତ କରି ନ ଥିଲେ। ଶେଷରେ ବାଧ୍ୟ ହୋଇ କେନାଲରେ ପୋଲ ନିର୍ମାଣ ପାଇଁ ୨ ପଡାବାସୀ ଅଣ୍ଟା ଭିଡିଥିଲେ। ୩ ଦିନ ୨ ପଡାବାସୀଙ୍କ ଅକ୍ଳାନ୍ତ ପରିଶ୍ରମ କରି କେନାଲ ଉପରେ ଗୋଟିଏ ନୁହେଁ ବଂର ୨ଟି କାଠ ପୋଲ ନିର୍ମାଣ କରି ନେତା ଓ ବିଭାଗୀୟ ଅଧିକାରୀଙ୍କୁ ମୁହଁତୋଡ ଜବାବ ଦେଇଛନ୍ତି। ପ୍ରକାଶ ଯେ, ରଣୁପର ଗ୍ରାମକୁ ଲାଗି ଇନ୍ଦ୍ରାବତୀ ବାମ ଦକ୍ଷିଣ ମୁଖ୍ୟ କେନାଲ ଯାଇଛି। ଏହି କେନାଲର ଗୋଟିଏ ପଟରେ ଯୋଜନା ପଡା ରହିଥିବାବେଳେ ଅନ୍ୟପଟେ ଝାଙ୍କରପଡା ରହିଛି। ଯୋଜନାପଡାରେ ପ୍ରାୟ ୫ଶହ ଲୋକ ବାସ କରୁଥିବାବେଳେ କେନାଲ ଆରପାଟରେ ସେମାନଙ୍କ ୨ଶହରୁ ଉର୍ଦ୍ଧ୍ୱ ଏକର ଚାଷ ଜମି ରହିଛି। ଫଳରେ ପଡାବାସୀଙ୍କୁ ଚାଷ ପାଇଁ ମୁଖ୍ୟ କେନାଲ ଡେଇଁ ଯିବାକୁ ପଡିଥାଏ। ଖରାଦିନ ପଡାବାସୀଙ୍କୁ କୌଣସି ସମସ୍ୟା ହେଉ ନ ଥିବାବେଳେ ବର୍ଷା ଋତୁରେ ବିପଦ ସଙ୍କୁଳ ଭାବେ କେନାଲ ପାର ହୋଇ ଚାଷ ଜମିକୁ ଯାଇଥାନ୍ତି ପଡବାସୀ। ଏଠାକାର ଗରିବ ଲୋକମାନେ ସ୍ଥାନୀୟ ଘନ ଜଙ୍ଗଲ ଉପରେ ମଧ୍ୟ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ସେହିପରି କେନାଲ ଆରପଟରେ ଥିବା ଝାକରପଡାରେ ୨୦ଟି ଆଦିବାସୀ ପରିବାର ରହୁଥିବାବେଳେ ସେମାନେ ମଧ ପଡାକୁ ମୁଖ୍ୟ କେନାଲ ଡେଇଁ ବିଭିନ୍ନ କାମ ପାଇଁ ଆସିଥାନ୍ତି। ତେବେ ବର୍ଷା ସମୟରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଶେଷ କରି ଏଠାରେ ପଢୁଥିବା ସ୍କୁଲ ଓ ଅଙ୍ଗନୱାଡି ଛାତ୍ରୀଛାତ୍ର, ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେମାନେ ବିପଦସଙ୍କୁଳ ଭାବେ କେନାଲ ପାର ହୋଇ ଆରପଟକୁ ଯାଇଥାନ୍ତି। କେନାଲର ଉପର ମୁଣ୍ଡରେ ଏକ ପୋଲ ରହିଛି। ତେବେ ଦୂରତା ହେତୁ ୨ ପଡାବାସୀ ଜରୁରୀ କାମ ନ ଥିଲେ ଏହି ପୋଲକୁ ବ୍ୟବହାର କରନ୍ତି ନାହିଁ। ତେଣୁ ଯୋଜନାପଡା ଓ ଝାଙ୍କରପଡା ମଧ୍ୟରେ ଏକ ପୋଲ କରାଗଲେ ଏହି ୨ ପଡାବାସୀ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ପ୍ରଗତି ମହାବିଦ୍ୟାଳୟର ଅପୂର୍ବ ସଫଳତା

ଭବାନୀପାଟଣା,୨।୭ (ଉତ୍ତମ କୁମାର ଦାଶ)



ବିଶ୍ୱବିଦ୍ୟାଳୟ ଟପ୍ପର ୩ ଛାତ୍ରୀଛାତ୍ର।

**ପ୍ରଗତି ମହାବିଦ୍ୟାଳୟର ୩ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଟପ୍ପର**

■ଉଦ୍ଭିଦ ବିଜ୍ଞାନରେ ସୁପ୍ରିୟା ପୁରୋହିତ

■ରାସାୟନିକ ବିଜ୍ଞାନରେ ସୌମ୍ୟ ରଞ୍ଜନ ସାହୁ, କମ୍ପ୍ୟୁଟର ସାଇନ୍ସରେ ନେହା ମିଶ୍ର ଟପ୍ପର

କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଭବାନୀପାଟଣା ସହର ନିକଟସ୍ଥ ପ୍ରଗତି ମହାବିଦ୍ୟାଳୟ ଅପୂର୍ବ ସଫଳତା ହାସଲ କରିଛି। ଚଳିତ ବର୍ଷ ସ୍ନାତକ ପରୀକ୍ଷାରେ ପ୍ରଗତି ମହାବିଦ୍ୟାଳୟ ସୁପ୍ରିୟା ପୁରୋହିତ ଉଦ୍ଭିଦ ବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ସୌମ୍ୟ ରଞ୍ଜନ ସାହୁ ରାସାୟନିକ ବିଜ୍ଞାନ ବିଭାଗରେ ଓ କମ୍ପ୍ୟୁଟର ସାଇନ୍ସରେ ନେହା ମିଶ୍ର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ପ୍ରଚେଷ୍ଟା ଓ ଅଧାପକ, ଅଧାପିକାମାନଙ୍କ ଉଦ୍ୟମରେ ପ୍ରଗତି ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିଛି। ବର୍ତ୍ତମାନ ସମୟରେ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ରାଜ୍ୟ ଓ ଜାତୀୟସ୍ତରରେ ଅନୁଷ୍ଠିତ ହେଉଥିବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ରହି ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଚଳିତବର୍ଷର ଉକ୍ତ ଫଳାଫଳକୁ ନେଇ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା ଓ ଅଧ୍ୟକ୍ଷ ଜଗନ୍ନାଥ ତ୍ରିପାଠୀ ସମସ୍ତ ଅଧାପକ ଓ ଅଧାପିକାମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଅନୁଷ୍ଠାନର ଚେୟାରପର୍ସନ ସଙ୍ଗୀତା ପଣ୍ଡା ଫଳାଫଳକୁ ନେଇ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ଅଧାପକ ଓ ଅଧାପିକାମାନଙ୍କୁ ଏହାର ଶ୍ରେୟ ଦେଇଛନ୍ତି।

# ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ରେ ହରିଜନ ଶବ୍ଦକୁ ନିନ୍ଦା

ନୂଆପଡ଼ା,୨।୭(ମକାରୁ ବେମାଲ)



ଥାନାଧିକାରୀଙ୍କୁ ଅଭିଯୋଗ ପତ୍ର ଦେଉଛନ୍ତି।

ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ର ଏକ ସଂଳାପରେ ହରିଜନ ଶବ୍ଦ ବାରମ୍ବାର ବ୍ୟବହାର ହେଉଥିବା ଓ ଅନୁସୁଚିତଜାତିଙ୍କ ଚରିତ୍ର ସଂହାର କରିବା ନୀଚ ଦେଖାଇବା ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ଏହା ବିରୋଧରେ ନୂଆପଡା ଜିଲା କୋମନା ବ୍ଲକ ଆମ୍ବେଦକର ଯୁବକ ସଂଘ ପକ୍ଷରୁ କୋମନା ଥାନାଧିକାରୀ ଜ୍ୟୋତି ରଞ୍ଜନ ଗୌଡଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ଚଳଚିତ୍ର 'ପ୍ରିୟେ ତୁ ମୋ ସିଏ'ରେ ଅସାମ୍ବିଧାନିକ ଶବ୍ଦ ଲଗାଇ ଚଳଚିତ୍ର ନିର୍ମାଣ କରିଥିବାରୁ ଅନୁସୁଚିତଜାତି ତଥା ଦଳିତ ସମାଜ ପ୍ରତି ଅପମାନ ସଦୃଶ୍ୟ ଆଘାତ ପହଞ୍ଚିଛି। ଚଳଚିତ୍ର ମାଧ୍ୟମରେ ଦଳିତ ନିଷ୍ପେସିତମାନଙ୍କ ହୃଦୟରେ ଜାତିଆଣ ଅପମାନ ସୁଚକ ପୁନଃ ପ୍ରଚଳନ କରାଯାଉ ଥିବାରୁ ଚଳଚିତ୍ରକୁ ଦୃଢ ନିନ୍ଦା କରିବା ସହ ଚଳଚିତ୍ରକୁ ତୁରନ୍ତ ରଦ୍ଦ କରାଯାଉ ବୋଲି ଦଳ ଦାବି କରିଛି। ଉକ୍ତ ଚଳଚିତ୍ରର ନିର୍ଦ୍ଦେଶକ, ପ୍ରଯୋଜକ, ସଂଳାପ ଓ ଅଭିନେତ୍ରୀଙ୍କ ବିରୋଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହି ଚଳଚିତ୍ର ମୁକ୍ତିଲାଭ କଲେ ସମଗ୍ର ଦଳିତ ସମାଜ ପାଇଁ ଏକ ଲଜ୍ୟା ଜନକ ପରିସ୍ଥିତି ଉପୁଜିବ। ତେଣୁ ଚଳଚିତ୍ର ମୁକ୍ତି ଲାଭ ନ କରିବା ପୂର୍ବରୁ ରଦ୍ଦ କରାଯାଉ ବୋଲି ଆମ୍ବେଡକର ଯୁବ ସଂଘ ସଭାପତି ଅଜାମ୍ବର ତାଣ୍ଡି, ଉପସଭାପତି ରଞ୍ଜନ ସେନାପତି, ମନୁ ସୁନାନୀ, ରିଙ୍କୁ ସୁନାନୀ, ଏକମ ଦୀପ, ସୁନୀଲ ଛତ୍ରିଆ ପ୍ରମୁଖ ଦାବି କରିଛନ୍ତି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସିନାପାଲି,୨।୭ (ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ନିଲଜି ସରକାରୀ ବିଦ୍ୟାଳୟଠାରେ ନିଲଜି କ୍ଲଷ୍ଟରସ୍ଥିତ ଗଡରାମାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ପ୍ରସାଦ ସାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟକାଳୀନ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜିତେନ୍ଦ୍ର କୁମାର ସେଠ୍, ମୁଖବକ୍ତା ଭାବେ ଆଦିତ୍ୟ କୁମାର ବନ୍ଦିଚୋର, ସମ୍ମାନିତ ଅତିଥି ଭାବେ ସେବକରାମ ପାତ୍ର, ଅତୁଲ କୁମାର ସୁପକାର, ଗୌରଚନ୍ଦ୍ର ସା, ଦିବ୍ୟରଞ୍ଜନ ପାଢି, ଶୁଭନାରାୟଣ ଦଣସେନା, ପ୍ରସନ୍ନ କୁମାର ମାଝି, ଏକାଡେମିକ ଟ୍ରେନର ଭୀମସେନ ମାଲି ପ୍ରମୁଖ ମଞ୍ଚାସୀନ ଥିଲେ। ନିଲଜି କ୍ଲଷ୍ଟର ସିଆରସିସି ରାକେଶ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସହ ଶିକ୍ଷକ ଧିରେନ୍ଦ୍ର କୁମାର ସା ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଗ୍ରାମବାସୀ ଯୋଗଦାନ କରି ତାଙ୍କ କାର୍ଯ୍ୟକାଳ ସମୟରେ କରିଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ଶିକ୍ଷକ ସାଙ୍କୁ ତାଙ୍କ ବାସ ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନେଇ ଛାଡିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରମାନନ୍ଦ ମାଝି, ଝରଣା ସାଗର ଦୁରିଆ, ତନୁରାମ ନାଏକ, ମହମ୍ମଦ ଇବ୍ରାହିମ, ଦୈତାରି ମେହେର, ଜଗନ୍ନାଥ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ। ଦିପକ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ଲୋକାର୍ପଣ ସମାରୋହ, କବିତା ପାଠୋତ୍ସବ



ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ଖଡ଼ିଆଳ,୨।୭(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଗୋଇମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସଭାଗୃହଠାରେ କବି ଲବଣେଶ୍ୱର ବାରିକଙ୍କ ଦ୍ୱାରା ଓଡ଼ିଆ ଭାଷାରେ ଅନୁଦିତ ପୁସ୍ତକ 'ଶ୍ରୀମଦ ଭଗବତ ଗୀତା' ଓ କବି ତୁମେଶ୍ୱର ଚଲାନଙ୍କ ଲିଖିତ ପୁସ୍ତକ 'ମୋ ଗାଆଁ' ଲୋକାର୍ପିତ ହୋଇଯାଇଛି। ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡକ୍ଟର ସୁଶାନ୍ତ କୁମାର ବିଶି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଫଣିନ୍ଦମ ଦେଓ , ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ପଞ୍ଚାୟତ ନୀଳଲୋହିତ ସିଂହଦେଓ ଯୋଗଦେଇଥିଲେ। ବିଶିଷ୍ଟ କବି ସନାତନ ମହାନ୍ତି ମଦଭଗବତ ଗୀତା ପୁସ୍ତକର ସମୀକ୍ଷା କରିଥିବା ବେଳେ ଓଡ଼ିଶା ଉଚ୍ଚ ନ୍ୟାୟଳୟର ଆଇନଜୀବୀ ତଥା ସାହିତ୍ୟିକ ବିଭୁଦତ୍ତ ଚଲାନ ମୋ ଗାଆଁ ପୁସ୍ତକର ସମୀକ୍ଷା କରିଥିଲେ। ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଗୌରାଙ୍ଗ କୁମାର ସାହୁ ଓ କବୟିତ୍ରୀ ମନୋରମା ରଥ କବିତା ସଂଯୋଜନା କରିଥିଲେ। କବିପୁତ୍ର ତଥା ପଲ୍ଲୀ ପ୍ରଗତି ଉଚ୍ଚ ମାଧମିକ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ମାଧବ ବାରିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୟ କୁମାର ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଗୋଇମୁଣ୍ଡି ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ବିଶିଷ୍ଟ ପାଲା ଗାୟକ ତଥା ନୂଆପଡା ଜିଲା କଳାକାର ସଂଘ ସଭାପତି ଅର୍ଜ୍ଜୁନ ଛତ୍ରିୟ, ବିଶିଷ୍ଟ କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ, କବି ଯୋଗେଶର ରାଉତରାୟ, ବଳଦେବ ରାଉତ, ହୃଷୀକେଶ ଦଣ୍ଡସେନା, ଶୁଶୀଳ କୁମାର ଚଲାନ, ଉମାକାନ୍ତ ରାଉତ, କବି ମାନିନୀ ମେହେରଙ୍କ ସମେତ ଶତାଧିକ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।

# ବନ୍ଧୁକ ମୁନରେ ଲୁଟି ନେଲେ ସୁନାଗହଣା ସହ ଲକ୍ଷାଧିକ ଟଙ୍କା

ଭବାନୀପାଟଣା,୨।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ସାଗଯୋର ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ୪ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ସହ ସୁନା ଗହଣା ଲୁଟି ନେଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ସାଗଯୋର ଗାଁର ଜୟନ୍ତ ଠାକୁରଙ୍କ ଘରେ ନିଛାଟିଆର ସୁଯୋଗ ନେଇ ୪ଜଣ ଦୁର୍ବୃତ୍ତ ପଶି ବନ୍ଧୁକ ମୁନରେ ୧ ଲକ୍ଷ ୭୨ହଜାର ଟଙ୍କା, ସାଢେ ତିନି ତୋଳା ସୁନା ଗହଣା ଓ ଗୋଟିଏ ମୋବାଇଲ ଲୁଟି ନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ଥାନାଧିକାରୀ ବାସୁଦେବ ଛତ୍ରିଆ, ଏସଆଇ ବିନୟ କୁମାର ବାରା, ଏଏସଆଇ ତ୍ରିସେନ୍ଦ୍ର ପାତ୍ର, ଆଇଆରବି ଯବାନ ସହ ଡଗସ୍କାଡ, ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଠାକୁର ଧାନ ବିକି ଘରେ ୧ ଲକ୍ଷ ୭୨ ହଜାର ଟଙ୍କା ରଖିଥିବା ବେଳେ ତିନି ତୋଳା ସୁନା ମଧ୍ୟ ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ଦୁର୍ବୃତ୍ତମାନେ ଘରେ ହଠାତ ପଶି ଆସି ବନ୍ଧୁକ ଦେଖାଇ ଲୋକଙ୍କୁ ଚୁପ କରାଇବା ସହ ମାଡ଼ ମାରିଥିଲେ। ଏଥିରେ ଜୟନ୍ତ ଓ ତାଙ୍କ ବାପା ଅଳସୁ ଠାକୁରଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିଥିବା ବେଳେ ଦୁହେଁଙ୍କୁ ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ କେଉଁ ଅଞ୍ଚଳର ବୋଲି ଜଣାପଡି ନାହିଁ।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ

କୋକସରା,୨।୭ (ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ାଗୁଡ଼ା ପଞ୍ଚାୟତ ନେଗିଗୁଡାଠାରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଧର୍ମଗଡ ବ୍ଲକ ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ଧର୍ମଗଡ ବ୍ଲକ ବିଜେଡି ସଭାପତି ଟିକମନ ଯାଦବ, କୋକସରା ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମଗଡ ବଳରାମ ପୂଝାରୀ, ସରପଞ୍ଚ ଜୟରାମ ନାଗ, ସମିତି ସଭ୍ୟ ରାଜୀବ ଖମାରି ପ୍ରମୁଖ ଉପସ୍ଥିତ ଥିଲେ। ନେଗିଗୁଡା ଠାରୁ ନୂନପାଣି ମୁଖ୍ୟମନ୍ତ୍ରୀ ସଡକ ଯୋଜନା ପାଇଁ ୪ କୋଟି ରହିଥିବା ବେଳେ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ହେବ। ଏହି ରାସ୍ତା ଦ୍ୱାରା ଦୀର୍ଘ ବର୍ଷର ଅଞ୍ଚଳବାସୀଙ୍କ ଏକ ମୁଖ୍ୟ ସମସ୍ୟାର ଅନ୍ତ ହେବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୩୦ରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ। ମଞ୍ଚ ପରିଚାଳନାରେ କ୍ଷୀରସିନ୍ଧୁ ବାଣୁଆ ସହଯୋଗ କରିଥିବା ବେଳେ ପ୍ରଶାନ୍ତ ତିୱାରି ଧନ୍ୟବାଦ ଦେଇଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ବ୍ଲକସ୍ତରୀୟ ଗ୍ରାମସଭା

କୋକସରା,୨।୭ (ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ଧାନ ମଣ୍ଡିରେ ରବିବାର ବେସରକାରୀ କେନ୍ଦୁପତ୍ର ଗ୍ରାମସଭା ମହାସଂଘ କର୍ମକର୍ତ୍ତାଙ୍କ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗ୍ରାମସଭା ସଭାପତି ଧର୍ମାନନ୍ଦ ନାଏକଙ୍କ ସଭାପତିତ୍ୱରେ ଜିଲା ଗ୍ରାମସଭା ସଭାପତି ମମତା ମାଝି, ସମ୍ପାଦକ ବ୍ୟାସଦେବ ମାଝି, କୋଷାଧ୍ୟକ୍ଷ ତିଲାମଣି ବେମାଲ, ଜିଲା ସହ ସମ୍ପାଦକ ଶୁକ୍ରୁ ମାଝିଙ୍କ ସମେତ ବିଭିନ୍ନ ବ୍ଲକ ଓ କୋକସରା ବ୍ଲକର ମହାସଂଘ ସହ ଜଡିତ କର୍ମକର୍ତ୍ତା ଓ କେନ୍ଦୁପତ୍ର ତୋଳାଳିମାନେ ଉପସ୍ଥିତ ଥିଲେ। ଏଥିରେ ସେବାନିକେତନ ସଂସ୍ଥା ସଭାପତି କାଞ୍ଚନ ବାଗ ଓ ସମ୍ପାଦକ ଦଶରଥି ବେହେରା ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ବ୍ୟାସଦେବ ମାଝି ଯୋଗଦେଇ ଗ୍ରାମସଭା ଜରିଆରେ କେନ୍ଦୁପତ୍ର ତୋଳାଳିମାନେ କେମିତି ଉପକୃତ ହେଉଛନ୍ତି ଓ ଆଗକୁ ଗ୍ରାମସଭାର ଯୋଜନାର ରୂପରେଖ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। କଳାହାଣ୍ଡି ଜିଲାରେ ୭ଟି ବ୍ଲକରେ ଗ୍ରାମସଭା ଜରିଆରେ କେନ୍ଦୁପତ୍ର କ୍ରୟ ହେଉଥିବା ସୂଚନା ଦେଇଥିଲେ। ବ୍ଲକର ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ୨୦ଟି ଗ୍ରାମସଭା ଚଳିତବର୍ଷ କେନ୍ଦୁପତ୍ର କ୍ରୟ କରିଛନ୍ତି। ତୋଳାଳି ଓ ତାଙ୍କ ପରିବାର ଏଥିରୁ ବେଶ ଉପକୃତ ହେଉଛନ୍ତି ବୋଲି ବ୍ଲକ ସଭାପତି ଧର୍ମାନନ୍ଦ ନାଏକ କହିଥିଲେ। ବୈଠକରେ ବାର୍ଷିକ ଆୟବ୍ୟୟ ସମୀକ୍ଷା ସହ ଆଗାମୀ ଆର୍ଥିକ ବର୍ଷରେ ବନ୍ୟଜାତ ଦ୍ରବ୍ୟ ଏବଂ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି। ଗ୍ରାମସଭାର ଅଧିକାରକୁ ଆଗାମୀ ଦିନରେ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ଜିଲା କର୍ମକର୍ତ୍ତାମାନେ ମତ ଦେଇଥିଲେ। ବ୍ଲକ ସମ୍ପାଦକ ପ୍ରାର୍ଥବ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ଓ କେନ୍ଦୁପତ୍ର ତୋଳାଳିମାନେ।

# ଠିକା ନିଯୁକ୍ତିକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ସିନାପାଲି,୨।୭(ମନଫୁଲ ମେହେର)




**୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ନେଇ ଉତ୍ତେଜନା**

ନୂଆପଡ଼ା ଜିଲା ସିନାପାଲି ବ୍ଲକ କାର୍ଯ୍ୟାଳୟରେ ୫-ଟି ବିଦ୍ୟାଳୟ ରୂପାନ୍ତରକରଣ କାର୍ଯ୍ୟରେ ଠିକା ନିଯୁକ୍ତି ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ଉତ୍ତେଜନା ଲାଗି ରହିଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଚତୁର୍ଥ ପର୍ଯ୍ୟାୟ ୫-ଟି ବିଦ୍ୟାଳୟ ରୂପାନ୍ତରକରଣରେ ସାମିଲ ହୋଇଥିବା କୁସୁମଜୋର୍ ଉଚ୍ଚ ବିଦ୍ୟାଳୟରେ କାମ ପାଇଁ ଜଣେ ଠିକାଦାର ଆଗ୍ରହୀ ଥିବା ବେଳେ ସେ ଉକ୍ତ ଗ୍ରାମର ଅନ୍ୟ ଏକ ଠିକାଦାର ଜିନିଷପତ୍ର ଆଣି କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଘଟଣାକୁ ନେଇ ଶନିବାର ଦୁଇ ଗୋଷ୍ଠୀ ବ୍ଲକ ଅଫିସ ସମ୍ମୁଖରେ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ବର୍ତ୍ତମାନ ସିନାପାଲି ଅଞ୍ଚଳରେ ଜୋର୍ ଚର୍ଚ୍ଚା ହେଉଥିବା ବେଳେ ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟ ସରକାରଙ୍କ ଏକ ସଫଳ ଲୋକପ୍ରିୟ ଯୋଜନାରେ ସ୍ଥାନୀୟ ପ୍ରଶାସନ କାର୍ଯ୍ୟର ଗୁଣାତ୍ମକମାନ ପ୍ରତି ଧ୍ୟାନ ନ ଦେଇ ଠିକାଦାର ସନ୍ତୁଷ୍ଟିକରଣ ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଚତୁର୍ଥ ପର୍ଯ୍ୟାୟରେ ସିନାପାଲି ବ୍ଲକରେ ୯ଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟି କିମ୍ବା ମୋ ସ୍କୁଲ ଅଭିଯାନ କମିଟି ମତାମତକୁ ଅଣଦେଖା କରି ପ୍ରଶାସନ ଠିକାଦାର ଚୟନ କରୁଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଜଣାପଡ଼ିଛି। ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ କରିବା ପାଇଁ ଠିକାଦାରମାନଙ୍କ ମଧ୍ୟରେ ଦେଖାଦେଇଥିବା ପ୍ରତିଯୋଗିତା ମଧ୍ୟ ଏହାର ଗୁଣାତ୍ମକ ଦିଗ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ପ୍ରଶାସନ ନିର୍ବାଚିତ ଜନପ୍ରତିନିଧିମାନଙ୍କ ପରାମର୍ଶ ନ ନେଇ ଠିକାଦାର ଚୟନ କରିବା ସହିତ ପ୍ରଶାସନ ଅଧିକାରୀ ଓ ବୈଷୟିକ ବିଭାଗର ତାଳମେଳ ରହୁ ନ ଥିବା ଯୋଗୁ ବିବାଦ ସୃଷ୍ଟି ହେଉଥିବା ଅନୁମାନ କରାଯାଉଛି। ଏ ନେଇ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ପଚାରିବାରୁ ଅନ୍ୟ କୌଣସି ୫-ଟି କାମରେ ବିବାଦ ହୋଇନାହିଁ। କେବଳ କୁସୁମଯୋର ବିଦ୍ୟାଳୟରେ ଆମେ ୨ଜଣ ଏଜେନ୍ସିକୁ କାମ କରିବା ପାଇଁ ଅନୁମତି ଦେଇଛୁ। କିନ୍ତୁ ସେମାନଙ୍କ ମଧ୍ୟରେ ବୁଝାମଣା ନ ଥିବା ଯୋଗୁ ଏପରି ସ୍ଥିତି ଉପୁଜୁଛି ବୋଲି କହିଛନ୍ତି।

# ପ୍ରଶାସନିକ ଅନୁମୋଦନ ମିଳିବାରେ ବିଳମ୍ବ

**ସୋନପୁର,୨।୭(ମୃତ୍ୟୁଞ୍ଜୟ ଶତପଥୀ)**

■ ମହାନଦୀରେ ପ୍ରସ୍ତାବିତ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର

■ ୧୦୨୪ କୋଟିରେ ଗୋଧନେଶ୍ୱର, ୯୨୫ କୋଟି ବ୍ୟୟରେ ଖଇରମାଳରେ ନିର୍ମାଣ ପ୍ରସ୍ତାବ

ମହାନଦୀର ଖଇରମାଳ ଓ ଗୋଧନେଶ୍ୱରଠାରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ନିର୍ମାଣ ହେବ। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏ ସମ୍ପର୍କିତ ପ୍ରସ୍ତାବ ପ୍ରଶାସନିକ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କୁ ଗତ ମେ ୨୨ ତାରିଖରେ ପଠାଇଥିଲେ। ଏହି ଦୁଇ ପ୍ରକଳ୍ପ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ତେବେ ଏହି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିନାହିଁ। ଏ କ୍ଷେତ୍ରରେ ଅହେତୁକ ବିଳମ୍ବ ହେଉଥିବା ୨ ଜିଲାବାସୀ ଅଭିଯୋଗ କରିଛନ୍ତି। ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସୁଛନ୍ତି। ଅପରାହ୍ନରେ ୫-ଟି ସଚିବ ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳ ରାମେଶ୍ୱରକୁ ପରିଦର୍ଶନରେ ଯିବେ। ଏହି ସମୟରେ ପ୍ରସ୍ତାବିତ ଖଇରମାଳ ପ୍ରକଳ୍ପ ବିଷୟରେ ସଚିବ ପାଣ୍ଡିଆନ ଅନୁଧ୍ୟାନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ତେଣୁ ପ୍ରକଳ୍ପ ପାଇଁ ଶୀଘ୍ର ପ୍ରଶାସନିକ ଅନୁମୋଦନ ମିଳିବ ବୋଲି ଜିଲାବାସୀଙ୍କ ଅପେକ୍ଷା ରହିଛି।

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟ୍‌ରେ ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱର ଓ ବୌଦ୍ଧ ଜିଲାର ଖଇରମାଳ ବ୍ୟାରେଜ୍ ସମ୍ପର୍କରେ ଘୋଷଣା କରିଥିଲେ। ମହାନଦୀରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା। ମହାନଦୀ-ତେଲନଦୀର ସଙ୍ଗମ ସ୍ଥଳ ସୋନପୁର ରାମେଶ୍ୱର ଠାରୁ ସାଢେ ୩ କିଲୋମିଟର ଦୂର ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ଖଇରମାଳରେ ବ୍ୟାରେଜ୍ ନିର୍ମାଣ କରାଯିବ। ଏଥିପାଇଁ ବୌଦ୍ଧ ଜଳସମ୍ପଦ ବିଭାଗ ପକ୍ଷରୁ ୯୨୫କୋଟି ୫୯ଲକ୍ଷ ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଛି। ସେହିପରି ସୁବର୍ଣ୍ଣପୁର ଜିଲା ସଦର ମହକୁମା ଠାରୁ ୨୦ କିଲୋମିଟର ଦୂର ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଗୋଧନେଶ୍ୱରରେ ୧୦୨୪କୋଟି ୮୧ଲକ୍ଷ ବ୍ୟୟରେ ଆଉ ଏକ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ସରକାରଙ୍କ ଅନୁମୋଦନ ପରେ ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକଶନ) କଣ୍ଟ୍ରାକ୍ଟ ବେସିସରେ ଟେଣ୍ଡର ଆହ୍ୱାନ କରାଯିବ। ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ୫ ବର୍ଷ ପୂର୍ବରୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ସ୍ତରରେ ସର୍ଭେ ପରେ ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ମଧ୍ୟ ମିଳିଥିଲା। ତେବେ କୌଣସି କାରଣରୁ ଏହା ବିଳମ୍ବ ହୋଇଥିଲା। ଚଳିତ ବଜେଟ୍‌ରେ ସରକାର ଏଥିପାଇଁ ବ୍ୟୟବରାଦ କରିବା ପରେ ଏହି ପ୍ରକଳ୍ପ ବାସ୍ତବ ରୂପ ନେବ ବୋଲି ଉଭୟ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀ ଆଶା ବାନ୍ଧିଛନ୍ତି।

ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚରରେ ବିନା ବିସ୍ଥାପନରେ ମହାନଦୀ ଗର୍ଭରେ ବୃହତ ଜଳାଶୟ ସୃଷ୍ଟି ଲାଗି ସରକାରଙ୍କ ଯୋଜନା ରହିଛି। ତଦନୁଯାୟୀ ଗୋଧନେଶ୍ୱର ବ୍ୟାରେଜ୍ ପାଇଁ ସୁବର୍ଣ୍ଣପୁର ତେଲ ଜଳସେଚନ ବିଭାଗ ପକ୍ଷରୁ ମେ ୯ ତାରିଖରେ ଭବାନୀପାଟଣାସ୍ଥିତ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଏ ସମ୍ପର୍କିତ ପ୍ରସ୍ତାବ ପଠା ଯାଇଥିଲା। ମେ ୧୦ ତାରିଖରେ ମୁଖ୍ୟଯନ୍ତ୍ରୀ ଭୁବନେଶ୍ୱରସ୍ଥିତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଏହି ପ୍ରସ୍ତାବ ପଠାଇଥିଲେ। ସୂଚନା ଅନୁଯାୟୀ ଖଇରମାଳରେ ୧୦୨ଟି ଫାଟକ ଓ ଗୋଧନେଶ୍ୱରରେ ୭୬ଟି ଫାଟକ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଜଳସମ୍ପଦ ବିଭାଗ ଏବେ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରିଛି। ମହାନଦୀ ଓ ତେଲନଦୀର ପାଣି ବର୍ଷା ଦିନେ ସମୁଦ୍ରକୁ ବହି ଯାଉଥିଲା। ଜଳର ସଠିକ୍ ଉପଯୋଗ ହୋଇ ପାରୁ ନ ଥିଲା। ଖରା ଦିନେ ନଦୀ ଶୁଖିଲା ପଡୁଥିଲା। ୨ ବ୍ୟାରେଜ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ସ୍ତର ବୃଦ୍ଧି ପାଇବା ସହ ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟ ଚାଷ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଣ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ଏହାଛଡା ସୁବର୍ଣ୍ଣପୁର ସହର ସମେତ, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଏବଂ ବୌଦ୍ଧ ଜିଲାର ବୌଦ୍ଧ ସହର, ବୌଦ୍ଧ ଓ କଣ୍ଟାମାଳ ବ୍ଲକର ଲକ୍ଷାଧିକ ଅଧିବାସୀ ଉପକୃତ ହେବେ। ପାନୀୟ ଜଳର ଚାହିଦା ପୂରଣ ସହିତ ମହାନଦୀ ଓ ତେଲନଦୀ ବେସିନ୍‌ରେ ନିର୍ମାଣ ହୋଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପଗୁଡିକ ରବି ଋତୁରେ ଜମିକୁ ଜଳସେଚିତ କରିପାରିବ। ଜଳଚାହିଦା ପୂରଣ, ସମୁଦ୍ରକୁ ବହି ଯାଉଥିବା ଜଳର ସଂରକ୍ଷଣ ପାଇଁ ଏହି ବ୍ୟାରେଜ୍ ବିଶେଷ ସହାୟକ ହେବ ବୋଲି ଆଶା ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ରୂପେ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ୪ ତାରିଖରେ ସୁବର୍ଣ୍ଣପୁର ଓ ୫ ତାରିଖରେ ବୌଦ୍ଧ ଜିଲା ଗସ୍ତରେ ଆସୁଥିବାରୁ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ସକାଶେ ବାଟ ଫିଟିବ ବୋଲି ଆଶା କରାଯାଉଛି।

## ୫ ଟି ସଚିବଙ୍କୁ କଂଗ୍ରେସର ୧୦ ପ୍ରଶ୍ନ



ବୀରମହାରାଜପୁରରେ କଂଗ୍ରେସର ଖବରଦାତା ସମ୍ମିଳନୀ ।

**ଅମରପାଲି,୨।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସାମ୍ବାଦିକ ଭବନ ପରିସରରେ ଜିଲା ଯୁବ କଂଗ୍ରେସ ଓ ବ୍ଲକ କଂଗ୍ରେସର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ ସଭାପତି ଗୌରୀଶଙ୍କର ପଣ୍ଡା, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ବୀରମହାରାଜପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, ପୂର୍ବତନ ପିସିସି ସଭ୍ୟ ପ୍ରଦୀପ ସେଠୀ ଓ ଉଲୁଣ୍ଡା ବ୍ଲକ ସଭାପତି ପ୍ରଭୁଦତ୍ତ ବସ୍ତିଆ ପ୍ରମୁଖ ଯୋଗଦେଇ ୫ଟି ସଚିବଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ ଅବସରରେ ଦଶଟି ପ୍ରଶ୍ନ ପଚାରିଛନ୍ତି। ଆସନ୍ତା ୪ ତାରିଖ ମଙ୍ଗଳବାର ଦିନ ୫ଟି ସଚିବ ଭି.କେ.ପାଣ୍ଡିଆନ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସୁଛନ୍ତି। ତାଙ୍କ ଗସ୍ତ ପୂର୍ବରୁ ବିଜେଡିର ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପରିଦର୍ଶନ ସ୍ଥଳ ସବୁ ଅନୁଧ୍ୟାନ କରି ଫେରିଛନ୍ତି। ଏହି ଘଟଣାରୁ ଏହା ବିଜୁ ଜନତା ଦଳର ଏକ ସୁପରିକଳ୍ପିତ କାର୍ଯ୍ୟକ୍ରମ ବୋଲି କଂଗ୍ରେସ ଅଭିଯୋଗ କରିଛି। ଖବରଦାତା ସମ୍ମିଳନୀ ମାଧ୍ୟମରେ କଂଗ୍ରେସ ୫-ଟି ସଚିବଙ୍କୁ ପ୍ରଶ୍ନ କରିଛି। କେବିକେ ଅଞ୍ଚଳର ଅନ୍ୟ ଜିଲା ତୁଳନାରେ ସୁବର୍ଣ୍ଣପୁର ଜିଲା ପଛୁଆ କାହିଁକି , ପାତାଳି ଶ୍ରୀକ୍ଷେତ୍ରଠାରେ ଭବ୍ୟ ମନ୍ଦିର ଓ ରୋପ ୱେ ନିର୍ମାଣରେ କାହିଁକି ବିଳମ୍ବ, ଜିଲା ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ୍ ମେଶିନର ସ୍ଥାପନ କେବେ ହେବ, ସୁବର୍ଣ୍ଣପୁର ଜିଲାରେ କୃଷି ବିଦ୍ୟାଳୟ ସ୍ଥାପନ କେବେ, ବୀରମହାରାଜପୁର କେବେ ଏନ.ଏ.ସି ଘୋଷଣା ହେବ, ବୀରମହାରାଜପୁର-ବାଉଁଶୁଣୀ ମହାନଦୀ ସେତୁ କେବେ କାର୍ଯ୍ୟାରମ୍ଭ ହେବ ବୋଲି ପ୍ରଶ୍ନ କରିଛି। ଏହାଛଡା ଶିଳ୍ପବିହୀନ ସୁବର୍ଣ୍ଣପୁର ଜିଲାରେ କୃଷିଭିତ୍ତିକ ଶିଳ୍ପ କେବେ, ପ୍ରସ୍ତାବିତ ସୁରବାଲି ଯୋର ଆନିକଟ ନିର୍ମାଣ କେବେ ବୋଲି ପ୍ରଶ୍ନ କରିବା ସହିତ ହାଇକୋର୍ଟ ବେଞ୍ଚ ସୋନପୁରରେ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ରଖିବାକୁ କହିଛି। ଏହାସହିତ ଶାସନର ୨୩ ବର୍ଷ ପରେ ମଧ୍ୟ ସୁବର୍ଣ୍ଣପୁର ଜିଲା ଏକ ପୂର୍ଣ୍ଣାଙ୍ଗ ଜିଲାରେ ପରିଣତ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଜିଲାର ପ୍ରାଚୀନ କୀର୍ତ୍ତିରାଜି ଓ ପର୍ଯ୍ୟଟନସ୍ଥଳ ଚିର ଅବହେଳିତ ହୋଇଥିଲେ ମଧ୍ୟ ସରକାରଙ୍କ ନଜରକୁ ଆସି ପାରିନାହିଁ। ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ୫ ଟି ସଚିବଙ୍କ ଗସ୍ତ ଏକ ନିର୍ବାଚନୀ ଚାଲ୍ ବୋଲି କଂଗ୍ରେସ ଅଭିଯୋଗ କରିଛି।

## ସୁବଳାୟା ଦେଇ ପୂର୍ତ୍ତବିଭାଗ ରାସ୍ତା କରିବାକୁ ଦାବି

**ଅମରପାଲି,୨।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ମୁଖ୍ୟାଳୟରୁ ଧର୍ମଶାଳା-ଗରିଆମୁଣ୍ଡା ଦେଇ ରେଢାଖୋଲ ଓ ବୌଦ୍ଧକୁ ସଂଯୋଗ କରୁଥିବା ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏବେ ଏହି ପ୍ରମୁଖ ରାସ୍ତାର ପ୍ରଶସ୍ତିକରଣ ସହିତ ଉନ୍ନତୀକରଣ କରାଯିବ। ଏନେଇ ପୂର୍ତ୍ତ ବିଭାଗ ତରଫରୁ ପ୍ରସ୍ତୁତି ସରିଛି। ମାତ୍ର ଉକ୍ତ ରାସ୍ତା ସୁବଳାୟା ଦେଇ କରା ନ ଯାଇ ଗୋବିନ୍ଦପୁର ଦେଇ କରାଯିବ ବୋଲି ଶୁଣିବାକୁ ମିଳିଛି। ତେଣୁ ଏନେଇ ରବିବାର ଅପରାହ୍ନରେ ସୁବଳାୟା କଲ୍ୟାଣମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବଳାୟା ଅଞ୍ଚଳର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ । ତେଣୁ ଉକ୍ତ ରାସ୍ତା ସୁବଳାୟା ଦେଇ କରାଯିବାକୁ ଦାବି ହେଉଛି। ଏନେଇ ସୋମବାର ସ୍ଥାନୀୟ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ଥାନୀୟ ସମିତିସଭ୍ୟା ଲିଲି ମେହେର, ଲଳିତ ପାତ୍ର, ଯଦୁମଣି ମେହେର,ହରପ୍ରସାଦ ସାହୁ, ଉପେନ୍ଦ୍ର ଦାଶ, ସଦାନନ୍ଦ ମହାନନ୍ଦ, ଡମ୍ବରୁଧର ମେହେର, ଭାଜପା ସୁବଳାୟା ମଣ୍ଡଳ ସଭାପତି ଶରତ ମିଶ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଜଙ୍ଗଲ ବିନା ଜୀବଜଗତ ତିଷ୍ଠି ରହିବା ଅସମ୍ଭବ



ଜିଲାସ୍ତରୀୟ ବନ ମହୋତ୍ସବରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନେ ।

**ବୌଦ୍ଧ,୨।୭(ଅଜିତ କୁମାର ବାରିକ)**

### ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ

ଓଡିଶା ବନ ବିଭାଗ ଓ ବୌଦ୍ଧ ଜିଲା ବନବିଭାଗ ପକ୍ଷରୁ ରବିବାର ଦିନ ହରଭଙ୍ଗା ବ୍ଲକର ବୀରନରସିଂହପୁର ବନ ବିଭାଗ ନର୍ସରୀଠାରେ ୭୪ ତମ ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଛି । ଜିଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଏସିଏଫ ଆଶିଷ କହଁର ଓ ମିନାକ୍ଷୀ କୁମରା ଯୋଗ ଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଅମାତ ଜଙ୍ଗଲ ସୁରକ୍ଷା ଓ ପରିବେଶ ରକ୍ଷା, ବର୍ତ୍ତମାନ ପରିସ୍ଥିତିରେ ନୂତନ ଜଙ୍ଗଲ ସୃଷ୍ଟି ବିନା ଜୀବ ଜଗତ ତିଷ୍ଠି ରହିବା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ବୃକ୍ଷରୋପଣ ଉପରେ ଗୁରୁତାରୋପ କରିଥିଲେ । ଅନ୍ୟ ଅତିଥିମାନେ ଜଙ୍ଗଲ ସୁରକ୍ଷା ଦିଗରେ ସମସ୍ତେ ସଚେତନ ହୋଇ ପଦକ୍ଷେପ ନେବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟଅତିଥି ମନ୍ତ୍ରୀ ଅମାତ ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ । ଏହାପରେ ଜାଇକା ପ୍ରକଳ୍ପରୁ ଏକ ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣାଗ୍ରସ୍ତ: ୨ଯୁବକଙ୍କ ଜୀବନ ଗଲା

**ପୁରୁଣାକଟକ, ୨।୭(ସୁକାନ୍ତ ପଟ୍ଟନାୟକ):** ରବିବାର ବୌଦ୍ଧ ଜିଲା ପୁରୁଣାକଟକ ଥାନା ତିଲେଶ୍ୱରଠାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ପୁରୁଣାକଟକ ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ରମେଶ ଦଳ ବେହେରା (୩୫) ଓ ମାଣିକପୁର ଗ୍ରାମର ଗଣେଶ ପ୍ରଧାନ (୩୨) ବୁରୁବୁଡ଼ା ଗ୍ରାମର ଏକ ଘର ନିର୍ମାଣ କାର୍ଯ୍ୟ ସାରି ରାତି ପ୍ରାୟ ୮ଟା ସମୟରେ ନିଜ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିଲେ । ତେବେ ତିଲେଶ୍ୱର ଜଗନ୍ନାଥ ମନ୍ଦିର ନିକଟରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ ନିର୍ମାଣାଧୀନ ଡ୍ରେନରେ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଆସୁଥିବା ରମେଶ ଓ ଗଣେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବରପାଇ ଅଗ୍ନିଶମ ବାହିନୀ ଓ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହ ଜବଦ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ ।

## ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ଉପରେ ଗୁରୁତ୍ୱ



ବିଜେଡିର ସାଙ୍ଗଠନିକ ବୈଠକରେ ଉପସ୍ଥିତ ସଦସ୍ୟ ।

**ଅମରପାଲି,୨।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ରବିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସୁବର୍ଣ୍ଣପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ସଂଗଠନର ସ୍ୱରୂପ ଓ ଆଗାମୀ ଦିନରେ ସଂଗଠନକୁ କିଭଳି ଆହୁରି ମଜଭୁତ କରାଯିବ ସେ ସମ୍ପର୍କରେ ଦଳୀୟ କର୍ମୀମାନଙ୍କୁ ବୁଝାଇ ଥିଲେ । ଲୋକଙ୍କ ପାଖକୁ ଯାଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ବୁଝାଇବା ସହିତ କର୍ମୀମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ବୈଠକରେ ଉପସଭାପତି ରଞ୍ଜିତ ରଥ, କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ସତ୍ୟଞ୍ଜିବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ଜିଲା ସମ୍ପାଦକ ପ୍ରଦୀପ ମିଶ୍ର, ବିମ୍ବାଧର ସାହୁ, ମଧୁସୂଦନ ପଣ୍ଡାଙ୍କ ସମେତ ବିଜୁ ଜନତା ଦଳ ସମର୍ଥିତ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ନୀଳାଦ୍ରି ବିଜେ

**ଅମରପାଲି,୨।୭(ପୀତାମ୍ବର ସାହୁ)**



ନିଳାଦ୍ରି ବିଜେ ଅବସରରେ ଶ୍ରୀଜିଉ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧା ବିଗ୍ରହ ଆଷାଢ଼ ଦ୍ୱିତୀୟାଠାରୁ ଉଫୁଲାସ୍ଥିତ ମାଉସୀ ମା' ମନ୍ଦିରକୁ ଯାଇଥିଲେ। ବାହୁଡ଼ା ଦିନ ଶ୍ରୀମନ୍ଦିର ନିକଟରେ ତିନି ରଥ ପହଞ୍ଚି ଥିବା ବେଳେ ଗୁରୁବାର ସୁନାବେଶ, ଶୁକ୍ରବାର ଅଧର ପଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ରଥରୁ ମନ୍ଦିରକୁ ଅଣାଯାଇଥିଲା। ପହଣ୍ଡି ସମୟରେ ଘଣ୍ଟ, ଶଙ୍ଖ, ଆଲଟ ଚାମର ଧରି ପହଣ୍ଡି ଗୀତ ପରିବେଷଣ କରାଯାଇଥିଲା। ଲକ୍ଷ୍ମୀଙ୍କୁ ଘୋଷ ଯାତ୍ରାରେ ନେଇ ନ ଥିବାରୁ ସେ ରାଗରେ କବାଟ ବନ୍ଦ କରି ଦେଇଥିଲେ। ପରେ ଜଗନ୍ନାଥ ଲକ୍ଷ୍ମୀଙ୍କ କୋପ ଶାନ୍ତ କଲା ପରେ କବାଟ ଫିଟାଇଥିଲେ ଲକ୍ଷ୍ମୀ। ଏହାପରେ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କରିଥିଲେ। ଉଫୁଲା ମାଉସୀ ମା' ମନ୍ଦିର କମିଟି ତରଫରୁ ପାଟ ଶାଢ଼ୀ ଓ ରସଗୋଲା ଦିଆ ଯାଇଥିଲା। ମନ୍ଦିର କମିଟିର ମୁଖ୍ୟ ଟ୍ରଷ୍ଟି ବିଷ୍ଣୁ ଚରଣ ପଣ୍ଡା ଛେରାପହଁରା କରିଥିଲେ। ପହଣ୍ଡି କମିଟିର ମୁଖ୍ୟ ମାଗୁଣି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପହଣ୍ଡି କାର୍ଯ୍ୟ ସମାପନ ହୋଇଥିଲା। କମିଟିର ସମ୍ପାଦକ ଶମ୍ଭୁପ୍ରସାଦ ହୋତା, କୋଷାଧ୍ୟକ୍ଷ ଭୂଷଣ କୁମାର ପାତ୍ର, ବରିଷ୍ଠ ସଦସ୍ୟ ସୁଦାମ ଚରଣ ସେଠୀ, ଇନ୍ଦ୍ରଜିତ ପରୁଆ, ବଳରାମ କାଣ୍ଡ, ମାଉସୀ ମା' ମନ୍ଦିର କମିଟିର ସମ୍ପାଦକ ଚମ୍ପେଶ୍ୱର ପ୍ରଧାନ ଓ ଅନ୍ୟାନ୍ୟ କମିଟି ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗଣେଶ ବାଘଙ୍କ ନେତୃତ୍ୱରେ ଉଫୁଲା ସଙ୍କୀର୍ତ୍ତନ ଦଳ ପକ୍ଷରୁ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା।

## ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ପାଇଁ ନିଷ୍ପତ୍ତି

**ବୌଦ୍ଧ,୨।୭(ଅଜିତ କୁମାର ବାରିକ)**

### ଦେଶଜ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଲୁକ୍କାୟିତ କଳାର ଅନ୍ୱେଷଣ ଓ ସଙ୍ଗୀତ ନୃତ୍ୟର ବିକାଶ ପାଇଁ ପ୍ରତ୍ୟେକ ଜିଲାସ୍ତରରେ ଆୟୋଜିତ ହେଉଥିବା ଦେଶଜ କାର୍ଯ୍ୟକ୍ରମ ବୌଦ୍ଧ ଜିଲାରେ ଆଗାମୀ ୮ ଓ ୯ ତାରିଖ ଦିନ ଟାଉନ ହଲଠାରେ ହେବାକୁ ଅଛି। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଜିଲା ସଂଗ୍ରହାଳୟ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ତହସିଲଦାର ତଥା ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ପ୍ରୀତିବାଳା ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ସାଂସ୍କୃତିକ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ଜିଲାରେ ଏହି କାର୍ଯ୍ୟକ୍ରମ ସଫଳ କରାଇବାକୁ ଆଲୋଚନା କରାଯାଇଥିଲା। ବିଭିନ୍ନ ଜିଲାରୁ କଳାକାରମାନେ ଦୁଇଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ବେଳେ ଶୃଙ୍ଖଳିତ ଭାବରେ କିପରି ଏହା ଅୟୋଜନ ହୋଇପାରିବ, କଳାକାରମାନଙ୍କ ରହଣି, ଖାଇବା ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥାନରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୁଦ୍ଧ ମନ୍ଦିରଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହିପରି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଧୂନକେଲ ଓ କରମା ସଙ୍ଗୀତ ପରିବେଷଣ ପାଇଁ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମସ୍ତ ଖର୍ଚ୍ଚ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଯୋଗାଇ ଦିଆଯାଉଥିବା ବେଳେ ଏହାର ସଫଳତା ଲାଗି ସଂସ୍କୃତି ଅଧିକାରୀ ସୁଶ୍ରୀ ରଣା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଜିଲା କଳା ସଂସ୍କୃତି ସଂଘ ସଭାପତି ଦିବ୍ୟ ଶଙ୍କର ରାଉତ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଶାଶ୍ୱତ ତ୍ରିପାଠୀ ଉପସ୍ଥିତ ଥିଲେ। ଏହାବ୍ୟତୀତ ଗେହ୍ଲାମା କଳା ନିକେତନ ପକ୍ଷରୁ ଗୋପାଳ କୃଷ୍ଣ ବେହେରା, ପ୍ରଣାମ ପକ୍ଷରୁ ବସନ୍ତ କୁମାର ସାହୁ ଓ ପ୍ରଶାନ୍ତ କୁମାର, ରାମଲୀଳା ନାଟ୍ୟ ସଂସଦରୁ ଜୟନାରାୟଣ ମହାନ୍ତି, ସଙ୍ଗୀତାୟନରୁ ତୁଷାରକାନ୍ତ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟକ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ବୈଠକରେ ତହସିଲଦାର ଓ ଅନ୍ୟମାନେ ।

## ଚାରାରୋପଣ କରି ପରିବେଶ ସଚେତନତା



ରାଣାପ୍ରତାପ ସ୍କୁଲରେ ଚାରାରୋପଣ କରାଯାଉଛି ।



ନୂଆ ସରସରାରେ ଚାରାରୋପଣ କରାଯାଉଛି ।

**ବରଗଡ଼ ଅଫିସ୍,୨।୭ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ରବିବାର ବୃକ୍ଷରୋପଣ ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ୫୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ସେହିପରି ପରିବେଶ ସୁରକ୍ଷା ସଚେତନତା ସଭା ହୋଇଥିଲା। କ୍ଲବର ସଭାପତି କିଶନଲାଲ ଅଗ୍ରୱାଲ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅନିଲ ଅଗ୍ରୱାଲ ବିବରଣୀ ପଠନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତିବନ୍ଧୁ ଡ. ଡୋଲାମଣି ଶତପଥି, ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ରାଣାପ୍ରତାପ ସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ସଭାପତି ଡ. ରବିନାରାୟଣ ସାହୁ, ଅର୍ଜୁନ ସେଟ, ସଂଘମିତ୍ରା ପଟେଲ, ପ୍ରମୋଦ ଦାଶ, ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ଦୟାନିଧି ମହାପାତ୍ର, ସୁଧାଂଶୁ ଶେଖର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଲାୟନ୍ସ କ୍ଲବର ପ୍ରକଳ୍ପ ମୁଖ୍ୟ ବିକାଶ ମିତ୍ତଲ, ସୋହନ ଲାଠ, ଆଇପିପି ଅମରଜିତ ସିଂ, ଯଶବୀର ସିଂ, ନନ୍ଦ କିଶୋର ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚନ୍ଦ୍ରକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନୂଆ ସରସରା ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀରେ ବନ ମହୋତ୍ସବ ପାଳନ କରାଯାଇଥିଲା। ଝଡ଼େଶ୍ୱର ପୀଠରୁ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀରୁ ମୁଖ୍ୟ କେନାଲ ପର୍ଯ୍ୟନ୍ତ ଚାରାରୋପଣ ହୋଇଥିଲା। ପ୍ରକୃତିବନ୍ଧୁ ସୁଶାନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଚ୍ଛାୟତ, ଶ୍ରୀ ସତ୍ୟସାଇ ସେବା ସମିତି, ବରଗଡ଼ର ବସନ୍ତ ଦୋରା, ଗଣେଶ ପାତ୍ର, ପଞ୍ଚମ ପ୍ରଧାନ, ଗୋପାଳକୃଷ୍ଣ ମିଶ୍ର, ଶିଶିର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

**ଆଜି କ'ଣ କେଉଁଠି**

ରାଉରକେଲା

- ମହିଳା ହକି ଚାମ୍ପିୟନଶିପ୍, ସ୍ଥାନ-ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ-ସକାଳ ୬ଟା।
- ବ୍ରହ୍ମକୁମାରୀ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ, ସ୍ଥାନ-ଡାଇମଣ୍ଡ ଭବନ, ଉଦିତନଗର, ସମୟ-ସନ୍ଧ୍ୟା ୬ଟା।
- ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା, ସ୍ଥାନ-ଟିସିଆଇ ଛକ ଫାଟକ, ସମୟ-ସକାଳ ୮ଟା।

**ସଂକ୍ଷେପରେ**

## ବନ୍ଦ ଘରୁ ଚୋରି, ଥାନାରେ ଅଭିଯୋଗ

ରାଉରକେଲା,୨।୭(ଦିନେଶ ମିଶ୍ର): ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ବସ୍ତିରେ ଥିବା ଏକ ବନ୍ଦ ଘରୁ ଶନିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏ ନେଇ ଘର ମାଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ସୂଚନାଯୋଗ୍ୟ, ମାଲଗୋଦାମ ବସ୍ତିର ଯଶୋମତି ତନ୍ତୀ ଗତ ୩୦ ତାରିଖରେ ବରଗଡ ଜିଲା ଧନୁପାଲି ଗାଁକୁ କୌଣସି କାମରେ ଯାଇଥିଲେ। ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଘର ପଛ କବାଟ ଭାଙ୍ଗି ପଶିଥିଲେ ଏବଂ ଏଲ୍ଇଡି ଟିଭି, ଷ୍ଟାବିଲାଇଜର ଓ ପଙ୍ଖା ଚୋରି କରି କରି ନେଇଥିଲେ। ସକାଳ ହେବାରୁ ପଡୋଶୀ ଲୋକେ ଘର କବାଟ ଭଙ୍ଗା ଯାଇଥିବା ଦେଖି ଫୋନ୍ ଯୋଗେ ଯଶୋମତିଙ୍କୁ ଅବଗତ କରିଥିଲେ। ସନ୍ଧ୍ୟାରେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି।

## ଦେଶୀ ମଦ ଜବତ, ୨ ଅଭିଯୁକ୍ତ ଗିରଫ

ରାଉରକେଲ,୨।୭(ଦିନେଶ ମିଶ୍ର): ରାଉରକେଲା ଅବକାରୀ ପୋଲିସ ଦେଓଗାଁ ମୁଣ୍ଡା ବସ୍ତିରେ ରବିବାର ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶୁଖି ସିଂ(୬୫) ଓ ବାସନ୍ତୀ ସିଂ(୫୫)। ପୋଲିସ ସେମାନଙ୍କଠାରୁ ଶହେ ଲିଟର ଦେଶୀ ମଦ ଜବତ କରିବା ସହ ୨୨୦୦ କେଜି ମହୁଲ ପୋଚ ନଷ୍ଟ କରିଛି। ଏଥିସହ ସେମାନଙ୍କ ଠାରୁ ଏକ ସ୍କୁଟି (ନଂ.ଓଡି୧୪ଏକ୍ସ/୫୪୫୧)କୁ ଜବତ କରି ୨ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

## ଭାଜପାର ଜନସମ୍ପର୍କ ଅଭିଯାନ ସମ୍ପନ୍ନ

ରାଉରକେଲା,୨।୭(ସଙ୍ଗୀତା ଜେନା): ରାଉରକେଲା ମହାନଗର ନିଗମ ୱାର୍ଡ ନମ୍ବର ୧୧, ୧୨ ଓ ୧୩ ଅନ୍ତର୍ଗତ ଗୋପବନ୍ଧୁପାଲ୍ଲୀ, ଟିମ୍ବରକଲୋନୀ, ଇନ୍ଦିରା ନଗର ଆଦି ଅଞ୍ଚଳରେ ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନ କରାଯାଇଥିଲା। ରବିବାର କାର୍ଯ୍ୟକ୍ରମର ଶେଷ ଦିବସ ଥିଲା। ଭାଜପା ବାସନ୍ତୀ କଲୋନୀ ମଣ୍ଡଳ ସଭାପତି ହିରୋଜ ରାୟଙ୍କ ନେତୃତ୍ୱରେ ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମିଳା ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଲେଙ୍କା, ଅନୀଲ ଅଗ୍ରୱାଲ, ଜିତେନ୍ଦ୍ର ସିଂ, ପ୍ରଦୀପ ବେହେରା, ଅନ୍ତରାମ ସାହୁ, ଦୁର୍ଗା ମାଇତିଙ୍କ ସମେତ ଅନ୍ୟ ନେତାମାନେ କେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତିର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ।



ମହିଳାମାନେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ବିକ୍ରି କରିବା ପାଇଁ ୧୪୩ ନମ୍ବର ଜାତୀୟ ରାଜପଥରେ ରାଉରକେଲା ସହରକୁ ଯାଉଛନ୍ତି। (ଫଟୋ: ବିବେକ)

# ସୁନା ଅଳଙ୍କାର, ମୋବାଇଲ ଲୁଟ୍, ଜଣେ ଗିରଫ

ରାଉରକେଲା,୨।୭(ଦିନେଶ ମିଶ୍ର)

ମହିଳା ରେଳ ଯାତ୍ରୀଙ୍କଠାରୁ ସୁନା ଅଳଙ୍କାର ଓ ମୋବାଇଲ ଲୁଟ୍ ଅଭିଯୋଗରେ ଆର୍ପିଏଫ୍ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାନପୋଷ କୋଏଲବ୍ୟାଙ୍କ ଅଞ୍ଚଳର ବାବନ ଓରଫ ଏମ୍ଡି ଗୁଲଜାର(୩୨)। ତାଙ୍କଠାରୁ ଭ୍ୟାନିଟି ବ୍ୟାଗ୍, ୨୯୭୨ ଟଙ୍କା, ସ୍ମାର୍ଟଫୋନ, ସୁନାଚେନ୍ ଲକେଟ୍, ୨ଟି ହାତ ମୁଦି ଓ କିଛି ଔଷଧ ଜବତ କରାଯାଇଛି। ଏ ନେଇ ଜିଆର୍ପି ପୋଲିସ ଏକ ମାମଲା (ନଂ.୭୭।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଶନିବାର ରାତି ସାଢେ ୧୦ଟାରେ ବିଳାସପୁର ପାଟନା ଉୟିକ୍ଲି ସୁପର ଫାଷ୍ଟ ଏକ୍ସପ୍ରେସ ଯୋଗେ ଜଣେ ମହିଳା ରାଉରକେଲା ଆସୁଥିଲେ। ଟ୍ରେନଟି ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୫ରେ ପହଞ୍ଚିବା ପୂର୍ବରୁ ଡେଲିମାର୍କେଟ ୱାସିଙ୍ଗ ଲାଇନ ପାଖରେ ବାବନ ବଗି ଭିତରେ ପଶି ଉକ୍ତ ମହିଳାଙ୍କ ଭ୍ୟାନିଟି ବ୍ୟାଗକୁ ଛଡାଇ ନେଇଯାଇଥିଲେ। ଟ୍ରେନଟି ଷ୍ଟେଶନରେ ପହଞ୍ଚିବା ପରେ ମହିଳାଙ୍କ ପୁଅ ରାଜିଭ ସତ୍ୟକାମ୍ ଏ ନେଇ ଆର୍ପିଏଫ ଥାନାରେ ଅଭିଯୋଗ କରିଥଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ବାବନଙ୍କୁ ରେଲୱେ କଲୋନୀ ସାଇଡିଂ ଏରିଆରୁ ଗିରଫ କରିଥିଲା।

# ଟିକେଟ କେନ୍ଦ୍ରରେ ତାଲା, ଯାତ୍ରୀ ହଇରାଣ

ରାଉରକେଲା,୨।୭(ଦିନେଶ ମିଶ୍ର)

**ରାଉରକେଲା ରେଲୱେ ଷ୍ଟେଶନ ଦ୍ୱିତୀୟ ପ୍ରବେଶପଥ**




ରାଉରକେଲା ରେଲୱେ ଷ୍ଟେଶନର ଦ୍ୱିତୀୟ ପ୍ରବେଶପଥରେ ଟିକେଟ୍ କାଉଣ୍ଟର ବନ୍ଦ ଯୋଗୁ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଅଧିକାଂଶ ସମୟରେ ଯାତ୍ରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଟିକେଟ ନ ପାଇ ଟ୍ରେନ୍ ଯାତ୍ରାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନାହିଁ।

ଷ୍ଟିଲସିଟି ରାଉରକେଲା ଏକ ଶିଳ୍ପସମୃଦ୍ଧ ସହର ହୋଇଥିବାବେଳେ ଏଠାରେ ଆରଏସ୍ପି, ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଏନ୍ଆଇଟି ଭଳି ଅନୁଷ୍ଠାନ ରହିଛି। ସହରରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ସବୁ ସ୍ଥାନକୁ ଅତି ସହଜରେ ଗମନାଗମନ କରିବା ପାଇଁ ସ୍ୱତନ୍ତ୍ର ବିମାନ ବନ୍ଦର, ରେଳ ଷ୍ଟେଶନ ରହିଛି। ରାଉରକେଲା ରେଳ ଷ୍ଟେଶନରେ ୫ଟି ପ୍ଲାଟଫର୍ମ ଥିବାବେଳେ ଏଠାରୁ ହାୱଡା, ବାଙ୍ଗାଲୋର, ଦିଲ୍ଲୀ, ଚେନାଇ, କଲିକତା, ଜମ୍ମୁ କଶ୍ମୀର ଆଦି ରାଜ୍ୟକୁ ଲୋକେ ଟ୍ରେନ ଯୋଗେ ଯାତାୟାତ କରନ୍ତି। ରାଉରକେଲା ରେଳ ଷ୍ଟେଶନରେ ଯାତ୍ରୀଙ୍କ ଭିଡକୁ ଦେଖି ଦକ୍ଷିଣ-ପୂର୍ବ ରେଲୱେ ପକ୍ଷରୁ ୨୦୧୫ ମାର୍ଚ୍ଚ ୧୩ ରେ ଏଠାରେ ଦ୍ୱିତୀୟ ପ୍ରବେଶ ପଥ ଓ ଟିକେଟ ବୁକିଂ କେନ୍ଦ୍ର ଖୋଲାଯାଇଥିଲା। ଦ୍ୱିତୀୟ ପ୍ରବେଶ ପଥ ଦେଇ ଯେଉଁ ଯାତ୍ରୀ ଆସିବେ ସେମାନେ ସହଜରେ ଏହି ବୁକିଂ କେନ୍ଦ୍ରରୁ ଟିକେଟ ନେଇପାରିବେ। ଏଥିପାଇଁ ଟିକେଟ କେନ୍ଦ୍ରରେ ସମୁଦାୟ ୪ଟି କାଉଣ୍ଟର ଖୋଲା ଯାଇଥିଲା। ଏଥିସହ ସାଧାରଣ ଟିକେଟ ଓ ପାର୍ସଲ ପାଇଁ ଦିନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଦୁଇଟି ଟିକେଟ କାଉଣ୍ଟର ଖୋଲିଥିଲା। ପ୍ରଥମେ ଏହି ଟିକେଟ କେନ୍ଦ୍ର ଖୋଲିବା ଦ୍ୱାରା ବିଶେଷ କରି କୋଏଲନଗର, ବାସନ୍ତୀ କଲୋନୀ, ଛେଣ୍ଡ, ସେକ୍ଟରର ବିଭିନ୍ନ ଅଞ୍ଚଳ ଲୋକେ ସୁବିଧା ପାଉଥିଲେ। ସେହିପରି ଟିକେଟ୍ ବୁକିଂ କେନ୍ଦ୍ରରେ ଏକ ଉଚ୍ଚ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ ମଧ୍ୟ ଖୋଲାଯାଇଥିଲା। କିନ୍ତୁ କରୋନା ମହାମାରୀ ଯୋଗୁ ଉକ୍ତ ଟିକେଟ କାଉଣ୍ଟର ବନ୍ଦ ହୋଇଗଲା। ତେବେ ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ ଆଜିଯାଏ ଡି ବୁକିଂ କାଉଣ୍ଟର ଖୋଲାଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଯାତ୍ରୀମାନେ ଟ୍ରେନରେ ଯିବା ପାଇଁ ଦ୍ୱିତୀୟ ପ୍ରବେଶ ପଥରେ ଷ୍ଟେଶନକୁ ଆସୁଥିଲେ ମଧ୍ୟ ଟିକେଟ ନ ପାଇ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଟିକେଟ କାଉଣ୍ଟର ବନ୍ଦ ରହିଥିବା ବେଳେ ପ୍ରେବେଶ ପଥରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ତେଣୁ ଯାତ୍ରୀମାନେ ଟିକେଟ ପାଇଁ ପ୍ରଥମ ପ୍ରବେଶ ପଥକୁ ଯାଇ ଲମ୍ବା ଲାଇନରେ ଛିଡା ହେଉଛନ୍ତି। ଏଭଳି ସ୍ଥିତିରେ ବହୁ ଯାତ୍ରୀ ଅଧିକାଂଶ ସମୟ ଟ୍ରେନ ମିସ୍ କରିଥିବା ଦେଖିବାକୁ ମିଳିଛି। ଦ୍ୱିତୀୟ ପ୍ରବେଶ ପଥରେ ନିର୍ମିତ ଟିକେଟ ବୁକିଂ କେନ୍ଦ୍ରକୁ ଯଥାଶୀଘ୍ର ଖୋଲିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଷ୍ଟେଶନ ମାଷ୍ଟର ପ୍ରଭାସ ଦାଶଙ୍କୁ ପଚାରିବାରୁ ସେ କହିଥଲେ, ଦ୍ୱିତୀୟ ପ୍ରବେଶ ପଥରେ ଟିକେଟ କେନ୍ଦ୍ର ବନ୍ଦ ହେବା ପରେ ବହୁ ଲୋକ ଆମ ପାଖରେ ଅଭିଯୋଗ କରିଛନ୍ତି। ମାତ୍ର ଉକ୍ତ ଟିକେଟ କେନ୍ଦ୍ର ପରିଚାଳନା କରିବା ପାଇଁ ଆମ ପାଖରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ ଆମେ ଜରୁରୀକାଳୀନ ପରିସ୍ଥିତିରେ କେତେବେଳେ କେମିତି ୨ ଘଣ୍ଟା ପାଇଁ ଉକ୍ତ କାଉଣ୍ଟର ଖୋଲି ଦେଉଛୁ। ଏହା ସ୍ଥାୟୀ ସମାଧାନ ନୁହଁ। ତେବେ ଏହି ଟିକେଟ କେନ୍ଦ୍ର ପରିଚାଳନା ପାଇଁ ଖୁବ୍ଶୀଘ୍ର କୌଣସି ଘରୋଇ ସଂସ୍ଥାକୁ ଦିଆଯିବ ବୋଲି ରେଲୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଏକ ମାସ ଭିତରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଥିଲେ।

# ବସ୍ତି ବାସିନ୍ଦା ଭୋଗୁଛନ୍ତି ଦୁର୍ଦ୍ଦଶା

ରାଉରକେଲା,୨।୭(ବିପ୍ଳବ ରଞ୍ଜନ ଦାଶ)

**ରାସ୍ତା, ଡ୍ରେନେଜ ଅବସ୍ଥା ସୁଧୁରୁନି**

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅଧୀନ ରାଉରକେଲା-୪ ରୁପୁଟୋଲା-ଧବଳେଶ୍ୱର ଦେଢ଼ କିମି ରାସ୍ତା ଓ ରୁପୁଟୋଲା ବସ୍ତିର ଅଧ କିମି ଡ୍ରେନେଜ ମରାମତି ହେଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ଅନୁସାରେ, ଗତ ତା୨୦।୧୨।୨୨ରିଖରେ ୫୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ରାସ୍ତା, ଡ୍ରେନେଜ, ଆଲୁଅ ଆଦି ସମସ୍ୟା ନେଇ ଆର୍ଏମ୍ସିକୁ ଅବଗତ କରିଥିଲୁ। ଏହି ସମସ୍ୟାର ସମାଧାନ ପାଇଁ ଆର୍ଏମ୍ସି ତରଫରୁ ସ୍ୱେରେଜ ବୋର୍ଡ ଜରିଆରେ ଆର୍ଥିକ ବର୍ଷ ୨୦୨୧-୨୨ରେ ରୁପୁଟୋଲା-ଧବଳେଶ୍ୱର ଦେଢ଼ କିମି ବସ୍ତି ରାସ୍ତା ଉନ୍ନତୀକରଣ ପାଇଁ ରାସ୍ତାକୁ ଖୋଳି ଦିଆଗଲା। ମାତ୍ର ଦୁଇବର୍ଷ ହେଲା ରାସ୍ତା ମରାମତି କରାଯାଉନାହିଁ। ଏହାସହିତ ବସ୍ତିର ଅଧ କିମି ବିପର୍ଯ୍ୟସ୍ତ ଡ୍ରେନେଜ ମରାମତି ମଧ ହେଉନାହିଁ। ଏ ନେଇ ଆର୍ଏମ୍ସିକୁ ବାରମ୍ବାର ଅବଗତ କରାଇବାରୁ ଜଣେ ଅଧିକାରୀ ଇତିମଧ୍ୟରେ ରୁପୁଟୋଲା ଆସି ମାପଚୁପ କରି ଯାଇଛନ୍ତି। ମାତ୍ର ବସ୍ତିର ରାସ୍ତା ମରାମତିକୁ ନେଇ ଏଯାଏ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ବସ୍ତିର ଶ୍ରବଣ କୁମାର ଚୌବେ, ଟୁନା ଷାଣ୍ଡେଲ, ସମର୍ପଣ ଦାସ, ଘନ ପଣ୍ଡା, ଗୋବିନ୍ଦ ଜେନା ପ୍ରମୁଖ କହିଛନ୍ତି।



ରୁପୁଟୋଲା ବସ୍ତିର ବିପର୍ଯ୍ୟସ୍ତ ରାସ୍ତା।

# ଓଡ଼ିଶା ମିଲେଟ ମିଶନର ସଚେତନତା କାର୍ଯ୍ୟକ୍ରମ

ରାଉରକେଲା,୨।୭(ସଙ୍ଗୀତା ଜେନା)

ଜାତିସଂଘ ପକ୍ଷରୁ ୨୦୨୩କୁ ମିଲେଟ ବର୍ଷ ଭାବେ ଘୋଷଣା କରାଯାଇଛି। ମିଲେଟ ଜାତୀୟ ଶସ୍ୟର ବହୁଳ ପ୍ରଚାର ଓ ସଚେତନତା ପାଇଁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଶନିବାର ସନ୍ଧ୍ୟାରେ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଛେଣ୍ଡ ସ୍ଥିତ ପ୍ଲୁଟୋନ ମଲ୍ରେ ଶନିବାର ଦ୍ୱିଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ମୁଖ୍ୟ ଅତିଥି, ସୁନ୍ଦରଗଡ଼ ସିଡ଼ିଓ ଦ୍ୱିଜାବର ସେଠୀ, ବୈଷୟିକ କୃଷି ପରିଚାଳନା ଏଜେନ୍ସି (ଆକମା) ଯୋଜନା ବର୍ଗ ଅଧିକାରୀ ଦିଲୀପ ପଟେଲ, ମିଲେଟ ମିଶନର ଜିଲା ସଂଯୋଜକ ତୁଳାନାଥ ବନଛୋର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଫୁଡ ଫେଷ୍ଟିଭାଲ ଆୟୋଜିତ ହୋଇଥିଲା। ଦିବ୍ୟଜ୍ୟୋତି ଏସ୍ଏଚ୍ଜି ପକ୍ଷରୁ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ନମକିନ, ମିଷ୍ଟାନ୍ନ, ଚାଇନିଜ, ସୁଆଁଖିରି ସମେତ ବ୍ୟଞ୍ଜନ ନିଃଶୁଳ୍କ ପରଷା ଯାଇଥିଲା। ସୁନ୍ଦରଗଡ଼ ଜିଲା ରାଉରକେଲାରେ ଏପରି କାର୍ଯ୍ୟକ୍ରମ ପ୍ରଥମ କରି ଆୟୋଜନ କରାଯାଉଛି। ଦିବ୍ୟଜ୍ୟୋତି ଏସ୍ଏଚ୍ଜିର ସଭାନେତ୍ରୀ ପ୍ରେମା ଦାସଙ୍କ ନେତୃତ୍ୱରେ ଫୁଡ ଫେଷ୍ଟିଭାଲ ପରିଚାଳନା କରାଯାଇଥିଲା। ଏଥିରେ ମିଲେଟ ସମ୍ପର୍କିତ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

# କୋଭିଡ୍ କରିଦେଲା ସଫଳ ସାକ୍ସୋଫୋନ୍ ବାଦିକା

ରାଉରକେଲା,୨।୭(ସଙ୍ଗୀତା ଜେନା)

ଜଣେ ସଫଳ କଳାକାର ସଙ୍ଗୀତ ଓ ବାଦ୍ୟକୁ ନିୟନ୍ତ୍ରଣ କରେ। ସମସ୍ତ ବାଦ୍ୟଯନ୍ତ୍ରକୁ ପୁରୁଷ କଳାକାର ବଜାଉଥିବା ବେଳେ ଇସ୍ପାତ ସହର ରାଉରକେଲାରେ ଏଭଳି ଜଣେ ମହିଳା କଳାକାର ଅଛନ୍ତି, ଯିଏ କି ସଙ୍ଗୀତରେ ପାରଙ୍ଗମ ଥିବାବେଳେ କଠିନ କଳା ସାକ୍ସୋଫୋନ ବଜାଇବାରେ ଦକ୍ଷତା ହାସଲ କରିଛନ୍ତି।

ନାଁ ତାଙ୍କର ଆକାଂକ୍ଷିତା ନାୟକ(୩୪)। ସେକ୍ଟର-୧୬ ସି ବ୍ଲକରେ ରୁହନ୍ତି। ପରିବାର କହିଲେ ସ୍ୱାମୀ ମନୋଜ ନାୟକ ଏବଂ ଦୁଇ ସନ୍ତାନ। ଆକାଂକ୍ଷିତା ପିଲାଟି ବେଳୁ ସଙ୍ଗୀତକୁ ବାଛି ନେଇଥିଲେ। ସେ ବିଭିନ୍ନ ଆଧ୍ୟାତ୍ମିକ, ଆଧୁନିକ ହିନ୍ଦୀ ଓ ଓଡ଼ିଆ ସିନେମା ଗୀତ ଗାଉଥିଲେ। ଯୁକ୍ତ ୩ ପାଠପଢ଼ା ସାଙ୍ଗକୁ ହିନ୍ଦୁସ୍ଥାନୀ କ୍ଲାସିକାଲ ମ୍ୟୁଜିକରେ ସେ ୪ର୍ଥ ବର୍ଷ ସମାପନ କରିଥିଲେ। କଳାକାର ମନୋଜ ନାୟକଙ୍କ ସହ ତାଙ୍କର ବିବାହ ପରେ ମଧ୍ୟ ସେ ଗୀତ ଗାଇବା ଜାରି ରଖିଥିଲେ। ୨୦୨୦ରେ କୋଭିଡ୍ ସମୟରେ ସ୍ୱାମୀଙ୍କ କାମ କମିଯିବାରୁ ଆକାଂକ୍ଷିତା ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇଲେ। ମନୋଜ ସାକ୍ସୋଫୋନ ବଜାଉଥିବା ଦେଖି ଏହାକୁ ଶିଖିବାକୁ ଆଗ୍ରହ ପ୍ରକାଶ କରିଥିଲେ ଆକାଂକ୍ଷିତା। ୩ ବର୍ଷ ଏହାକୁ ଅଭ୍ୟାସ କରିବା ପରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଏହାକୁ ପରିବେଷଣ କରୁଛନ୍ତି। ଲୋକଙ୍କ ଆଗ୍ରହ ଦେଖି ଅଧିକ କରୁ ଅଧିକ ସିନେମା ଗୀତର ଧୂନ ବଜାଇବାକୁ ପ୍ରେରଣା ମିଳୁଛି। ସ୍ୱାମୀ ଓ ଅନ୍ୟ କଳାକାରମାନେ ଗଢ଼ିଥିବା 'ଶ୍ରୀ ମ୍ୟୁଜିକାଲ୍ସ'ରେ ମହିଳା ସାକ୍ସୋଫୋନ ପ୍ଲେୟାର ଭାବେ କାର୍ଯ୍ୟରତ ଅଛନ୍ତି ଆକାଂକ୍ଷିତା। ତେବେ ଜାତୀୟସ୍ତରରେ କଳା ପ୍ରଦର୍ଶନ କରିବାକୁ ବହୁତ ଇଚ୍ଛା ଅଛି ଏବଂ ଏଥିପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। କୌଣସି କାର୍ଯ୍ୟକ୍ରମରେ କିଶୋର କୁମାର, ଲତା ମଙ୍ଗେସକରଙ୍କ ଭଳି ସୁପରଷ୍ଟାର କଳାକାରଙ୍କ ଗୀତକୁ ସାକ୍ସୋଫୋନ ଯୋଗେ ପ୍ରଥମ ପସନ୍ଦ ଭାବେ ବଜାଉଥିବା ଆକାଂକ୍ଷିତା କହିଛନ୍ତି।




ଆକାଂକ୍ଷିତା ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାକ୍ସୋଫୋନ ବଜାଉଛନ୍ତି।

# ଅବକ୍ଷୟିତ ରୋଲ୍ ହେଲା ବ୍ୟବହାର ଉପଯୋଗୀ

ରାଉରକେଲା,୨।୭ (ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ଷ୍ଟିଲ ପ୍ଲାଣ୍ଟ**

ଆର୍ଏସ୍ପି ରୋଲ୍ ଶପ୍ ବିଭାଗର କର୍ମଚାରୀ ପ୍ଲେଟ ମିଲ୍ର ଲେଭଲର-୨ରେ ବ୍ୟବହୃତ ୫ଟି ଲେଭଲର ରୋଲ୍କୁ ସଫଳତାର ସହ ପୁନରୁଦ୍ଧାର ଏବଂ ମରାମତି କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦୀର୍ଘଦିନର ଅବକ୍ଷୟ ହେତୁ ବ୍ୟବହାର ଯୋଗ୍ୟ ନ ଥିବା ରୋଲ୍ଗୁଡିକ ରୋଲ ଶପ୍ର ଉତ୍ସର୍ଗୀକୃତ ଦଳ ଦ୍ୱାରା ଗ୍ରାଇଣ୍ଡିଂ କରାଯିବା ସହ କାର୍ଯ୍ୟ ଉପଯୋଗୀ କରାଯାଇଥିଲା। ଫଳରେ ବହୁ ସଞ୍ଚୟ ସମ୍ଭବପର ହେବା ସହ ରୋଲ୍ ଆସେମ୍ବ୍ଲି ଉପଲବ୍ଧତା ବୃଦ୍ଧି ପାଇଥିଲା। ସୂଚନାଯୋଗ୍ୟ, ରୋଲ୍ ସାଲଭେଜ ପ୍ରକ୍ରିୟା ରୋଲ୍ ଶପ୍ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା। କାରଣ ପୃଷ୍ଠଭାଗର ଅବକ୍ଷୟ ହେତୁ ରୋଲ୍ଗୁଡିକ ବ୍ୟବହାର ଉପଯୋଗୀ ନ ଥିଲା। ପ୍ଲେଟ ମିଲ୍ କର୍ମଚାରୀମାନଙ୍କ ସହଯୋଗରେ ଏହି ଦଳ ଏହି ଆହ୍ୱାନମୂଳକ କାର୍ଯ୍ୟଭାର ଗ୍ରହଣ କରିଥିଲା। ଏହି ଅନିୟମିତ ଆକୃତିର ରୋଲ ଗ୍ରାଇଣ୍ଡିଂ ମେଶିନ ଉପରେ ଲୋଡ୍ କରିବା ପ୍ରଥମ ଆହ୍ୱାନ ରହିଥିଲା। ଏଥି ନିମନ୍ତେ ନୂତନ ଫେବ୍ରିକେଟର ଡ୍ରାଇଭର ବିକାଶ ଏବଂ ମେଶିନ ଆଲାଇନମେଣ୍ଟରେ ପରିବର୍ତ୍ତନର ଆବଶ୍ୟକତା ରହିଥିଲା। ଏହି ୫ଟି ରୋଲ୍ର ପୁନରୁଦ୍ଧାର ପାଇଁ ଆନୁମାନିକ ପ୍ରାୟ ୧୫ଲକ୍ଷ ଟଙ୍କା ସଞ୍ଚୟ ହୋଇପାରିଛି।



ରୋଲ୍ ଶପ୍ରେ ଆର୍ଏସ୍ପି ଅଧିକାରୀ ଓ କର୍ମଚାରୀଗଣ।

# ମଧ୍ୟପ୍ରଦେଶ, ମିଜୋରାମ, ଉତ୍ତରାଖଣ୍ଡ, ଛତିଶଗଡ଼ ବିଜୟୀ

**ଜୁନିୟର ମହିଳା ଜାତୀୟ ହକି ଚାମ୍ପିୟନଶିପ୍**

ରାଉରକେଲ,୨।୭(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ତ୍ରୟୋଦଶ ଜୁନିୟର ମହିଳା ଜାତୀୟ ହକି ଚାମ୍ପିୟନଶିପ୍ର ଷଷ୍ଠ ଦିନରେ ୫ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍ କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଧ୍ୟପ୍ରଦେଶ ଦଳ ୭-୧ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଛି। ମଧ୍ୟପ୍ରଦେଶ ଦଳର ଫରୱାର୍ଡ ଖେଳାଳି ଭୂମିକ୍ସା ସାହୁ ୨ଟି ଗୋଲ କରିଥିଲେ। ପରେ ଦଳର ଅଧିନାୟକ ଯୋଗିତା ବର୍ମା, ଜ୍ୟୋତି ସିଙ୍ଗ, ସୋନମ୍, ସୋନିଆ କୁମାରୀ ଓ ଗୁରମିଲ୍ କୌର ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଚଣ୍ଡିଗଡ ଓ ମିଜୋରାମ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମିଜୋରାମ ଦଳ ୬-୦ ଗୋଲରେ ଚଣ୍ଡିଗଡକୁ ପରାସ୍ତ କରିଥିଲା। ମିଜୋରାମ ଦଳ ପକ୍ଷରୁ ଲାଲ ତାଲନଚୁଙ୍ଗି ଓ ଲାଲରିନପି ଦୁଇଟି ଲେଖାଏ ଗୋଲ ମାରିଥିଲେ। ପରେ ଖେଳର ଚତୁର୍ଥ କ୍ୱାର୍ଟରରେ ଭାନାଲାହାରି ଅତୁଲାୱାମି ୨ଟି ଗୋଲ କରି ଦଳକୁ ବିଜୟୀ କରିଥିଲେ। ସେହିପରି ତୃତୀୟ ମ୍ୟାଚ ଉତ୍ତରାଖଣ୍ଡ ଓ ଗୁଜୁରାଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଉତ୍ତରାଖଣ୍ଡ ଦଳ ଗୁଜୁରାଟକୁ ୯-୦ ଗୋଲରେ ପରାସ୍ତ କରିଥିଲା। ଉତ୍ତରାଖଣ୍ଡ ଦଳ ପକ୍ଷରୁ କାଜଲ ଖେଳର ଓ ଅଧିନାୟକ ପ୍ରାଚୀ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ପରେ ସାଲୋନି, ନିଲମ୍, ଅଙ୍କିତା ମିଶ୍ର, ପୁଷ୍ପା ଗୋଟିଏ ଲେଖାଏଁ ଗୋଲ ମାରିଥିଲେ। ଖେଳର ଶେଷ କ୍ୱାର୍ଟରରେ ନିଶା ଗୋଟିଏ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ଚତୁର୍ଥ ମ୍ୟାଚ ଉତ୍ତରପ୍ରଦେଶ ଓ ଛତିଶଗଡ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଛତିଶଗଡ ଦଳ ୫-୨ ଗୋଲରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ଛତିଶଗଡ ଦଳ ପକ୍ଷରୁ ଅନିଶା ସାହୁ ୨ଟି ଗୋଲ ମାରିଥିଲେ। ପରେ ଆଞ୍ଚଲ ସାହୁ, ସୁନିତା କୁମାରୀ ଓ ମୋନିକା ତିର୍କୀ ଗୋଟିଏ ଲେଖାଏ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ପଞ୍ଚମ ମ୍ୟାଚ ବିହାର ଓ ଦାଦ୍ରାନଗରହାବେଳି ମଧ୍ୟରେ ଖେଳା ଯାଇଥିଲା।



କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ମଧ୍ୟରେ ମ୍ୟାଚ୍ର ଦୃଶ୍ୟ।

# ଟିକେଟ କେନ୍ଦ୍ରରେ ତାଲା, ଯାତ୍ରୀ ହଇରାଣ

ରାଉରକେଲା,୨୭(ଦିନେଶ ମିଶ୍ର)

ରାଉରକେଲା ରେଲୱେ ଷ୍ଟେଶନର ଦ୍ୱିତୀୟ ପ୍ରବେଶପଥରେ ଟିକେଟ୍ କାଉଣ୍ଟର ବନ୍ଦ ଯୋଗୁ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଅଧିକାଂଶ ସମୟରେ ଯାତ୍ରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଟିକେଟ ନ ପାଇ ଟ୍ରେନ୍ ଯାତ୍ରାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ଷ୍ଟିଲସିଟି ରାଉରକେଲା ଏକ ଶିଳ୍ପସମୃଦ୍ଧ ସହର ହୋଇଥିବାବେଳେ ଏଠାରେ ଆରଏସ୍‌ପି, ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଏନ୍‌ଆଇଟି ଭଳି ଅନୁଷ୍ଠାନ ରହିଛି। ସହରରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ସବୁ ସ୍ଥାନକୁ ଅତି ସହଜରେ ଗମନାଗମନ କରିବା ପାଇଁ ସ୍ୱତନ୍ତ୍ର ବିମାନ ବନ୍ଦର, ରେଳ ଷ୍ଟେଶନ ରହିଛି। ରାଉରକେଲା ରେଳ ଷ୍ଟେଶନରେ ୫ଟି ପ୍ଲାଟଫର୍ମ ଥିବାବେଳେ ଏଠାରୁ ହାୱଡା, ବାଙ୍ଗାଲୋର, ଦିଲ୍ଲୀ, ଚେନାଇ, କଲିକତା, ଜମ୍ମୁ କଶ୍ମୀର ଆଦି ରାଜ୍ୟକୁ ଲୋକେ ଟ୍ରେନ ଯୋଗେ ଯାତାୟାତ କରନ୍ତି। ରାଉରକେଲା ରେଳ ଷ୍ଟେଶନରେ ଯାତ୍ରୀଙ୍କ ଭିଡକୁ ଦେଖି ଦକ୍ଷିଣ-ପୂର୍ବ ରେଲୱେ ପକ୍ଷରୁ ୨୦୧୫ ମାର୍ଚ୍ଚ ୧୩ ରେ ଏଠାରେ ଦ୍ୱିତୀୟ ପ୍ରବେଶ ପଥ ଓ ଟିକେଟ ବୁକିଂ କେନ୍ଦ୍ର ଖୋଲାଯାଇଥିଲା। ଦ୍ୱିତୀୟ ପ୍ରବେଶ ପଥ ଦେଇ ଯେଉଁ ଯାତ୍ରୀ ଆସିବେ ସେମାନେ ସହଜରେ ଏହି ବୁକିଂ କେନ୍ଦ୍ରରୁ ଟିକେଟ ନେଇପାରିବେ। ଏଥିପାଇଁ ଟିକେଟ କେନ୍ଦ୍ରରେ ସମୁଦାୟ ୪ଟି କାଉଣ୍ଟର ଖୋଲା ଯାଇଥିଲା। ଏଥିସହ ସାଧାରଣ ଟିକେଟ ଓ ପାର୍ସଲ ପାଇଁ ଦିନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଦୁଇଟି ଟିକେଟ କାଉଣ୍ଟର ଖୋଲିଥିଲା। ପ୍ରଥମେ ଏହି ଟିକେଟ କେନ୍ଦ୍ର ଖୋଲିବା ଦ୍ୱାରା ବିଶେଷ କରି କୋଏଲନଗର, ବାସନ୍ତୀ କଲୋନୀ, ଛେଣ୍ଡ, ସେକ୍ଟରର ବିଭିନ୍ନ ଅଞ୍ଚଳ ଲୋକେ ସୁବିଧା ପାଉଥିଲେ। ସେହିପରି ଟିକେଟ୍ ବୁକିଂ କେନ୍ଦ୍ରରେ ଏକ ଉଚ୍ଚ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ ମଧ୍ୟ ଖୋଲାଯାଇଥିଲା। କିନ୍ତୁ କରୋନା ମହାମାରୀ ଯୋଗୁ ଉକ୍ତ ଟିକେଟ କାଉଣ୍ଟର ବନ୍ଦ ହୋଇଗଲା। ତେବେ ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିଯାଏ ଡି ବୁକିଂ କାଉଣ୍ଟର ଖୋଲାଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଯାତ୍ରୀମାନେ ଟ୍ରେନରେ ଯିବା ପାଇଁ ଦ୍ୱିତୀୟ ପ୍ରବେଶ ପଥରେ ଷ୍ଟେଶନକୁ ଆସୁଥିଲେ ମଧ୍ୟ ଟିକେଟ ନ ପାଇ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଟିକେଟ କାଉଣ୍ଟର ବନ୍ଦ ରହିଥିବା ବେଳେ ପ୍ରେବେଶ ପଥରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ତେଣୁ ଯାତ୍ରୀମାନେ ଟିକେଟ ପାଇଁ ପ୍ରଥମ ପ୍ରବେଶ ପଥକୁ ଯାଇ ଲମ୍ୱା ଲାଇନରେ ଛିଡା ହେଉଛନ୍ତି। ଏଭଳି ସ୍ଥିତିରେ ବହୁ ଯାତ୍ରୀ ଅଧିକାଂଶ ସମୟ ଟ୍ରେନ ମିସ୍ କରିଥିବା ଦେଖିବାକୁ ମିଳିଛି। ଦ୍ୱିତୀୟ ପ୍ରବେଶ ପଥରେ ନିର୍ମିତ ଟିକେଟ ବୁକିଂ କେନ୍ଦ୍ରକୁ ଯଥାଶୀଘ୍ର ଖୋଲିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଷ୍ଟେଶନ ମାଷ୍ଟର ପ୍ରଭାସ ଦାଶଙ୍କୁ ପଚାରିବାରୁ ସେ କହିଥଲେ, ଦ୍ୱିତୀୟ ପ୍ରବେଶ ପଥରେ ଟିକେଟ କେନ୍ଦ୍ର ବନ୍ଦ ହେବା ପରେ ବହୁ ଲୋକ ଆମ ପାଖରେ ଅଭିଯୋଗ କରିଛନ୍ତି। ମାତ୍ର ଉକ୍ତ ଟିକେଟ କେନ୍ଦ୍ର ପରିଚାଳନା କରିବା ପାଇଁ ଆମ ପାଖରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ ଆମେ ଜରୁରୀକାଳୀନ ପରିସ୍ଥିତିରେ କେତେବେଳେ କେମିତି ୨ ଘଣ୍ଟା ପାଇଁ ଉକ୍ତ କାଉଣ୍ଟର ଖୋଲି ଦେଉଛୁ। ଏହା ସ୍ଥାୟୀ ସମାଧାନ ନୁହଁ। ତେବେ ଏହି ଟିକେଟ କେନ୍ଦ୍ର ପରିଚାଳନା ପାଇଁ ଖୁବ୍‌ଶୀଘ୍ର କୌଣସି ଘରୋଇ ସଂସ୍ଥାକୁ ଦିଆଯିବ ବୋଲି ରେଲୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଏକ ମାସ ଭିତରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଥିଲେ।



ରାଉରକେଲା ରେଲୱେ ଷ୍ଟେଶନର ଦ୍ୱିତୀୟ ପ୍ରବେଶପଥରେ ଯାତ୍ରୀ।

**ରାଉରକେଲା ରେଲୱେ ଷ୍ଟେଶନ ଦ୍ୱିତୀୟ ପ୍ରବେଶପଥ**

## ଡନସନାଡ଼ିହିଠାରେ ବନମହୋତ୍ସବ ସପ୍ତାହ



କୁଚିଣ୍ଡା,୨୭(ବିରଞ୍ଚି ଦର୍କା)

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଓ କୁଚିଣ୍ଡା ବନାଞ୍ଚଳ ପକ୍ଷରୁ କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତ ଡନସନାଡିହି ଗ୍ରାମଠାରେ ରବିବାର କୁଚିଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ମହୋତ୍ସବ ସପ୍ତାହ ପାଳନ ହୋଇଛି। ବନପାଳ ଗୋକୁଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ହୋଇଥିବା ସଚେତନତା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରମୋଦ କିଷାନ ମୁଖ୍ୟ ଅତିଥି, ଆମ ଜଙ୍ଗଲ ଯୋଜନା ସଂଯୋଜକ ପରିମଳ ପଣ୍ଡା ଓ ୱାର୍ଡ ସଭ୍ୟା ରିନା ମୁଣ୍ଡା, ରୋପ ସଂଯୋଜିକା ନାମାନି ହେମ୍ରମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଉପାଦେୟତା ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବନରକ୍ଷୀ ଅର୍ଚ୍ଚନା ମାକର ଓ ସମସ୍ତ ବନ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ସଇଡା ଖେଳ ପଡିଆ ଓ ବିଭିନ୍ନ ସ୍ଥାନରେ ମଧ୍ୟ ସ୍ୱାଧିନ କ୍ଲବ ପକ୍ଷରୁ ରବିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ସ୍ୱାଧୀନ କ୍ଲବ ବିଜୁ ସାହୁ, ତୁଷାର, ଅଭି ମନୋହରୀ, ପିଙ୍କୁ ପୃଷେଠ, ଭବାନୀ ବାଗ, ପ୍ରକୃତିବନ୍ଧୁ ସରୋଜ ମେହେର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

# 'କୁଚିଣ୍ଡାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି'

କୁଚିଣ୍ଡା,୨୭(ବିରଞ୍ଚି ଦର୍କା)

**ନବ ନିର୍ମିତ ବିଜୁ ପାଠାଗାର ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ଅନାବରଣ**

ରବିବାର ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)କୁଚିଣ୍ଡା ଗସ୍ତରେ ଆସି କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ନବ ନିର୍ମିତ ବିଜୁ ପାଠାଗାର ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ଅନାବରଣ କରିଛନ୍ତି। ଏହି ଅବସରରେ ବିଜେଡି ସରକାର କୁଚିଣ୍ଡାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଥିବା କହି ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ କର୍ମୀମାନଙ୍କୁ ସଙ୍ଗଠନ ସମ୍ପାଦକ ଦାସ ଆହ୍ୱାନ କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସମେତ ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ଶୁଶାନ୍ତ ସିଂ,ପୂର୍ବତନ ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଝାରୀ, ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ଏନଏସି ଅଧକ୍ଷ ପ୍ରଦ୍ୟୁତ୍ ମହାନ୍ତି, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ଅଜିତ ମହାପାତ୍ର, ଜମନକିରା ବ୍ଲକ ଅଧକ୍ଷା ଆଶ୍ରୀତା ଭୋଇ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ନଗର ସଭାପତି ସଞ୍ଜୟ ବେହେରା, ଜିଲା ଉପସଭାପତି ପ୍ରଦୀପ ମିଶ୍ର, ବାମରା ବ୍ଲକ ସଭାପତି ଅରବିନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭାଜପାର ୨୦ଜଣ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ପୂର୍ବାହ୍ନରେ କୁଚିଣ୍ଡା ଟାଉନ ହଲରେ ବିଜେଡିର ଯୁବକର୍ମୀଙ୍କୁ ନେଇ ଏକ ଡିଜିଟାଲ ୱାର୍କସପ ଆୟୋଜିତ ହୋଇଥିଲା। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଏହାର ଉଦ୍‌ଘାଟନ କରିଥିଲେ। ବିଜେଡି ଆଇଟି ସେଲର ମୁଖ୍ୟ ସ୍ୱୟଂ ପ୍ରକାଶ ମହାପାତ୍ର ଏଥିରେ ଯୋଗଦେଇ ଯୁବକର୍ମୀଙ୍କୁ ତାଲିମ ପ୍ରଦାନ କରିଥିଲେ। ପରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ନବନିର୍ମିତ ବିଜୁ ପାଠାଗାର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା।

# ଭାଜପା ଜିଲାସଭାପତି-ଅଟୋ ଚାଳକ ମୁହାଁମୁହିଁ

ସମ୍ବଲପୁର,୨୭(ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ଟାଉନଥାନା ଅନ୍ତର୍ଗତ ଗୋଲବଜାର ଛକରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଭାଜପା ଜିଲା ସଭାପତି ଗିରଶ ପଟେଲ ଓ ଏକ ଅଟୋ ଚାଳକ ମଧ୍ୟରେ ବଚସା ହୋଇଥିଲା। ସାମାନ୍ୟ ଗାଡି ପାର୍କିଂକୁ ନେଇ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ଟାଉନ ଥାନା ପର୍ଯ୍ୟନ୍ତ ପହଞ୍ଚିଥିଲା। ହେଲେ ଥାନାରେ ଅଭିଯୋଗ ହୋଇ ନ ଥିଲା। ସୂଚନା ଯୋଗ୍ୟଯେ, ରବିବାର ଜିଲା ସଭାପତି ପଟେଲ ନିଜ କାର ଯୋଗେ ଘରକୁ ଫେରୁଥିଲେ। ସେ ସମୟରେ ତାଙ୍କ ଘରର ଗଳି ଜାମ ଥିବାରୁ ରାସ୍ତାରେ କିଛି ସମୟ ଗାଡି ଅଟକି ରହିଥିଲା। ପଛ ପଟୁ ଏକ ଅଟୋ ଆସି ଅଟକି ଥିଲା। ଅଟୋ ବାରମ୍ବାର ହର୍ଣ୍ଣ ବଜାଇଥିଲା। ଏହାକୁ ନେଇ ସଭାପତି ପଟେଲ କିଛି ସମୟ ରହିଯାଆ ଆଗକୁ ଜାମ ରହିଛି ବୋଲି କହିଥିଲେ। ହେଲେ ଅଟୋରେ ଥିବା ଚାଳକ ଓ ଅନ୍ୟ ଜଣେ ଯୁବକ ଓହ୍ଲାଇପଡି ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଦୁର୍ବ୍ୟବହାର କରିବା ସହ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିଥିଲେ। ସୂଚନା ପାଇ ଭାଜପା ଜିଲା ସଭାପତି ପଟେଲଙ୍କ ସମର୍ଥକମାନେ ପହଞ୍ଚିଥିଲେ। ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ଅଧଘଣ୍ଟା ଧରି ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଥାନାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି। ଅନ୍ୟପଟେ ଜିଲା ସଭାପତି ପଟେଲ କହିଛନ୍ତି, ସାମାନ୍ୟ କଥାକୁ ନେଇ ସେମାନେ ଗାଳିଗୁଲଜ କରିଥିଲେ ବୋଲି କହିଥିଲେ।

# ସଙ୍ଗଠିତ ହୁଅ, ଦଳକୁ ମଜଭୁତ କର


ଦେବଗଡ଼ରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଦେବଗଡ, ୨୭
(ଶଶାଙ୍କ ଶେଖର ଝାଙ୍କର)

**ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଆହ୍ୱାନ**

ଦେବଗଡ ସେଣ୍ଟର୍ ଫର୍ କଲଚର୍ କଲ୍ୟାଣ ମଣ୍ଡପରେ ରବିବାର ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ବିଜୁ ଜନତା ଦଳ ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦଳକୁ କିଭଳି ତୃଣମୂଳସ୍ତରରେ ସୁଦୃଢ ଏବଂ ସଙ୍ଗଠିତ କରାଯାଇ ପାରିବ ତାହା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅମରେଶ ଜେନା, ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ,ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ.ସୁଜିତ କୁମାର ପ୍ରଧାନ, ଜିଲା ବିଜେଡି କୃଷକ ସେଲ ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ଯୁବ ନେତା ରାଜ କିଶୋର ଦାଶ, ସ୍ୱସ୍ତିକ ମହାପାତ୍ର, ଶିବୁନ ପ୍ରଧାନ, ରୂପକ ମାଝି, ଶରତ ମେହେରଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ରିଆମାଳ ବ୍ଲକ ବୁଡିଦୋ ଗ୍ରାମ ପଞ୍ଚାୟତର ଭାଜପା ନେତା ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପଞ୍ଚାୟତ ସରପଞ୍ଚ ଛବିରାଣୀ ସାହୁ, ଜିତେନ୍ଦ୍ର ଦେହୁରୀ, ଜାନକୀ ପ୍ରଧାନ ଓ ଅଞ୍ଜଳିବେହେରାଙ୍କ ସମେତ ବହୁ ସଂଖ୍ୟକ ଭାଜପା କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଥିଲେ।

# ଜୁଲାଇ ୨୪ରୁ ସାମୂହିକ ଛୁଟି ଚେତାବନୀ

ସମ୍ବଲପୁର,୨୭(ଶୁଭାଶିଷ ପାଢୀ)

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ (ଏନପିଏସ)ର ବୈଠକ ସ୍ଥାନୀୟ ଶଙ୍କରମଠରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ଆଗାମୀ ଆନ୍ଦୋଳନ ପାଇଁ ଆଲୋଚନା ହୋଇଥିଲା। ରାଜ୍ୟସ୍ତରୀୟ ସଦସ୍ୟ ତଥା ଜିଲା ଉପସଭାପତି ପ୍ରଶାନ୍ତ କୁମାର ଦାଶ, ରାଜ୍ୟର ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ନିଷ୍ପତ୍ତି ଅନୁସାରେ ଦାବି ପୂରଣ ନ ହେଲେ ଜୁଲାଇ ୨୪ ତାରିଖଠାରୁ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା କୋଷାଧକ୍ଷ ମନୋଜ କୁମାର ନାଏକ ବର୍ତ୍ତମାନ ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟସଂଘର ରଣନୀତି ସମ୍ପର୍କରେ ଆଲୋକପାତ କରିବା ସହିତ ସମସ୍ତ ୯ଟି ଯାକ ବ୍ଲକ୍‌ର ମତ ଲୋଡିଥିଲେ। ଆଗାମୀ ୧୨ତାରିଖ ମଧ୍ୟରେ ବ୍ଲକ୍ ସ୍ତରରେ ଦାବିପତ୍ର ପ୍ରଦାନ କରାଯିବ ଓ ୧୭ ତାରିଖ ଜିଲାସ୍ତରରେ ଦାବିପତ୍ର ପ୍ରଦାନ କରାଯିବ। ଜୁଲାଇ ୨୨ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଜୁଲାଇ ୨୪ ତାରିଖଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ ବୋଲି ସ୍ଥିର କରିଥିଲେ।



ସମ୍ବଲପୁର ଶଙ୍କରମଠରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକ।

**ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକରେ ନିଷ୍ପତ୍ତି**

ରାଜ୍ୟର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ସଂଘର ନେତୃବୃନ୍ଦ ସାମିଲ ହୋଇ ଏ ଆନ୍ଦୋଳନକୁ ସଫଳ କରିବାକୁ ବିନମ୍ର ଅନୁରୋଧ କରାଯାଇଥିଲା। ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଗସ୍ତରେ ଥିବାବେଳେ ତାଙ୍କୁ ଭେଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବି ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଭାରେ ବିଭିନ୍ନ ବ୍ଲକ ପକ୍ଷରୁ ପ୍ରଶାନ୍ତ କୁମାର ଦାଶ, ପ୍ରଶାନ୍ତ ପଣ୍ଡା, ମନୋରଞ୍ଜନ ମେହେର, ଧ୍ରୁବଚରଣ ରୋହିଦାସ, ଗୋପୀନାଥ ପ୍ରଧାନ, ଚେରୁ ପାତ୍ର, ସବିର ରଞ୍ଜନ ନାଥ, ଗାୟତ୍ରୀ ବହିଦାର, ଦୀନକୃଷ୍ଣ ସାହୁ, ଲିଙ୍ଗରାଜ ଦୀପ, ଜିତେନ୍ଦ୍ର ବିଶ୍ୱାଳ, ରୁଦ୍ର ନାରାୟଣ ପ୍ରଧାନ, ସବିତା ଲୁହା, ଲୋକନାଥ ସାମଲ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ମାନେଶ୍ୱର ବ୍ଲକର ରଞ୍ଜନ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ପବିତ୍ର ସ୍ୱାଇଁ, ରଶ୍ମିତା ବେହେରା, ଅକ୍ଷୟ ସାଗର ବେହେରା, ଜୟନ୍ତୀ ପୁରୋହିତ, ସଦାଶିବ ପାଣ୍ଡେ, ଘନଶ୍ୟାମ ପାଣ୍ଡେ, କେଦାର ବେହେରା, ଦେବାଶିଷ ଭୋଇ, ରାଜେନ୍ଦ୍ର ପ୍ରଧାନ, ଲିପିକା ପୋଢ଼, ରଞ୍ଜନ ଚୌଧୁରୀ, ପୀତବାସ ମାଝୀ, ମନୋରଞ୍ଜନ ସୁରୁଜାଲ, ସଞ୍ଜୀବ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।


ବନବିଭାଗ ପକ୍ଷରୁ ସମ୍ବଲପୁର ଜିଲା ବିଶାଳଖିଣ୍ଡା ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷଚାରା ରୋପଣ କରାଯାଉଛି।


ରେଲୱେ ବିଭାଗ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚେରୁଆପଡା ନିକଟସ୍ଥ ଝୁପୁଡିପଡାର ୬୦ଟି ଘର ଭଙ୍ଗାଯାଇଛି।

# ୪ ଜୁଲାଇରେ ଖୋଲିବ ସେନ୍‌କୋ ଗୋଲ୍ଡର ଆଇପିଓ

ଭୁବନେଶ୍ୱର,୨।୭(ଅଭୟ ଦାଶ)




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ସେନ୍‌କୋ ଗୋଲ୍ଡ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ୨୦୨୩ ଜୁଲାଇ ୪ରେ ଖୋଲିବ ବୋଲି ସେନ୍‌କୋ ଗୋଲ୍ଡ ପକ୍ଷରୁ ସୂଚନା ଦିଆଯାଇଛି, ଯେଉଁଥିରେ ୪୦୫ କୋଟି ଟଙ୍କାର ଇକ୍ୱିଟି ଶେୟାର ସାମିଲ ରହିଛି। ଏଥିରେ ୨୭୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ ଏସ୍‌ଏଆଇଏଫ୍ ପାର୍ଟନର୍ସ ଇଣ୍ଡିଆ ୪ ଲିମିଟେଡ୍ ୧୩୫ କୋଟି ଟଙ୍କାର ଇକ୍ୱିଟି ଶେୟାର ଅଫର ଫର ସେଲ୍ ପାଇଁ ଉପଲବ୍ଧ କରିବେ। ଆଙ୍କର ନିବେଶକମାନେ ୨୦୨୩ ଜୁଲାଇ ୪ରେ ବିଡ୍ ଦାଖଲ କରିପାରିବେ। ଏହି ଅଫର ୨୦୨୩ ଜୁଲାଇ ୬ ରେ ବନ୍ଦ ହେବ। ଏହି ଅଫରର ଇକ୍ୱିଟି ଶେୟାର ପିଛା ମୂଲ୍ୟ ୩୦୧ ଟଙ୍କାରୁ ୩୧୭ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ନିବେଶକମାନେ ସର୍ବନିମ୍ନ ୪୭ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ଏହା ପରେ ୪୭ର ଗୁଣିତକ ହିସାବରେ ଅଧିକ ଇକ୍ୱିଟି ଶେୟାର ଯୋଡ଼ିପାରିବେ। ଏହି ଅଫରରୁ ଯେଉଁ ପାଣ୍ଠି ମିଳିବ ସେଥିରୁ ୧୯୬ କୋଟି ଟଙ୍କାକୁ କମ୍ପାନୀର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ କରିବା ଲାଗି ବ୍ୟବହାର କରାଯିବ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ଅପରପକ୍ଷରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ଇସ୍ୟୁର ଭାଗ ୭୫%ରୁ କମ୍ ହେବ ନାହିଁ। ସେହିପରି କ୍ୟୁଆଇବିଙ୍କ ପାଇଁ ରହିଥିବା ଭାଗର ୬୦% ଆଙ୍କର ନିବେଶକଙ୍କୁ ସେବି ନିୟମ ଅନୁସାରେ ପ୍ରଦାନ କରାଯିବ। ଯେଉଁଥିପାଇଁ ବିଆର୍‌ଏଲ୍‌ଏମ୍ ସହିତ ଆଲୋଚନା ହୋଇଛି। ତାହାର ଏକ ତୃତୀୟାଂଶ ଦେଶ ଭିତରର ମ୍ୟୁଚୁଆଲ୍ ଫଣ୍ଡ୍ ପାଇଁ ସଂରକ୍ଷିତ ରହିବ। ସେଥିପାଇଁ ଆବଶ୍ୟକ ସବ୍‌ସ୍କ୍ରିପ୍‌ସନ୍ ନ ମିଳିଲେ ଅବଶିଷ୍ଟ ଇକ୍ୱିଟି ଶେୟାରକୁ ନେଟ୍ କ୍ୟୁଆଇବିଙ୍କ ଭାଗରେ ଯୋଡ଼ାଯିବ। ନେଟ୍ କ୍ୟୁଆଇବି ଭାଗର ୫% ମ୍ୟୁଚୁଆଲ୍ ଫଣ୍ଡ୍‌ମାନଙ୍କ ପାଇଁ ରହିବ। ନିଟ୍ ଇସ୍ୟୁର ୧୫% ଅଣ ସଂସ୍ଥାଗତ ବିଡରମାନଙ୍କ ଲାଗି ରହିବ। ତାହାର ୧୦% ରିଟେଲ୍ ନିବେଶକମାନଙ୍କ ପାଇଁ ରଖାଯିବ।

## ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨।୭

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ଏମ୍‌ଡିଆର୍-ଏମ୍‌ଭି୧ ରେଫରେନ୍ସ ମନିଟର ହେଡ୍‌ଫୋନ୍'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ପ୍ରଫେସନାଲ ସାଉଣ୍ଡ୍ ଇଞ୍ଜିନିୟର ଓ ସଙ୍ଗୀତ ସ୍ରଷ୍ଟାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଏଭଳି ଏକ ଉତ୍ପାଦ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଏପରିକି ଏଥିରେ ଉନ୍ନତ ସାଉଣ୍ଡ୍ ସହିତ ଦୀର୍ଘସ୍ଥାୟିତ୍ୱ ଓ ଭରସାର ମିଶ୍ରଣ ରହିଛି। ସେହିଭଳି ଏହାର ଓପନ୍ ବ୍ୟାକ୍ ଡିଜାଇନ୍‌ଗୁଡ଼ିକ ୩୬୦° ରିଅଲିଟି ଅଡିଓ, ଷ୍ଟେରିଓ ସାଉଣ୍ଡ୍ ସହିତ ଉଚ୍ଚମାନର ରିଜଲ୍ୟୁଶନ ଦକ୍ଷତା ଆଦିର ମିଶ୍ରଣ କରିବାରେ ସହାୟକ ହେବ। ସେହିପରି ସୋନି ଇଣ୍ଡିଆ ପକ୍ଷରୁ ସି-୮୦ ମାଇକ୍ରୋଫୋନ୍‌ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ସୋନି ଇଣ୍ଡିଆର ଅଡିଓ ବିଜନେସ୍ ମୁଖ୍ୟ ସୋହେଇ ଟୋୟୋଡା କହିଛନ୍ତି, ଜାଗତିକ ସ୍ୱର ଓ ଉଚ୍ଚମାନର ଷ୍ଟ୍ରିମିଂ ସଙ୍ଗୀତ ସେବାରେ ବୃଦ୍ଧି ହେବା ସହ ହେଡ୍‌ଫୋନ୍ ଚାହିଦାରେ ବୃଦ୍ଧି ହୋଇଥିବା ଆମେ ଦେଖିପାରୁଛୁ, ଯାହା ଏହି ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରିବ।

## ଅମୁଲ ସହ ପିଏନ୍‌ବିର ସହଭାଗିତା




ଭୁବନେଶ୍ୱର,୨।୭

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ଗୁଜରାଟ ସମବାୟ ଦୁଗ୍ଧ ବିତରଣ ଫେଡେରେଶନ (ଜିସିଏମଏମଏଫଏଲ) ବା ଅମୁଲ ସହ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଭାରତ ସରକାରଙ୍କ ମୁଦ୍ରା ଯୋଜନାର ସମସ୍ତ ସୁବିଧା ଚାଷୀ ଓ ବ୍ୟବସାୟୀଙ୍କୁ ଯୋଗାଇ ଦେବା ଆଶାରେ ଉଭୟ ସଂସ୍ଥା ମଧ୍ୟରେ ସହଭାଗିତା ହୋଇଥିବା ଜଣାପଡ଼ିଛି। ଏପରିକି ଅମୁଲର ପ୍ରାୟ ୧୧ ଲକ୍ଷ ରିଟେଲର୍ସ ଓ ହୋଲସେଲ ଡିଲର୍ସମାନେ ଲାଭବାନ ହୋଇପାରିବେ ବୋଲି ଉଭୟ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ପିଏନବିର ନୂଆଦିଲ୍ଲୀର ଦ୍ୱାରକାସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସାମାରୋହାରେ ଉକ୍ତ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଜିସିଏମଏମଏଫଏଲ(ଅମୁଲ)ର ଏମ୍‌ଡି ଜୟେନ ମେହେତା,ଏସଜିଏମ ଆଣ୍ଡ ସିଏଫଓ ଅତୁଲ ଅଗ୍ରୱାଲଙ୍କ ସମେତ ପିଏନବିର ଇଡି ଏମ.ପରମାସିଭମ, ସିଜିଏମ ସୁନୀଲ କୁମାର ଚୁଗ, ସିଜିଏମ ସୁନୀଲ ଗୋଏଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୧ରୁ ବିଧିବଦ୍ଧଭାବେ ଉକ୍ତ ବୁଝାବଣା କାର୍ଯ୍ୟକାରୀ ହେବ ବୋଲି ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଛି।

## ଜୁନ୍‌ରେ ହୋଣ୍ଡାର ଘରୋଇ ବିକ୍ରି ୫୦୮୦ ୟୁନିଟ୍

ଭୁବନେଶ୍ୱର,୨।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ଭାରତର ଅଗ୍ରଣୀ ପ୍ରିମିୟମ କାର ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ୨୦୨୩ ଜୁନ୍‌ର କାରବାର ସମ୍ପର୍କରେ ବିସ୍ତୃତ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ ଚଳିତ ବର୍ଷ ଜୁନ୍ ମାସରେ ମୋଟ ୫୦୮୦ ୟୁନିଟ କାର ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୧୧୨ ୟୁନିଟ ରପ୍ତାନି କରିଥିବା ଏଚସିଆଇଏଲ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କମ୍ପାନୀ ଗତ ବର୍ଷ ଜୁନରେ ମୋଟ ୭୮୩୪ ୟୁନିଟ କାର ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୫୦୨ ୟୁନିଟ ରପ୍ତାନି କରିଥିବା ଏଚସିଆଇଏଲ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏଚସିଆଇଏଲର ନିର୍ଦ୍ଦେଶକ ( ମାର୍କେଟିଙ୍ଗ ଆଣ୍ଡ ସେଲ୍‌ସ) ୟୁଇଚି ମୁରାତା କହିଛନ୍ତି, ୨୦୨୩ ଜୁନରେ କମ୍ପାନୀ କାରବାର ଆଶାନୁଯାୟୀ ହୋଇଥିବାବେଳେ ଆଗାମୀ ଦିନରେ କାରବାର ବଢିବାର ସମ୍ଭାବନା ରହିଛି। କାରଣ ନିକଟରେ କମ୍ପାନୀର ନୂତନ ମଡେଲ ବଜାରରେ ଉପଲବ୍ଧ ହେଉଥିବାବେଳେ ଏସୟୁଭି ଗ୍ରାହକମାନେ ହୋଣ୍ଡାର ନୂତନ ମଡେଲ ସାଙ୍ଗକୁ ପୂଜା ବଜାରକୁ ଅପେକ୍ଷା କରିଛନ୍ତି। ସେହିଭଳି ପୂଜାରେ ନୂତନ ମଡେଲ ସହିତ ନୂଆ ନୂଆ ଅଫର ଓ ସୁବିଧା ସହ ନୂଆ ମଡେଲ ଉନ୍ମୋଚନ ହେବାର ଯୋଜନା ରହିଛି।

## ୨୧ ମୋ ସ୍କୁଲର ବିକାଶ କରିବ ବେଦାନ୍ତ ଲାଞ୍ଜିଗଡ଼

ଭୁବନେଶ୍ୱର,୨।୭



ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲାଞ୍ଜିଗଡ଼ ଏବଂ କଳାହାଣ୍ଡି ଜିଲା ପ୍ରଶାସନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଥିବା ଜଣାପଡ଼ିଛି। ଏପରିକି ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ମୋ ସ୍କୁଲର ଅଂଶ ବିଶେଷ (ମୋ ସ୍କୁଲ ଅଭିଯାନ) ଅନୁସାରେ କଳାହାଣ୍ଡି ଜିଲାର ୨୧ଟି ମୋ ସ୍କୁଲର ବିକାଶ ପାଇଁ ଉଭୟ କଳାହାଣ୍ଡି ଜିଲା ପ୍ରଶାସନ ଓ ବେଦାନ୍ତ ଲାଞ୍ଜିଗଡ଼ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ବିକାଶ ଅଧିକାରୀ ପାୱାର ସଚିନ ପ୍ରକାଶ କହିଛନ୍ତି, ମୋ ସ୍କୁଲ ଅଭିଯାନର ଏଭଳି ଏକ ସୁନ୍ଦର ପଦକ୍ଷେପ ପାଇଁ ବେଦାନ୍ତ ଜିଲା ପ୍ରଶାସନ ସହିତ ସହଭାଗୀ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ବେଦାନ୍ତ ଜିଲାର ୨୧ଟି ସ୍କୁଲର ନବୀକରଣ କାର୍ଯ୍ୟ କରିବ। ଏପରିକି ଆମେ ଆଶା କରୁଛୁ ଏହାଦ୍ୱାରା ଛୋଟ ଛୋଟ ପିଲାମାନେ ବହୁ ଉପକୃତ ହେବେ। ବେଦାନ୍ତର ଏଭଳି ଏକ ମହତ କାର୍ଯ୍ୟକୁ ମୁଁ ପୂର୍ଣ୍ଣ ସମର୍ଥନ କରୁଛି। ସେହିଭଳି ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବିଜ୍‌ନେସ) ଜି.ଜି.ପାଲ କହିଛନ୍ତି, ମୋ ସ୍କୁଲ କାର୍ଯ୍ୟକ୍ରମ ପାଇଁ ଆମେ ଓଡ଼ିଶା ସରକାରଙ୍କ ସହିତ ଭାଗୀଦାରି ହୋଇ ବେଶ୍ ଆନନ୍ଦିତ। କମ୍ପାନୀର ଏଭଳି ଏକ ମହତ ପଦକ୍ଷେପ ଶିକ୍ଷାକୁ ସଶକ୍ତ କରିବ। ଫଳରେ ସରକାରଙ୍କ ସହିତ ମିଳିତ ହୋଇ ଆମେ ଏହି ବିକାଶ କାର୍ଯ୍ୟରେ ସାମିଲ ହେବା ସହିତ ୨୧ଟି ବିଦ୍ୟାଳୟର ଉନ୍ନତିକୁ ନିଶ୍ଚିତ କରିବୁ।

## ଓଡ଼ିଶାରେ ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ସିସିସି

ଭୁବନେଶ୍ୱର,୨।୭

ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ତଥା ସର୍ବପ୍ରଥମ ସମ୍ପୂର୍ଣ୍ଣ ସ୍ୱୟଂକ୍ରୀୟ ନିର୍ମାଣ ସର୍ଭିସ୍ ସେଣ୍ଟର୍ (ସିସିସି) ଓଡ଼ିଶାର କଟକ ଜିଲା ଅନ୍ତର୍ଗତ ଟାଙ୍ଗିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍‌ର ଚେୟାରପର୍ସନ (ମାର୍କେଟିଂ ଏବଂ ସେଲ୍‌ସ ଓ ଲଙ୍ଗ ପ୍ରଡକ୍ଟସ୍ ବିଭାଗ) ଆଶିଷ ଅନୁପମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କମ୍ପାନୀର ଚ୍ୟାନେଲ୍ ପାର୍ଟନର ସାଗର ବିଜ୍‌ନେସ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଉକ୍ତ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ୧୧ ଏକର ପରିବ୍ୟାପ୍ତ ଅଞ୍ଚଳରେ ଉକ୍ତ ସିସିସି କାର୍ଯ୍ୟକ୍ଷମ ହେବ। ଏପରିକି ଏହି ଅତ୍ୟାଧୁନିକ ସ୍ୱୟଂକ୍ରୀୟ ମାନୁଫାକଚରିଂ ସୁବିଧା ସହିତ କଟ୍ ଆଣ୍ଡ୍ ବେଣ୍ଡ୍ ରିବାର, କପଲର୍ ଥ୍ରେଡିଂ ଓ ୱେଲ୍‌ଡେଡ୍ ଓ୍ୟାର ମେସ୍ ଉତ୍ପାଦନ ଲାଗି ଉକ୍ତ କେନ୍ଦ୍ରର କ୍ଷମତା ୩୦୦୦ ଟିପିଏମ୍ (ମାସ ପିଛା ଟନ୍) ରହିଛି। ଏ ସମ୍ପର୍କରେ ଆଶିଷ ଅନୁପମ କହିଛନ୍ତି, ଓଡ଼ିଶାରେ ଏଭଳି ଏକ ଅତ୍ୟାଧୁନିକ ସୁବିଧା କେନ୍ଦ୍ରର ସ୍ଥାପନ କରି ଆମେ ବେଶ୍ ଉତ୍ସାହୀ ଅଛୁ। ଏପରିକି କମ୍ପାନୀ ସାଗର ବିଜନେସ୍ ପ୍ରାଇଭେଟ୍ ଲିମିଟେଡ୍ ସହ ସହଭାଗିତା ସ୍ଥାପନ କରିଥିବାରୁ ଆମେ ଉତ୍ସାହିତ ଓ ଏହା ଜରିଆରେ ଆମେ ଦୀର୍ଘସ୍ଥାୟିତ୍ୱ, ସୂକ୍ଷ୍ମ, ଗୁଣାତ୍ମକ ଓ ଦ୍ରୁତ ନିର୍ମାଣର ଏକ ନୂତନ ଯୁଗର ମୂଳଦୁଆ ସ୍ଥାପନ କରିଛୁ। ଅପରପକ୍ଷରେ ଭୁବନେଶ୍ୱରରେ ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଭିତ୍ତିଭୂମି, ଗୃହ ଓ ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହିତ ୬୦ରୁ ଅଧିକ ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଫୁର୍‌ସତ୍

# କୁମ୍ଭୀରକୁ ବିବାହ କଲେ ମେୟର

ମେକ୍ସିକୋ ସିଟି



ଦକ୍ଷିଣ ମେକ୍ସିକୋର ସାନ ପେଡ୍ରୋ ହୁଆମେଲୁଲାର ମେୟର ଭିକ୍ଟର ହୁଗୋ ସୁସା ପୈତୃକ ରୀତିନୀତିରେ ଆଲିସିଆ ଆଡ୍ରିନା ନାମକ ଏକ ମାଈ କୁମ୍ଭୀରକୁ ବିବାହ କରିଛନ୍ତି। ଚୋଣ୍ଟାଲ ଏବଂ ହ୍ୱାଭି ଆଦିବାସୀଙ୍କ ମଧ୍ୟରେ ଶାନ୍ତି ଏବଂ ଭଲ ଫସଲ ପାଇଁ ମେୟର ଏପରି ବିବାହ କରିଥିବା ଜଣାପଡ଼ିଛି। ଏପରି ବିବାହ ପ୍ରଥା ୨୩୦ ବର୍ଷ ଧରି ଚାଲିଆସୁଛି। ଏଠାରେ ପରମ୍ପରା ରହିଛି ଯେ ଯେତେବେଳେ ଚୋଣ୍ଟାଲ ରାଜା ମେୟରଙ୍କ ରୂପରେ ଆବିର୍ଭୂତ ହୋଇଥିଲେ, ସେତେବେଳେ ମାଈ କୁମ୍ଭୀର ଦ୍ୱାରା ପ୍ରତିନିଧିତ୍ୱ ହୋଇଥିବା ହ୍ୱାଭି ଗୋଷ୍ଠୀର ଜଣେ ରାଜକୁମାରୀଙ୍କୁ ବିବାହ କରିଥିଲେ। ବିବାହ ପୂର୍ବରୁ ମେୟର ସରୀସୃପକୁ ଘରକୁ ନେଇଥିଲେ। ସେଠାରେ ମାଈ କୁମ୍ଭୀରକୁ ବିବାହ ପାଇଁ ନୂଆ ବସ୍ତ୍ର ପିନ୍ଧାଯାଇଥିଲା। ଏଥିସହ କୌଣସି ଦୁର୍ଘଟଣାକୁ ଏଡ଼ାଇବାକୁ କୁମ୍ଭୀରର ପାଟି ବନ୍ଧା ଯାଇଥିଲା। ଏହାପରେ ଦୁହେଁ ଆଶୀର୍ବାଦ ପାଇଁ ଟାଉନ ହଲ୍‌ରେ ପହଞ୍ଚିଥିଲେ। ଆଲିସିଆ ଆଡ୍ରିନା ମଥାକୁ ମେୟର ଚୁମ୍ବନ ଦେଇଥିଲେ। ଏହାପରେ ବାସିନ୍ଦାମାନେ ତାକୁ କୋଳରେ ଧରି ନାଚରେ ମଜି ଯାଇଥିଲେ।

## ବ୍ରେକ୍‌ଅପ୍ ପରେ ଦିଶା, ଟାଇଗର ଏକାଠି

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଏବଂ ଅଭିନେତା ଟାଇଗର ଶ୍ରଫଙ୍କୁ ନିକଟରେ ଏକାଠି ଦେଖିବାକୁ ମିଳିଛି। ଦୁହିଁଙ୍କର ବ୍ରେକ୍‌ଅପ୍ ପରେ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ କୋଠି ନଜରକୁ ଆସିଛନ୍ତି। ଏହାର ଫଟୋ ଓ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦିଶା ଏବଂ ଟାଇଗର ଇଭେଣ୍ଟ ସମୟରେ ପରସ୍ପର ପାଖରେ ବସିବା ସହ କଥା ହେଉଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ଉଭୟେ ବିମାନବନ୍ଦରରେ ପହଞ୍ଚିବାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଟାଇଗର କ୍ୟାମେରା ସାମ୍ନାରେ ପୋଜ୍ ଦେଇଥିବା ବେଳେ ଦିଶା ପଛରେ ଠିଆ ହୋଇ ତାଙ୍କୁ ଅପେକ୍ଷା କରିଥିଲେ। ଟାଇଗରଙ୍କ ପରେ ଦିଶା କ୍ୟାମେରା ଆଗରେ ଆସି ପୋଜ୍ ଦେଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଟାଇଗରଙ୍କ ଜନ୍ମଦିନରେ ଦିଶା ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଥିଲା। ଦିଶା ୨୦୧୫ରେ ତେଲୁଗୁ ଫିଲ୍ମରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଭାରତର ପୂର୍ବତନ କ୍ରିକେଟ ଖେଳାଳି ଏମ୍.ଏସ୍. ଧୋନୀଙ୍କ ଉପରେ ଆଧାରିତ ଫିଲ୍ମରେ ବଲିଉଡ୍‌କୁ ଆସିଥିଲେ। ସେ କିଛି ଫିଲ୍ମରେ ଟାଇଗରଙ୍କ ସହ ମଧ୍ୟ ନଜରକୁ ଆସିଛନ୍ତି। ଏବେ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଛି। ଏଥିସହ ୨ଟି ମ୍ୟୁଜିକ୍ ଭିଡିଓରେ ମଧ୍ୟ କାମ କରିଛନ୍ତି।

## ସାଇକେଲରେ କେଦାରନାଥ ଯାତ୍ରା

ପାଟନା




ଉତ୍ତରାଖଣ୍ଡରେ ଥିବା ଶୈବପୀଠ କେଦାରନାଥ ପୀଠକୁ ବର୍ତ୍ତମାନ ସମୟରେ ବହୁ ଲୋକଙ୍କ ସମାଗମ ହେଉଛି। ଲୋକଙ୍କ ଭକ୍ତି ସେମାନଙ୍କୁ ଏଠାକୁ ଟାଣି ଆଣୁଛି। ତେବେ ବିହାରର ଜଣେ ବ୍ୟକ୍ତି ୩ ହଜାର କି.ମି. ସାଇକେଲ ଯାତ୍ରା କରି କେଦାରନାଥରେ ପହଞ୍ଚିଛନ୍ତି। ବିହାର ଜମୁଇ ଜିଲାର ଝାଝାର ବାସିନ୍ଦା ପ୍ରୀତମ ରାଜହଂସ ମେ' ୫ ତାରିଖରେ ତାଙ୍କର ଏହି ଯାତ୍ରା ଆରମ୍ଭ କରିଥିଲେ। ସେ ଜମୁଇରୁ ତାଙ୍କ ଯାତ୍ରା ଆରମ୍ଭ କରି ଅଯୋଧ୍ୟା, ଗୋରଖପୁର ହୋଇ ଉତ୍ତରାଖଣ୍ଡରେ ପହଞ୍ଚିଲେ। ସେଠାରୁ ଗଙ୍ଗୋତ୍ରୀ ଏବଂ ଯମୁନେତ୍ରୀ ହୋଇ କେଦାରନାଥରେ ପହଞ୍ଚିଥିଲେ। ଏହାପରେ ସେ ବଦ୍ରିନାଥରେ ପହଞ୍ଚି ସେଠାରେ ବିଷ୍ଣୁଙ୍କୁ ଦର୍ଶନ କରିଥିଲେ। ଲଗାତର ୫୬ ଦିନର ଯାତ୍ରା ପରେ ସେ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିଥିଲେ। କୌଣସି ଲକ୍ଷ୍ୟ ରଖି ଯାତ୍ରା ଆରମ୍ଭ କଲେ ରାସ୍ତାରେ ଯେତେ ବାଧାବିଘ୍ନ ଆସିଲେ ବି ସେସବୁକୁ ସାମ୍ନା କରି ଆଗକୁ ବଢିବାକୁ ପଡ଼େ ବୋଲି ପ୍ରୀତମ କହିଛନ୍ତି। ଏହି ଯାତ୍ରା ସମୟରେ ସେ ଲୋକଙ୍କୁ ପରିବେଶ ସମ୍ବନ୍ଧୀୟ ବାର୍ତ୍ତା ଦେଇଥିଲେ। ଅନେକ ଲୋକ ତାଙ୍କୁ ବାଟରେ ସାହାଯ୍ୟ ମଧ୍ୟ କରିଥିଲେ। ପ୍ରୀତମ ୩ ହଜାର କି.ମି.ରୁ ଅଧିକ ରାସ୍ତା ସାଇକେଲରେ ହିଁ ଯାତ୍ରା କରିଛନ୍ତି। ଏହାପରେ ସେ ୪ ଧାମ ଯାତ୍ରା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ୪ ଧାମ ଯାତ୍ରା ସମୟରେ ସେ ସାଇକେଲରେ ଯାଇ ପରିବେଶ ବାବଦରେ ଲୋକଙ୍କୁ ବାର୍ତ୍ତା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସେ କହିଛନ୍ତି, ଆମକୁ ପରିବେଶ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ସାଇକେଲର ବ୍ୟବହାର କଲେ ପରିବେଶର କୌଣସି କ୍ଷତି ହେବନି। ଏଥିସହ ସେ ଲୋକଙ୍କୁ ପରିବେଶ ପାଇଁ ଅଧିକ ଗଛ ଲଗାଇବାକୁ ଅନୁରୋଧ କରିଛନ୍ତି।

## ପାଦରୁ ଲକ୍ଷାଧିକ ରୋଜଗାର



ନୂଆଦିଲ୍ଲୀ

ବର୍ତ୍ତମାନ ସମୟରେ ଲୋକେ ସୋସିଆଲ ମିଡିଆରୁ ଅନେକ ରୋଜଗାର କରୁଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଲୋକ ଏପରି କିଛି ଉପାୟରେ ଟଙ୍କା ରୋଜଗାର କରୁଛନ୍ତି, ଯାହା ବିଷୟରେ ଆମେ କେବେ ଚିନ୍ତା ବି କରିପାରିବାନାହିଁ। ଜଣେ ମହିଳା ତାଙ୍କ ନର୍ସ ଚାକିରି ଛାଡ଼ି କିପରି ସୋସିଆଲ ମିଡିଆରୁ ଟଙ୍କା ରୋଜଗାର କରୁଛନ୍ତି, ସେ ବାବଦରେ କହିଛନ୍ତି। ସେ ତାଙ୍କ ପାଦର ଫଟୋ ଶେୟାର କରି ମାସରେ ୫ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଥିବା କହିଛନ୍ତି। କଣ୍ଟେଣ୍ଟ କ୍ରିଏଟର ଅମେଲିଆ କହିଛନ୍ତି, ସେ ତାଙ୍କ ପାଦର ଫଟୋ ଏବଂ ପାଦର ଉପଚାର ବାବଦୀୟ ଅନେକ ଭିଡିଓ ଇଣ୍ଟରନେଟ୍‌ରେ ଛାଡୁଛନ୍ତି। ଏହାକୁ ବହୁ ଲୋକ ଦେଖିବା ସହ ତାଙ୍କୁ ଲକ୍ଷାଧିକ ଲୋକ ଫଲୋ କରୁଛନ୍ତି। ୨୮ ବର୍ଷୀୟା ଅମେଲିଆ ଯେତେବେଳେ ପାଦରେ କୌଣସି ବି ଉପଚାର କରନ୍ତି, ତାହାର ଭିଡିଓ ଛାଡ଼ିଥାନ୍ତି। ତାଙ୍କର କଣ୍ଟେଣ୍ଟ ପାଇଁ ତାଙ୍କୁ ଅନେକ ଟଙ୍କା ମିଳିଥାଏ। ସେ ଲୋକଙ୍କ କମେଣ୍ଟ ମୁତାବକ କଣ୍ଟେଣ୍ଟ ମଧ୍ୟ ପ୍ରସ୍ତୁତ କରିଥାନ୍ତି। ସେ ତାଙ୍କ ୱେବ୍‌ସାଇଟ ଜରିଆରେ କିପରି ଲୋକଙ୍କୁ ଭେଟିଲେ ସେ ବାବଦରେ ମଧ୍ୟ କହିଛନ୍ତି। ପ୍ରାରମ୍ଭରୁ ୬ ମାସ ମଧ୍ୟରେ ତାଙ୍କୁ ଅନେକ ଲୋକ ଫଲୋ କରିବା ସହ ଟଙ୍କା ମିଳିବା ଆରମ୍ଭ ହୋଇଗଲା। ଫଲୋୟର୍ସଙ୍କ କହିବା ମୁତାବକ ସେ ପାଦର ବିଭିନ୍ନ ପ୍ରକାର ଫଟୋ ଶେୟାର କରିଥାନ୍ତି। ଫଳରେ ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିଥାଏ। ପ୍ରତି ମାସରେ ପ୍ରାୟ ୫ ହଜାର ପାଉଣ୍ଡ ଅର୍ଥାତ୍ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସେ ରୋଜଗାର କରୁଛନ୍ତି।



ତେଲଙ୍ଗାନାର ଖମମ୍‌ରେ ରବିବାର ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ରତ୍ନଭଣ୍ଡାର ଖୋଲିବା ଦାବି ଥମୁନି

**ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)**

- ରତ୍ନଭଣ୍ଡାର ଖୋଲିବାରେ ଅସୁବିଧା କେଉଁଠି: ବିଜୟ
- ଦେଶ ବାହାରକୁ ଚାଲିଯାଇନି ତ ଜଗନ୍ନାଥଙ୍କ ରତ୍ନ: ତାରା
- କିଛି କହିବାକୁ ଚାହୁଁନି ବୋଲି କହିଲେ ପିନାକୀ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ରତ୍ନଭଣ୍ଡାର ଖୋଲିବା ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗ୍ରହ ପ୍ରକାଶ କରାଯାଉ ନ ଥିବାବେଳେ ବିରୋଧୀ କିନ୍ତୁ ଏହି କଥାକୁ ଜାବୁଡି ଧରିଛନ୍ତି। ରତ୍ନଭଣ୍ଡାର ନିହାତି ଖୋଲିବା ଦରକାର ବୋଲି ଉଭୟ ଭାଜପା ଏବଂ କଂଗ୍ରେସ ନେତାମାନେ ଦାବି କରିଆସୁଛନ୍ତି। ଭାଜପା ଏହି ପ୍ରସଙ୍ଗରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିବା ବେଳେ କଂଗ୍ରେସ କିଛି ବିଭ୍ରାଟ ଯୋଗୁ ସରକାର ରତ୍ନଭଣ୍ଡାର ଖୋଲୁ ନ ଥିବା ଯୁକ୍ତି ବାଢ଼ିଛି। ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର କହିଛନ୍ତି ଯେ, ରତ୍ନଭଣ୍ଡାର ଖୋଲିବାରେ ଅସୁବିଧା କେଉଁଠାରେ ଅଛି। ପୂର୍ବରୁ ମଧ ଗୋଟିଏ କଥା କହିଛି ରତ୍ନଭଣ୍ଡାର ରାଜ୍ୟ ସରକାରଙ୍କ ସମ୍ପତ୍ତି ନୁହେଁ। ଏହା ସରକାରୀ କିମ୍ବା କୌଣସି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହା ପ୍ରଭୁ ଜଗନ୍ନାଥଙ୍କ ସମ୍ପତ୍ତି। ରତ୍ନଭଣ୍ଡାର ସେଥିଲାଗି ସେତେବେଳେ ତିଆରି ହୋଇଥିଲା। ପ୍ରଭୁଙ୍କ ଅଳଙ୍କାର ସବୁ ରତ୍ନଭଣ୍ଡାର ଭିତରେ ସୁରକ୍ଷିତ ଭାବେ ରହିବ ବୋଲି ତାକୁ ୩ ଭାଗରେ ବିଭକ୍ତ କରି ତିଆରି କରାଯାଇଥିଲା। ଶହ ଶହ ବର୍ଷ ତଳେ ଏହା ତିଆରି ହେଲାବେଳେ ଆମେ ମଧ୍ୟ ନ ଥିଲୁ, ଏହା ବହୁ ପୁରୁଣା କଥା ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ସମସ୍ତଙ୍କ ଭଳି ତାଙ୍କ ମନରେ ବି ସନ୍ଦେହ ସୃଷ୍ଟି ହେଉଛି। ରତ୍ନଭଣ୍ଡାରର ରତ୍ନସବୁ ବାହାରକୁ ଚାଲିଯାଇନି ତ ବୋଲି ସେ ପ୍ରଶ୍ନ କରିଛନ୍ତି। ବାହାର ଦେଶ ବା ରାଜ୍ୟକୁ ଜଗନ୍ନାଥଙ୍କ ସମ୍ପତ୍ତି ଚାଲିଯାଇନି ତ। ଜଗନ୍ନାଥଙ୍କ ଜମିବାଡି ସବୁ ତ ବିକ୍ରି କରି ଖାଇଗଲେ, ଏବେ ତାଙ୍କର ଯେଉଁ ମହଣ ମହଣ ସୁନା ଗହଣା ଥିଲା ତାହାକୁ ବି ସବୁ ବିକ୍ରି କରି ଖାଇଗଲେ ବୋଲି ଭାବୁଛି। ତେଣୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେଇ ରତ୍ନଭଣ୍ଡାର ଖୋଲନ୍ତୁ। ନ ହେଲେ ଆଗକୁ ଏହି ଘଟଣାରେ ଦେଶବ୍ୟାପୀ ଆନ୍ଦୋଳନ ହେବ ବୋଲି ତାରା କହିଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି ଯେ, ଏହି ମାମଲା କୋର୍ଟରେ ବିଚାରାଧୀନ ଅଛି। ତେଣୁ କୋର୍ଟରେ ମାମଲା ଥିବାବେଳେ ଏହା ଉପରେ କିଛି କହିବା ଠିକ୍ ହେବ ନାହିଁ। ତେଣୁ ଯାହା କୋର୍ଟ ଏବଂ ଲୋକଙ୍କ ଇଚ୍ଛା ହେବ ସେହି ଅନୁସାରେ କାମ ହେବ, ଏ ବିଷୟରେ ଅଧିକ କିଛି କହିବାକୁ ଚାହୁଁନି ବୋଲି ପିନାକୀ କହିଛନ୍ତି।

# ବିଆର୍‌ଏସ୍ ଭାଜପାର ବି-ଟିମ୍: ରାହୁଲ

**ଖମ୍ମାମ, ୨।୭**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କୁ କଡ଼ା ସମାଲୋଚନା କରିଛନ୍ତି। କେସିଆର୍‌ଙ୍କ ରିମୋଟ କଣ୍ଟ୍ରୋଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖରେ ରହିଛି ଏବଂ ତେଲଙ୍ଗାନାର ଶାସକ ଦଳ ଭାଜପାର ବି-ଟିମ୍ ବୋଲି ରାହୁଲ ଏଠାରେ ଏକ ଜନସଭାକୁ ସମ୍ବୋଧନ କରିବା ଅବସରରେ ଅଭିଯୋଗ କରିଛନ୍ତି। କେସିଆର୍ ଏବଂ ତାଙ୍କ ଦଳୀୟ ନେତାମାନଙ୍କ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ରହିଛି, ଯାହା ସେମାନଙ୍କୁ ଭାଜପା ସହ ସାଲିସ କରିବାକୁ ବାଧ କରିଛି। ତେଣୁ ବିଆର୍‌ଏସ୍ ସମ୍ପୃକ୍ତ ଥିବା କୌଣସି ମେଣ୍ଟରେ କଂଗ୍ରେସ ଯୋଗଦେବ ନାହିଁ ବୋଲି ରାହୁଲ ସମସ୍ତ ବିରୋଧୀ ଦଳ ନେତାଙ୍କୁ ଜଣାଇଦେଇଥିବା କହିଛନ୍ତି।

# ଉତ୍ତରପ୍ରଦେଶରୁ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି ନୀତୀଶ

**ପାଟନା, ୨।୭**

ଦିଲ୍ଲୀ ରାଜନୀତି ଉପରେ ନଜର ରଖିଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉତ୍ତରପ୍ରଦେଶକୁ ତାଙ୍କର ଲଞ୍ଚ୍‌ପ୍ୟାଡ୍ କରିପାରନ୍ତି। ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ଏସ୍‌ପି) ସହ ମେଣ୍ଟ କରିବାକୁ ଜେଡିୟୁ ଚାହୁଁଛି। ୟୁପିର ଫୁଲପୁର ଏବଂ ପ୍ରତାପଗଡ଼ ଲୋକ ସଭା ଆସନ ଉପରେ ଏହି ଦଳ ନଜର ପକାଇଛି। ଯଦି ନୀତୀଶ ଫୁଲପୁରରୁ ଲୋକ ସଭା ପ୍ରାର୍ଥୀ ହୁଅନ୍ତି, ତେବେ ସେ କୁର୍ମି ଓ ଯାଦବ ଭୋଟଗୁଡ଼ିକୁ ଏକାଠି କରିପାରିବେ। ଓବିସି ବର୍ଗର ଏହି ଦୁଇ ସମ୍ପ୍ରଦାୟ ଭାଜପା ବିରୋଧରେ ବିରୋଧୀ ମେଣ୍ଟକୁ ସମର୍ଥନ କରିବେ ବୋଲି କୁହାଯାଉଛି। ଉତ୍ତରପ୍ରଦେଶରେ ୨୦୧୯ ସାଧାରଣ ନିର୍ବାଚନରେ ଜେଡିୟୁକୁ ମାତ୍ର ୦.୧% ଭୋଟ ମିଳିଥିଲା। ପ୍ରଧାନମନ୍ତ୍ରୀ ହେବା ଲାଗି ଅଭିଳାଷ ରଖିଥିବା ନୀତୀଶ ଭାଜପା ବିରୋଧରେ ସମସ୍ତ ବିରୋଧୀ ଦଳଙ୍କୁ ଏକାଠି କରିବାକୁ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ବିହାର ବାହାରେ କୌଣସି ଆସନରୁ ଲଢ଼ିପାରନ୍ତି। ସେ ରାମ ମନୋହର ଲୋହିଆଙ୍କ ବିଚାରଧାରାର ସମର୍ଥକ ହୋଇଥିବାରୁ ତାଙ୍କର ପୂର୍ବ ନିର୍ବାଚନ ମଣ୍ଡଳୀ ଫୁଲପୁର ନୀତୀଶଙ୍କ ପାଇଁ ଉପଯୁକ୍ତ ଆସନ ହୋଇପାରେ। ୨୦୨୨ ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓବିସି ଭୋଟଗୁଡ଼ିକୁ ଏକାଠି କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଯଦି ନୀତୀଶ ଫୁଲପୁରରୁ ନିର୍ବାଚନ ଲଢ଼ନ୍ତି ତେବେ ସେ କୁର୍ମି ଓ ଯାଦବ ଭୋଟକୁ ଏକାଠି କରିପାରିବେ ବୋଲି ଜଣେ ବରିଷ୍ଠ ଜେଡିୟୁ ନେତା କହିଛନ୍ତି। ସେଥିପାଇଁ ୟୁପିରେ ଏସ୍‌ପି ସହ ଜେଡିୟୁର ମେଣ୍ଟ ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଆସନ ଭାଗବଣ୍ଟା ଆଲୋଚନା ବେଳେ ଫୁଲପୁର ଏବଂ ପ୍ରତାପଗଡ଼ ଜେଡିୟୁକୁ ଛାଡ଼ିଦେବା ପାଇଁ ଏହି ଦଳ ଏସ୍‌ପିକୁ କହିବ ବୋଲି ନେତା ଜଣକ ସୂଚନା ଦେଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଉପରେ ଜନ ଭରସା କୋଭିଡ ମୁକାବିଲାର ବଡ଼ ଅସ୍ତ୍ର ଥିଲା: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)**




ମୋଦି ସରକାରଙ୍କ ୯ ବର୍ଷର ସେବା ଅବସରରେ ଦିଲ୍ଲୀଠାରେ ଆୟୋଜିତ ଏକ କନ୍‌କ୍ଲେଭରେ ଯୋଗଦେଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

କୋଭିଡ ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଜନ ଭରସା କୋଭିଡକୁ ମୁକାବିଲା କରିବାର ବଡ଼ ଅସ୍ତ୍ର ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଦିଲ୍ଲୀରେ ମୋଦି ସରକାରଙ୍କ ୯ ବର୍ଷର ସେବା ଅବସରରେ ଆୟୋଜିତ କନକ୍ଲେଭରେ ଯୋଗଦେଇ ଧର୍ମେନ୍ଦ୍ର ମୋଦି ସରକାରରେ ଆସିଥିବା ସଂସ୍କାର, ଉପଲବ୍ଧି, ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟ ଉପରେ ନିଜର ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କୋଭିଡ୍ ମହାମାରୀକୁ ସୁବ୍ୟବସ୍ଥିତ ଭାବେ ପରାଜୟ କରାଯାଇପାରିଛି। କେବଳ ଭାରତ ନୁହେଁ ବିଶ୍ୱର ଅନେକ ଶକ୍ତିଶାଳୀ ରାଷ୍ଟ୍ର କୋଭିଡ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିଲେ। ମାତ୍ର ଦେଶରେ କୋଭିଡର ସଫଳ ପରିଚାଳନା ଯୋଗୁ ଅଧିକ ଲୋକଙ୍କୁ ସ୍ୱଦେଶୀ ଟିକା ଲଗାଯାଇଛି। ପିପିଇ କିଟ୍, କୋଭିଡ ଟିକା ପ୍ରସ୍ତୁତ କରିବା ସହ ବାହାର ରାଷ୍ଟ୍ରକୁ ମଧ୍ୟ ରପ୍ତାନି କରାଯାଇଛି। ମୋଦି ସରକାରରେ ଦେଶରେ ଅଧିକ ମେଡିକାଲ ଖୋଲାଯିବା ସହ ମେଡିକାଲ ସିଟ୍ ସଂଖ୍ୟା ମଧ୍ୟ ବଢ଼ିଛି। କେବଳ ଭାରତ ନୁହେଁ ବଡ଼ ବଡ଼ ରାଷ୍ଟ୍ର ବ୍ୟତୀତ କୁଏତ୍ ଓ ପାପୁଆ ନ୍ୟୁ ଗିନି ଭଳି ଦେଶରେ ମୋଦିଙ୍କ ବିଶ୍ୱସନୀୟତା ବଢ଼ିଛି। ପାପୁଆ ନ୍ୟୁ ଗିନି ଗସ୍ତ କାଳରେ ସେଠାକାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁ ସ୍ୱାଗତ କରୁଛନ୍ତି। ଏହା ଥିଲା ୧୪୦ କୋଟି ଭାରତୀୟଙ୍କ ସମ୍ମାନ, ଯାହାକୁ ବିଶ୍ୱ ଦେଖିଲା। ଭାରତ ଏକ ଜ୍ଞାନ ଆଧାରିତ ରାଷ୍ଟ୍ର। ମୋଦି ସରକାରରେ ଗୁଣାତ୍ମକ ଶିକ୍ଷା ସହ ଟେକ୍ନୋଲୋଜି ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ରାଷ୍ଟ୍ରୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି। ତେବେ ଜାତୀୟ ଶିକ୍ଷା ନୀତିର କାମ ୨୦୧୪ରୁ ଆରମ୍ଭ ହୋଇଯାଇଥିଲା। ଆମର ଶିକ୍ଷା ବ୍ୟବସ୍ଥାରେ ଭାରତୀୟ ଜ୍ଞାନ ପ୍ରଣାଳୀ ଓ ବୈଶ୍ୱିକ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଛି, ଯେଉଁ ଶିକ୍ଷା କେବଳ ଦେଶର ନୁହେଁ ବରଂ ବିଶ୍ୱର ଆବଶ୍ୟକତାକୁ ମଧ୍ୟ ପୂରଣ କରିବ।

## ରାଜ୍ୟ ଖବର

# ଜୁଇରୁ ଫେରାଇ ଆଣିଲେ ମୃତଦେହ

**ଉଦଳା (ସନ୍ତୋଷ କୁମାର ବାଛିନୀ)/ ବାରିପଦା (ନୀଳାଦ୍ରିବିହାରୀ ଦଣ୍ଡପାଟ), ୨।୭**

- ବଞ୍ଚିଥିବା କହି ଝଡ଼ାଫୁଙ୍କା କଲେ
- ଡାକ୍ତରଖାନା ପରିସରରେ ଉତ୍ତେଜନା

ଜୁଇ ସଜଡ଼ା ସରିଥିଲା। ଆଉ କିଛି ସମୟ ଅନ୍ତିମ ସଂସ୍କାର ହୋଇଥାନ୍ତା। ହେଲେ ମୃତକ ବଞ୍ଚିଥିବା କହି ଗୁଣିଆଙ୍କୁ ଡାକିଲେ ପରିବାର ଲୋକେ। ଗୁଣିଗାରେଡ଼ି ସହ ମୃତଦେହକୁ ଝଡ଼ାଫୁଙ୍କା କରିଥିଲେ। ହେଲେ ଡାକ୍ତରଖାନାକୁ ଆଣିବା ପରେ ମୃତ ମହିଳାଙ୍କର ଅନେକ ସମୟ ପୂର୍ବରୁ ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଥିଲେ। ରବିବାର ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଭାଲୁହୁଡୁରା ଗ୍ରାମରେ।

ମୃତ ମହିଳା ହେଲେ ଗ୍ରାମର ସୁହାଗିନୀ ବିନ୍ଧାଣୀ। ସେ କାଠ ଚିରୁଥିବା ବେଳେ ୧୧ଦିନ ପୂର୍ବରୁ ଗୁରୁତର ହୋଇଥିଲେ। ଉଦଳା ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ରବିବାର ସକାଳୁ ସ୍ୱର୍ଗରଥରେ ମୃତଦେହ ଘରକୁ ନେଇ ଯାଇଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକେ ଶେଷକୃତ୍ୟ ନିମନ୍ତେ ଜୁଇ ସଜାଡ଼ି ସାରିଥିଲେ। ମୃତଦେହରେ ଅଗ୍ନି ସଂଯୋଗ ପୂର୍ବରୁ ସୁହାଗିନୀଙ୍କ ନିଃଶ୍ୱାସ ଚାଲୁଥିବା ସହ ପାଣି ପିଇଥିବା ପରିବାର ଲୋକେ କହିଛନ୍ତି। ବଞ୍ଚିଥିବା ଦାବି କରି ସେମାନେ ଗୁଣିଆଙ୍କୁ ଡାକିଥିଲେ। ଜଣେ ମହିଳା ଏବଂ ପୁରୁଷ ଗୁଣିଆ ପହଞ୍ଚି ମୃତ ସୁହାଗିନୀଙ୍କୁ ଝଡ଼ାଫୁଙ୍କା କରିଥିଲେ। ଦୀର୍ଘ ସମୟ ଧରି ଝଡ଼ାଫୁଙ୍କା କରିବା ସହ ସୁହାଗିନୀ ବଞ୍ଚିଛନ୍ତି ବୋଲି ସେମାନେ କହିଥିଲେ। ଏହାପରେ ଅଧା ରହିଗଲା ଜୁଇ ପ୍ରସ୍ତୁତି। ପରିବାର ଲୋକେ ମୃତଦେହକୁ ଜୀବିତ କହି ପୁଣି ଉଦଳା ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତର ଦେଖିବା ପରେ ସୁହାଗିନୀଙ୍କର ମୃତ୍ୟୁ ହୋଇସାରିଥିବା କହିଥିଲେ। କିନ୍ତୁ ପରିବାର ଲୋକେ ଏହାକୁ ଗ୍ରହଣ କରିବାକୁ ନାରାଜ ହୋଇଥିଲେ। ପୂର୍ବରୁ ସୁହାଗିନୀଙ୍କ ମୃତ୍ୟୁ ହୋଇ ନ ଥିବା ଏବଂ ଡାକ୍ତର ଅବହେଳା କରିଥିବା କହି ଡାକ୍ତରଖାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏବଂ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିବାର ଲୋକେ ମୃତଦେହକୁ ନେଇ ଘରକୁ ଚାଲିଯାଇଥିଲେ। ଅଧା ରହିଥିବା ଅନ୍ତିମ ସଂସ୍କାର କାମ ଶେଷ କରିବେ ବୋଲି କହିଥିଲେ।

# ତଦନ୍ତ ଆରମ୍ଭ କଲେ ଡିଏସଡବ୍ଲ୍ୟୁଓ

**ବରିଷ୍ଠ କିରାଣିଙ୍କୁ ସିଡିପିଓଙ୍କ ଗାଡ଼ ଘଟଣା**

**ନବରଙ୍ଗପୁର, ୨।୭(ସଦାଶିବ ମହାପାତ୍ର)**

ନବରଙ୍ଗପୁର ଜିଲା ଡାବୁଗାଁ ସିଡିପିଓ ଗୀତାଞ୍ଜଳି ମହାରଣା ଜଣେ ବରିଷ୍ଠ କିରାଣିଙ୍କୁ ଚେୟାରରୁ ଠେଲି ଦେବା ଘଟଣାକୁ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଭିଡିଓ ଭାଇରାଲ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସଡବ୍ଲ୍ୟୁଓ) କମଳ କୁମାରୀ ପଟ୍ଟନାୟକ ଓ ଭାରପ୍ରାପ୍ତ ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି ରବିବାର ଡାବୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ରବିବାର ଛୁଟି ଥିବାରୁ ବରିଷ୍ଠ କିରାଣି ସନ୍ତୋଷ କୁମାରୀ ମିଶ୍ର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଫଳରେ ଡିଏସଡବ୍ଲ୍ୟୁଓ ପଟ୍ଟନାୟକ ଏକତରଫା ତଦନ୍ତ କରି ଫେରିଯାଇଥିବା ଜଣାପଡ଼ିଛି। ସମସ୍ତ ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, କାର୍ଯ୍ୟାଳୟର ଜୁନିୟର କିରାଣିଙ୍କୁ ସନ୍ତୋଷୀ ପୂର୍ବ ମାସର ଦରମା କାହିଁକି ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ମିଳିତ ଅମଲା ସଂଘ ସମୂହ ଛୁଟିରେ ଥିବାରୁ ଦରମା ବିଳମ୍ବ ହୋଇଥିବା କନିଷ୍ଠ କିରାଣିମାନେ ସନ୍ତୋଷୀଙ୍କୁ କହିଥିଲେ। ନିୟମିତ କାର୍ଯ୍ୟାଳୟକୁ ଆସିବା ସତ୍ତ୍ୱେ କାହିଁକି ଦରମା ହୋଇନାହିଁ ବୋଲି ସନ୍ତୋଷୀ ପାଟି କରୁଥିବାବେଳେ ସିଡିପିଓ କ୍ଷେତ୍ର ପରିଦର୍ଶନକରି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ସନ୍ତୋଷୀଙ୍କୁ ପାଟି ଚୁପ୍ କରିବା ପାଇଁ କହିବା ସହ କାର୍ଯ୍ୟାଳୟରୁ ବାହାରିଯିବାକୁ କହିଥିଲେ। ସନ୍ତୋଷୀ କିନ୍ତୁ ନିଜ ଚେୟାରରେ ବସି ରହିଥିଲେ। ସିଡିପିଓ ଉତ୍କ୍ଷିପ୍ତ ହୋଇ ହାତ ଉଠାଇବା ସହ ସନ୍ତୋଷୀଙ୍କୁ ଚେୟାରରୁ ଠେଲିଦେଇଥିବା ଭିଡିଓ ଭାଇରାଲ ହେଉଛି।

# ଦୁର୍ଘଟଣାରେ ଦୁଇ ଓଡ଼ିଆ ଦାଦନ ମୃତ

**ପାତ୍ରପୁର, ୨।୭(ଉମା ଚରଣ ନେପାକ)**

ସିକନ୍ଦରାବାଦ ସାଙ୍ଗରେଡ୍ଡୀ ଜିଲାରେ ଦାଦନ ଖଟୁଥିବା ଦୁଇ ଓଡ଼ିଆ ଯୁବକଙ୍କ ଦୁର୍ଘଟଣାରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଜରଡା ଥାନା ସନ୍ତୋଷପୁର ଗ୍ରାମର କେ. ତାରକେଶ୍ୱ(୨୨), ଗୋପାଳପଲ୍ଲୀ ଗ୍ରାମର କେ. ଭିମୁଡୁ(୨୬)। ଦୁଇ ସାଙ୍ଗ ଦୀର୍ଘ ଏକ ବର୍ଷ ହେଲା ଗୋଟିଏ ଭଡା ଘରେ ରହି ଜଣେ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ସନ୍ଧ୍ୟାରେ କାମ ସାରି ଦୁହେଁ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ସାଙ୍ଗାରେଡ୍ଡୀ ଜିଲା ଆଲୱାଲ ଥାନା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସିକନ୍ଦରାବାଦ ଗାନ୍ଧୀ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆସୁଥିବା ଜଣାପଡିଛି।

# 'ଆତ୍ମବିଶ୍ୱାସ ଆଗରେ କିଛି ଅପହଞ୍ଚ ନୁହେଁ'




ବିକାଶରେ ଏଚିଭର୍ସ ମିଟ୍-୨୦୨୩ରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ବକ୍ତବ୍ୟ ରଖୁଛନ୍ତି।

**ବରଗଡ଼ ଅଫିସ୍, ୨।୭ (ପ୍ରେମାନନ୍ଦ ଖମାରୀ)**

**ବିକାଶରେ ଏଚିଭର୍ସ ମିଟ୍-୨୦୨୩**

ବରଗଡ଼ସ୍ଥିତ ବିକାଶ ଶିକ୍ଷାନୁଷ୍ଠାନର ଚଳିତବର୍ଷ ସିବିଏସ୍‌ଇ ଦଶମ, ଦ୍ୱାଦଶ, ସିଏଚ୍‌ଏସ୍‌ଇ ଯୁକ୍ତ ୨ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଏବଂ ଜେଇଇ(ମେନ୍), ଏନ୍‌ଟିଏ ନିଟ୍(ୟୁଜି) ମେଡିକାଲ ଓ ଆଇଏମ୍‌ୟୁସିଇଟି(ମର୍ଚାଣ୍ଟ ନେଭି) ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରମାନଙ୍କୁ ରବିବାର ସହର ଉପକଣ୍ଠ ବରାହଗୁଡ଼ାସ୍ଥିତ ବିକାଶ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ଏଚିଭର୍ସ ମିଟ୍-୨୦୨୩ କାର୍ଯ୍ୟକ୍ରମରେ ମାନପତ୍ର ଓ ଟ୍ରଫି ସହିତ ସମ୍ମାନିତ କରାଯାଇଛି। ବିକାଶ ଆବାସିକ ବିଦ୍ୟାଳୟର ସିବିଏସ୍‌ଇ ଦ୍ୱାଦଶ ୨୦୨୦ ଉତ୍ତୀର୍ଣ୍ଣ ଛାତ୍ରୀ ନିକିତା ଗଙ୍ଗଦେବ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଇଂଲିଶ ସ୍ନାତକରେ ଟପ୍ପର ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ।

ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସ୍ୱାଗତ ଭାଷଣ ଦେଇ କୃତୀ ଛାତ୍ରୀଛାତ୍ରଙ୍କ ଶୁଭ କାମନା କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କୃତୀ ଛାତ୍ରୀଛାତ୍ରଙ୍କ ପାଇଁ ଆଜିର ଦିନ ଆତ୍ମନିଯୁକ୍ତିର ଦିନ ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ନିଜ ବକ୍ତବ୍ୟରେ ସର୍ବଭାରତୀୟ ସ୍ତରରେ ବିକାଶର ଛାତ୍ରୀଛାତ୍ର ସଫଳତାର ଶୀର୍ଷ ଅଧିକାର କରି ବିକାଶ ଗ୍ରୁପ୍ ପାଇଁ ଗର୍ବ ଗୌରବ ଆଣୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ କର୍ମନିଷ୍ଠତା, ସମୟାନୁବର୍ତ୍ତିତା, ସଂସ୍କାର ଓ ନିଜ ଉପରେ ବିଶ୍ୱାସ ରଖିଲେ କୌଣସି କାର୍ଯ୍ୟ ଅପହଞ୍ଚ ନୁହେଁ ବୋଲି ସେ କହିଥିଲେ। ନ୍ୟୁ ଏଜୁକେଶନ ପଲିସି, ସହଯୋଗ ଓ ସମନ୍ୱୟ, କ୍ରିଏଟିଭିଟି, ଲାଇଫ୍ ସ୍କିଲ୍ସ, ହୋଲିଷ୍ଟିକ୍ ଆଣ୍ଡ ଡେଭଲପମେଣ୍ଟ ଉପରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କ ସମସ୍ତ ସଫଳତା ବିକାଶ କାର୍ଯ୍ୟ ପ୍ରଣାଳୀର ଉଦାହରଣ ବୋଲି ଚେୟାରମ୍ୟାନ କ୍ରୀଷ୍ଣା କହିଥିଲେ।

ଏହି ସମ୍ବର୍ଦ୍ଧନା ସମାରୋହରେ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିକାଶ ଏଣ୍ଟ୍ରାନ୍ସ ଏକାଡେମୀର ୧୯୦ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ଏବଂ ୨୨ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ସିବିଏସ୍‌ଇ ଦଶମରେ ୮୮, ଦ୍ୱାଦଶରେ ୭୨ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୨୬ଜଣ ଛାତ୍ରୀଛାତ୍ର ସିଏଚ୍‌ଏସ୍‌ଇ ଯୁକ୍ତ ୨ ପରୀକ୍ଷାରେ ୫୦୦ମାର୍କରୁ ଊର୍ଦ୍ଧ୍ୱ, ଜେଇଇ(ମେନ୍)ରେ ୬୫ଜଣ, ଏନ୍‌ଟିଏ ନିଟ୍(ୟୁଜି) ମେଡିକାଲରେ ୩୦ଜଣ ଏବଂ ଆଇଏମ୍‌ୟୁସିଇଟି(ମର୍ଚାଣ୍ଟ ନେଭି) ପରୀକ୍ଷାରେ ୨ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଶିକ୍ଷକ ମନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ଏଣ୍ଟ୍ରାନ୍ସ ଏକାଡେମୀର ମୁଖ୍ୟ ଚିତ୍ତରଞ୍ଜନ ପତି, ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ୍. କାନ୍ତାରାଓ, ଅଧ୍ୟାପକ ମନୋରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳରୁ ଡାକି ମୁମ୍ବାଇରେ କାଟିଦେଲେ ୨ ହାତ

**ଫୁଲବାଣୀ, ବାଲିଗୁଡା, ୨।୭(ରାକେଶ କୁମାର ରାଉତ /ସଞ୍ଜୟ ପାଣିଗ୍ରାହୀ)**

- କାମ କରିବାକୁ ଡାକି ନେଇଥିବା ଲୋକଙ୍କ ନାଁରେ ଏତଲା
- ଜିଲା ଶ୍ରମ ଅଧିକାରୀ କରିବେ ତଦନ୍ତ

କାମ ଦେବାକୁ କହି କନ୍ଧମାଳରୁ ମୁମ୍ବାଇ ଡାକିନେଇ ଜଣେ ଯୁବକଙ୍କ ହାତ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଦୁଇ ହାତ ହରାଇଥିବା ଯୁବକ ଜଣକ ହେଲେ ବାଲିଗୁଡ଼ା ଥାନା ଏନ୍‌ଏସି ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡର ଡହଳପଡ଼ି ସାହିର ଅଙ୍ଗଦ ମଲିକ(୨୨)। ଏହି ଘଟଣାରେ ବାଲିଗୁଡା ଥାନାରେ ପରିବାର ପକ୍ଷରୁ ଯୁବକଙ୍କୁ ନେଇଥିବା ଲୋକଙ୍କ ନାଁରେ ଏତଲା ଦିଆଯାଇଛି। ଏହି ଘଟଣାର ତଦନ୍ତ ଜିଲା ଶ୍ରମ ଅଧିକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ସାଙ୍ଗ ରବି ସାହାଣୀଙ୍କ ସହ କାମଧନ୍ଦା କରିବା ପାଇଁ ଗତ ଏପ୍ରିଲ ୨୭ ତାରିଖରେ ବାଲିଗୁଡାରୁ ମୁମ୍ବାଇ ଘରେ ନ କହି ଅଙ୍ଗଦ ଯାଇଥିଲେ। ଅଙ୍ଗଦଙ୍କ ଘରଲୋକେ ଖୋଜାଖୋଜି କରି ନ ପାଇବାରୁ ଦୁଇଦିନ ପରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଥିଲା। ଗତ ଜୁନ ୨୨ ତାରିଖରେ ଗୁଜରାଟର ପାଲାରା-କୁଟଛର ରାମଦେବ ସେବାଶ୍ରମର ରିତୁବେନ ବର୍ମା ଏକ ଫୋନ ଯୋଗେ ବାଲିଗୁଡା ଥାନାକୁ ଅଙ୍ଗଦ ଦୁର୍ଘଟଣା ଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ଖବର ଦେଇଥିଲେ। ବାଲିଗୁଡା ଥାନାଧିକାରୀ ବାବା ଶଙ୍କର ସରାଫ ଗୁଜରାଟର ଏକ ସେବାଶ୍ରମରେ ଅଙ୍ଗଦ ଥିବା ନେଇ ପରିବାରକୁ ସେଠାକାର ଠିକଣା ଦେଇଥିଲେ। ଏହାପରେ ବାଲିଗୁଡା ପୋଲିସର ପରାମର୍ଶ ନେଇ ଅଙ୍ଗଦଙ୍କ ଭାଇ ରତ୍ନାକର ଓ ଭିଣୋଇ ରଞ୍ଜିତ ଠିକଣା ସ୍ଥାନକୁ ଯାଇଥିଲେ। ସେଠାରେ ଭାଇର ଦୁଇହାତ କଟି ଯାଇ ଥିବା ବେଳେ ମୁଣ୍ଡ ଏବଂ ପିଠିରେ ମାଡ ହୋଇଥିବା ଦେଖିବାକୁ ପାଇଥିଲେ। ସେଠାରେ ଚିକିତ୍ସା କରାଉଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରାମର୍ଶ କ୍ରମେ ଅଙ୍ଗଦଙ୍କୁ ଧରି ବାଲିଗୁଡ଼ା ଆସିଥିଲେ।

ସୂଚନାଯୋଗ୍ୟ, ରବି ସାହାଣୀ କାମ କରିବାକୁ ବମ୍ବେକୁ ଯିବା କହି ଅଙ୍ଗଦଙ୍କୁ ଆଠ ହଜାର ଟଙ୍କା ଦେଇଥିଲେ। ଉଭୟ ମୁମ୍ବାଇରେ ପହଞ୍ଚିବା ପରେ ଏକ କଲ ଆସିଛି କହି ରବି ଟିକେ ଦୂରକୁ ଚାଲି ଯାଇଥିଲେ। ପରେ କିଛି ବ୍ୟକ୍ତି ଆସି ଅଙ୍ଗଦଙ୍କ ମୁଣ୍ଡରେ ମାଡ଼ ମାରି ବେହୋସ କରିଦେଇଥିଲେ। ପୂର୍ବ ଯୋଜନା ମୁତାବକ ଦୁଇ ହାତ କାଟି ଫିଙ୍ଗି ଦେଇଥିଲେ ବୋଲି ଅଙ୍ଗଦ କହିଛନ୍ତି। ରେଲୱେ ପୋଲିସ ଅଙ୍ଗଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ମୁମ୍ବାଇ ପୋଲିସରେ ଏକ ମାମଲା ରୁଜୁ କରି ପାଲାରା-କୁଟଛର ରାମଦେବ ସେବାଶ୍ରମକୁ ପଠାଇଦେଇଥିଲା। ଅଙ୍ଗଦ ବିବାହିତ ଓ ତାଙ୍କର ଗୋଟିଏ ଝିଅ ଅଛି। ଏହି ଘଟଣାରେ ବାଲିଗୁଡା ପୋଲିସ ରବି ସାହାଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ମୁମ୍ବାଇ ପୋଲିସ ଓ ରେଲୱେ ପୋଲିସ ସହ ଯୋଗାଯୋଗ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସରାଫ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପଲକ
ପରିବାରବର୍ଗ


ପାୟଲ
ପରିବାରବର୍ଗ


ସ୍ନେହାଞ୍ଜଳୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୁର୍ଦ୍ଧର୍ଷରୁ ଦୟନୀୟ ସ୍ଥିତିରେ ୱେଷ୍ଟଇଣ୍ଡିଜ୍

**ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ୍‌ରୁ ବାଦ୍ ପଡିଛି। ଭାରତରେ ହେବାକୁ ଥିବା ୨୦୨୩ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଦଳ ବିଫଳ ହୋଇଛି। ଦିନିକିଆ ବିଶ୍ୱକପ୍‌ର ୪୮ ବର୍ଷର ଇତିହାସରେ ପ୍ରଥମ ଥର ଏଭଳି ଘଟଣା ଘଟିବାକୁ ଯାଉଛି। ୱେଷ୍ଟଇଣ୍ଡିଜ୍ ଏମିତି ଏକ ଦେଶ, ଯାହାର କ୍ରିକେଟ ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏହି ଦଳ ପ୍ରଥମ ଦୁଇ ସଂସ୍କରଣର ଦିନିକିଆ ବିଶ୍ୱକପ୍ ବିଜୟୀ ହୋଇଥିଲା। ଯେଉଁ ଦଳ ନିକଟରେ ସାର ଗାରଫିଲ୍ଡ ସୋବର୍ସ, ଭିଭିଆନ୍ ରିଚାର୍ଡ୍ସ, କ୍ଲାଇବ ଲଏଡ, ବ୍ରାଏନ୍ ଲାରାଙ୍କ ପରି କିମ୍ବଦନ୍ତୀ ଖେଳାଳି ରହିଥିଲେ ସେଭଳି ଦଳ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲରେ ବିଫଳ ହେବା ସମଗ୍ର ବିଶ୍ୱର କ୍ରିକେଟ ଫ୍ୟାନ୍‌ଙ୍କୁ ଚକିତ କରିଦେଇଛି। ଏହା ଏମିତି ଏକ ଦଳ ଯାହାର ପେସ୍ ବୋଲିଂ ବିଶ୍ୱର ବ୍ୟାଟରମାନଙ୍କୁ ଭୀତତ୍ରସ୍ତ କରୁଥିଲା। ବର୍ତ୍ତମାନ ତାହା ଏକ ଦନ୍ତହୀନ ବାଘରେ ପରିଣତ ହୋଇଛି। ଏପରି ସ୍ଥିତିରେ ଏହି ଦଳ ବିଫଳ ହେବାର କିଛି କାରଣ ସମ୍ପର୍କରେ ଏକ ନଜର....**

## ୧୯୭୫ ଓ ୧୯୭୯

ଦିନିକିଆ କ୍ରିକେଟ ବିଶ୍ୱକପ୍ ପ୍ରଥମ ଥର ପାଇଁ ୧୯୭୫ରେ ଆୟୋଜିତ ହୋଇଥିଲା। ପ୍ରଥମ ଦୁଇ ସଂସ୍କରଣରେ ଦଳ ଚାମ୍ପିୟନ ହୋଇଥିବା ବେଳେ ଉଭୟ ବ୍ୟାଟିଂ ଓ ବୋଲିଂରେ ଏହା ଥିଲା ବିଶ୍ୱର ସର୍ବଶକ୍ତିଶାଳୀ ଦଳ। ୧୯୮୩ରେ ଭାରତ ନିକଟରୁ ହାରି ଦଳ ରନର୍ ଅପ୍ ହୋଇଥିଲା। ଏହି ସମୟରେ ସାର ଗାରଫିଲ୍ଡ ସୋବର୍ସ, ଭିଭିଆନ୍ ରିଚାର୍ଡ୍ସ, କ୍ଲାଇବ ଲଏଡ, କର୍ଟଲି ଆମ୍ବ୍ରୋଜ୍, ଜୋଏଲ ଗାର୍ନର ଓ ମାଲକମ୍ ମାର୍ଶାଲଙ୍କ ପରି ଖେଳାଳି ଦଳକୁ ସଫଳତାର ଶୀର୍ଷତମ ସୋପାନରେ ପହଞ୍ଚାଇଥିଲେ।

## ପ୍ରଥମଥର ବିଶ୍ୱକପ ଯୋଗ୍ୟତା ଅର୍ଜନରେ ବିଫଳ

## ପ୍ରଥମ ଥର ବିଫଳତା

୭୦ ଦଶକର ସବୁଠାରୁ ଦୁର୍ଦ୍ଧର୍ଷ ଦଳ ୧୯୮୩ ପରଠାରୁ ବିଫଳ ହୋଇଥିଲା। ଦଳର ପ୍ରଦର୍ଶନ ଖରାପ ରହି ନ ଥିଲେ ମଧ୍ୟ ଆଇସିସି ଇଭେଣ୍ଟଗୁଡିକରେ ଟ୍ରଫି ହାସଲରେ ଏହା ସମର୍ଥ ହୋଇ ନ ଥିଲା। ଶେଷ ଥର ପାଇଁ ୧୯୭୯ରେ ଦିନିକିଆ ବିଶ୍ୱକପ୍ ବିଜୟୀ ହେବା ପରେ ୨୫ ବର୍ଷ ପାଇଁ ଦଳ ଆଇସିସି ଇଭେଣ୍ଟରେ ଟ୍ରଫି ଶୂନ୍ୟ ରହିଥିଲା। ତେବେ ବ୍ରାଏନ୍ ଲାରାଙ୍କ ଅଭ୍ୟୁତ୍ଥାନ ପରେ ୨୦୦୪ରେ ଏହି ପ୍ରତୀକ୍ଷାର ଅନ୍ତ ଘଟିଲା। ୨୦୦୪ରେ ଦଳ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିବା ବେଳେ ୨୦୦୬ରେ ରନର୍ ଅପ୍ ରହିଥିଲା।

## ଟି୨୦ର ପ୍ରଭାବ

୨୦୦୭ରେ ସମଗ୍ର ବିଶ୍ୱ କ୍ରିକେଟର ଏକ ନୂତନ ଫର୍ମାଟ ସହିତ ପରିଚିତ ହେଲା। ଟି୨୦ରେ ଆକ୍ରମଣାତ୍ମକ କ୍ରିକେଟ ଦେଖିବାକୁ ମିଳୁଥିବା ବେଳେ ଏହା ୱେଷ୍ଟଇଣ୍ଡିଜ୍‌ର ଖେଳ ଷ୍ଟାଇଲକୁ ସୁହାଇଥିଲା। ଦଳ ୨୦୧୨ ଓ ୨୦୧୬ରେ ଦୁଇ ଦୁଇ ଥର ଚାମ୍ପିୟନ ମଧ୍ୟ ରହିଥିଲା। ତେବେ ଦଳର ପ୍ରଦର୍ଶନ ଖରାପ ହେବା ସହିତ ଏହା ୨୦୨୨ରେ ଟି୨୦ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରି ପାରି ନ ଥିଲା।

## ବେତନ ଓ ଫ୍ରାଞ୍ଚାଇଜ କ୍ରିକେଟ

ୱେଷ୍ଟଇଣ୍ଡିଜ୍ ଦଳର ବିଫଳତା ପାଇଁ ଏହାର କ୍ରିକେଟ ବୋର୍ଡ ମଧ୍ୟ ଅନେକାଂଶରେ ଦାୟୀ। ବୋର୍ଡ ପକ୍ଷରୁ ଖେଳାଳିମାନଙ୍କୁ ଉପଯୁକ୍ତ ବେତନ ମିଳୁ ନ ଥିବା ବେଳେ ଖେଳାଳିମାନେ ଫ୍ରାଞ୍ଚାଇଜି କ୍ରିକେଟକୁ ପ୍ରାଧାନ୍ୟ ଦେବାରେ ଲାଗିଲେ। ଫଳରେ ବୋର୍ଡ ଓ ଖେଳାଳିଙ୍କ ମଧ୍ୟରେ ଏହାକୁ ନେଇ ଅତୀତରେ ଅନେକ ସମୟରେ ବିବାଦ ଦେଖା ଦେଇଛି। ଡ୍ୱେନ୍ ବ୍ରାଭୋ, କିରନ୍ ପୋଲାର୍ଡଙ୍କ ପରି ପ୍ରତିଭାଶାଳୀ ଅଲରାଉଣ୍ଡରମାନେ କ୍ୟାରିୟରର ପିକ୍ ସମୟରେ କ୍ରିକେଟ ଛାଡିଛନ୍ତି।

## ଶୃଙ୍ଖଳା

ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳର ଖେଳାଳିଙ୍କ ନିକଟରେ ଶୃଙ୍ଖଳାର ଅଭାବ ଦେଖିବାକୁ ମିଳିଥାଏ। ଖେଳାଳିମାନେ ପାର୍ଟି କରୁଥିବା ବେଳେ ଜାତୀୟ ଦଳ ପ୍ରତି ଥିବା ଦାୟିତ୍ୱର ଅବମାନନା କରିଥାନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ସିମରନ୍ ହେଟମେୟର। ବିଭିନ୍ନ ଫ୍ରାଞ୍ଚାଇଜି କ୍ରିକେଟର ଅଂଶବିଶେଷ ରହିଥିବା ହେଟମେୟର ଜାତୀୟ ଦଳର କ୍ୟାମ୍ପ ପାଇଁ ୩୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ଏହି କାରଣ ପାଇଁ ହେଟମେୟରଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଯାହାର ଫଳାଫଳ ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଦେଖିବାକୁ ମିଳିଛି। ଦଳର ମଧ୍ୟକ୍ରମ ବିଫଳତା କାରଣରୁ ନେଦରଲାଣ୍ଡ୍ସ ଓ ସ୍କଟ୍‌ଲାଣ୍ଡ ପରି ଆସୋସିଏଟ୍ ନେଶନ ନିକଟରୁ ପରାଜିତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଛି।




୧୯୭୫ ଓ ୧୯୭୯ ବିଶ୍ୱକପ ଟ୍ରଫି ସହ କ୍ଲାଇବ୍ ଲଏଡ୍ (ଉପର)। ପରାଜୟ ପରେ ୱେଷ୍ଟଇଣ୍ଡିଜ ଦଳ।

# 'କ୍ରୀଡ଼ା ଖବରରେ ଲୁଚି ରହିଥାଏ ଏକ ଭିନ୍ନ ପ୍ରେରଣା'

**ଭୁବନେଶ୍ୱର, ୨୭ (ବିଜୟ ରଣା)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ତରଫରୁ ସ୍ଥାନୀୟ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟବଲ କୋର୍ଟରେ ବିଶ୍ୱ କ୍ରୀଡ଼ା ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଲିମ୍ପିଆନ ଶ୍ରାବଣୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ସାମ୍ବାଦିକତା କେବଳ ଖବର ସଂଗ୍ରହ କରି ତାହାକୁ ପ୍ରକାଶ କରିବା ବୋଲି ଆମେ ଭାବିଥାଉ। କ୍ରୀଡ଼ା ଖବରଦାତାମାନେ ଖେଳ ବିଷୟରେ ଲେଖିଥାନ୍ତି। କିନ୍ତୁ ଏହି ଲେଖା ଭିତରରେ ଲୁକ୍କାୟିତ ରହିଥାଏ ଏମିତି କିଛି ପ୍ରେରଣା, ଯାହା ଛୋଟପିଲା ଓ ଯୁବବର୍ଗଙ୍କୁ ବେଶ ପ୍ରଭାବିତ କରିଥାଏ। ତାଙ୍କ ଖେଳ ଜୀବନ ମଧ୍ୟ ଏମିତି ଆରମ୍ଭ ହୋଇଥିଲା। କ୍ରୀଡ଼ା ପୃଷ୍ଠାରେ ବାହାରିଥିବା ଜଣକ ଫଟୋ ଦେଖି ସେ ଉତ୍ସାହିତ ହୋଇପଡ଼ିଥିଲେ। ଏହାପରେ ସେ ଆଉ ପଛକୁ ଫେରିନାହାନ୍ତି। ସେ ଆଜି ଯେଉଁଠାରେ ପହଞ୍ଚିଛନ୍ତି, ତାହାର ପ୍ରଥମ ଶ୍ରେୟ ସେ କ୍ରୀଡ଼ା ଖବରଦାତାମାନଙ୍କୁ ଦେବେ ବୋଲି ଶ୍ରାବଣୀ କହିଥିଲେ। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲର ପିଲାମାନଙ୍କୁ ନେଇ ବ୍ଲୁ ଓ ରେଡ୍ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଯୋଗ ଦେଇଥିଲେ। ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବି କହିଥିଲେ, କ୍ରୀଡ଼ା କେବଳ ଜୀବନକୁ ସୁସ୍ଥ ସବଳ କରିନ ଥାଏ, ଏହାର କ୍ୟାରିୟର ଗଢ଼ିବାରେ ମଧ୍ୟ ସହାୟକ ହୋଇଥାଏ। ଓସ୍‌ଜାର ବରିଷ୍ଠ ଉପସଭାପତି ସମ୍ବିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ସନ୍ଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓସ୍‌ଜା ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ, କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, ସଦସ୍ୟ ସନ୍ତୋଷ ମହାନ୍ତି, କୁମାର ବିମଳ ଓ ଶକ୍ତି ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ବାସ୍କେଟବଲ ଖେଳାଳିଙ୍କ ସହ ଅତିଥି ଓ ଓସ୍‌ଜା କର୍ମକର୍ତ୍ତା।

# ହକି ଇଣ୍ଡିଆର ଆର୍ଥିକ ସହାୟତା

**ନୂଆଦିଲ୍ଲୀ, ୨୭(ପି.ଟି.)**

ଭାରତରେ ତୃଣମୂଳ ସ୍ତରରୁ ହକିର ବିକାଶ ପାଇଁ ସମସ୍ତ ରାଜ୍ୟ ଫେଡେରେଶନ୍ ଓ ଜିଲା ପାଇଁ ପୁରସ୍କାର ଘୋଷଣା କରିଛି ହକି ଇଣ୍ଡିଆ। ରାଜ୍ୟ ଓ ଜିଲା ସ୍ତରରେ ଆୟୋଜିତ ହେଉଥିବା ବିଭିନ୍ନ ଟୁର୍ନାମେଣ୍ଟର ସ୍ତରକୁ ଉନ୍ନତ କରିବା ପାଇଁ ଏହି ଘୋଷଣା କରାଯାଇଛି। ପୂର୍ବରୁ ପ୍ରତ୍ୟେକ ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସମ୍ପୃକ୍ତ ବୋର୍ଡକୁ ଦିଆଯାଇଥାଏ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଅର୍ଥରାଶିକୁ ବୃଦ୍ଧି କରିବାକୁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ପ୍ରାରମ୍ଭିକ ଭାବରେ ୧ ଲକ୍ଷ ଟଙ୍କାର ଅର୍ଥରାଶି ବଢାଇବାକୁ ନିଷ୍ପତ୍ତି ନିଆଯାଇଛି। ବର୍ଦ୍ଧିତ ଅର୍ଥରାଶିକୁ ଇନ୍‌ସେଣ୍ଟିଭ ଜରିଆରେ ସମ୍ପୃକ୍ତ ରାଜ୍ୟ ଅଥବା ଜିଲା ୟୁନିଟକୁ ପ୍ରଦାନ କରାଯିବ।

ଏହା ସହିତ କୌଣସି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟର ସଫଳ ଆୟୋଜନ ପରେ ସମ୍ପୃକ୍ତ ରାଜ୍ୟ ୟୁନିଟକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବ। ଚଳିତ ୨୦୨୩ରୁ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ସମସ୍ତ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟଗୁଡିକ ଅନ୍ତର୍ଜାତୀୟ ହକି ଫେଡେରେଶନ ନିୟମ ଅନୁସାରେ ହେବ ବୋଲି ବିବୃତିରେ କୁହାଯାଇଛି। ସଫଳତାର ସହ ଟୁର୍ନାମେଣ୍ଟ ସମାପନ ହେବା ପରେ ଗ୍ରାଣ୍ଟ ଅର୍ଥରାଶି ପ୍ରଦାନ କରାଯିବ।

# ଜାତୀୟ ଦଳ ଅପେକ୍ଷା ଫ୍ରାଞ୍ଚାଇଜ୍ ଲିଗ୍‌କୁ ପ୍ରାଧାନ୍ୟ

**ନୂଆଦିଲ୍ଲୀ, ୨୭(ପି.ଟି.)**

ଜାତୀୟ ଦଳ ପାଇଁ ଖେଳିବା ୱେଷ୍ଟଇଣ୍ଡିଜ ଦଳ ପାଇଁ ଏକ ମୋଟିଭେଶନ ହୋଇ ରହିନାହିଁ। ଦଳର ଖେଳାଳିମାନେ ପଇସାର ପ୍ରାଚୁର୍ଯ୍ୟ ପଛରେ ଧାଇଁବା ସହିତ ଜାତୀୟ ଦଳ ପାଇଁ ଖେଳୁ ନାହାନ୍ତି। ନିକଟରେ ୱେଷ୍ଟଇଣ୍ଡିଜ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ୍‌ରୁ ବାଦ୍ ପଡିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ସିମରନ ହେଟମେୟର ୮.୫୦ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ବେଳେ ନିକୋଲାସ ପୁରନ ଓ ଆନ୍ଦ୍ରେ ରସେଲ୍ ୧୬ କୋଟି ଟଙ୍କାରେ ଯଥାକ୍ରମେ ଲକ୍ଷ୍ନୌ ଓ କେକେଆର୍ ପାଇଁ ଖେଳୁଛନ୍ତି। ଜାତୀୟ ଦଳ ପାଇଁ ଖେଳିବାକୁ ପୁରନଙ୍କୁ ୨କୋଟି ଟଙ୍କା ମିଳୁଥିବା ବେଳେ ଫ୍ରାଞ୍ଚାଇଜି କ୍ରିକେଟ ଖେଳିବା ପାଇଁ ଏହାର ୮ ଗୁଣ ଅର୍ଥରାଶି ମିଳୁଛି। ସମାନ କାରଣ ପାଇଁ ହେଟମେୟର, ଆନ୍ଦ୍ରେ ରସେଲ ଓ ସୁନୀଲ ନାରିନ୍‌ଙ୍କ ପରି ଖେଳାଳି ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ସ୍ୱେଚ୍ଛାକୃତ ଭାବରେ ଓହରି ଯାଇଥିଲେ। ୱେଷ୍ଟଇଣ୍ଡିଜ୍ ଖେଳାଳି ୩ଟି ଯାକ ଫର୍ମାଟରେ ଖେଳିଲେ ମଧ୍ୟ ଭାରତୀୟ ଖେଳାଳିଙ୍କ ବେତନର ଏକ ଚତୁର୍ଥାଂଶ ପାଇଥାନ୍ତି।

# ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିତ


ସମ୍ବର୍ଦ୍ଧିତ କ୍ରୀଡ଼ା ଖବରଦାତାଙ୍କ ସହ ଜେଏମ୍ ସ୍ପୋର୍ଟ୍ସ ଜିମ୍ନାଷ୍ଟିକ୍ ଏକାଡେମୀର କର୍ମକର୍ତ୍ତା।

**ଭୁବନେଶ୍ୱର, ୨୭ (ତପନ ସ୍ୱାଇଁ):** ମଞ୍ଚେଶ୍ୱର ସମେଇଗାଡିଆସ୍ଥିତ ଜିମ୍ନାଷ୍ଟିକ ଏକାଡେମୀ ଜେଏମ୍ ସ୍ପୋର୍ଟ୍ସ ଆନୁକୂଲ୍ୟରେ ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ରବିବାର ପାଳିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡା ଖବରଦାତା ସୁରେଶ ସ୍ୱାଇଁ, ଲିଙ୍ଗରାଜ ରାଉତ, ପ୍ରତାପ ପ୍ରଧାନ, ବିଜୟ କୁମାର ରଣା ଓ ମନୋରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଶ କୁମାର ରାଉତ ଓ ଲଳିତ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ବିଶ୍ୱ କ୍ରୀଡା ଖବରଦାତା ଦିବସ ସମ୍ପର୍କରେ ଉପସ୍ଥିତ ଥିବା ଖେଳାଳି, କୋଚ୍ ଓ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ। କ୍ରୀଡ଼ାବିତ୍ ଓ ଖେଳ ଖବରଦାତାଙ୍କ ମଧ୍ୟରେ ଥିବା ସ୍ନେହ ଓ ସମ୍ପର୍କକୁ ଅଧିକ ନିବିଡ଼ କରିବା ପାଇଁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରତିବର୍ଷ ଏହି ଦିବସଟିକୁ ପାଳନ କରି ଆସୁଛି ବୋଲି ମୀରାରାଣୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀର ଆଇନଗତ ପରାମର୍ଶଦାତା ସୁବ୍ରତ ମହାପାତ୍ର ସଂଯୋଜନା କରିଥିଲେ। ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚାଇନା ଚାମ୍ପିୟନ

**ସିଡ୍‌ନୀ, ୨୭(ଏପି):** ଚାଇନା ୨୦୧୨ ପରଠାରୁ ପ୍ରଥମ ଥର ଏସିଆ କପ୍ ମହିଳା ବାସ୍କେଟବଲ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲରେ ଦଳ ୭୩-୭୧ରେ ଗତ ୫ଥର ଚାମ୍ପିୟନ ଜାପାନକୁ ପରାସ୍ତ କରିଛି। ଏସିଆ କପ୍ ୨୦୧୯ ଓ ୨୦୨୧ ସଂସ୍କରଣ ଟାଇଟଲ ମୁକାବିଲା ମଧ୍ୟ ଜାପାନ ଓ ଚାଇନା ମଧ୍ୟରେ ହୋଇଥିଲା। ଜାପାନ ଉଭୟ ଥର ଜିତି ଏହାର ୪ର୍ଥ ଓ ୫ମ ଟାଇଟଲ ଜିତିଥିଲା। ଆୟୋଜକ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ୮୧-୫୯ରେ ପରାସ୍ତ କରି କ୍ରମାଗତ ତୃତୀୟ ଥର ବ୍ରୋଞ୍ଜ ପଦକ ହାସଲ କରିଛି।

Classified Everyday
0674-2580101, 2549949

REAL ESTATE
SALE

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Lands: open plots: Houses; apartments for sale in Visakhapatnam city. 6302162943, 9493483749. D-0722

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

ପୁରୀ ଶ୍ରୀମନ୍ଦିର ପାଖରେ Furnished one Bedroom new flat with Kitchen & Bathroom ମାତ୍ର 25 ଲକ୍ଷ। (Negotiable), only genuine buyer contact: 9438220432, 8144658008. D-0714

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

FOR RENT

To-let 2200square foot 1st floor price @25/- square foot Near Sai International School, Patia. Contact9439856856 9040116788. D-0711

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Healthcare

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Herbal full body massage by smart/expert therapist. Contact: 9040171280. D-74699

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Newly open Salon /Spa with expert therapist (Health Benefits). 9090400507. D-75126

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

ମନେ ପଡ଼ନ୍ତି

ଷୋଡ଼ଶତମ ଶ୍ରାଦ୍ଧ ଉପଲକ୍ଷେ

ସ୍ୱ ଅନିରୁଦ୍ଧ ମହାନ୍ତି
(ଗୁରୁପୂର୍ଣ୍ଣିମା ତିଥି)
ମାଉସୀମା ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭
ବାପା, ତୁମର ପ୍ରତ୍ୟେକ କଥା, ପ୍ରତ୍ୟେକ କର୍ତ୍ତବ୍ୟ ଆମମାନଙ୍କର ପ୍ରେରଣା ହେଉ। ତୁମର ନିଷ୍ଠା ଆମ ଜୀବନର ପାଥେୟ ହେଉ। ତୁମେ ଆମ ପାଇଁ ସର୍ବଦା ଅମର ହୋଇଅଛ ଏବଂ ଅମର ରହିବ ମଧ୍ୟ। ତୁମ ଅମର ଆତ୍ମାକୁ ବାୟାବାବା ଶାନ୍ତି ଦିଅନ୍ତୁ।
ତୁମର ପୁଅ, ବୋହୂ, ଝିଅ, ଜ୍ୱାଇଁମାନେ, ନାତୁଣୀମାନେ ଓ ଆତ୍ମୀୟସ୍ୱଜନମାନେ।
ଧ-୦୭୨୦

ନବମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ମଇନା ମାହାରୀ
କେରେଣ୍ଡିଆପାଳ, ପୁରୀ
ତିରୋଧାନ: ୩୧।୦୭।୨୦୧୪
ଆଜି ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
କୁଣ୍ଡେଇ ପଞ୍ଚାୟତ ଅଫିସ୍, ସନାତନ ସାହୁ ଏବଂ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୭୦୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ସ୍ୱର୍ଣ୍ଣଲତା ସେଠୀ
ମୂଳଗାଁ, ଜଗତସିଂହପୁର
ଆବିର୍ଭାବ- ୦୭.୦୩.୧୯୩୯ | ତିରୋଧାନ- ୧୩.୦୭.୨୦୨୨
ମିତ୍ରାଣି ଧନ ଧାନ୍ୟାନି ପ୍ରଜାନାଂ ସମ୍ମତାନିବ।
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ॥
ବୋଉ, ଆଜକୁ ଏକ ବର୍ଷ ହେବ ତୁମେ ଆମ ଗହଣରେ ନ ରହି ପରମଧାମକୁ ପ୍ରାପ୍ତ ହେଲ। ତୁମର ପ୍ରେରଣା, ଦୂରଦୃଷ୍ଟି, କର୍ତ୍ତବ୍ୟ ପରାୟଣତା ଓ ପରୋପକାରୀତା ଆମକୁ ଆଜି ନିଜ ଗୋଡ଼ରେ ଠିଆ କରାଇବାରେ ସାହାଯ୍ୟ କରିଛି। ଆଜିର ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପୁତ୍ର ଓ ପୁତ୍ରବଧୂଗଣ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ତଥା ବନ୍ଧୁ ଓ ପରିବାରବର୍ଗ।
ଧ-୭୩୩୯୨

ଦଶାହ ଉପଲକ୍ଷେ

ସ୍ୱ ବୃନ୍ଦାବନ ପଟ୍ଟନାୟକ
ନରଗାଙ୍ଗ, ବାଙ୍କି, କଟକ
ଆବିର୍ଭାବ: ୧୫।୦୫।୧୯୪୧
ତିରୋଧାନ: ୨୪।୦୬।୨୦୨୩
ଆଜି ଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ ନରଗାଙ୍ଗ ଗ୍ରାମ ପଞ୍ଚାୟତ, ସଚିମଣି ପଟ୍ଟନାୟକ ଏବଂ ସପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୭୨୧

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

SUPER POWER LED
LED Light Manufacturing Business
MAKE YOUR DREAM PROJECT
ଘରେରହି LED BULB ତିଆରି କରି ଆମ Company କୁ ଦେଇ ମାସିକ ଉତ୍ତମ ରୋଜଗାର କରନ୍ତୁ। ଆମେ ଆପଣଙ୍କୁ ସମସ୍ତ ପ୍ରକାର କଞ୍ଚାମାଲ, ଟ୍ରେନିଙ୍ଗ, ମେସିନାରୀ, ଟୁଲ, ପ୍ରୋଜେକ୍ଟ ରିପୋର୍ଟ ଯୋଗାଇ ଦେବୁ। ଦିନକୁ ୧୦୦ଟି LED BULB's ତିଆରି କରି 2000/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ଆପଣଙ୍କ ସ୍ୱପ୍ନର LED BULB ଶିଳ୍ପ ବସାଇବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ।
7750087295

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁଲାଇ, ୨୦୨୩



# ପ୍ରଦୂଷିତ ପରିବା ଓ ସ୍ୱାସ୍ଥ୍ୟ



ପ୍ର. ସୁବୋଧ କୁମାର ସାହୁ

**ବଜାରରୁ କିଣା ପରିବାରେ ରୋଗ ଓ ପୋକ ନିରୋଧକ ରାସାୟନିକ ବିଷାକ୍ତ ଔଷଧ ପ୍ରୟୋଗ ହେଉ ଅବା ନ ହେଉ; ସହଜରେ ଘରେ ମିଳୁଥିବା ଯେକୌଣସି ପଦାର୍ଥରେ ପରିବାକୁ ଉପଚାର କରି ରୋଷେଇ କଲେ ଆମେ ଖାଉଥିବା ପରିବା ପ୍ରଦୂଷଣମୁକ୍ତ ହେବା ସହ ଆମ ଶରୀର ସୁସ୍ଥ ରହିବ।**

ପରିବା ଆମ ଖାଦ୍ୟର ଏକ ମୁଖ୍ୟ ଅଂଶ। ବର୍ତ୍ତମାନ ଚାଷୀ ସ୍ଥାନୀୟ କିସମ ବିହନ ପରିବର୍ତ୍ତେ ଉନ୍ନତ, ଅଧିକ ଅମଳକ୍ଷମ ଏବଂ ସଙ୍କରଜାତୀୟ ପରିବା ଚାଷ କରୁଛନ୍ତି। ଏଥିରୁ ଅଧିକ ଅମଳ ପାଇଁ ଚାଷୀ ଆବଶ୍ୟକତାଠାରୁ ଯଥେଷ୍ଟ ରାସାୟନିକ ସାର ପ୍ରୟୋଗ କରୁଛନ୍ତି। ଏହା ଦ୍ୱାରା ଫସଲ ଅଧିକ ସବୁଜ ଏବଂ ସୁନ୍ଦର ହୋଇ ବଢ଼େ। କିନ୍ତୁ ଏହି ଫସଲ ବିଭିନ୍ନ ପୋକ ଓ ରୋଗ ଦ୍ୱାରା ଆକର୍ଷିତ ହୁଏ। ଫସଲକୁ ରୋଗ ପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଚାଷୀ ବିଭିନ୍ନ ରାସାୟନିକ ବିଷାକ୍ତ ଦ୍ରବ୍ୟ ମନଇଚ୍ଛା ପ୍ରୟୋଗ କରନ୍ତି। ପ୍ରୟୋଗ ରାସାୟନିକ ଦ୍ରବ୍ୟର ପ୍ରଭାବ ଫସଲରେ କିଛି ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ରହେ। ଫସଲରୁ ରାସାୟନିକ ବିଷର ପ୍ରଭାବ ନ ଯିବା ପୂର୍ବରୁ ଚାଷୀ ପରିବା ତୋଳି ଖାଆନ୍ତି ଏବଂ ବଜାରରେ ବିକ୍ରି କରନ୍ତି। ଉକ୍ତ ପ୍ରଦୂଷିତ ପରିବାକୁ ଖାଇ ଆମେ ବିଭିନ୍ନ ରୋଗ ଯଥା ଝାଡ଼ା, ବାନ୍ତି, ମୁଣ୍ଡବିନ୍ଧା, ଚକ୍ଷୁରୋଗ ଏବଂ କ୍ୟାନ୍ସର ପରି ମାରାତ୍ମକ ରୋଗରେ ପୀଡ଼ିତ ହେଉ।

ବିଭିନ୍ନ ପରିବା ମଧ୍ୟରେ ଆଳୁ ମୁଖ୍ୟ। ମାଟିରେ ଆଳୁ ଫଳିବା ପରେ ଉଇ ଏବଂ ଧଳାଗ୍ରବ ଆଳୁକୁ କଣା କରି ନଷ୍ଟ କରନ୍ତି। ଏହି ପୋକର ଆକ୍ରମଣରୁ ଆଳୁକୁ ରକ୍ଷା କରିବା ପାଇଁ ଚାଷୀ ଆଳୁ ଲଗାଇବା ସମୟରେ ମାଟିରେ ଏକର ପିଛା ୧୦ରୁ ୧୨ କିଲୋଗ୍ରାମ ଆଲଡ୍ରିନ କିମ୍ବା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତି। ଉକ୍ତ ବିଷାକ୍ତ ଦ୍ରବ୍ୟର ଅବଶିଷ୍ଟାଂଶ ମାଟିରେ ଦୀର୍ଘ ଦିନ ଧରି ରହେ। ଏହାର କିଛି ଅବଶିଷ୍ଟାଂଶ ଆଳୁରେ ମଧ୍ୟ ରହେ। ଉକ୍ତ ଆଳୁ ଖାଇଲେ ଆମେ ରୋଗାକ୍ରାନ୍ତ ହେବାର ଆଶଙ୍କା ଥାଏ। ଆଳୁ ପରି କନ୍ଦମୂଳରେ ମଧ ଉଇ ଲାଗନ୍ତି। ଏଥିପାଇଁ ଚାଷୀ କ୍ଲୋରୋପାଇରିଫସ ଗୁଣ୍ଡ ମାଟିରେ ପ୍ରୟୋଗ କରନ୍ତି। ଏହା ଦ୍ୱାରା କନ୍ଦମୂଳ ପ୍ରଦୂଷିତ ହୁଏ। କଞ୍ଚା କନ୍ଦମୂଳ ଖାଇ ଅନେକଙ୍କର ବାନ୍ତି ହେବାର ମଧ୍ୟ ନଜିର ରହିଛି।

ବାଇଗଣ ଏବଂ ପୋଟଳ ଫସଲରେ କାଣ୍ଡ ଏବଂ ଫଳବିନ୍ଧା ପୋକର ପ୍ରାଦୁର୍ଭାବ ଅଧିକ। ଉକ୍ତ ପୋକର ଲାର୍ଭା ବାଇଗଣ, ଗଛର ନରମ କାଣ୍ଡକୁ କଣା କରି ଏଥିରେ ପଶି କାଣ୍ଡର ଅଗ୍ରଭାଗକୁ ଭାଙ୍ଗିଦିଏ। ବାଇଗଣ ଏବଂ ପୋଟଳ ଫସଲକୁ କଣା କରି ଫଳ ଭିତରେ ରହି ଫଳକୁ ନଷ୍ଟ କରେ। ଉକ୍ତ ପୋକର ଦମନ ପାଇଁ ଚାଷୀ ଦାନାଦାର ଫୋରେଟ ଗଛ ମୂଳରେ ପ୍ରୟୋଗ କରନ୍ତି। ଗଛର କାଣ୍ଡ ଏବଂ ଫଳରେ ବିଷର ପ୍ରବାହ ପ୍ରାୟ ୩୦ରୁ ୩୫ ଦିନ ପର୍ଯ୍ୟନ୍ତ ରହେ। ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିବା ତୋଳି ଖାଇଲେ ଆମେ ରୋଗାକ୍ରାନ୍ତ ହେବାର ସମ୍ଭାବନା ଥାଏ। ଛୁଇଁ ଜାତୀୟ ଫସଲ ଯଥା ବିନ୍ସ, ଶିମ୍ବ, ମଟର, ଶଜନା ଆଦିର ପତ୍ର, ଡାଳ ଏବଂ ଫଳରେ ଜଉ ପୋକ ମେଞ୍ଚା ମେଞ୍ଚା ହୋଇ ଲାଗନ୍ତି। ପତ୍ର ଏବଂ ଫଳର ସବୁଜ ଅଂଶକୁ ଶୋଷି ଫସଲର କ୍ଷତି ଘଟାନ୍ତି। ଉକ୍ତ ପୋକର ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀ ମାତ୍ରାଧିକ ଭାବରେ ମେଟାସିଷ୍ଟକ୍ କିମ୍ବା ଏଣ୍ଡୋସଲଫାନ୍ ପରି ତରଳ ବିଷକୁ ପତ୍ର ଛିଞ୍ଚା କରନ୍ତି। ଉକ୍ତ ବିଷର ପ୍ରଭାବ ଫସଲରେ ୧୫ ରୁ ୧୮ ଦିନ ପର୍ଯ୍ୟନ୍ତ ରହେ। ଏହି ସମୟ ମଧରେ ପରିବା ତୋଳି ଖାଇଲେ ଆମେ ଅସୁସ୍ଥ ହେବା।

ସେହିପରି କଲରା ଫସଲ କାଙ୍କେଡ଼ିଆ ପୋକ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୋଇ ଯଥେଷ୍ଟ କ୍ଷତି ହୁଏ। ଉକ୍ତ ପୋକ କଲରାପତ୍ର ଖାଇ ଜାଲି କରନ୍ତି। ଦ୍ୱିତୀୟତଃ ମାଛିର ଲାର୍ଭା କଲରା ଭିତରେ ପଶି କଲରାକୁ ନଷ୍ଟ କରନ୍ତି। ଉକ୍ତ ପୋକ ଦ୍ୱୟର ଦମନ ପାଇଁ ଚାଷୀ ରୋଗର୍ କିମ୍ବା ସେଭିନ୍ ଗୁଣ୍ଡ ପ୍ରତି ସପ୍ତାହରେ ପ୍ରୟୋଗ କରନ୍ତି। ଉକ୍ତ ବିଷର ପ୍ରଭାବ କଲରାରେ ୧୦ ରୁ ୧୨ ଦିନ ପର୍ଯ୍ୟନ୍ତ ରହେ। ଏହାଛଡ଼ା ଉକ୍ତ ବିଷ କଲରାର ଦୁଇ ଶିରା ମଧରେ ସଂଲଗ୍ନ ହୋଇ ରହେ। ଏହି ସମୟରେ କଲରା ତୋଳି ଖାଇଲେ ଆମେ ଅସୁସ୍ଥ ହେଉ।

ଲଙ୍କା ଫସଲରେ ଫୁଲକଷି ଆସିବା ସମୟରେ ଖାଲି ଆଖିକୁ ଦେଖାଯାଉ ନଥିବା ଥ୍ରିପ୍ସ ନାମକ ଏକ କ୍ଷୁଦ୍ର ପୋକ ଗଛର ସବୁଜ ପତ୍ର ଏବଂ କଞ୍ଚାଲଙ୍କାରୁ ରସ ଶୋଷି ଫସଲର କ୍ଷତି ଘଟାନ୍ତି। ଉକ୍ତ



ପୋକ ଆକ୍ରମଣରୁ ଲଙ୍କାକୁ ରକ୍ଷା କରିବା ପାଇଁ ଫସ୍‌ପାମିଡନ୍ ନାମକ ରାସାୟନିକ କୀଟ ନିରୋଧକ ଔଷଧ ପତ୍ରଛିଞ୍ଚା କରାଯାଏ। ଏହାର ବିଷାକ୍ତ ଗୁଣ ଲଙ୍କାରେ ପ୍ରାୟ ୨୦ରୁ ୨୫ ଦିନ ରହେ। ଏହି ସମୟରେ କଞ୍ଚାଲଙ୍କା ତୋଳି ଖାଇଲେ ଏହାର ବିଷାକ୍ତ ପ୍ରବାହ ଶରୀରକୁ ଆସେ।

କଖାରୁ ଜାତୀୟ ଫସଲରେ ପାଉଁଶିଆ ରୋଗ ହୁଏ। ଉକ୍ତ ରୋଗର ନିରାକରଣ ପାଇଁ ସଲ୍‌ଫର ଗୁଣ୍ଡ ଗଛରେ ପ୍ରୟୋଗ କରାଯାଏ। ଉକ୍ତ ଗୁଣ୍ଡର ଅବଶିଷ୍ଟାଂଶ ପତ୍ର, ଫୁଲ ଏବଂ ଫଳରେ ପ୍ରାୟ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଲାଖି ରହେ। ଏହି ସମୟରେ କଖାରୁ ଶାଗ, ଫୁଲ ଓ ଫଳ ଖାଇଲେ ସଲ୍‌ଫର ଗୁଣ୍ଡ ଆମ ଶରୀରରେ କ୍ଷତି ଘଟାଏ।

କେତେକ ପରିବା ବ୍ୟବସାୟୀ ପୋଟଳକୁ ସବୁଜ ଏବଂ ସତେଜ ରଖିବା ପାଇଁ କପରସଲ୍‌ଫେଟ୍ ନାମକ ରାସାୟନିକ ଦ୍ରବଣରେ କିଛି ସମୟ ବୁଡ଼ାଇ ରଖି ବିକ୍ରି କରନ୍ତି। ଏହା ଦ୍ୱାରା ପୋଟଳ ପ୍ରଦୂଷିତ ହୁଏ। କିଛି କୋବି ବ୍ୟବସାୟୀ ଫୁଲକୋବିର ଧଳା ରଙ୍ଗକୁ ଅକ୍ଷତ ରଖିବା ପାଇଁ ଥିମେଟ ନାମକ ବିଷାକ୍ତ ଦାନାଦାର ଲଘୁ ଦ୍ରବଣରେ ଉପଚାର କରି ବଜାରରେ ବିକ୍ରି କରିବାର ନଜିର ରହିଛି। ପରୀକ୍ଷାରୁ ଜଣାପଡ଼ିଛି ଯେ, ଦାନାଦାର ଉପଚାର ହୋଇଥିବା ଫୁଲକୋବିରେ ବିଷ ଭାଗ ପ୍ରାୟ ୨୦ରୁ ୨୫ ପ୍ରତିଶତ ରହିଥାଏ। ଉକ୍ତ କୋବି ଖାଇଲେ ବାନ୍ତି, ଝାଡ଼ା, ମୁଣ୍ଡବିନ୍ଧା ରୋଗ ହେବାର ପ୍ରମାଣ ମିଳିଛି।

ପ୍ରଦୂଷିତ ପନିପରିବାରୁ ବିଷର ପ୍ରଭାବ ଦୂରୀକରଣ ପାଇଁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମୃତ୍ତିକା ଏବଂ ରାସାୟନିକ ବିଭାଗର କୃଷି ରସାୟନବିତ୍‌ଙ୍କ ଦ୍ୱାରା କେତେକ ସରଳ ଏବଂ କମ୍ ଖର୍ଚ୍ଚରେ ହୋଇ ପାରୁଥିବା ଉପାୟମାନ ନିର୍ଣ୍ଣୟ କରାଯାଇଛି। ନିମ୍ନରେ ଏହା ବର୍ଣ୍ଣନା କରାଗଲା।

ଚାଷୀ ପରିବା ଫସଲରେ ପୋକ ତଥା ରୋଗ ନିୟନ୍ତ୍ରଣ ପାଇଁ ପ୍ରୟୋଗ ରାସାୟନିକ ବିଷର ଠିକ୍ ମାତ୍ରା କୃଷି ବିଶେଷଜ୍ଞଙ୍କଠାରୁ ବୁଝି ନେବା ଉଚିତ। କେଉଁ ପ୍ରକାର ରାସାୟନିକ ଔଷଧର ବିଷ ପ୍ରୟୋଗ ପରେ ଏହାର ବିଷାକ୍ତ ପ୍ରଭାବ ପରିବାରେ କେତେ ଦିନ ପର୍ଯ୍ୟନ୍ତ ରହୁଛି ତାହା ଜାଣିବା ଉଚିତ। ସେହି ନିର୍ଦ୍ଦିଷ୍ଟ ଦିନପରେ ପରିବା ତୋଳି ଖାଇବା ଏବଂ ବଜାରରେ ବିକ୍ରି କରିବା ଉଚିତ। ବଜାରରୁ ପରିବା କିଣି ଏହାକୁ ସତେଜ ରଖିବା ପାଇଁ ଫ୍ରିଜରେ ରଖିବା ପୂର୍ବରୁ ବିଶୁଦ୍ଧ ପାଣିରେ ଦୁଇରୁ ତିନି ଥର ଧୋଇ ନିଅନ୍ତୁ। ଏହାଦ୍ୱାରା ପରିବାରେ ସଂଲଗ୍ନ ଥିବା କିଛି ବିଷ ଅଂଶ ଧୋଇଯାଏ। ପରିବାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ନିମ୍ନ ଲିଖିତ ଯେକୌଣସି ଉପାୟ ଅବଲମ୍ବନ କରାଯାଇପାରିବ। ପରିବାକୁ ଶତକଡ଼ା ୮ ରୁ ୧୦ ଭାଗ ଲୁଣପାଣିରେ ୧୫ ରୁ ୨୦ ମିନିଟ୍ ବୁଡ଼ାଇ ପରିଷ୍କାର ପାଣିରେ ଧୋଇଲେ ପରିବାରେ ଥିବା ବିଷଭାଗ ନଷ୍ଟ ହୁଏ। ଦ୍ୱିତୀୟରେ ତୋଳା ପରିବାକୁ ପାଣିରେ ଧୋଇ ୧୦% ହଳଦୀ ପାଣିରେ ୧୫ ରୁ ୨୦ ମିନିଟ୍ ବୁଡ଼ାଇଲେ ପରିବାରୁ ବିଷଅଂଶ ଦୂର ହେବ। ତୃତୀୟରେ ୪ ରୁ ୫ ଭାଗ ଖାଇବା ସୋଡ଼ାରେ ୫ ରୁ ୬ ମିନିଟ୍ ବୁଡ଼ାଇ ପରିଷ୍କାର ପାଣିରେ ଧୋଇଲେ ପରିବାରୁ ଅନେକ ବିଷଭାଗ ଦୂର ହେବ। ଚତୁର୍ଥରେ ୧୦% ଅର୍ଥାତ୍ ୧୦୦ ମିଲିଲିଟର ଭିନେଗାରକୁ ଏକ ଲିଟର ପାଣିରେ ମିଶାଇ ସେଥିରେ ପରିବାକୁ ୫ରୁ ୬ ମିନିଟ୍ ରଖିବା ପରେ ଧୋଇ ରୋଷେଇ କଲେ ପରିବାରେ ଥିବା ବିଷଭାଗ ସମ୍ପୂର୍ଣ୍ଣ ଦୂର ହେବ।

ସର୍ବୋପରି ବଜାରରୁ କିଣା ପରିବାରେ ରୋଗ ଓ ପୋକ ନିରୋଧକ ରାସାୟନିକ ବିଷାକ୍ତ ଔଷଧ ପ୍ରୟୋଗ ହେଉ ଅବା ନ ହେଉ; ସହଜରେ ଘରେ ମିଳୁଥିବା ଉପରୋକ୍ତ ଯେକୌଣସି ପଦାର୍ଥରେ ପରିବାକୁ ଉପଚାର କରି ରୋଷେଇ କଲେ ଆମେ ଖାଉଥିବା ପରିବା ପ୍ରଦୂଷଣମୁକ୍ତ ହେବା ସହ ଆମ ଶରୀର ସୁସ୍ଥ ରହିବ।

– ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

## ଆଲଜିମର୍ସ



ବିଟା-ଆମିଲଏଡ୍ ଏକ ପ୍ରୋଟିନ୍, ଯାହା ଆମ ଶରୀରରେ ଆଲ୍‌ଜିମର୍ସ ରୋଗ ସୃଷ୍ଟି କରିଥାଏ। ଆମିଲଏଡ୍‌ର ଅନ୍ୟ ରୂପ ବିଟା-ଆମିଲଏଡ୍, ଯାହା ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଦୁର୍ବଳ କରିବା ସହ ଏହାର ବିକାଶରେ ବାଧା ସୃଷ୍ଟି କରେ। କର୍‌ଟିନ୍ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏପରି ଜଣାପଡ଼ିଛି। ଏହା ଆମ ସ୍ମରଣ ଶକ୍ତିକୁ ବହୁମାତ୍ରାରେ କମାଇଦିଏ। ଏହା ଶରୀରକୁ ଦୁର୍ବଳ କରି ଆମ ବ୍ୟବହାରରେ ପରିବର୍ତ୍ତନ ଆଣିଥାଏ। ସେହିପରି ଶରୀରର ଅନ୍ୟ ଅଙ୍ଗରେ ଏ-ବିଟା ସୃଷ୍ଟି ହୁଏ, ଯାହା ରକ୍ତରେ ପ୍ରୋଟିନ୍‌ର ପରିମାଣକୁ ବଢ଼ାଇଦିଏ। ଫଳରେ ଏହା ମଧ ଆଲ୍‌ଜିମର୍ସ ରୋଗ ସୃଷ୍ଟିର ଅନ୍ୟ ଏକ କାରଣ ସାଜେ। କର୍‌ଟିନ୍ ୟୁନିଭର୍ସିଟିର ବିଶେଷଜ୍ଞ ଜନ୍ ମାମୋ ପ୍ରଥମେ ଏହାକୁ ନେଇ ମୂଷା ଉପରେ ଗବେଷଣା କରିଥିଲେ। ଆଉ ସେଥିରୁ ସେ ଜାଣିବାକୁ ପାଇଲେ ଯେ ମଣିଷ ଶରୀରରେ ବି ଏ-ବିଟା ରହିଛି, ଯାହା ଆଲଜିମର୍ସ ରୋଗ ସୃଷ୍ଟି ପାଇଁ ଦାୟୀ। ତେଣୁ ଏଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ।

## ଆୟୁଷ ବଢ଼ାଏ ସବୁଜିମା

ସବୁଜିମାଭରା ପ୍ରାକୃତିକ ପରିବେଶରେ ରହୁଥିବା ଲୋକେ ସୁସ୍ଥ ସବଳ ରୁହନ୍ତି ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ଏମିତି ପରିବେଶରେ ରହୁଥିବା ଲୋକଙ୍କ ଆୟୁଷ ଅଧିକ ହୋଇଯାଏ ବୋଲି ଗବେଷଣାରୁ ଜଣାପଡ଼ିଛି।

ଆମେରିକାର ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଗଛଲତାଭରା ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ରହୁଥିବା ବ୍ୟକ୍ତିଙ୍କ ଜୀବନ ଦୁଇରୁ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ବଢ଼ି ଯାଇଥାଏ। ବିଭିନ୍ନ ସ୍ଥାନରେ ରହୁଥିବା ଲୋକଙ୍କୁ ନେଇ ରିସର୍ଚ୍ଚ କରିବା ପରେ ବୈଜ୍ଞାନିକମାନେ ଜାଣିପାରିଛନ୍ତି ଯେ, ସବୁଜିମା ପରିବେଶରେ ରହୁଥିବା ଲୋକଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଜୈବିକ ଏବଂ ମଲିକ୍ୟୁଲାର ପରିବର୍ତ୍ତନ ଆସିଥାଏ। ଫଳରେ ସେମାନଙ୍କ ପ୍ରକୃତ ବୟସ ବଢ଼ିଥାଏ। ପୂର୍ବରୁ ଲୋକେ ସୁସ୍ଥ ସବଳ ରହିବା ପାଇଁ ସବୁଜ ପନିପରିବା ଖାଇବା ଏବଂ ଯୋଗ ବ୍ୟାୟାମ କରିବା ଉପରେ ଗୁରୁତ୍ୱ ଦେଉଥିଲେ। କିନ୍ତୁ ଏସବୁର ଫାଇଦା କେବଳ ଗଛଲତାଭରା ଏକ ପରିବେଶରେ ସବୁ ସମୟରେ ରହିବା ଫଳରେ ମିଳି ପାରିଥାଏ ବୋଲି ଏବେ ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏଥିପାଇଁ ବୈଜ୍ଞାନିକମାନେ ୨୦ ବର୍ଷ ହେଲା ରିସର୍ଚ୍ଚ କରୁଥିଲେ। ପ୍ରାକୃତିକ ପରିବେଶରେ ବର୍ଷ ବର୍ଷ ଧରି ରହିବା ଫଳରେ ଲୋକଙ୍କ ଡିଏନ୍‌ଏରେ ପରିବର୍ତ୍ତନ ଆସିବା କଥା ଜଣାପଡ଼ିଥିଲା। ସାଧାରଣତଃ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଡିଏନ୍‌ଏରେ ଯେଉଁ ପରିବର୍ତ୍ତନ ଆସିଥାଏ, ତାହାକୁ ଏପିଜେନେଟିକ୍ କ୍ଲକ କହନ୍ତି। ତେବେ ପ୍ରାକୃତିକ ପରିବେଶରେ ଦୀର୍ଘଦିନ ରହୁଥିବା ଲୋକଙ୍କର ଏପିଜେନେଟିକ୍ କ୍ଲକ ଧୀରେ ଧୀରେ ଚାଲିଥାଏ। ତେଣୁ ବ୍ୟକ୍ତି ବିଳମ୍ବରେ ବୃଦ୍ଧାବସ୍ଥାର ଶିକାର ହୁଅନ୍ତି ଓ ଅଧିକ ବର୍ଷ ଜୀବିତ ରୁହନ୍ତି।



## ବୟସ୍କ ବ୍ୟକ୍ତିଙ୍କୁ ଉଦାସ କରାଏ ଏକାକୀ ରହିବା...

ପରିବାର ସହ ହସ ଖୁସି ଓ ଆନନ୍ଦରେ ରହିବାକୁ ସମସ୍ତେ ପସନ୍ଦ କରନ୍ତି। ଏଥିରୁ ବା କେମିତି ବାଦ୍ ପଡ଼ିଯିବେ ବୟସ୍କ ବ୍ୟକ୍ତି। ହେଲେ କରୋନା ମହାମାରୀ ଏ ସବୁ ସେମାନଙ୍କଠାରୁ ଛଡ଼ାଇ ନେଇଛି। ଏବେ ପ୍ରାୟତଃ ବୟସ୍କମାନେ ସେମାନଙ୍କ ପରିବାରଠାରୁ ଅଲଗା ରହୁଛନ୍ତି। ଏକା ରହିବା ଦ୍ୱାରା



ସେମାନଙ୍କ ଉପରେ ଏକ ନକାରାତ୍ମକ ପ୍ରଭାବ ପଡ଼ିବା ସହ ସେମାନେ ନିଜକୁ ଏକାକୀ ଅନୁଭବ କରୁଛନ୍ତି। ଅନେକ ସମୟରେ କେତେକ କଥାକୁ ନେଇ ସେମାନେ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି। କୋଭିଡ୍‌ରେ ଅଧିକାଂଶ ବୟସ୍କଙ୍କର ମୃତ୍ୟୁ ହୋଇଯାଇଥିବାରୁ ସେମାନେ ନିଜକୁ ଏକା ମନେକରୁଛନ୍ତି। ସେମାନଙ୍କର ସ୍ମରଣଶକ୍ତି ମଧ ବହୁ ମାତ୍ରାରେ ହ୍ରାସ ପାଉଥିବାର ଦେଖିବାକୁ ମିଳୁଛି। କିଙ୍ଗ୍ ଜର୍ଜସ୍ ମେଡିକାଲ୍ ୟୁନଭର୍ସିଟି ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏହା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ବୟସାଧିକ କାରଣରୁ ଘରେ ବୟସ୍କମାନେ ବସି ବସି ବିରକ୍ତ ହୋଇପଡୁଛନ୍ତି। ମାନସିକ ଯନ୍ତ୍ରଣା ସହ ଶାରୀରିକ ଭାବେ ମଧ ସେମାନେ ଅନେକ ରୋଗର ଶିକାର ହେଉଛନ୍ତି। ଆଣ୍ଠୁ ଗଣ୍ଠି ବାତ ହେବା, ଅଣ୍ଟା ଦରଜ ଭଳି ଅନେକ ପ୍ରକାର ବ୍ୟତିକ୍ରମ ଦେଖୁବାକୁ ମିଳୁଛି।

## ଜୀବନଶୈଳୀ ଓ ବିଚାରଧାରା



ମଣିଷ ସବୁବେଳେ ଖୁସିରେ ରହିବାକୁ ଚାହେଁ। ସେଥିପାଇଁ ସେ ସବୁବେଳେ ଉତ୍ତମ ଚିନ୍ତାଧାରା ସହ ସୁସ୍ଥ ଜୀବନଯାପନ କରିବାକୁ ପସନ୍ଦ କରେ। ତେଣୁ କିଭଳି ନିଜ ବିଚାରଧାରାକୁ ସକାରାତ୍ମକ କରି ଆପଣ ଖୁସିରେ ରହିବେ ଜାଣନ୍ତୁ କିଛି ଟିପ୍ସ...

ଅନେକ ସମୟରେ କେତେକ ବ୍ୟକ୍ତି ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ ଠିକ୍-ଭୁଲ୍‌ର ରାସ୍ତା ଜାଣି ପାରି ନ ଥା'ନ୍ତି। ଫଳରେ ଭୁଲ୍ କାମ କରି ବସନ୍ତି। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ି ବାଟବଣା ବି ହୋଇଯା'ନ୍ତି। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆପଣଙ୍କ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଆପଣ ସକାରାତ୍ମକ ଭାବେ ଗ୍ରହଣ କରନ୍ତୁ, ଦେଖିବେ ଆପଣଙ୍କୁ କେତେ ଖୁସି ମିଳିବ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠାମିଠା କଥା ହୋଇ ନିଜର ଅନୁଭୂତି ବାଣ୍ଟନ୍ତୁ। ଏହାଛଡ଼ା ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ଗ୍ରହଣ କରିବାକୁ ସକ୍ଷମ ହୋଇପାରିବେ। ଯେ କୌଣସି ଭୁଲ ପାଇଁ କେବେହେଲେ ନିଜକୁ ଦୋଷାରୋପ କରନ୍ତୁ ନାହିଁ। ନିଜକୁ ପ୍ରଥମେ ଭଲପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ବିଶ୍ୱାସ ରଖନ୍ତୁ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ ସୁମଧୁର ହୋଇଉଠିବ।

## ଦୃଷ୍ଟିଶକ୍ତିକୁ ପ୍ରଭାବିତ କରେ ହରର୍ ମୁଭି

ମନୋରଞ୍ଜନର ଅନ୍ୟତମ ମାଧ୍ୟମ ହେଲା ଚଳଚ୍ଚିତ୍ର। କେତେକ ହରର ମୁଭି ଦେଖିବାକୁ ପସନ୍ଦ କରିଥାଆନ୍ତି। ଏହା ସିନା ମନକୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଆବଶ୍ୟକତାଠାରୁ ଅଧିକ ହରର ମୁଭି ଦେଖିଲେ, ତାହାର ପ୍ରଭାବ ଦୃଷ୍ଟିଶକ୍ତି ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ମତବ୍ୟକ୍ତ କରିଛନ୍ତି ସିଓଲ ୟୁନିଭର୍ସିଟିର ବିଶେଷଜ୍ଞମାନେ। ନିୟମିତ ହରର ମୁଭି ଦେଖିଥିବା କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ଦୃଷ୍ଟିଶକ୍ତି ଏହାଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏଭଳି ମୁଭି ଦେଖିବା ସମୟରେ ଅନେକ ଏକ ଲୟରେ ପରଦାକୁ ଚାହିଁ ରହିଥାଆନ୍ତି। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆଖିକୁ ବିଶ୍ରାମ ନ ମିଳିବାରୁ ଆଖିଡୋଳା ପ୍ରଭାବିତ ହୋଇଥାଏ। ତେଣୁ ହରର ମୁଭି ଦେଖିବା ବେଳେ ନିୟମିତ ସମୟ ଅନ୍ତରାଳରେ ଆଖି ପଲକ ପକାଇବା ଦରକାର। ଏହାଫଳରେ ଆଖିକୁ କିଛି ସମୟ ବିଶ୍ରାମ ମିଳିଥାଏ।



## ସ୍ୱାସ୍ଥ୍ୟ ସୂଚନା

➤ଶରୀରକୁ ସୁସ୍ଥ ରଖିବା ଲାଗି ଖାଦ୍ୟ ସହିତ ପ୍ରତିଦିନ ଆବଶ୍ୟକ ମାତ୍ରାରେ ପାଣି ପିଇବା ଜରୁରୀ। ହେଲେ ଆପଣ ଜାଣନ୍ତିକି ପ୍ରତିଦିନ ୨-୩ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ। ବିଶେଷ କରି ମେଦବହୁଳତା ଏବଂ ଅନ୍ୟ ସମସ୍ୟା ଥିବା ମହିଳାଙ୍କ ପାଇଁ ଏହା ବେଶି ଉପାଦେୟ।

➤ପ୍ରତିଦିନ ସକାଳୁ ଉଠି ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ହଜମକ୍ରିୟା ଠିକ୍ ଭବେ ହୋଇଥାଏ। ଯେଉଁ ମହିଳାମାନେ ଘର କାମ ବ୍ୟସ୍ତତା ଭିତରେ ଠିକ୍ ସମୟରେ ଖାଇବାକୁ ଅବହେଳା କରନ୍ତି ଏବଂ ପରବର୍ତ୍ତୀ ସମୟରେ ଗ୍ୟାସ୍, ବଦହଜମି ଭଳି ସମସ୍ୟା ଦେଇ ଗତି କରନ୍ତି ସେମାନଙ୍କ ପାଇଁ ଉଷୁମ ପାଣି ପିଇବା ବହୁତ ଉପକାରୀ।

➤କାଶ, ଗଳା ଦରଜ, ସାଇନସ୍, ମୁଣ୍ଡବିନ୍ଧା ଭଳି ଥଣ୍ଡାଜନିତ ସମସ୍ୟା ଥିଲେ ଉଷୁମ ପାଣି ପିଇବା ଭଲ। କାରଣ ଏହାଦ୍ୱାରା ନାକ ଭିତରେ ଜମିଥିବା ମ୍ୟୁକସ୍ ତରଳିଯିବା ଯୋଗୁ ଶ୍ୱାସନଳି ଜାମ୍ ହୋଇ ନ ଥାଏ। କାଶ ଓ ମୁଣ୍ଡବିନ୍ଧାରୁ ମଧ ଉପଶମ ମିଳିଥାଏ।

➤ଉଷୁମ ପାଣି ପିଇବା ଦ୍ୱାରା ମାନସିକ ଚାପରୁ ମଧ କିଛି ମାତ୍ରାରେ ମୁକ୍ତି ମିଳିଥାଏ। ତା'ଛଡ଼ା ଏହା ସ୍ନାୟୁତନ୍ତ୍ରକୁ ଆକ୍ଟିଭ୍ କରାଇବାରେ ସାହାଯ୍ୟ କରେ।

➤ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବାରେ ମଧ ଏହା ସାହାଯ୍ୟ କରିଥାଏ।

➤ପ୍ରତିଦିନ ଉଷୁମ ପାଣି ପିଇଲେ ଶରୀରରେ ଜମାହୋଇଥିବା ଅଧିକ ଚର୍ବି ତରଳାଇଥାଏ। ଫଳରେ ମେଦବହୁଳତା ହ୍ରାସ ହୁଏ।

➤କୋଷ୍ଠକାଠିନ୍ୟ ସମସ୍ୟା ଥିବା ମହିଳା ରାତିରେ ଶୋଇବା ପୂର୍ବରୁ ଏବଂ ସକାଳୁ ଉଠିବା ପରେ ଉଷୁମ ପାଣି ପିଇଲେ ଉପକୃତ ହୋଇପାରିବେ।



# ଷ୍ଟୋକ୍ସଙ୍କ ଲଢୁଆ ଶତକ ସତ୍ତ୍ୱେ ଇଂଲଣ୍ଡ ପରାସ୍ତ

**ଲଣ୍ଡନ, ୨।୭**

କ୍ରିକେଟର ମକ୍କା ଲର୍ଡ୍ସରେ ଅନୁଷ୍ଠିତ ଆଶେସ୍ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ମ୍ୟାଚକୁ ଜିତି ନେଇଛି ଅଷ୍ଟ୍ରେଲିଆ। ରବିବାର ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଲଢୁଆ ୧୫୫ ରନ୍ ସତ୍ତ୍ୱେ ଦ୍ୱିତୀୟ ଟେଷ୍ଟର ଅନ୍ତିମ ଦିବସରେ ୪୩ ରନ୍‌ରେ ମ୍ୟାଚକୁ ଜିତି ନେଇଛି ଅଷ୍ଟ୍ରେଲିଆ।

**ଆଶେସ ସିରିଜ୍**

**ଅଷ୍ଟ୍ରେଲିଆର କ୍ରମାଗତ ଦ୍ୱିତୀୟ ବିଜୟ**

କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡର ବାଜ୍‌ବଲ୍ ରଣନୀତିକୁ ମାତ ଦେବାରେ ସଫଳ ହୋଇଛି ଅଷ୍ଟ୍ରେଲିଆ। ଏହା ସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହାସଲ କରିଛି।

### ଡକେଟ୍‌ଙ୍କ ଅର୍ଦ୍ଧଶତକ

୩୭୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଚତୁର୍ଥ ଦିନର ଷ୍ଟମ୍ପ ସୁଦ୍ଧା ଦଳ ୪ ଉଇକେଟରେ ୧୧୪ ରନ୍ କରିଥିଲା ଇଂଲଣ୍ଡ। ଅନ୍ତିମ ଦିନରେ ବିଜୟ ପାଇଁ ୨୫୭ ରନ୍ ଆବଶ୍ୟକ ଥିବା ବେଳେ ଘରୋଇ ଦଳ ସକରାତ୍ମକ ଆରମ୍ଭ କରିଥିଲା। ରବିବାର ଆଉ ୬୩ ରନ୍ ଯୋଡିବା ପରେ ୮୩ରନ୍‌ର ବ୍ୟକ୍ତିଗତ ସ୍କୋରରେ ବେନ୍ ଡକେଟ୍ ପ୍ୟାଭିଲିୟନ୍ ଫେରିଥିଲେ। ହାଜେଲଉଡଙ୍କ ବଲରେ ଆଉଟ ହେବା ପୂର୍ବରୁ ସେ ୧୧୨ ବଲ୍ ଖେଳି ୯ ଚୌକା ମାରିଥିଲେ।


ବେନ୍ ଷ୍ଟୋକ୍ସ

### ବେୟାରଷ୍ଟୋଙ୍କ ବିବାଦୀୟ ରନ୍ ଆଉଟ

ଇଂଲଣ୍ଡ ଦଳର ଉଇକେଟ କିପର ବ୍ୟାଟର ଜନି ବେୟାରଷ୍ଟୋ ସପ୍ତମ ଖେଳାଳି ଭାବରେ ବ୍ୟାଟିଂ କରିବାକୁ ଆସିଥିଲେ। ୨୨ ବଲ୍‌ରୁ ୨ ଚୌକା ସହିତ ୧୦ ରନ୍ କରିଥିବା ବେଳେ ଏକ ବଲ୍‌କୁ ଛାଡି ଦେଇଥିଲେ। ଆଲେକ୍ସ କେରୀଙ୍କ ହାତକୁ ବଲ୍ ଯାଇଥିବା ବେଳେ ଏହା ଡେଡ୍ ହେବା ପୂର୍ବରୁ କ୍ରିଜ୍ ବାହାରକୁ ଆସିଥିଲେ ବେୟାରଷ୍ଟୋ। କେରୀ ଷ୍ଟମ୍ପକୁ ବଲ୍ ଥ୍ରୋ କରିବା ସହିତ ତାଙ୍କୁ ରନ୍ ଆଉଟ କରିଥିଲେ। ଏହାପରେ ଅଷ୍ଟ୍ରେଲୀୟ ଖେଳାଳିଙ୍କ ସହିତ ବେନ୍ ଷ୍ଟୋକ୍ସଙ୍କ ଯୁକ୍ତିତର୍କ ହୋଇଥିଲା।

### ୱାନ୍ ମ୍ୟାନ୍ ଶୋ

କ୍ରିଜ୍‌ରେ ଶେଷ ମାନ୍ୟତାପ୍ରାପ୍ତ ବ୍ୟାଟର ଭାବରେ ବେନ୍ ଷ୍ଟୋକ୍ସ ରହିଥିଲେ। ତେବେ ବେୟାରଷ୍ଟୋଙ୍କ ବିବାଦୀୟ ଆଉଟ ପରେ ଷ୍ଟୋକ୍ସଙ୍କ ଉଗ୍ରରୂପ ଦେଖିବାକୁ ମିଳିଥିଲା। ଏକାକୀ ଅଷ୍ଟ୍ରେଲୀୟ ବୋଲରଙ୍କୁ ପଡିଆର ଚତୁର୍ଦ୍ଦିଗକୁ ଶଟ୍ ମାରିବା ସହ ଷ୍ଟୁଆର୍ଟ ବ୍ରଡ(୧୧ ରନ୍)ଙ୍କୁ ସାଥୀ କରି ୧୧୬ ରନ୍‌ର ଭାଗୀଦାରି କରିଥିଲେ। ୨୧୪ ବଲ୍ ଖେଳି ସେ ୯ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ହେଜେଲଉଡଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଆଲେକ୍ସ କେରୀଙ୍କ ହାତକୁ କ୍ୟାଚ୍ ଦେଇଥିଲେ। ୩୦୧ରନ୍‌ରେ ଷ୍ଟୋକ୍ସ ଆଉଟ ହେବା ପରେ ଅଷ୍ଟ୍ରେଲିଆ ୩୨୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଜୋଶ ହେଜେଲଉଡ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଷ୍ଟିଭେନ୍ ସ୍ମିଥ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ - ୪୧୬/୧୦ । ଇଂଲଣ୍ଡ ପ୍ରଥମ ଇନିଂସ-୩୨୫। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-୨୭୯/୧୦। ଇଂଲଣ୍ଡ ଦ୍ୱିତୀୟ ଇନିଂସ ୮୧.୩ ଓଭରରେ ୩୨୭/୧୦(ବେନ୍ ଷ୍ଟୋକ୍ସ-୧୫୫, ବେନ୍ ଡକେଟ୍-୮୩, ଜୋଶ ଟଙ୍ଗ-୨୬, ପ୍ୟାଟ୍ କୁମିନ୍ସ-୨/୬୯, ମିଚେଲ୍ ଷ୍ଟାର୍କ-୩/୭୯, ଜୋଶ ହେଜେଲଉଡ୍-୩/୮୦)।


ଫାଓ ସୁପରକପ୍ ଫୁଟବଲ ଚାମ୍ପିୟନ ରାଇଜିଂ ଷ୍ଟାର ଦଳ।

# ରାଇଜିଂ ଷ୍ଟାର ଜିତିଲା ଫାଓ ସୁପରକପ୍

**ଭୁବନେଶ୍ୱର, ୨।୭**
**(ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆୟୋଜିତ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ରାଇଜିଂ ଷ୍ଟାର୍ ଚାମ୍ପିୟନ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ପେନାଲ୍ଟି ଶୁଟ୍‌ଆଉଟ ୨-୦ ଗୋଲରେ ବିଡ଼ାନାସୀ କ୍ଲବକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ଡ୍ର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଶିବଶଙ୍କର ପଣ୍ଡା ଫାଇନାଲର ମୁଖ୍ୟ ରେଫରି ଥିବାବେଳେ ଆଶୀର୍ବାଦ କାନୁନ୍‌ଗୋ ଓ ଅରୁଣ କୁମାର ନାୟକ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ। ଶେଖାୱତ୍ ଖାଁ ୪ର୍ଥ ଅଫିସିଆଲ ଏବଂ ଦୁର୍ଗା ବାଥବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଫାଇନାଲ ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଶହିଦ ଜବାର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପ୍ରଥମ ମହିଳା ଭାବେ ପଏଣ୍ଟ ସ୍କୋର କଲେ ସୋଫିଆ

**ନୂଆଦିଲ୍ଲୀ, ୨।୭**

ପ୍ରଥମ ମହିଳା ଖେଳାଳି ଭାବରେ ଫର୍ମୁଲା-୩ ଗ୍ରାଁ ପ୍ରିରେ ପଏଣ୍ଟ ସ୍କୋର କରି ଇତିହାସ ରଚିଛନ୍ତି ଜର୍ମାନୀର ସୋଫିଆ ଫ୍ଲୋରେସ। ରବିବାର ଶେଷ ହୋଇଥିବା ଅଷ୍ଟ୍ରିଆନ୍ ଗ୍ରାଣ୍ଡ ପ୍ରିରେ ସେ ନବମ ସ୍ଥାନରେ ରହି ରେସ୍ ଫିନିଶ କରିଥିଲେ। ପିଏଚ୍‌ଏମ୍ ରେସିଂ କମ୍ପାନୀ ପକ୍ଷରୁ ସେ ରେସ୍ କରିଥିଲେ। ୨୦ତମ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ବେଳେ ନବମ ସ୍ଥାନରେ ରେସ୍ କରିଥିଲେ। ଏହି ପ୍ରଦର୍ଶନ ସହିତ ତାଙ୍କ ଟିମ୍‌କୁ ୨

**ଫର୍ମୁଲା-୩ ଗ୍ରାଁ ପ୍ରି**

ବିଶ୍ୱ ଚାମ୍ପିୟନଶିପ୍ ପଏଣ୍ଟ ମଧ୍ୟ ମିଳିଛି। ୨୬ ଲାପ୍ ସମାପ୍ତ କରିବା ପାଇଁ ସୋଫିଆଙ୍କୁ ୩୮:୦୫.୭୬୫ ସେକେଣ୍ଡର ସମୟ ଲାଗିଥିଲା। ପ୍ରେମା ପାୱାର ଟିମ୍‌ର ବ୍ରିଟନ୍ ଜ୍ୟାକ୍ ଓ ସୁଲିଭାନ୍ ପ୍ରଥମ ସ୍ଥାନରେ ରହିଥିଲେ। ଟ୍ରାଇଡେଣ୍ଟର ଗାବ୍ରିଏଲ ବୋର୍ଟୋଲେଟୋ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସି କୋଲେଟ୍ ତୃତୀୟ ସ୍ଥାନରେ ରହିଥିଲେ। ଫର୍ମୁଲା-୩ ରେସ୍‌ରେ ପଏଣ୍ଟ ହାସଲ କରିଥିବା ସୋଫିଆଙ୍କୁ ଫର୍ମୁଲା ୱାନ୍ ସୋସିଆଲ ମିଡିଆ ଆକାଉଣ୍ଟରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୋଫିଆ ଆଲପିନ୍ ଡ୍ରାଇଭର ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରନ୍ତି।


ସୋଫିଆ ଫ୍ଲୋରେସ

# ନୂଆ ରୂପରେ ଫେରିବ ହକି ଇଣ୍ଡିଆ ଲିଗ୍

**ନୂଆଦିଲ୍ଲୀ, ୨।୭(ପି.ଟି.)**

ଆସନ୍ତା ବର୍ଷ ଶେଷ ଭାଗରେ କିମ୍ବା ୨୦୨୫ ପ୍ରଥମ ଭାଗରେ ନୂଆ ରୂପରେ ଆୟୋଜନ କରିବା ଲାଗି ବିଚାର କରୁଛି ଉଭୟ ପୁରୁଷ ଓ ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) । ଫ୍ରାଞ୍ଚାଇଜଭିତ୍ତିକ ଏହି ଲିଗ୍ ୭ବର୍ଷ ହେଲା ବନ୍ଦ ରହିଛି। ଆର୍ଥିକ ପ୍ରସଙ୍ଗ ଏବଂ ଟିମ୍ ମାଲିକମାନଙ୍କ ଅସହଯୋଗ ଯୋଗୁ ୨୦୧୭ରେ ଏଚ୍‌ଆଇଏଲ୍‌କୁ ସ୍ଥଗିତ ରଖାଯାଇଥିଲା। ପ୍ୟାରିସରେ ଅଲିମ୍ପିକ୍ସ ହକି ଇଣ୍ଡିଆ ଲିଗ୍ ଖେଳାଯାଇପାରେ ବୋଲି ଆଶା କରାଯାଉଛି। ଅଲିମ୍ପିଆନ ଦିଲୀପ ତିର୍କୀଙ୍କ ଅଧୀନରେ ହକି ଇଣ୍ଡିଆ ପରିଚାଳନା ପରିଷଦ ଦେଶରେ ହକି ଦୃଶ୍ୟପଟ୍ଟର ପରିବର୍ତ୍ତନ ଆଣିବା ଲାଗି ଯୋଜନା ଚଳାଇଛି। ଏଚ୍‌ଆଇଏଲ୍ ଉଦୀୟମାନ ଖେଳାଳିଙ୍କ ଲାଗି ଏକ ବଡ଼ ପ୍ଲାଟଫର୍ମ ହେବ। କାରଣ ସେମାନେ ବିଶ୍ୱର ଟପ୍ ଖେଳାଳିମାନଙ୍କ ସହ ଖେଳିବା

HOCKEY INDIA LEAGUE

ସୁଯୋଗ ପାଇବେ। ଆସନ୍ତାବର୍ଷ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)କୁ ସମୟ ଦେବାକୁ ହକି ଇଣ୍ଡିଆ ଅନୁରୋଧ କରିଛି, ହେଲେ ଏପର୍ଯ୍ୟନ୍ତ ଜବାବ ମିଳି ନାହିଁ। ଅଲିମ୍ପିକ୍ସ ପରେ ଆସନ୍ତା ବର୍ଷ ଡିସେମ୍ବର କିମ୍ବା ୨୦୨୫ ଜାନୁୟାରୀରେ ସମୟ ଦେବାକୁ ଅନୁରୋଧ କରାଯାଇଥିବା ହକି ଇଣ୍ଡିଆ ସଭାପତି ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ଯୋଜନା ଅନୁସାରେ ଆଗାମୀ ଏଚ୍‌ଆଇଏଲ୍‌ରେ ୮ ପୁରୁଷ ଓ ୪ ମହିଳା ଦଳ ରହିବ। ହକି ଇଣ୍ଡିଆ ଇତିମଧ୍ୟରେ ବିଗ୍ ବ୍ୟାଙ୍ଗ୍ ମେଡିଆ ଭେଞ୍ଚର୍ସକୁ ଏହାର କମର୍ସିଆଲ ଓ ମାର୍କେଟିଂ ପାର୍ଟନର କରିଛି। ଲିଗ୍‌କୁ ପୁନର୍ଜୀବିତ କରିବା ଲାଗି ବିଗ୍ ବ୍ୟାଙ୍ଗ୍ ଯୁଦ୍ଧକାଳୀନ ଭିତ୍ତିରେ ଏହାର କାର୍ଯ୍ୟ ଆରମ୍ଭ କରିଛି। ଖବର ଅନୁସାରେ ହକି ଇଣ୍ଡିଆ ଏହାର କମର୍ସିଆଲ ପାର୍ଟନର ସମେତ ଖେଳର ସମସ୍ତ ଅଂଶୀଦାରଙ୍କ ସହ ଏକ ବୈଠକ ଜୁଲାଇ ୫ରେ ଆୟୋଜନ କରିଛି। ଏଥିରେ ଲିଗ୍‌କୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ହକି ଇଣ୍ଡିଆ ସଭାପତି ଭୋଳାନାଥ ସିଂ କହିଛନ୍ତି, ନୂଆ ହକି ଇଣ୍ଡିଆ ଲିଗ୍ ପୂର୍ବ ତୁଳନାରେ ଆହୁରି ବଡ଼ ଆକାରରେ ହେବ। ସୂଚନାଯୋଗ୍ୟ, ପ୍ରଥମ ଏଚ୍‌ଆଇଏଲ୍ ୨୦୧୩ରେ ୬ଟି ଦଳକୁ ନେଇ ହୋଇଥିଲା। ଏହା ଜାନୁୟାରୀରୁ ଫେବୃୟାରୀ ୨ ମାସ ଧରି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦଳକୁ ୧୦ଟି ଲେଖାଏ ଗେମ୍ ଖେଳିବାକୁ ହୋଇଥିଲା। ସିଜନ ଶେଷରେ ଶ୍ରେଷ୍ଠ ୪ ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲେ। ଏଥିରୁ ବିଜେତା ନିରୂପିତ ହୋଇଥିଲା।




# ଆଜିଠାରୁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ

**ଲଣ୍ଡନ, ୨।୭**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଟେନିସ ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହେବ। ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଇଗା ସ୍ୱିଟେକ, ୪ର୍ଥ ସିଡ୍ ଜେସିକା ପେଗୁଲା, ୫ମ ସିଡ୍ କାରୋଲିନ ଗାର୍ସିଆ, ୭ମ ସିଡ୍ କୋକୋ ଗଫ୍, ୧୪ତମ ସିଡ୍ ବେଲିନା ବେଙ୍କିକ୍, ୧୯ତମ ସିଡ୍ ଭିକ୍ଟୋରିଆ ଆଜାରେଙ୍କା, ୨୦ତମ ସିଡ୍ ଡୋନା ଭେକିକ୍, ୨୩ତମ ସିଡ୍ ମାଗ୍‌ଡା ଲିନେଟି, ୨୪ତମ ସିଡ୍ କ୍ୱିନ୍‌ୱେନ୍ ଝେଙ୍ଗ୍, ପେଟ୍ରା ମାର୍ଟିକ, ବାର୍ବରା ଷ୍ଟ୍ରାଇକୋଭା, ଡାନିଏଲ କଲିନ୍ସ, ଭେନସ ୱିଲିୟମ୍ସ, ଏଲିନା ସ୍ୱିଟୋଲିନା, ସ୍ଲୋଆନେ ଷ୍ଟିଫେନ୍ସ ପ୍ରମୁଖ ନାମୀ ଖେଳାଳିମାନେ ଆକ୍ସନରେ ଦେଖିବାକୁ ମିଳିବେ। ସେହିପରି ପୁରୁଷ ସିଙ୍ଗଲ୍ସରେ ନୋଭାକ୍ ଜୋକୋଭିଚ୍, ଲୋରେଞ୍ଜୋ ମୁସେଟି, ଆନ୍ଦ୍ରେ ରୁବଲେଭ, କାସ୍ପର ରୁଡ୍, ରିଚାର୍ଡ ଗାସକ୍ୱେଟ, ଜନ୍ ଇସନେର, ଡେଭିଡ୍ ଗଫିନ, ନିକ୍ କିର୍ଗିଅସ, ଜାନିକ୍ ସିନେର ପ୍ରମୁଖ ନାମୀ ଖେଳାଳିଙ୍କଅଭିଯାନଆରମ୍ଭହେବ।

**ୱିମ୍ବଲଡନ**
ମହିଳା ଓ ପୁରୁଷ ସିଙ୍ଗଲ୍ସ
ଭେନ୍ୟୁ: ଅଲ୍ ଇଂଲଣ୍ଡ ଲନ୍ ଟେନିସ ଆଣ୍ଡ କ୍ରୋକ୍ୱେଟ କ୍ଲବ, ଲଣ୍ଡନ
ମ୍ୟାଚ ଆରମ୍ଭ: ଅପରାହ୍ନ ୩ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# କୁମିତେ ସେମିନାରରେ ଭାଗନେଲେ ୧୪୦ କରାଟେକା

**ଭୁବନେଶ୍ୱର, ୨।୭**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ପରିସରରେ ଜାତୀୟ ସ୍ତରୀୟ ଆଡ୍‌ଭାନ୍ସ କୁମିତେ ସେମିନାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ଅନ୍ୟତମ ବୈଷୟିକ ସଦସ୍ୟ ହାନ୍‌ସି ଭରତ ଶର୍ମା ଏହି ସେମିନାରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓଡ଼ିଶା ଏବଂ ବାହାର ରାଜ୍ୟରୁ ୧୪୦ କରାଟେକା ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରତିଯୋଗୀମାନେ ଗତ ୪୦ ବର୍ଷ ଧରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇ ଆସୁଛନ୍ତି। ସେମାନେ ଦକ୍ଷ ବୋଲି ପ୍ରମାଣିତ କରିଛନ୍ତି। ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏଥିପାଇଁ ରାଜ୍ୟ କରାଟେ ସଂଘର ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରଶଂସାର ହକ୍‌ଦାର ବୋଲି ଭରତ ପ୍ରକାଶ କରିଥିଲେ। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କରାଟେ ସଂଘର ପ୍ରତିଷ୍ଠାତା ସଞ୍ଜୟ କୁମାର ଦାସ, ସନତ ନାୟକ ଓ କାଳି ପ୍ରସାଦ ନନ୍ଦଙ୍କୁ ୨ୟ ଡାନ୍ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ୪୨ ଜଣଙ୍କୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ପକ୍ଷରୁ ବିଭିନ୍ନ ଡାନ୍ ବେଲ୍ଟ ଦିଆଯାଇଥିଲା। ଏହି ସେମିନାରରେ ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ଖାରବେଳ ମଲିକ, ଜୟଦେବ ପଟ୍ଟନାୟକ, ରାଜୀବ ସିଂ, ଦୀପକ ସାମନ୍ତରାୟ, ସନକ ଦେଓ, ଭାଲେନା ଭାଲେଣ୍ଟିନା ଆଦି ସେନ୍‌ସେଇମାନେ ଅଂଶଗ୍ରହଣ କରିଥିଲେ।



ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ କୁମିତେ ସେମିନାରରେ ଅଂଶଗ୍ରହଣକାରୀ କରାଟେକା ଓ ଅନ୍ୟମାନେ।

# ବିଶ୍ୱକପ୍ ଆୟୋଜନରୁ ବଞ୍ଚିତଙ୍କୁ ଭରଣା କରାଯିବ

**ନୂଆଦିଲ୍ଲୀ, ୨।୭(ପି.ଟି.):** ଆଇସିସି କ୍ରିକେଟ ବିଶ୍ୱକପ୍ ମ୍ୟାଚ ଆୟୋଜନରୁ ବଞ୍ଚିତ ହୋଇଥିବା ଭେନ୍ୟୁଗୁଡ଼ିକୁ ଆଗାମୀ ଘରୋଇ ସିଜନରେ ଅନ୍ତର୍ଜାତୀୟ ଦିନିକିଆ ସହ ଭରଣା କରାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କ ମନକୁ ଏକଥା ଆସିଥିଲା। ଶାହା ତାଙ୍କର ଏହି ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ୟୁନିଟ୍‌ଗୁଡ଼ିକୁ ସୂଚାଇ ଦେଇଥିଲେ। ଦିଲ୍ଲୀ, ଧର୍ମଶାଳା, ଚେନ୍ନାଇ, କୋଲକାତା, ମୁମ୍ବାଇ, ପୁଣେ, ହାଇଦ୍ରାବାଦ, ଅହମଦାବାଦ, ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସମେତ ୮ଟି ବିଶ୍ୱକପ୍ ଭେନ୍ୟୁର ଅଫିସିଆଲ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ